ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର, ମାର୍ଚ୍ଚ ୩ /୨୦୧୯ (୨୦ ପୃଷ୍ଠା) Balasore, Sunday, March 3/ 2019 (ଛୁଟିଦିନ ସହ) ★★★★
୪୫ଶ ଭାଗ ୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## 'ନୋ କିସିଂ' ନିୟମ ଭାଙ୍ଗିବେ ତମନ୍ନା

ଅଭିନେତ୍ରୀ ତମନ୍ନା ଭାଟିଆ ଅଭିନେତା ହ୍ରିତିକ୍ ରୋଶନ୍ଙ୍କ କ୍ଷେତ୍ରରେ 'ନୋ କିସିଂ' ନିୟମ ଭାଙ୍ଗିବେ ବୋଲି କହିଛନ୍ତି।

୦୨

୧୮

## ପୂଜାଙ୍କୁ ସ୍ୱର୍ଣ୍ଣ ପଦକ

ବୁଲ୍‌ଗେରିଆର ରୁସେଠାରେ ଅନୁଷ୍ଠିତ ଡାନ୍ କୋଲୋଭ ନିକୋଲ ପେଟ୍ରୋଭ ରେସ୍‌ଲିଂ ମିଟ୍‌ରେ ଭାରତର ପୂଜା ଧଣ୍ଡା ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।



କୃଷକଙ୍କ ପାଇଁ ଏବେ ସବୁ ସୁବିଧା
- କୋଟି କୋଟି କୃଷକଙ୍କ ବ୍ୟାଙ୍କ ଖାତାରେ ପ୍ରତି ବର୍ଷ ଜମା ହେବ 6 ହଜାର ଲେଖାଏଁ ସହାୟତା ରାଶି
- ଫସଲର ନ୍ୟୂନତମ ସହାୟକ ମୂଲ୍ୟ ଦେଢ଼ ଗୁଣ ବୃଦ୍ଧି କରିବା ଏକ ବିରାଟ ନିଷ୍ପତ୍ତି
- ସେଚ ଯୋଜନାରେ ସବୁ ବିଲକୁ ପହଞ୍ଚୁଛି ପାଣି



ଏବେ ଅସମ୍ଭବ ହୋଇଛି ସମ୍ଭବ



davp 22201/13/0049/1819

### ଚଣ୍ଡିଖୋଲରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ଗ୍ରାମୀଣ କ୍ୟାମ୍ପସ୍ ଉଦ୍‌ଘାଟିତ

୭

**ଆଜିର ସମ୍ପାଦକୀୟ**

### କ୍ଷୁଣ୍ଣ ହେଉଛି ମହାନତା

**ଆଜିର ମନ୍ତବ୍ୟ**

"ବାଲାକୋଟ ଅକ୍ରମଣକୁ ନେଇ ଭାଜପା ଉତ୍ସବ ମନାଇବା ଦ୍ୱାରା ଭାରତରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବ।

–ଏଚ୍.ଡି. କୁମାରସ୍ୱାମୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

## ମାଟ୍ରିକ ପରୀକ୍ଷାରେ ପୁଣି ବିଭ୍ରାଟ: ମାନିଲେ କର୍ତ୍ତୃପକ୍ଷ

# ଗଣିତ ପ୍ରଶ୍ନପତ୍ର ଭାଇରାଲ

**କଟକ ଅଫିସ/ ଭବାନୀପାଟଣା/ ଜୟପାଟଣା, ୨।୩ (ଡି.ଏନ.ଏ.)**

**୩ ନିଲମ୍ବିତ**

- ପ୍ରଧାନ ଶିକ୍ଷକ, ପରୀକ୍ଷା ନିରୀକ୍ଷକଙ୍କ ସମେତ ୩ ଗିରଫ
- ଜାମିନ ନାମଞ୍ଜୁର ପରେ ଜେଲ ହାଜତକୁ ପଠାଗଲା

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ପୁଣି ବିଭ୍ରାଟ ସୃଷ୍ଟି ହୋଇଛି। ପୂର୍ବରୁ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଶନିବାର ପୁଣି ଗଣିତ ପ୍ରଶ୍ନପତ୍ର ଭାଇରାଲ ହୋଇଛି। ପରୀକ୍ଷା ଆରମ୍ଭର ଦେଢ଼ ଘଣ୍ଟା ପରେ ଗଣିତ 'ସେଟ୍-ଡି' ସବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଫଟୋ ସୋସିଆଲ ମିଡିଆରେ ଘୁରି ବୁଲିଥିଲା। ଏହି ଖବର ପାଇ ବୋର୍ଡ କର୍ତ୍ତୃପକ୍ଷ ତଦନ୍ତ କରିବାରୁ ତାହା କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରେଙ୍ଗାଲପାଲିସ୍ଥିତ ପରମାନନ୍ଦ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରୁ ହୋଇଥିବା ଜଣାପଡ଼ିଥିଲା। କେନ୍ଦ୍ରରେ ରିଲିଭର ଭାବେ ଦାୟିତ୍ୱରେ ଥିବା ପୁଷ୍ପାଞ୍ଜଳି ଦଳପତି ଏହି ଫଟୋ ☞ପୃଷ୍ଠା-୪



ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ପ୍ରଶ୍ନପତ୍ର।

# ପାଇଲଟ ବାଜି



### ନିର୍ବାଚନୀ ଫାଇଦା ଚାହାନ୍ତି ମୋଦି: ବିରୋଧୀ



### ନୋବେଲ ଶାନ୍ତି ପୁରସ୍କାର ଉପରେ ଇମ୍ରାନଙ୍କ ନଜର

**ନୂଆଦିଲ୍ଲୀ, ୨।୩**

ପୁଲ୍‌ୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଏଥିରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ଉଦ୍ୟମ ହେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଭାରତୀୟ ବାୟୁସେନା (ଆଇଏଏଫ୍) ପାକିସ୍ତାନରେ ପଶି ବାଲାକୋଟରେ ଏୟାର ଷ୍ଟ୍ରାଇକ୍ କରି ଜୈଶ-ଇ-ମହମ୍ମଦ(ଜେଇଏମ୍)ର ସବୁଠୁ ବଡ଼ ତାଲିମ ଶିବିରକୁ ଧ୍ୱଂସ କରିଥିଲା। ସେହିପରି ପାଇଲଟ ଅଭିନନ୍ଦନ ବର୍ଥମାନ ପାକିସ୍ତାନରୁ ମୁକୁଳିବା ପରେ କେନ୍ଦ୍ର ସରକାର ଏହାକୁ ନିଜର କୂଟନୈତିକ ବିଜୟ ବୋଲି ଅଭିହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ପୁଞ୍ଜିକରି ଆଗାମୀ ଲୋକ ସଭା ନିର୍ବାଚନରେ ଭୋଟ ସାଉଁଟିବାକୁ ପ୍ରୟାସ ଚଳାଇଥିବା କୁହାଯାଉଛି। ଅନ୍ୟପଟେ ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସକରି ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରାଇଆଣିବା ଉଦ୍ଦେଶ୍ୟରେ ପାଇଲଟଙ୍କୁ ମୁକ୍ତ କରିଥିବା ଦାବି କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ଏହାଦ୍ୱାରା ସେ ବିଶ୍ୱ ସମୁଦାୟ ଆଗରେ ନିଜର ଭାବମୂର୍ତ୍ତି ସଜାଡିବା ସହ ଶାନ୍ତି ☞ପୃଷ୍ଠା-୪

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**କିଛି ତଥ୍ୟ**

୨୦୧୮-୧୯ ମାର୍କେଟିଂ ବର୍ଷରେ ଆଖୁ ଚାଷୀଙ୍କ ବକେୟା ବାବଦ ଅର୍ଥ ୨୦,୦୦୦ କୋଟି ଟଙ୍କା ଟପିଛି।

– କୃଷି ମନ୍ତ୍ରଣାଳୟ

Junior Horlicks
gsk

କୁନି କୁନି ମସ୍ତିଷ୍କ କୁ ଅଛି ବହୁତ କିଛି ବଡ କାମ କରିବାକୁ

କଣ ଆପଣ ଜାଣନ୍ତି କି 6 ବର୍ଷ ବେଳକୁ ମସ୍ତିଷ୍କର 90 ଭାଗ ବିକଶିତ ହୋଇସାରିଥାଏ*? ଦ୍ରୁତ ଅଭିବୃଦ୍ଧିର ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ, ଆପଣଙ୍କର ଜୁନିୟର ବିଶାରଦ ମାନେ ପ୍ରତିଦିନ ନୂଆ ନୂଆ ଗବେଷଣା, ସର୍ଜନା ଏବଂ ଶିକ୍ଷା ଗ୍ରହଣ କରି ଚାଲନ୍ତି ଉତଚ୍ଛୁକତାର ସହିତ^। ଜଣେ ମା ହିସାବରେ ଆପଣ ଯେତେ ସମ୍ଭବ ହୋଇପାରେ ତାକୁ ସମର୍ଥନ କରି ଆସନ୍ତି, କିନ୍ତୁ କଣ ଆପଣଙ୍କର ସନ୍ତାନର ପୋଷଣରେ DHAର ମାତ୍ରା ଯଥେଷ୍ଟ ଅଛି ତ?

**ବିଶେଷଜ୍ଞ ମାନେ ବିଶ୍ୱାସ କରନ୍ତି ଯେ ମସ୍ତିଷ୍କର ବିକାଶ ପାଇଁ DHA ହେଉଛି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୋଷଣ**।**

ଯାହାବି ହେଉ, ଅଧିକାଂଶ ସ୍ୱାସ୍ଥ୍ୟ ଅନୁକୂଳ ପାନୀୟ~ ଏବଂ ଦୈନିକ ସେବନିୟ ଖାଦ୍ୟରେ DHA ନଥାଏ@। ନୂଆ ଏବଂ ଉନ୍ନତ ଜୁନିୟର ହର୍ଲିକ୍ସରେ ବର୍ତ୍ତମାନ ରହିଛି **2 ଗୁଣ DHA#** ଏବଂ ବ୍ରେନ ନ୍ୟୁଟ୍ରିଏଣ୍ଟସ୍!। ତେଣୁ ଯେତେବେଳେ ବି ଆପଣ ନିଜର ସନ୍ତାନର ନିୟମିତ ଖାଦ୍ୟ ସହିତ ଜୁନିୟର ହର୍ଲିକ୍ସ$ ପାନୀୟ କୁ ଯୋଗ କରିବେ, ନିଜ ଶିଶୁର ଶୈକ୍ଷଣୀୟ ମୂଳଦୁଆ କୁ ସୁଦୃଢ କରିବାରେ ସାହାଯ୍ୟ କରିବେ।




GCGGD/CHHORK/0060/18



"ଭାରତରେ ଉତ୍ତେଜନା ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ ଇସ୍‌ଲାମାବାଦ ଆଶ୍ରୟ ଦେଇଆସୁଛି। ଏବେ ଆତଙ୍କବାଦ ବିରୋଧରେ ପାକିସ୍ତାନର ନେତାମାନେ ଏକାଠି ହେବାର ସମୟ ଆସିଛି।
-ତୁଳସୀ ଗାବାର୍ଡ, ଆମେରିକା ଡେମୋକ୍ରାଟ ପାର୍ଟିର ଆଶାୟୀ ରାଷ୍ଟ୍ରପତି ପ୍ରାର୍ଥୀ



## ସଂକ୍ଷେପରେ

### ଲାଡେନଙ୍କ ପୁଅଙ୍କୁ ଆତଙ୍କବାଦୀ ଘୋଷଣା କଲା ଜାତିସଂଘ



**ଜାତିସଂଘ, ୨।୩ (ପି.ଟି.):** ନିହତ ଅଲ୍‌କାଏଦା ମୁଖ୍ୟ ଓସାମା ବିନ୍ ଲାଡେନଙ୍କ ପୁଅ ହାମ୍‌ଜା ବିନ୍ ଲାଡେନ (୨୯)ଙ୍କୁ ଜାତିସଂଘ ସୁରକ୍ଷା ପରିଷଦ ଆତଙ୍କବାଦୀ ଘୋଷଣା କରିଛି। ପାକିସ୍ତାନ-ଆଫଗାନିସ୍ତାନ ସୀମାନ୍ତ ଅଞ୍ଚଳରେ ହାମ୍‌ଜା ଲୁଚି ରହିଥିବା କୁହାଯାଉଛି। ଅଲ୍‌କାଏଦାର ବର୍ତ୍ତମାନ ମୁଖ୍ୟ ଏମନ-ଅଲ୍-ଜୱାହିରିଙ୍କ ଉତ୍ତରାଧିକାରୀ ଭାବେ ସେ ନିଜକୁ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଏ ନେଇ ହାମ୍‌ଜାଙ୍କ ବିଷୟରେ ସୂଚନା ପ୍ରଦାନକାରୀଙ୍କୁ ଆମେରିକା ସରକାର ୧ ମିଲିୟନ ଡଲାର ପୁରସ୍କାର ରାଶି ଘୋଷଣା କରିଥିବାବେଳେ ଏହାର ଗୋଟିଏ ଦିନ ପରେ ଗୁରୁବାର ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଆଇଏସ୍ ଏବଂ ଅଲ୍‌କାଏଦା ପ୍ରତିବନ୍ଧ କମିଟି ତାଙ୍କୁ ଆତଙ୍କବାଦୀ ତାଲିକାଭୁକ୍ତ କରିଛି। ସୌଦି ଆରବ ମଧ ଶୁକ୍ରବାର ହାମ୍‌ଜାଙ୍କ ନାଗରିକତା ଅଧିକାରକୁ ରଦ୍ଦ କରିଛି।

### ହସ୍ପିଟାଲରେ ଆଝାର



**ନୂଆଦିଲ୍ଲୀ, ୨।୩(ପି.ଟି.):** ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାର ଏବେ ପାକିସ୍ତାନର ରାୱଲପିଣ୍ଡିସ୍ଥିତ ସେନା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ବୃକ୍କ ସମସ୍ୟା ଥିବାରୁ ନିୟମିତ ଡାଏଲିସିସ୍ କରାଯାଉଛି ବୋଲି ଜଣେ ସୁରକ୍ଷା ଅଧିକାରୀ ଶନିବାର ସୂଚନା ଦେଇଛନ୍ତି। ଆଝାର ଅସୁସ୍ଥ ଥିବା ଗୁରୁବାର ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ କହିଥିଲେ। ଆଝାର ଓସାମା ବିନ୍ ଲାଡେନଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଉଭୟ ୧୯୯୩ରେ ଏକାଠି କାମ କରୁଥିଲେ। ୧୯୯୪ରେ ଆଝାର ଜମ୍ମୁ-କଶ୍ମୀରରେ ପ୍ରବେଶ କରି ଲୋକଙ୍କୁ ଜିହାଦ ପାଇଁ ପ୍ରବର୍ତ୍ତାଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ମୁକ୍ତ କରିବା ଲାଗି ୧୯୯୯ରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନକୁ ଆତଙ୍କବାଦୀମାନେ ଅପହରଣ କରି କାନ୍ଦାହାର ନେଇଯାଇଥିଲେ।

### ଦୁର୍ଘଟଣାରେ ୧୧ ମୃତ

**କାଠମାଣ୍ଡୁ, ୨।୩ (ପି.ଟି.):** ନେପାଳରେ ଏକ ଯାତ୍ରୀବାହୀ ଜିପ୍ ଦୁର୍ଘଟଣାଗ୍ରସ୍ତ ହୋଇ ନଦୀ ମଧକୁ ଖସିପଡ଼ିଛି। ଏଥିରେ ୭ ମହିଳା ଓ ଶିଶୁଙ୍କ ସମେତ ୧୧ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଦର୍ଚୁଲା-ଟିଙ୍କର ରୋଡ଼ ଦେଇ ଖାଲାଙ୍ଗାରୁ ହିକିଲା ଅଭିମୁଖେ ଯାତ୍ରା କରୁଥିବାବେଳେ ଭାରତ ସୀମା ନିକଟରେ ଜିପ୍ ଭାରସାମ୍ୟ ହରାଇ ୫ଶହ ମିଟର ତଳକୁ ମହାକାଳୀ ନଦୀଗର୍ଭକୁ ଖସି ପଡ଼ିଥିଲା।

[ଇତିହାସର ଆଇନାରେ]

### ମାର୍ଚ୍ଚ ୩ର ପ୍ରମୁଖ ଘଟଣା

୧୯୯୫ ମାର୍ଚ୍ଚ ୩ରେ ସ୍ପେସ୍ ଶଟଲ୍ ଉଡାଇବାରେ ପ୍ରଥମ ମହିଳା ଥିଲେ ମହାକାଶଚାରୀ ଏଇଲିନ୍ କଲିନ୍ସ। ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଉକ୍ତ ଶଟଲ୍ ଛଡାଯାଇଥିଲା। ଏଇଲିନ୍ ମେରି କଲିନ୍ସଙ୍କ ଜନ୍ମ ୧୯୫୬ ନଭେମ୍ବର ୧୯ରେ। ଏହି ନାସା ମହାକାଶଚାରୀ ବାୟୁସେନାରୁ କଲୋନେଲ ଭାବେ ଅବସର ନେଇଥିଲେ।

୨୦୦୭ ମାର୍ଚ୍ଚ ୩ରେ ବାଗଦାଦ୍ ମାର୍କେଟରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୁନ ୧୩୫ ଲୋକ ନିହତ ହୋଇଥିବା ବେଳେ ୩୩୯ ଆହତ ହୋଇଥିଲେ। ଏକ ଟ୍ରକ୍‌ରେ ବମ୍ ଖଞ୍ଜି ଇରାକ୍‌ର ରାଜଧାନୀ ବାଗଦାଦ୍‌ର ବ୍ୟସ୍ତବହୁଳ ମାର୍କେଟରେ ବିସ୍ଫୋରଣ ଘଟାଯାଇଥିଲା।

# ଏଫ୍-୧୬ର ଅପବ୍ୟବହାର

**ୱାଶିଂଟନ, ୨।୩(ପି.ଟି.)**

## ପାକିସ୍ତାନକୁ ତଥ୍ୟ ମାଗିଲା ଆମେରିକା



ପାକିସ୍ତାନ ଆମେରିକା ନିର୍ମିତ ଯୁଦ୍ଧବିମାନ ଏଫ-୧୬ର ବ୍ୟବହାର ଚୁକ୍ତିନାମାକୁ ଉଲ୍ଲଂଘନ କରି ଭାରତ ବିରୋଧରେ ଏହାର ଅପବ୍ୟବହାର କରିଛି। ଏଥିପାଇଁ ଆମେରିକା ଇସ୍‌ଲାମାବାଦକୁ ଅଧିକ ତଥ୍ୟ ମାଗିଛି। ଗତ ଗୁରୁବାର ଭାରତୀୟ ବାୟୁସେନା ଆମ୍ରାମ୍ କ୍ଷେପଣାସ୍ତ୍ରର ଅଂଶବିଶେଷ ଦେଖାଇବା ପରେ ଏହାକୁ ନିକ୍ଷେପ କରିବା ଲାଗି ପାକିସ୍ତାନ ଏଫ-୧୬ ଲଢୁଆ ବିମାନ ବ୍ୟବହାର କରିଥିବା ସ୍ପଷ୍ଟ ହୋଇଛି। ବାଲାକୋଟରେ ଭାରତର ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପରେ ୨୭ ତାରିଖରେ ପାକିସ୍ତାନ ପ୍ରତିଶୋଧ ନେବା ଲକ୍ଷ୍ୟରେ ଏଫ-୧୬ ଲଢୁଆ ବିମାନକୁ ବ୍ୟବହାର କରିଥିଲା। ଏହି ବିମାନ ସହାୟତାରେ ଭାରତୀୟ ସାମରିକ ଘାଟିଗୁଡିକୁ ଟାର୍ଗେଟ କରିଥିଲା ପାକିସ୍ତାନୀ ବାୟୁସେନା। ତେବେ ଏହି ବିମାନ ବ୍ୟବହାରକୁ ପାକିସ୍ତାନ ଅସ୍ୱୀକାର କରିଥିଲା। ଏପରିକି ଭାରତୀୟ ବାୟୁସେନା ଉକ୍ତ ବିମାନକୁ ଖସାଇଥିଲେ ମଧ ଇସ୍‌ଲାମାବାଦ ଏହାକୁ ମାନି ନ ଥିଲା। ଭାରତ ପ୍ରମାଣ ଦେଖାଇବା ପରେ ପାକିସ୍ତାନର ମିଛ ପଦାରେ ପଡିଥିଲା। ଆମେରିକା ପ୍ରକୃତ ଘଟଣା ଜାଣିବା ପରେ ଇସ୍‌ଲାମାବାଦକୁ ଅଧିକ ତଥ୍ୟ ମାଗିଥିବା ଏହାର ପରରାଷ୍ଟ୍ର ବିଭାଗ ମୁଖପାତ୍ର କହିଛନ୍ତି।

ଆମେରିକା ନିର୍ମିତ ଉଚ୍ଚ ପ୍ରଯୁକ୍ତିଯୁକ୍ତ ପ୍ରତିରକ୍ଷା ସରଞ୍ଜାମ ବ୍ୟବହାର ପାଇଁ ଏଣ୍ଡ-ୟୁଜର୍ ମନିଟରିଂ ରାଜିନାମା ରଖାଯାଇଛି। ଏଫ-୧୬ ଯୁଦ୍ଧବିମାନ କିଣିବାବେଳେ ପାକିସ୍ତାନ ଆମେରିକା ସହ ଉକ୍ତ ରାଜିନାମାରେ ସ୍ୱାକ୍ଷର କରିଥିଲା। ଉକ୍ତ ରାଜିନାମା ଅନୁଯାୟୀ ଏଫ-୧୬କୁ କେବଳ ଆତଙ୍କବାଦୀ ନିରୋଧୀ କାର୍ଯ୍ୟାନୁଷ୍ଠାନ ସମୟରେ ବ୍ୟବହାର କରାଯାଇପାରିବ। କିନ୍ତୁ ପାକିସ୍ତାନ ଭାରତୀୟ ସେନା ଘାଟି ଉପରେ ଏହାକୁ ବ୍ୟବହାର କରି ରାଜିନାମାର ଉଲ୍ଲଂଘନ କରିଥିବା କୁହାଯାଉଛି। ବିଦେଶୀ ରାଷ୍ଟ୍ରକୁ ପ୍ରତିରକ୍ଷା ସାମଗ୍ରୀ ବିକ୍ରି ରାଜିନାମାରେ ଏହାକୁ ଗୋପନ ରଖାଯାଉଥିବାରୁ ଏ ସମ୍ପର୍କରେ ସବିଶେଷ ବିବରଣୀ ଦେବାକୁ ପ୍ରତିରକ୍ଷା ବିଭାଗ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କଲୋନେଲ କୋନ୍ ଫକ୍‌ନର ମନା କରିଦେଇଛନ୍ତି। ତେବେ ସାଧାରଣରେ ମିଳିଥିବା ତଥ୍ୟ ଅନୁଯାୟୀ ଏଫ-୧୬ର ବ୍ୟବହାର ଲାଗି ପାକିସ୍ତାନ ଉପରେ ଆମେରିକା ଅନେକ କଟକଣା ଲଗାଇଥିଲା। ୨୦୦୬ ଜୁଲାଇ ୨୦ରେ ଆମେରିକା କଂଗ୍ରେସରେ ଏକ ଶୁଣାଣି ବେଳେ ରାଜନୈତିକ ସାମରିକ ବ୍ୟାପାର ସହକାରୀ ସଚିବ ଜନ୍ ମୁଲର୍ କହିଥିଲେ, ଆମେରିକା ପ୍ରଯୁକ୍ତି ଓ ଉପକରଣ ହସ୍ତାନ୍ତରଣ ପୂର୍ବରୁ ଏହାର ସମ୍ଭାବ୍ୟ ବିପଦ ସମ୍ପର୍କରେ ଦେଶ ଗୁରୁତର ସହ ଚିନ୍ତା କରିଛି। ପାକିସ୍ତାନକୁ ଏଫ-୧୬ ବିକ୍ରି ପୂର୍ବରୁ ଲାଗୁ ହୋଇଥିବା କଟକଣାଗୁଡିକ ସମ୍ପର୍କରେ ମୁଲର ରୁଦ୍ଧଦ୍ୱାର ଶୁଣାଣିରେ ଆଇନ ପ୍ରଣୟନକାରୀମାନଙ୍କୁ ଜଣାଇଥିଲେ।

# ସୀମାରେ ୪୦୦ ବଙ୍କର ନିର୍ମାଣକୁ ମଞ୍ଜୁରୀ

**ଜମ୍ମୁ, ୨।୩(ପି.ଟି.)**

ଗତ ୫ ଦିନ ହେଲା ପାକିସ୍ତାନୀ ସେନା ସୀମାନ୍ତ ଗ୍ରାମଗୁଡିକ ଉପରେ ପ୍ରବଳ ସେଲ୍ ମାଡ଼ କରିଚାଲିଛି। ଏଥିରୁ ସୀମାନ୍ତବାସୀଙ୍କୁ ସୁରକ୍ଷା ଦେବା ଲାଗି ଜମ୍ମୁ-କଶ୍ମୀର ପ୍ରଶାସନ ପୁଞ୍ଚ ଓ ରାଜୌରୀ ଜିଲାରେ ଅତିରିକ୍ତ ୪୦୦ ବଙ୍କର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ଉଭୟ ଜିଲାରେ ୨୦୦ଟି ଲେଖାଏ ବଙ୍କର ନର୍ମାଣ ପ୍ରସ୍ତାବକୁ ଶନିବାର ପ୍ରଶାସନିକ ମଞ୍ଜୁରୀ ମିଳିଛି। ମାସକ ମଧରେ ସେଗୁଡିକର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ପାକିସ୍ତାନୀ ସେନାର ସେଲ୍ ମାଡରେ ୪ ଜଣ ସାଧାରଣ ଲୋକଙ୍କ ଜୀବନ ଯାଇଛି। ଏଲ୍‌ଓସି ନିକଟ କ୍ରିଷ୍ଣାଘାଟି ସେକ୍ଟର ଅନ୍ତର୍ଗତ ସାଲୋତ୍ରୀ ଗ୍ରାମର ଗୋଟିଏ ଘର ଉପରେ ଶୁକ୍ରବାର ରାତିରେ ସେଲ୍ ମାଡ଼ ହେବାରୁ ଜଣେ ମହିଳା ଓ ତାଙ୍କର ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଦୁଇ ଜଣ ଯବାନ ଏବଂ ୨ ନିରୀହ ଲୋକ ଆହତ ହୋଇଥିଲେ। ପରେ ଉଭୟ ସେନା ମଧରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା।



# ଅଭିନନ୍ଦନଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିଲା

**ନୂଆଦିଲ୍ଲୀ, ୨।୩:** ପାକିସ୍ତାନ କବ୍‌ଜାରେ ଥିବାବେଳେ ବାୟୁସେନା ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇ ନ ଥିଲେ ମଧ ମାନସିକ ଭାବେ ତାଙ୍କୁ ଅନେକ ହଇରାଣ କରାଯାଇଥିଲା ବୋଲି ସେ କହିଛନ୍ତି। ଭାରତକୁ ହସ୍ତାନ୍ତର କରିବା ପୂର୍ବରୁ ତାଙ୍କୁ କ୍ୟାମେରା ସମ୍ମୁଖରେ କେତେକ ମନ୍ତବ୍ୟ ରେକର୍ଡ କରାଇବାକୁ ପାକିସ୍ତାନୀ କର୍ତ୍ତୃପକ୍ଷ ବାଧ କରିଥିଲେ। ଶାନ୍ତି ଉଦ୍ୟମ ସ୍ୱରୂପ ତାଙ୍କୁ ଛଡାଯାଉଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କହିଥିଲେ । କିନ୍ତୁ ଛାଡିବା ପୂର୍ବରୁ ଅଭିନନ୍ଦନଙ୍କୁ ଧମକ ଦେଇ ତାଙ୍କ ମୁହଁରେ ପାକିସ୍ତାନ ସପକ୍ଷରେ କୁହାଯାଇଥିଲା ବୋଲି ଜଣେ ଭାରତୀୟ ଅଧିକାରୀ କହିଛନ୍ତି।



ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଭେଟୁଛନ୍ତି।

ଅଭିନନ୍ଦନଙ୍କୁ ଏବେ କୁଲିଂ ଡାଉନ୍ ପ୍ରକ୍ରିୟାରେ ରଖାଯାଇଛି। ସେ ଭାରତୀୟ ବାୟୁସେନା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ ଶନିବାର ଅଭିନନ୍ଦନଙ୍କୁ ଭେଟି ତାଙ୍କର ସାହସ ଓ ଦୃଢ଼ସଂକଳ୍ପ ଲାଗି ସାରା ଦେଶ ଗର୍ବିତ ବୋଲି ଜଣାଇଥିଲେ। ଏହି ଅବସରରେ ଅଭିନନ୍ଦନ ପାକିସ୍ତାନରେ କଟାଇଥିବା ୬୦ ଘଣ୍ଟାର ଅନୁଭୂତି ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଇଥିବା କୁହାଯାଉଛି।

ୱିଙ୍ଗ କମାଣ୍ଡର ଚଳାଉଥିବା ମିଗ୍-୨୧ ଖସିପଡିବାରୁ ସେ ପାରାଚ୍ୟୁଟ ସହାୟତାରେ ଓହ୍ଲାଇପଡିଥିଲେ। ଏହା ପୂର୍ବରୁ ସେ ପାକିସ୍ତାନର ଏଫ-୧୬ ଯୁଦ୍ଧବିମାନକୁ ଖସାଇଦେଇଥିଲେ। ତେବେ ସେ ପାକ୍ ଅଧିକୃତ କଶ୍ମୀର ଅଞ୍ଚଳରେ ପଡିଯିବାରୁ ତାଙ୍କୁ ପାକିସ୍ତାନୀ କର୍ତ୍ତୃପକ୍ଷ ନିଜ କବ୍‌ଜାକୁ ନେଇଥିଲେ। ଶୁକ୍ରବାର ରାତିରେ ସେ ଭାରତ ଫେରିବା ପରେ ତାଙ୍କ ଡାହାଣ ଆଖି ତଳଭାଗ ଫୁଲିଥିବା ଦେଖାଯାଇଥିଲା। ଦିଲ୍ଲୀରେ ପହଞ୍ଚିବା ପରେ ପ୍ରଥମେ ସେ ତାଙ୍କ ପରିବାର ସଦସ୍ୟ ଏବଂ ବାୟୁସେନାର ଉଚ୍ଚ ପଦାଧିକାରୀମାନଙ୍କୁ ଭେଟିଥିଲେ। ଏହା ପରେ କୁଲିଂ ଡାଉନ ପ୍ରକ୍ରିୟାର ଅଂଶ ସ୍ୱରୂପ ତାଙ୍କର ଏକାଧିକ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପର୍ଯ୍ୟାୟ ସମ୍ପୂର୍ଣ୍ଣ ଶେଷ ହେବା ପରେ ପାକିସ୍ତାନରେ ତାଙ୍କ ପ୍ରତି କ'ଣ ସବୁ ଘଟିଥିଲା ସେ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି।

# ଜମାତ୍-ଇ-ଇସ୍‌ଲାମୀର ବ୍ୟାଙ୍କ ଆକାଉଣ୍ଟ ଅଚଳ

**ଶ୍ରୀନଗର, ୨।୩**

ସୀମାପାର୍ ଆତଙ୍କବାଦୀ ଗୋଷ୍ଠୀଙ୍କ ସହ ସମ୍ପର୍କରେ ଥିବା ବିଚ୍ଛିନ୍ନତାବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ ଶନିବାର ଜମାତ୍-ଇ-ଇସ୍‌ଲାମୀ (ଜେଇଆଇ)ର ୭୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟକୁ ସିଲ୍ କରାଯାଇଛି। ଏଥିସହ ସଙ୍ଗଠନର ୫୨ କୋଟି ଟଙ୍କାର ପାଣ୍ଠିକୁ ଅଚଳ କରି ଦିଆଯାଇଛି। ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ରହିଥିବା ଜେଇଆଇ ସଦସ୍ୟଙ୍କ ସମ୍ପତ୍ତିକୁ ଚିହ୍ନଟ କରି ବ୍ୟାଜାପ୍ତ କରାଯିବାକୁ ସରକାରୀସ୍ତରରେ ଅଭିଯାନ ଆରମ୍ଭ ହୋଇଛି। ଗତ ୨୪ ତାରିଖରେ ଜେଇଆଇ୍‌ର ପରିଚାଳନା ମୁଖ୍ୟ ଅବଦୁଲ୍ ହାମିଦ୍ ଫୟାଜ୍‌ଙ୍କ ସମେତ ଏକାଧିକ ନେତାଙ୍କୁ ଅଟକ ଏବଂ ଗିରଫ କରାଯାଇଛି। ଜେଇଆଇ ଉପରେ ଏଭଳି ପ୍ରତିବନ୍ଧକ ଏବଂ କାର୍ଯ୍ୟାନୁଷ୍ଠାନକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ (ପିଡ଼ିପି) ଅଧ୍ୟକ୍ଷା ମେହବବୁ ମୁଫ୍‌ତି ବିରୋଧ କରିଛନ୍ତି। ପ୍ରଶାସନିକ ଦମନଲୀଳାର ପରିଣାମ ଭୟଙ୍କର ହେବ ବୋଲି ସେ ସୂଚାଇଛନ୍ତି।

## ଫୁର୍‌ସତ

# ଚର୍ଚ୍ଚାରେ ଅଭିନନ୍ଦନଙ୍କ ନିଶ

**ନୂଆଦିଲ୍ଲୀ:** ଏୟାର ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ନିଶକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ସେ ଜଣେ ବୀର ଯବାନ୍‌ଙ୍କ ଭଳି ପାକିସ୍ତାନରୁ ଫେରିବା ପରେ ବର୍ତ୍ତମାନ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ତାଙ୍କ ନିଶକୁ ଅନୁକରଣ କରି ଅନୁରୂପ ଦାଢ଼ି ରଖିବାର ଟ୍ରେଣ୍ଡ ଖୁବ୍‌ଶୀଘ୍ର ଆରମ୍ଭ ହୋଇଯିବ ବୋଲି ଆଲୋଚନା ହେଲାଣି। 'ପେଟା'ରେ ମେଗାଷ୍ଟାର ରଜନୀକାନ୍ତ ଅଥବା 'ଶିଙ୍ଗମ୍'ରେ ସୂର୍ଯ୍ୟ ରଖିଥିବା ନିଶ ଭଳି ଅଭିନନ୍ଦନଙ୍କ ମୁଖମଣ୍ଡଳରେ ଥିବା ହେୟାର ଷ୍ଟାଇଲ୍ ଭାରତୀୟ ପୁରୁଷଙ୍କ ପାଇଁ ଅନୁକରଣର ବିଷୟବସ୍ତୁ ହୋଇପାରେ। ପୂର୍ବରୁ କ୍ରିକେଟର ବିରାଟ କୋହଲି, ଶିଖର ଧାବନ୍ ଏବଂ ବଲିଉଡ୍ ଷ୍ଟାର ରଣବୀର ସିଂଙ୍କ ନିଶର ଆକୃତି ବେଶ୍ ଚର୍ଚ୍ଚାରେ ରହିଥିଲା। ତେବେ ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନଙ୍କ ନିଶ ଷ୍ଟାଇଲ୍‌କୁ ଭାରତୀୟମାନେ ଖୁବ୍‌ଶୀଘ୍ର ଗ୍ରହଣ କରିନେବେ ବୋଲି ରଣବୀର ସିଂଙ୍କ ବ୍ୟକ୍ତିଗତ ହେୟାର ଷ୍ଟାଇଲିଷ୍ଟ ଦର୍ଶନ ୟିୱାଲେକର ପ୍ରକାଶ କରିଛନ୍ତି। ଅଭିନନ୍ଦନଙ୍କ ପାକିସ୍ତାନରେ ଅଢ଼େଇ ଦିନ ରହିବା ପରେ ଶୁକ୍ରବାର ରାତିରେ ଭାରତ ଫେରିଛନ୍ତି।

# ନବଜାତକର ନାମ 'ଅଭିନନ୍ଦନ'

**ଜୟପୁର:** ରାଜସ୍ଥାନର ଅଲ୍‌ୱାର ଜିଲା ଅଧୀନ କିଷନଗଡ଼ରେ ଜଣେ ନବଜାତକର ନାମ ଦିଆଯାଇଛି ଅଭିନନ୍ଦନ। ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ଶୁକ୍ରବାର ପାକିସ୍ତାନ ଦ୍ୱାରା ମୁକ୍ତ ହେବାକୁ ଯାଉଥିବା ବେଳେ ସେଦିନ ସଂଧ୍ୟାରେ ଉକ୍ତ ଶିଶୁଟି ଜନ୍ମ ହୋଇଥିଲା। ଅଭିନନ୍ଦନଙ୍କ ନାମାନୁସାରେ ନବଜାତ ଶିଶୁର ନାମ ରଖିବା ପାଇଁ ପରିବାର ଲୋକେ ଖୁବ୍ ପସନ୍ଦ କରିଥିଲେ। ଏ ସମ୍ପର୍କରେ ଶିଶୁର ଜେଜେବାପା ଜନେଶ ଭୂତାନି କହନ୍ତି, ତାଙ୍କ ବୋହୂ ଏକ ଶିଶୁପୁତ୍ର



ଜନ୍ମ ଦେଇଥିବାରୁ ବାୟୁସେନା ପାଇଲଟ୍‌ଙ୍କ ସମ୍ମାନାର୍ଥେ ଆମେ ତା'ର ନାମ ଅଭିନନ୍ଦନ ଦେଇଛୁ। ଆମେ ପାଇଲଟ୍‌ଙ୍କ ପାଇଁ ଗର୍ବିତ। ତାଙ୍କ ଫେରିବା ଖବର ଜାଣିବା ପାଇଁ ନ୍ୟୁଜ୍ ଚ୍ୟାନେଲ୍ ଦେଖୁଥିବା ସମୟରେ ବୋହୂ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପୁତ୍ରର ନାମ ଅଭିନନ୍ଦନ ଦିଆଯାଇଥିବାରୁ ପାଇଲଟ୍‌ଙ୍କ ବୀରତ୍ୱ ମନେପକାଇବୁ ଏବଂ ସେ ବଡହେବା ପରେ ଆମେ ତାକୁ ବୀର ସୈନିକ ହେବାକୁ ଚାହିଁବୁ ବୋଲି ନବଜାତକର ମା' ସପନ ଦେବୀ ପ୍ରକାଶ କରିଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୮ | ୧୫.୫ |
| ଚାନ୍ଦବାଲି | ୨୯.୨ | ୧୭.୪ |
| କଟକ | ୩୦.୬ | ୧୬.୨ |
| ପାରାଦ୍ୱୀପ | ୨୮.୪ | ୧୮.୨ |
| ଭୁବନେଶ୍ୱର | ୩୧.୨ | ୧୮.୦ |
| ଗୋପାଳପୁର | ୩୦.୦ | ୨୦.୫ |
| ପୁରୀ | ୨୮.୬ | ୧୯.୦ |
| ଅନୁଗୋଳ | ୩୧.୧ | ୧୪.୦ |
| ବାରିପଦା | ୨୮.୦ | ୧୫.୫ |
| ଝାରସୁଗୁଡ଼ା | ୩୧.୨ | ୧୬.୦ |
| କେନ୍ଦୁଝର | ୨୮.୨ | ୧୪.୨ |
| ସମ୍ବଲପୁର | ୩୨.୦ | ୧୮.୦ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୩୦.୧ | ୧୭.୬ |
| ତାଳଚେର | ୩୧.୫ | ୧୭.୩ |
| ଭବାନୀପାଟଣା | ୩୩.୦ | ୧୯.୫ |
| ବଲାଙ୍ଗୀର | ୩୨.୦ | ୧୭.୦ |
| କୋରାପୁଟ | ୩୧.୦ | ୧୬.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୭.୦ |
| ମାଲକାନଗିରି | ୩୬.୬ | ୧୮.୫ |
| ସୋନପୁର | ୩୩.୨ | ୧୮.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

# 'ନୋ କିସିଂ' ନିୟମ ଭାଙ୍ଗିବେ




**ଚେନ୍ନାଇ:** ଅଭିନେତ୍ରୀ ତମନ୍ନା ଭାଟିଆ ଅଭିନେତା ହ୍ରିତିକ୍ ରୋଶନ୍‌ଙ୍କ କ୍ଷେତ୍ରରେ 'ନୋ କିସିଂ' ନିୟମ ଭାଙ୍ଗିବାକୁ ଯାଉଛନ୍ତି। ସେ କୌଣସି ଫିଲ୍ମରେ କାମ କରିବା ପୂର୍ବରୁ କାହାରିକୁ କିସ୍ କରିବେ ନାହିଁ ବୋଲି ଚୁକ୍ତି କରିଥାଆନ୍ତି। ତେବେ ହ୍ରିତିକ୍‌ଙ୍କ ପାଇଁ ସେ ଏହି ନିୟମ ଭାଙ୍ଗିଦେବେ ବୋଲି କହିଛନ୍ତି। ଚାଟ୍ ଶୋ' 'ଫେମସ୍‌ଲି ଫିଲ୍ମଫେୟାର'(ତାମିଲ) ଏପିସୋଡ୍‌ରେ ତମନ୍ନା କହିଲେ, କେବେ ଯଦି ସେ ହ୍ରିତିକ୍‌ଙ୍କ ସହ କାମ କରିବାର ସୁଯୋଗ ପାଆନ୍ତି ତେବେ ପୂର୍ବ ନିୟମ ଭଙ୍ଗ କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ବିଶେଷକରି ତମନ୍ନା ସ୍କ୍ରିନ୍‌ରେ ଚୁମ୍ବନ ଦୃଶ୍ୟକୁ ପସନ୍ଦ କରନ୍ତି ନାହିଁ। ପୂର୍ବରୁ ଏଥିପାଇଁ ଚୁକ୍ତି କରିଥାଆନ୍ତି। ତେବେ ହ୍ରିତିକ୍‌ଙ୍କ କ୍ଷେତ୍ରରେ ଏହି ନିୟମ ବଦଳିଯିବ ବୋଲି ସେ କହିଛନ୍ତି। 'ବାହୁବଳୀ: ଦି ବିଗ୍‌ନିଙ୍ଗ୍'ର ଅଭିନେତ୍ରୀ ହ୍ରିତିକ୍‌ଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତକୁ ମନେପକାଇ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ସେ ହ୍ରିତିକ୍‌ଙ୍କର ଉଚ୍ଚ ପ୍ରଶଂସକ। 'ହମ୍‌ଶକଲ୍ସ', 'ଏଣ୍ଟରଟେନ୍‌ମେଣ୍ଟ' ଏବଂ 'ହିମ୍ମତ୍‌ୱାଲା' ଭଳି ବହୁ ବଲିଉଡ୍ ଫିଲ୍ମରେ ସେ ଅଭିନୟ କରିଛନ୍ତି। କିନ୍ତୁ ଦକ୍ଷିଣ ଭାରତୀୟ ଫିଲ୍ମ ପାଇଁ ସେ ଅଧିକ ଚର୍ଚ୍ଚିତ। ତେଲୁଗୁ, ତାମିଲ କି କନ୍ନଡ ଫିଲ୍ମ ହେଉ ତମନ୍ନା ଅନେକ ଦକ୍ଷିଣ ଭାରତୀୟ ଫିଲ୍ମରେ ଅଭିନୟ କରିଛନ୍ତି। ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ଅଭିନୀତ 'କୁଇନ୍' ତେଲୁଗୁ ରିମେକ୍ ରିଲିଜ୍ ପାଇଁ ସେ ବର୍ତ୍ତମାନ ଖୁବ୍ ବ୍ୟସ୍ତ ଅଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# ଅଜିତ୍ ସିଂ ଲୋକାୟୁକ୍ତ ଅଧ୍ୟକ୍ଷ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଗୁଆହାଟୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଅଜିତ ସିଂହ ଓଡିଶାର ପ୍ରଥମ ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି । ଶନିବାର ରାଜ୍ୟପାଳ ଗଣେଶୀ ଲାଲ ଏହାକୁ ଅନୁମୋଦନ କରିଛନ୍ତି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଯୋଗ୍ୟ ଯେ ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବା ପରେ ୨୦୧୯ ଫେବ୍ରୁଆରୀ ୧୨ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଚୟନ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ନାମ ଚୂଡାନ୍ତ ହୋଇଥିଲା ଓ ରାଜ୍ୟପାଳଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା।



ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ସୀତାଂଶୁ ରଞ୍ଜନ କର ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରୁଛନ୍ତି।

# ଯୁକ୍ତ୨ ପରୀକ୍ଷା ପାଇଁ କଟକଣା ଜାରି

- ସ୍ମାର୍ଟ ଘଣ୍ଟା, ମୋବାଇଲ୍ ଫୋନ୍ ମନା
- ଟଏଲେଟ୍ ଗଲେ ପ୍ରଶ୍ନପତ୍ର ଜିମା ଦେବାକୁ ହେବ
- ତ୍ରିସ୍ତରୀୟ ସ୍କ୍ୱାଡ୍ ସହ କଡ଼ା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଚଳିତବର୍ଷ ମାର୍ଚ୍ଚ ୭ରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇ ୩୦ ତାରିଖରେ ସରିବ। ମାଟ୍ରିକ୍ ପ୍ରଶ୍ନପତ୍ର ଲିକ୍ ହେବାପରେ ଯୁକ୍ତ୨ ପରୀକ୍ଷାରେ କିପରି ସେଭଳି କିଛି ଅବହେଳା ନ ହେବ ସେଥିପାଇଁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତତ୍ପରତା ପ୍ରକାଶ କରିଛି। ଯୁକ୍ତ୨ ପରୀକ୍ଷାକୁ ନେଇ ପରିଷଦ ପକ୍ଷରୁ ଶନିବାର କେତେକ କଟକଣା ଜାରି କରାଯାଇଛି। ପରୀକ୍ଷା ହଲ୍‌କୁ ଛାତ୍ରୀଛାତ୍ରମାନେ ସାଧାରଣ ଘଣ୍ଟା ପିନ୍ଧି ଯାଇପାରିବେ। କିନ୍ତୁ ସ୍ମାର୍ଟ ଘଣ୍ଟା ପିନ୍ଧି ଯାଇପାରିବେ ନାହିଁ। ଏହାଛଡ଼ା ପରୀକ୍ଷା ହଲ୍‌କୁ ମୋବାଇଲ ଫୋନ୍ ନେଇପାରିବେ ନାହିଁ। ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ଅନ୍ୟ କେହି ବି ପରୀକ୍ଷା ଚାଲିଥିବା ସମୟରେ ଫୋନ୍ ଧରି ପାରିବେ ନାହିଁ। ପ୍ରଶ୍ନପତ୍ର ନ ନେଇ ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଅଧାରୁ ହଲ୍ ଛାଡିପାରିବେ ନାହିଁ। ଟଏଲେଟ୍ ଗଲେ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପରୀକ୍ଷକଙ୍କୁ ଜିମା ଦେଇ ଯିବାକୁ ପଡ଼ିବ। ଟଏଲେଟ୍ ଯାଇ ୨ ମିନିଟ୍‌ରୁ ଅଧିକ ସମୟ ରହିଲେ ପରୀକ୍ଷା ନିରୀକ୍ଷକ ଯାଞ୍ଚ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପରୀକ୍ଷା କେନ୍ଦ୍ରରେ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ସକାଳ ୭ଟାରୁ ୯ଟା ୩୦ ସୁଦ୍ଧା ସବୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ନକ୍ସଲ ପ୍ରବଣ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପରୀକ୍ଷା ପାଇଁ ୨୦୨ଟି ହବ୍ କରାଯାଇଥିବାବେଳେ ମୋଟ ୧୦୯୧ କେନ୍ଦ୍ର ମଧ୍ୟରୁ ୯୩୭ କେନ୍ଦ୍ରରେ ସିସିଟିଭି ଲାଗିଛି। ବାକି କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯିବ। ଆବଶ୍ୟକ ପଡ଼ିଲେ ସିସିଟିଭି ଲାଗି ନ ଥିବା କେନ୍ଦ୍ରକୁ ସମ୍ବେଦନଶୀଳ କେନ୍ଦ୍ର ରୂପେ ଘୋଷଣା କରାଯିବ। ଚଳିତବର୍ଷ ମୋଟ ୩ ଲକ୍ଷ ୬୯ ହଜାର ୫୩୭ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ ବୋଲି ପରିଷଦ ଅଧ୍ୟକ୍ଷ କହିଛନ୍ତି।

## ୨୦ ପ୍ରକାର ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ

# ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଯାଞ୍ଚ କଡ଼ାକଡ଼ି

ଭୁବନେଶ୍ୱର, ୨।୩(ବ୍ୟୁରୋ)

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଲାଗି ରହିଛି। ସେହିପରି ଗତ ୨୩ ତାରିଖରେ ଏୟାର ଇଣ୍ଡିଆର ମୁମ୍ବାଇ କଣ୍ଟ୍ରୋଲ ରୁମ୍‌କୁ ଫୋନ୍‌ରେ ଆସିଥିବା ବିମାନ ଅପହରଣ ଧମକକୁ ନେଇ ଦେଶର ସମସ୍ତ ବିମାନବନ୍ଦରର ସୁରକ୍ଷାକୁ କଡାକଡି କରାଯାଇଛି। ଶନିବାର ଗୋଇନ୍ଦା ସୂଚନାକୁ ଆଧାର କରି ବ୍ୟୁରୋ ଫର୍ ସିଭିଲ ଆଭିଏଶନ ସିକ୍ୟୁରିଟି (ବିସିଏଏସ୍) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ପରେ ଦେଶର ସମସ୍ତ ବିମାନ ବନ୍ଦରରେ ୮ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଛି। ୨୦ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ କଡାକଡି ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅନୁସାରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ କୁମାର ହୋତା ସୂଚନା ଦେଇଛନ୍ତି। ବିମାନ ବନ୍ଦରର ଭିତର ଓ ବାହାର ସହ ରନ୍‌ୱେ ଓ ପାର୍କିଂ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଦ୍ୱିଗୁଣିତ କରାଯାଇଛି। ସମ୍ବେଦଶୀଳ ସ୍ଥାନଗୁଡିକରେ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଛି। ଏଥିସହ ବିମାନ ବନ୍ଦରରେ ନିୟୋଜିତ ସିଆଇଏସ୍ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ) ଏବଂ ପାରାମିଲିଟାରୀ ଫୋର୍ସ ପକ୍ଷରୁ କଡାକଡି ଯାଞ୍ଚ ଆରମ୍ଭ ହୋଇଛି। ସାଦା ପୋଷାକରେ ସୁରକ୍ଷା କର୍ମୀମାନେ ପଇନ୍ତରା ମାରିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରବେଶ କରୁଥିବା ପ୍ରତ୍ୟେକ ଯାତ୍ରୀ ଓ ଲଗେଜକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ଚାଲିଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବିମାନବନ୍ଦର ଭିତରେ କୁଇକ୍ ରିଆକ୍ସନ ଯାନ ଦ୍ୱାରା କଡ଼ା ପାଟ୍ରୋଲିଂ କରାଯାଉଛି ବୋଲି ନିର୍ଦ୍ଦେଶକ ହୋତା କହିଛନ୍ତି।

# ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ରର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକକ ଶନିବାର ସଚିବାଳୟ ପରିସରରୁ ପତାକା ଦେଖାଇ ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ସୁନେତ୍ର ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୮ ଜିଲାର ୫୩ ସ୍ଥାୟୀ ଦୃଷ୍ଟିଯତ୍ନ କେନ୍ଦ୍ର ସହ ୧୦ ଜିଲାର ଭ୍ରାମ୍ୟମାଣ ଦୃଷ୍ଟିଯତ୍ନ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ, ଯିଏକି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଆଇଏପିପିର ଅନ୍ଧତ୍ୱ ଦୂରୀକରଣ ସମ୍ପର୍କିତ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସୁନେତ୍ର ଯୋଜନାରେ ଉନ୍ନତମାନର ଚକ୍ଷୁ ଚିକିତ୍ସା, ଚଷମା ଯୋଗାଇବା ଆଦି ବ୍ୟବସ୍ଥା ହୋଇଛି। ଏଥିସହିତ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର, ଗୋଷ୍ଠୀସ୍ତରରେ ଚକ୍ଷୁ ପରୀକ୍ଷା, ମଧୁମେହଜନିତ ରେଟିନୋପାଥି ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଅତ୍ୟାଧୁନିକ ଯନ୍ତ୍ରପାତି ସହ ୫୩ ଦୃଷ୍ଟି ଭିଜନ କେନ୍ଦ୍ର ସ୍ଥାପନ କରାଯାଇଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷାକୁ ବ୍ୟାପକ କରାଯିବ। ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଡିଜିଟାଲ କରାଯିବା ପାଇଁ ୱେବ ପୋର୍ଟାଲ, ମୋବାଇଲ ଆପ୍ ଏବଂ ଇଲେକ୍ଟ୍ରୋନିକ ମେଡିକାଲ ରିପୋର୍ଟ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ବିଭାଗୀୟ ସଚିବ ଡା ପ୍ରମୋଦ ମେହେର୍ଦ୍ଦା ଏବଂ ସୁନେତ୍ର କାର୍ଯ୍ୟକ୍ରମର ସିଇଓ ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

NECC NATIONAL EGG CO-ORDINATION COMMITTEE 02.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦନ୍ତା ଆକ୍ରମଣରେ ୨ ମୃତ, ମହିଳା ଗୁରୁତର

**ଢେଙ୍କାନାଳ ଅଫିସ/ତାଳଚେର (ନି.ପ୍ର), ୨।୩**

■ ରାସ୍ତାକୁ ଓହ୍ଲାଇଲେ ଉତ୍ୟକ୍ତ ଲୋକେ
■ ୩ଘଣ୍ଟା ଜାତୀୟ ରାଜପଥ ଅବରୋଧ



ମୃତଦେହ ରଖି ରାସ୍ତାରୋକୋ।

ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ହାତୀ ଆତଙ୍କ ଦେଖାଦେଇଛି। ଶନିବାର ପୃଥକ୍ ସ୍ଥାନରେ ଦନ୍ତା ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋଟଙ୍ଗା ଥାନା ହିନ୍ଦୋଳ ରୋଡ ଫାଣ୍ଡି ଆର୍ଡସାନ୍ତରାକାଟେଣୀ ଗ୍ରାମର ଦୟାନିଧି ସାହୁ (୬୫) ଏବଂ ତାଳଚେର ସହର ଦେଉଳବେଢ଼ାର କେଦାରନାଥ ପ୍ରସାଦ। ଏଥିରେ ଆର୍ଡସାନ୍ତରାକାଟେଣୀର ରଶ୍ମିତା ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଦୟାନିଧି ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲା। ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି ନେଇ ଦଳିଦେଇଥିଲା। ବୃଦ୍ଧଙ୍କ ମୃତ୍ୟୁପରେ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ୫୫ନଂ. ଜାତୀୟ ରାଜପଥର ନାଧରା ଛକ ନିକଟରେ ସକାଳ ୭ଟାରୁ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସକାଳେ ଏକ ହାତୀପଲ ୫୫ନଂ. ଜାତୀୟ ରାଜପଥ ଅତିକ୍ରମ କରିଥିଲା। ଉକ୍ତ ପଲରୁ ବାହାରି ଆସିଥିବା ଉକ୍ତ ଦନ୍ତା ଏପରି ତାଣ୍ଡବ ସୃଷ୍ଟି କରିଥିବା ଜଣାପଡ଼ିଛି।

ସେହିପରି କେଦାରନାଥ ସକାଳେ ଚା ପିଇବାକୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ମାରି ଦେଇଥିଲା। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦ ୧ ଲକ୍ଷ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ନଂ. ୯/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଦିନସାରା ହାତୀଟି ବାଘୁଆବୋଲ ଅଞ୍ଚଳରେ ରହିଥିଲା। ହାତୀ ଘଉଡ଼ାଇବାକୁ ଯାଇ ବନ ବିଭାଗ ଓ ପୋଲିସ କର୍ମଚାରୀ ନାକେଦମ ହୋଇପଡ଼ିଥିଲା। ସନ୍ଧ୍ୟାରେ ଦନ୍ତା ବ୍ରାହ୍ମଣୀ ନଦୀ ପାର ହୋଇଥିବା ଜଣାପଡ଼ିଛି।

# ସଚିବାଳୟ ବ୍ୟକ୍ତିଗତ ସଚିବ କ୍ୟାଡର ପୁନର୍ଗଠନ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ଓଡ଼ିଶା ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସଂଘ ପକ୍ଷରୁ କ୍ୟାଡର ପୁନର୍ଗଠନ ନେଇ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା। ସରକାର ସଂଘର ଦାବିକୁ ଗ୍ରହଣ କରି ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକମାନଙ୍କର କ୍ୟାଡର ପୁନର୍ଗଠନ କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କ୍ୟାଡର ପୁନର୍ଗଠନ ହେବା ପରେ ମୋଟ ପଦବୀ ସଂଖ୍ୟା ୫୧୮ରୁ ୬୫୦କୁ ବୃଦ୍ଧି କରାଯାଇଛି। ତେବେ ବ୍ୟକ୍ତିଗତ ସହାୟକ ମୂଳ ପଦବୀ ୧୯୯ରୁ ୭୪ଟିକୁ ଉଚ୍ଛେଦ କରାଯାଇ ୧୨୫ ରଖାଯାଇଛି। ସେହିପରି ଜୁନିୟର ଷ୍ଟେନୋଗ୍ରାଫର ସଂଖ୍ୟା ୧୦ରୁ ୧୭୯କୁ ବୃଦ୍ଧି କରାଯାଇଥିବା ବେଳେ ସିନିୟର ଷ୍ଟେନୋଗ୍ରାଫର ସଂଖ୍ୟା ୧୨୨ରୁ ୧୪୦, ପ୍ରମୁଖ ବ୍ୟକ୍ତିଗତ ସଚିବ ପଦବୀ ୧୧ରୁ ୧୮, ବରିଷ୍ଠ ବ୍ୟକ୍ତିଗତ ସଚିବ ପଦବୀ ସଂଖ୍ୟା ୪୩ରୁ ୫୩କୁ ବୃଦ୍ଧି କରାଯାଇଛି। ବ୍ୟକ୍ତିଗତ ସଚିବ, ବରିଷ୍ଠ ପ୍ରମୁଖ ସଚିବ ଏବଂ ଅତିରିକ୍ତ ଶାସନ ସଚିବ ପଦବୀ ସଂଖ୍ୟାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସଂଘର ସଭାପତି ଲିଙ୍ଗରାଜ ସାହୁ, ସାଧାରଣ ସମ୍ପାଦକ ବିଘ୍ନରାଜ ପ୍ରଧାନ ଏବଂ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ସଚିବଙ୍କୁ ସଂଘ ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ପାଇଲଟ...

ଉଦ୍ୟମ ଲାଗି ନୋବେଲ ପୁରସ୍କାର ପାଇବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଉଭୟ ନେତାଙ୍କ ମନୋଭାବକୁ ଅନୁଧ୍ୟାନ କଲେ ଫାଇଦା ହାସଲ ଲାଗି ପାଇଲଟଙ୍କୁ ବାଜି ଲଗାଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ସାଧାରଣ ନିର୍ବାଚନ ଜିତି ପୁଣି ଥରେ କ୍ଷମତାକୁ ଆସିବା ଲାଗି ପୁଲୱାମା ପରବର୍ତ୍ତୀ ସଫଳତାର ଉପଯୋଗ କରିବାକୁ ଚାହୁଁଥିବା ବିରୋଧୀ ମହଲରେ ଚର୍ଚ୍ଚା ହେଉଛି। ଅଭିନନ୍ଦନଙ୍କୁ ଛଡାଯିବ ବୋଲି ପାକିସ୍ତାନ ଘୋଷଣା କରିବା ପରେ 'ପାଇଲଟ ପ୍ରୋଜେକ୍ଟ' ସଫଳ ହେଲା ବୋଲି ମୋଦି ଗୁରୁବାର କହିଥିଲେ। ନୂଆ ଭାରତର ସାମର୍ଥ୍ୟ ବଢ଼ିଛି, ଯାହା 'ଅଭିନନ୍ଦନ'ର ପରିଭାଷା ବଦଳାଇଦେଇଛି ବୋଲି ପ୍ରଧାନମନ୍ତ୍ରୀ ଶନିବାର କହିଛନ୍ତି। ଆଇଏଏଫ୍‌ର ଏୟାର ଷ୍ଟ୍ରାଇକ୍ କର୍ଣାଟକରେ ଭାଜପାକୁ ୨୨ ଆସନ ଜିତାଇବାରେ ସହାୟକ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପା ମନ୍ତବ୍ୟ ଦେଇ ଦଳର ଅସଲ ଉଦ୍ଦେଶ୍ୟକୁ ପଦାରେ ପକାଇଦେଇଥିଲେ। ପାଇଲଟ ଅଭିନନ୍ଦନଙ୍କୁ ଫେରାଇଆଣିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବଡ଼ କୂଟନୈତିକ ସଫଳତା ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ଦଳର ଅନ୍ୟ ନେତାମାନେ କହି ବୁଲୁଛନ୍ତି। କେବଳ ମୋଦି ସରକାର ପାକିସ୍ତାନ ଓ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାକୁ ସକ୍ଷମ ବୋଲି ଶାହ ନିର୍ବାଚନ ପ୍ରଚାର ବେଳେ ବାହୁସ୍ଫୋଟ ମାରୁଛନ୍ତି। ଅନ୍ୟପକ୍ଷରେ ସୀମାରେ ଉତ୍ତେଜନା ଏବଂ ପାକିସ୍ତାନ ପଟୁ ଗୁଳିଗୋଳା ମାଡରେ ପ୍ରତିଦିନ ଯବାନ ଶହୀଦ ହେଉଥିବାବେଳେ ନିରୀହ ଲୋକଙ୍କ ମୁଣ୍ଡ ଗଡୁଛି। ଏଭଳି ସମୟରେ ରବିବାର ବିହାର ରାଜଧାନୀ ପାଟନାରେ ହେବାକୁ ଥିବା ଏନ୍‌ଡିଏର ବିଶାଳ ସମାବେଶକୁ ନେଇ ବିରୋଧୀ ଦଳଗୁଡିକ ପ୍ରଶ୍ନ ଉଠାଇଛନ୍ତି। ସେହିପରି ବାଲାକୋଟ ଆକ୍ରମଣକୁ ନେଇ ଭାଜପା ଉତ୍ସବ ମନାଇବା ଦ୍ୱାରା ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିହେବ ବୋଲି କର୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ସତର୍କ କରାଇଦେଇଛନ୍ତି। ଅନ୍ୟପଟେ ଦୁଇଦିନ ତଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେଉଁଠି ଆକ୍ରମଣ କରାଯାଇଛି ଓ କେତେ ମରିଛନ୍ତି ବୋଲି ମୋଦି ସରକାରଙ୍କୁ ପ୍ରମାଣ ମାଗି ଏନ୍‌ଡିଏର ଉଦ୍ଦେଶ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ।

ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ୨୭ ତାରିଖରେ ଶତ୍ରୁପକ୍ଷର ବିମାନକୁ ପିଛା କରିବାକୁ ଯାଇ ପାକିସ୍ତାନ ସୀମା ଅତିକ୍ରମ କରିଥିଲେ। ସେ ପାକିସ୍ତାନୀ ବାୟୁସେନାର ଏଫ୍-୧୬ ବିମାନକୁ ଟାର୍ଗେଟ କରି ଖସାଇ ଦେଇଥିଲେ। ତେବେ ଦୁର୍ଭାଗ୍ୟକୁ ତାଙ୍କ ବିମାନଟି ମଧ୍ୟ ଖସିପଡିଥିଲା ଏବଂ ସେ ପାକ୍-ଅଧିକୃତ କଶ୍ମୀର (ପିଓକେ) ଅଞ୍ଚଳରେ ପଡିଯିବାରୁ ପାକିସ୍ତାନୀ ସେନା ତାଙ୍କୁ କାବୁ କରିନେଇଥିଲା। ଅଭିନନ୍ଦନଙ୍କ ରକ୍ତ ଜୁଡୁବୁଡୁ ଓ ଆଖିରେ ପଟିବନ୍ଧା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଅନ୍ତର୍ଜାତୀୟ ସ୍ତରରେ ଇସ୍‌ଲାମାବାଦକୁ ଅଡୁଆରେ ପକାଇଥିଲା। ଫଳରେ ଆମେରିକା ସମେତ ବିଭିନ୍ନ ରାଷ୍ଟ୍ରର ଚାପ ଆଗରେ ମୁଣ୍ଡ ନୁଆଁଇ ପାକିସ୍ତାନ ପାଇଲଟଙ୍କୁ ମୁକ୍ତ କରିବାକୁ ବାଧ୍ୟ ହୋଇଥିଲା। ତେବେ ଭାରତ ସହ ଶାନ୍ତି ସ୍ଥାପନ ଉଦ୍ୟମ ସ୍ୱରୂପ ପାଇଲଟଙ୍କୁ ଛାଡିଦିଆଯିବା କଥା ଗତ ଗୁରୁବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ସେଠାକାର ପାର୍ଲାମେଣ୍ଟରେ ଘୋଷଣା କରିଥିଲେ। ଫଳରେ ନିଜ ମାଟିରେ ଆତଙ୍କବାଦକୁ ଜନ୍ମ ଦେଇ ଏହାକୁ ପାଳିପୋଷି ଅନ୍ୟ ଦେଶରେ ହିଂସା ଓ ଅସ୍ଥିରତା ସୃଷ୍ଟି ଲାଗି ବ୍ୟବହାର କରୁଥିବା ପାକିସ୍ତାନ ଏବେ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ଶାନ୍ତି ଉଦ୍ୟମକାରୀ ରାଷ୍ଟ୍ରର ପରିଚୟ ସୃଷ୍ଟି କରିବା ଯୋଜନାରେ ରହିଛି। ଏହା ପଛର ଉଦ୍ଦେଶ୍ୟକୁ ଆହୁରି ସ୍ପଷ୍ଟ କରିଛି ଶନିବାର ପାକିସ୍ତାନ ପାର୍ଲାମେଣ୍ଟରେ ଇମ୍ରାନଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ପ୍ରସ୍ତାବ ଆଗତ ହେବା। ସୂଚନା ମନ୍ତ୍ରୀ ଫୱାଦ ଚୌଧୁରୀ ଏହି ପ୍ରସ୍ତାବ ଆଣି କହିଛନ୍ତି, ଭାରତୀୟ ପାଇଲଟଙ୍କୁ ମୁକ୍ତ କରିଦେଇ ପଡୋଶୀ ଦେଶ ସହ ଉତ୍ତେଜନା ହ୍ରାସ କରାଇବାରେ ପ୍ରଧାନମନ୍ତ୍ରୀ ଇମ୍ରାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ତେଣୁ ତାଙ୍କୁ ମର୍ଯ୍ୟାଦାଜନକ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ସୋମବାର ଉକ୍ତ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଏହି ପରିପ୍ରେକ୍ଷୀରେ ଉଭୟ ଭାରତ ଓ ପାକିସ୍ତାନର ପ୍ରଧାନମନ୍ତ୍ରୀ ନିଜ ନିଜ ଦେଶର ଜନସାଧାରଣଙ୍କ ଭାବାବେଗକୁ ନେଇ ଫାଇଦା ଉଠାଉବାକୁ ଉଦ୍ୟମ କରୁଥିବା କୁହାଯାଉଛି।

## ଗଣିତ...

ଭାଇରାଲ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍ କହିଛନ୍ତି। ପୁଷ୍ପାଞ୍ଜଳିଙ୍କ ସମେତ ପରୀକ୍ଷା ନିରୀକ୍ଷକ ବ୍ରଜେନ୍ଦ୍ର ବେହେରା ଓ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର କୁମାର ମୁଣ୍ଡଙ୍କୁ ନିଲମ୍ବନ କରାଯାଇଛି। ଏହାଛଡ଼ା ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କ ଜରିଆରେ ଏହି ୩ଜଣଙ୍କ ନାମରେ ଜୟପାଟଣା ଥାନାରେ ଏତଲା ଦିଆଯାଇଛି। ପୋଲିସର ହସ୍ତକ୍ଷେପ ପରେ ଏହି ଘଟଣାରେ ଆଉ କେତେଜଣ ସାମିଲ ଅଛନ୍ତି ତାହା ସ୍ପଷ୍ଟ ହେବ ବୋଲି ସଭାପତି ବେଗମ କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ଏକ ମାମଲା(ନଂ.୭୭/୨୦୧୯) ରୁଜୁ କରିବା ସହ ଉକ୍ତ ୩ଜଣଙ୍କୁ ଗିରଫ କରି ସନ୍ଧ୍ୟାରେ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ୩ଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜୟପଟଣା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ କହିଛନ୍ତି। କେବଳ ପ୍ରଶ୍ନପତ୍ର ନୁହଁ, ଜଣେ ଛାତ୍ରୀଙ୍କ ଆଡ୍‌ମିଟକାର୍ଡ ମଧ୍ୟ ଭାଇରାଲ ହୋଇଥିଲା। ପରୀକ୍ଷା ହଲ୍ ଭିତରକୁ ମୋବାଇଲ ଫୋନ ନେବା ମନାଥିବା ସତ୍ତ୍ୱେ ପ୍ରଶ୍ନପତ୍ର କିପରି ଭାଇରାଲ ହେଲା ସେ ନେଇ ପୋଲିସ ଖୋଳତାଡ଼ କରୁଛି।

ସୂଚନାଥାଉ କି ଗଣିତ ପରୀକ୍ଷା ସକାଳ ୧୦ଟାରୁ ୧୨.୪୫(ଅଧିକ ୧୫ ମିନିଟ୍ ସହ) ପର୍ଯ୍ୟନ୍ତ ଥିଲା। ୧୧.୧୫ ମଧ୍ୟରେ ଅବ୍‌ଜେକ୍ଟିଭ ପରୀକ୍ଷା ଶେଷ ହୋଇଥିଲା। ପରେ ସବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଦିଆଯିବା ପରେ ଏହି ପ୍ରଶ୍ନପତ୍ରର ଫଟୋ ହ୍ୱାଟସ୍‌ଆପ୍‌ରେ ଭାଇରାଲ ହୋଇଥିଲା। ଅନ୍ୟପକ୍ଷରେ ଶନିବାର ମୋଟ ୧୭୪ଜଣ କପିକରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି।

## ଗ୍ରାମାଞ୍ଚଳ ଗୃହନିର୍ମାଣ ଗାଇଡ୍‌ଲାଇନ ଅଡୁଆ

# ଅଧାରେ ଲଟକିଛି ୫୨୧ ପ୍ରକଳ୍ପ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

■ ପଞ୍ଚାୟତିରାଜ ବିଭାଗ ଉପରେ ନିଷ୍ପତ୍ତି ଛାଡ଼ି ହାତ ବାନ୍ଧି ବସିଛି ରେରା
■ ପ୍ରକଳ୍ପ ପଞ୍ଜୀକରଣକୁ ନେଇ ଚିନ୍ତାରେ ବିଲ୍ଡର



ଗ୍ରାମାଞ୍ଚଳରେ ଗୃହନିର୍ମାଣ ପ୍ରକଳ୍ପକୁ ନେଇ ଅଡୁଆରେ ପଡିଛନ୍ତି ବିଲ୍‌ଡର ଓ ରିୟଲଇଷ୍ଟେଟ ବ୍ୟବସାୟୀ। ୨୦୦୫ରୁ ୨୦୧୧ ମଧ୍ୟରେ ନିର୍ମାଣ ହୋଇଥିବା ୧୪୦ଟି ଗୃହନିର୍ମାଣ ପ୍ରକଳ୍ପର ୧୦ ହଜାର ବାସଗୃହ ପଞ୍ଜୀକରଣ ନ ହୋଇ ପଡିରହିଛି। ଅକୁପାନ୍ସି ସାର୍ଟିଫିକେଟ ଦେଇ ପାରୁ ନ ଥିବାରୁ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୩୮୧ଟି ପ୍ରକଳ୍ପକୁ ଅନୁମୋଦନ ମିଳୁନି । ଓଡିଶା ରିୟଲଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା) ପ୍ରକଳ୍ପଗୁଡ଼ିକୁ ଅନୁମତି ଦେଉ ନ ଥିବାରୁ ସେଗୁଡ଼ିକର ଭାଗ୍ୟ ଅନ୍ଧକାର ମଧ୍ୟକୁ ଚାଲିଯାଇଛି। ବହୁ କୋଟି ଟଙ୍କା ବ୍ୟୟ କରି ରିୟଲଇଷ୍ଟେଟ ବ୍ୟବସାୟୀମାନେ ନିଜର ଭାଗ୍ୟକୁ ଆଦରି ରହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ନୂତନ ଗାଇଡଲାଇନ ପ୍ରସ୍ତୁତ କରିବାକୁ ରେରା ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ବାରମ୍ବାର ଅବଗତ କରାଗଲେ ମଧ୍ୟ ଏ ନେଇ କୌଣସି ପ୍ରତିକାର ହେଉ ନାହିଁ।

ବାସଗୃହ, ବ୍ୟବସାୟିକ ଗୃହ କିଣୁଥିବା ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ସହ ରିୟଲଇଷ୍ଟେଟ, ବିଲଡରମାନଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ର ସରକାର ରିୟଲଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭେଲପମେଣ୍ଟ) ଆକ୍ଟ-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନ ଅନୁଯାୟୀ ବିଲଡରମାନଙ୍କ ପ୍ରକଳ୍ପଗୁଡ଼ିକୁ ପଞ୍ଜୀକରଣ କରିବା ପାଇଁ ରାଜ୍ୟରେ ଓଡିଶା ରିୟଲଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା) ଗଠନ କରାଯାଇଛି। ତେବେ ଗ୍ରାମାଞ୍ଚଳରେ ନିର୍ମାଣ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ନେଇ ରେରା ଅଡୁଆରେ ପଡିଛି। ଏ ନେଇ ସରକାର କୌଣସି ସ୍ପଷ୍ଟ ଗାଇଡଲାଇନ ଜାରି କରୁ ନ ଥିବାରୁ ରିୟଲଇଷ୍ଟେଟ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଏବଂ ପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରୁଥିବା ସଂସ୍ଥାଗୁଡିକ ହରଡଘଣାରେ ପଡିଛନ୍ତି। ଏହାଛଡା ଅଗ୍ନିଶମ ବିଭାଗ, ପରିବେଶ, ଲିଜ୍‌ଜମି, ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ଆପତ୍ତି ବିହୀନ ସାର୍ଟିଫିକେଟ(ଏନଓସି) ଆଦି ମିଳିବାରେ ବିଳମ୍ବ ହେବା ଯୋଗୁ ରିୟଲଇଷ୍ଟେଟ ପ୍ରକଳ୍ପଗୁଡ଼ିକୁ ପଞ୍ଜୀକରଣ ମିଳିବାରେ ମାସ ମାସ ଲାଗି ଯାଉଛି। ରିୟଲଇଷ୍ଟେଟ ଆଇନ କାର୍ଯ୍ୟକାରୀ ହେବା ପରେ ଗ୍ରାମାଞ୍ଚଳ ପାଇଁ ପଞ୍ଚାୟତିରାଜ ବିଭାଗ ଗୃହନିର୍ମାଣ ସକାଶେ ୨୦୧୬ ମେ ୨୦ ତାରିଖରେ ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଥିଲା। ଏହାକୁ ପରିବର୍ତ୍ତନ କରି ପୁଣି ୨୦୧୮ ଜୁନ ୭ ତାରିଖରେ ବିଭାଗ ପକ୍ଷରୁ ଆଉ ଏକ ଗାଇଡଲାଇନ ଜାରି କରାଗଲା। ଏହି ଗାଇଡଲାଇନରେ କୁହାଗଲା ଯେ, ଗ୍ରାମାଞ୍ଚଳରେ ୫୦୦ ମିଟରରୁ ଉର୍ଦ୍ଧ୍ୱ ଅଞ୍ଚଳରେ ବହୁତଳ ଅଟ୍ଟାଳିକା, ଆବାସିକ କିମ୍ବା ବ୍ୟବସାୟିକ ପ୍ରକଳ୍ପ ନିର୍ମାଣ କରିବାକୁ ଚାହୁଁଥିବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ପଞ୍ଚାୟତ ସରପଞ୍ଚଙ୍କ ନିକଟରୁ ବିଲ୍ଡିଂ ପ୍ଲାନ ଅନୁମୋଦନ କରିବେ। ଆବାସିକ ଗୃହ ପାଇଁ ପ୍ରତିବର୍ଗ ମିଟରକୁ ୫ ଟଙ୍କା, ଅଣଆବାସିକ କୋଠା ପାଇଁ ୧୦ ଓ ଜମି ବିଭାଜନ ପାଇଁ ପ୍ରତି ବର୍ଗ ମିଟରକୁ ୫ ଟଙ୍କା ଜମା କରିବାକୁ ପଡିବ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସଶକ୍ତୀକରଣ କରିବା ପାଇଁ ସରକାର ଏଭଳି ଗାଇଡଲାଇନ ଜାରି କରିଥିବା ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଗାଇଡଲାଇନ ଅନୁଯାୟୀ ଆବେଦନଗୁଡ଼ିକୁ ପଞ୍ଚାୟତ ଏକ୍ସଟେନଶନ ଅଫିସର(ପିଇଓ) ସ୍କ୍ରୁଟିନି କରି ୭ ଦିନ ମଧ୍ୟରେ ପଞ୍ଚାୟତ ସମିତିକୁ ପଠାଇବେ। ସେଠାରୁ ୧୫ ଦିନ ମଧ୍ୟରେ ଜିଲା ଟାଉନ ପ୍ଲାନିଂକୁ ଯିବ । ସେଠାରୁ ସହର ଯୋଜନା ନିର୍ଦ୍ଦେଶକଙ୍କ ଅନୁମୋଦନ ପାଇଁ ପଠାଯିବ। ମୋଟାମୋଟି ୩୦ ଦିନ ମଧ୍ୟରେ ପ୍ରକଳ୍ପ ଅନୁମୋଦନ କରାଯିବ। ଅନୁମୋଦନ ପରେ ଗୃହ ନିର୍ମାଣକାରୀ ସଂସ୍ଥା ରେରା ନିକଟରେ ପ୍ରକଳ୍ପର ପଞ୍ଜୀକରଣ ପାଇଁ ଆବେଦନ କରିବେ। ପଞ୍ଜୀକରଣ ପାଇଁ ଅକୁପାନ୍ସି ସାର୍ଟିଫିକେଟ ବାଧ୍ୟତାମୂଳକ କରାଯାଇଛି। ମାତ୍ର ପଞ୍ଚାୟତିରାଜ ବିଭାଗ ଅକୁପାନ୍ସି ସାର୍ଟିଫିକେଟ କାହାଠାରୁ ନିଆଯିବ ସେ ନେଇ ଗାଇଡଲାଇନରେ ଉଲ୍ଲେଖ କରିନାହିଁ। ଫଳରେ ରେରା ନିକଟରେ ଗ୍ରାମାଞ୍ଚଳରୁ ଆସିଥିବା ୩୮୧ଟି ପ୍ରକଳ୍ପ ପଞ୍ଜୀକରଣ ନ ହୋଇ ପଡିରହିଛି। ଏ ସମ୍ପର୍କରେ ରେରାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗାଇଡ ଲାଇନରେ ସଂଶୋଧନ କରିବାକୁ ପଞ୍ଚାୟତିରାଜ ବିଭାଗକୁ ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଥିଯୋଗୁ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ନୂତନ ଗାଇଡ ଲାଇନ ନ ହେବା ଯାଏ କୌଣସି ପ୍ରକଳ୍ପ ପଞ୍ଜୀକରଣ ହେବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

# ଛାତ୍ରୀଙ୍କୁ ସମ୍ପର୍କୀୟ ଭାଇଙ୍କ ବଳାତ୍କାର ଅଭିଯୋଗ

**ଗଣିଆ,୨।୩ (ଡି.ଏନ.ଏ.)**

ଭଉଣୀଭାଇର ପବିତ୍ର ସମ୍ପର୍କ ମଧ୍ୟରେ କଳଙ୍କର ଛିଟା। ଏଭଳି ଘଟଣା ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀଙ୍କୁ ତାଙ୍କ ସମ୍ପର୍କୀୟ ଦାଦା ପୁଅ ଭାଇ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ଗୁରୁବାର ଏହି ଥାନା ଅଞ୍ଚଳର ଏକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀ ଜଣକ ପଢିବାକୁ ଯାଇଥିଲେ। ପୂର୍ବାହ୍ନ ସାଢେ ୧୧ଟା ସମୟରେ ତାଙ୍କ ସମ୍ପର୍କୀୟ ଭାଇ ସ୍କୁଲରେ ପହଞ୍ଚି ପାସପୋର୍ଟ ଫଟୋ ଉଠାଇବାକୁ ଯିବା ପାଇଁ ତୁମ ମା' ମୋତେ ପଠାଇଥିବା ଛାତ୍ରୀଙ୍କୁ କହିଥିଲେ। ଯୁବକ ଜଣକ ଛାତ୍ରୀଙ୍କ ଦାଦା ପୁଅ ଭାଇ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜାଣିବା ପରେ ସ୍କୁଲରେ ଛୁଟି ଦରଖାସ୍ତ ଦେଇ ଛାତ୍ରୀଜଣକ ଯାଇଥିଲେ। ତେବେ କିଛିବାଟ ଯିବା ପରେ ଯୁବକ ଜଣକ ଛାତ୍ରୀଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ପୃକ୍ତ ଯୁବକ ଓଢଣି ଦ୍ୱାରା ହାତଗୋଡ ବାନ୍ଧିବା ସହ ମୁହଁକୁ ଚାପିଧରି ବଳାତ୍କାର କରିଥିଲେ। ପରେ ଛାତ୍ରୀଙ୍କୁ ଘଟଣା ସମ୍ପର୍କରେ କାହାରିକୁ ନ କହିବା ପାଇଁ ବିଭିନ୍ନ ଧମକଚମକ ଦେଇ ସ୍କୁଲ ନିକଟରେ ଛାଡିଦେଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପୀଡିତା କାନ୍ଦି କାନ୍ଦି ବିଦ୍ୟାଳୟକୁ ଆସି ଶିକ୍ଷୟିତ୍ରୀମାନଙ୍କ ଆଗରେ ପ୍ରକାଶ କରିଥିଲେ। ପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବା ସହ ଶନିବାର ଅପରାହ୍ନରେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ମା' ମଧ୍ୟ ଗଣିଆ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୦୯/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ସୂତ୍ରରୁ ପ୍ରକାଶ।

## ଦକ୍ଷତା ବିକାଶ କ୍ଷେତ୍ରରେ ଆଉ ଏକ ପଦକ୍ଷେପ

# ସିସ୍‌କୋ, ଟାଟା ଷ୍ଟ୍ରାଇଭ୍ ସହ ଓଏସ୍‌ଡିଏର ଏମ୍‌ଓୟୁ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ରାଜ୍ୟର ଦକ୍ଷତା ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। ଯୁବତୀଯୁବକଙ୍କ ନିଯୁକ୍ତି ଓ ଔଦ୍ୟୋଗିକ ଦକ୍ଷତା ବୃଦ୍ଧି ପାଇଁ ଶନିବାର ଇଡ୍‌କୋ ବୋର୍ଡ ରୁମ୍‌ଠାରେ ସିସ୍‌କୋ ସିଷ୍ଟମ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଟାଟା ଷ୍ଟ୍ରାଇଭ୍ ସହିତ ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟି (ଓଏସ୍‌ଡିଏ) ଦୁଇଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି।

ପ୍ରଥମେ ଓଏସ୍‌ଡିଏ ସହିତ ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଟିଇଭିଟି) ଏବଂ ସିସ୍‌କୋ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଏସ୍‌ଡିଏ ସିଇଓ ତଥା ନିଯୋଜନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ, ଏସ୍‌ସିଟିଇଭିଟିର ଉପାଧ୍ୟକ୍ଷ ବଲୱନ୍ତ ସିଂ ଓ ସିସ୍‌କୋର ଉପସଭାପତି ମାଲାଭାରାପୁ ବିକ୍ରମ କୁମାର ଏହି ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ। ଏହାଦ୍ୱାରା ଆଇଟିଆଇ ଓ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନରେ ତାଲିମ ନେଉଥିବା ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଶ୍ରମଶକ୍ତିର ବିକାଶ ନିମନ୍ତେ ସୁଯୋଗ ମିଳିପାରିବ। ଆଇଟି ନେଟ୍‌ୱର୍କ କ୍ଷେତ୍ରରେ ସିସ୍‌କୋ ବିଶ୍ୱରେ ନେଟ୍‌ୱର୍କ ଏକାଡେମୀ କାର୍ଯ୍ୟକ୍ରମ ଦ୍ୱାରା ଦକ୍ଷ ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀଙ୍କୁ ଆଇଟି ସେବା ପ୍ରଦାନ କରୁଛି। ଏହି ବୁଝାମଣାପତ୍ର ଦ୍ୱାରା ରାଜ୍ୟର ସମସ୍ତ ସରକାରୀ ପଲିଟେକ୍‌ନିକ୍ ଏବଂ ଆଇଟିଆଇକୁ ଅନ୍‌ଲାଇନ୍ ପାଠ୍ୟକ୍ରମ ଶିକ୍ଷା ଓ ସାର୍ଟିଫିକେଟ୍ ପ୍ରୋଗ୍ରାମ ସହିତ ସମ୍ପୃକ୍ତ କରାଯିବ। ଏଥିପାଇଁ ସିସ୍‌କୋ ଏକାଡେମିକ୍ ପ୍ରୋଗ୍ରାମ ଯୋଗାଇଦେବ। ଦୈନନ୍ଦିନ ପାଠ୍ୟକ୍ରମ ସହିତ ଛାତ୍ରୀଛାତ୍ରଙ୍କୁ ରୋଜଗାରକ୍ଷମ କରାଯିବ। ସିସ୍‌କୋ ମାଷ୍ଟର ଟ୍ରେନରଙ୍କୁ ତାଲିମ ପ୍ରଦାନ ସହିତ ଓରିଏଣ୍ଟେଶନ ସେସନ ଓ ଆଇଟିଆଇକୁ ଆବଶ୍ୟକ ସପୋର୍ଟ ଯୋଗାଇଦେବ। ଏହା ବ୍ୟତୀତ ସିସ୍‌କୋ ରାଜ୍ୟର ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ସାର୍ଟିଫାଏଡ୍ ଏଣ୍ଟ୍ରି ନେଟ୍‌ୱର୍କ ଟେକ୍ନିସିଆନ୍ କୋର୍ସ ପ୍ରଦାନ କରିବ।

ସେହିଭଳି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଉପସ୍ଥିତିରେ ଓଏସ୍‌ଡିଏ ଏବଂ ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ ମଧ୍ୟରେ ନାନୋ ୟୁନିକର୍ନ ପ୍ରୋଗ୍ରାମ ଉପରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ନାନୋ ୟୁନିକର୍ନ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଯୋଜନା। ଏହି ଯୋଜନାରେ ବ୍ୟବସାୟିକ ମନୋବୃତ୍ତି ଥିବା କୁଶଳୀ ଯୁବପିଢ଼ିଙ୍କୁ ଉଚିତ ମାର୍ଗରେ ପରିଚାଳିତ କରି ସଫଳ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀରେ ପରିଣତ କରିବା ସହିତ ତୃଣମୂଳ ସ୍ତରରେ ସେମାନଙ୍କ ଦ୍ୱାରା ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଓଏସ୍‌ଡିଏ ସିଇଓ ତଥା ନିଯୋଜନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ପାଟିଲ ଓ ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ ସିଇଓ ଅନୀତା ରାଜନଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସିଂ କହିଲେ, ଏହି ବୁଝାମଣାପତ୍ର ଦ୍ୱାରା ରାଜ୍ୟର ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ଅଧ୍ୟୟନରତ ଯୁବଗୋଷ୍ଠୀଙ୍କ ମଧ୍ୟରେ ଉଦ୍ୟମିତା ମନୋଭାବ, ଦକ୍ଷତା ଏବଂ ସର୍ବାଙ୍ଗୀନ ବିକାଶ ନିମନ୍ତେ ମିଳିତ ପଦକ୍ଷେପ ନିଆଯିବ। ସିସ୍‌କୋ ଓ ଟାଟା ଷ୍ଟ୍ରାଇଭ୍ ସହଯୋଗରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ କରି ଏକ ବଳିଷ୍ଠ ଶ୍ରମଶକ୍ତିର ଗଠନ ନିମନ୍ତେ ପ୍ରୟାସ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ନିଜ ରାଶିକୁ ଚନ୍ଦ୍ର ସଙ୍ଗରେ ଶୁକ୍ରଙ୍କୁ ନେଇ ଅବଲୋକନ କରୁଥିବାରୁ ମାଙ୍ଗଳିକ କାର୍ଯ୍ୟରେ ବନ୍ଧୁମିଳନ ଅବଶ୍ୟ ଘଟିବ। ପାରିବାରିକ ସ୍ତରରେ ସାଧାରଣ ବ୍ୟତିକ୍ରମ ବେଶୀକ୍ଷଣ ତିଷ୍ଠି ରହିବ ନାହିଁ । କଥା ପ୍ରସଙ୍ଗରେ ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ଶ୍ରବଣ କରି ସାମୟିକ ବ୍ୟସ୍ତତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଗୃହ ଭୂମି ସମ୍ପର୍କୀୟ ଆଲୋଚନା ପ୍ରାୟତଃ ଅନୁକୂଳ ରହିବ।

**ବୃଷ**
କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବା ସହ ନୂତନ ମିତ୍ରତା ସୃଷ୍ଟି ହେବ। କିନ୍ତୁ କର୍ମାଧିପ ଅଷ୍ଟମସ୍ଥ ହେତୁ କାର୍ଯ୍ୟହାନୀ କାରଣରୁ ମନରେ ସରସତା ରହି ନ ପାରେ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ସହ ସୁଯୋଗ ପାଇଲେ ମଧ୍ୟ ତାହାର ସଦୁପଯୋଗ କରିବା କଷ୍ଟକର ହୋଇପାରେ। ଶିଳ୍ପ ଓ ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**
ଶୁକ୍ରଙ୍କ ନକ୍ଷତ୍ରରେ ମଙ୍ଗଳ ରହିଥିବାରୁ କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। ଆନୁଷ୍ଠାନିକ କାମ କିମ୍ବା ଆଲୋଚନା ପରିସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ**
ଚନ୍ଦ୍ର ସହ ଶୁକ୍ରଙ୍କ ସମ୍ବନ୍ଧ ରହିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ବିଳାସବ୍ୟସନ ଦିଗକୁ ମନ ଢଳିପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ ।

**ସିଂହ**
ବ୍ୟୟାଧିପ ଚନ୍ଦ୍ର ଷଷ୍ଠଭାବରେ ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇପାରନ୍ତି। ରାଶିପ୍ରତି ରବିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟୋନ୍ନତି, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆଶାକୁ ପୂରଣ ହୋଇପାରିବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ଆଇନ, ଜମିଜମା କାରବାର କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**କନ୍ୟା**
ଦେବଗୁରୁ ଧର୍ମଭାବକୁ ଅବଲୋକନ କରି ଧର୍ମକାର୍ଯ୍ୟ, ତିର୍ଥାଟନ ସକାଶେ ମାର୍ଗ ଉନ୍ମୁକ୍ତ କରିପାରନ୍ତି। କିନ୍ତୁ ସ୍ୱସ୍ଥାନ ହନ୍ତା ବୃହସ୍ପତି ଭ୍ରାତୃ ସମ୍ପର୍କ ହାନୀ,ପଡୋଶୀଙ୍କ ସହ କଳହ, ଏବଂ କୌଣସି ଦୁଃସାହସିକ କାମ କରିବାରେ ପଶ୍ଚାତ୍‌ପଦ ହୋଇପାରନ୍ତି। କର୍ମକ୍ଷେତ୍ରରେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ତୁଳା**
ମଙ୍ଗଳ ଓ ବୃହସ୍ପତି ଧନସ୍ଥାନକୁ ପ୍ରଭାବିତ କରୁଥିବାରୁ ଅର୍ଥଲାଭର ସୁଯୋଗ ପାଇବେ। ସଭାସମିତିରେ ଯୁକ୍ତିତର୍କ ମାଧ୍ୟମରେ ନିଜର ମତ ସାବ୍ୟସ୍ତ କରିବାରେ ସଫଳ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଧାର ସୂତ୍ରରେ ଅର୍ଥ ପାଇବେ। ଗଣତନ୍ତ୍ରର ଗ୍ରହ ଶନି ସାଂଗଠନିକ ସ୍ତରରେ, ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରାଇପାରନ୍ତି।

**ବିଛା**
ଚନ୍ଦ୍ରଙ୍କ ଏକଦଶସ୍ଥ ବୃହସ୍ପତି ଆପଣଙ୍କ ଆଶା ଓ କାମନାକୁ ପୂରଣ କରିବାର ମନୋବଳ ଦୃଢୀଭୂତ କରିବ। କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ । ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିବାର ସୂଚନା ରହିଛି।

**ଧନୁ**
ପଡୋଶୀମାନେ ସ୍ନେହ, ସୌଜନ୍ୟତା ଦେଖାଇ ନିଜର କରିବାକୁ ଚେଷ୍ଟା କରିପାରନ୍ତି। ମୁଖଭାବରେ ଚନ୍ଦ୍ର ଓ ଶୁକ୍ର ଆପଣଙ୍କୁ ଅର୍ଥ, ମିଷ୍ଟାନ୍ନଭୋଜନ, ବସ୍ତ୍ରଭୂଷଣାଦି ପ୍ରଦାନ କରିବାର ପରିବେଶ ସୃଷ୍ଟିକରିବେ। ରାଶ୍ୟାଧିପତି ଦ୍ୱାଦଶସ୍ଥ ହେତୁ ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡିପାରେ। କୌଣସି କାରଣରୁ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ।

**ମକର**
କୌଣସି ଶୁଭଖବର,ଅଭିଳାଷ ପୂରଣର ସୂଚନା ମନକୁ ଖୁସୀ କରାଇଦେଇପାରେ। ସ୍ୱଗୃହୀ ମଙ୍ଗଳ ଆପଣଙ୍କୁ ମାଙ୍ଗଳିକ କାମ, ଆନୁଷ୍ଠାନିକ ସହ ଯୋଗ, କାର୍ଯ୍ୟସିଦ୍ଧି ହେତୁକ ଶୁଭଫଳ ପ୍ରଦାନ କରିବ। ଶନିଙ୍କ ଦୃଷ୍ଟି ରବିଙ୍କ ଉପରେ ପତିତ ହେଉଥିବାରୁ ଯେକୌଣସି ପରିସ୍ଥିତିକୁ ସୁଧାରି ନେଇପାରିବେ। ବନ୍ଧୁମାନଙ୍କ ଅନୁରୋଧରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ସ୍ଥିତିରେ ପଦାର୍ପଣ କରିପାରନ୍ତି। ସରକାରୀ ସହାୟତା, ଉପରିସ୍ଥଙ୍କ ଅନୁକମ୍ପା ସ୍ଥଗିତ କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ପ୍ରତ୍ୟେକ କ୍ଷେତ୍ରରେ ଅତୀତକୁ ଧରିବସିଲେ ଏହି ସମୟର ସୁବିଧା ସୁଯୋଗକୁ ହରାଇବାକୁ ପଡିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାର ସୁଯୋଗ ମିଳିବ।

**ମୀନ**
କେନ୍ଦ୍ରାଧିପ ବୁଧ ରାଶିରେ ବନ୍ଧୁ କିମ୍ବା ଆତ୍ମୀୟ ମାନଙ୍କ ସହଯୋଗରେ କାର୍ଯ୍ୟ ହାସଲ କରାଇବ। ରାଶ୍ୟାଧିପ ପାପଗ୍ରହ ମଧ୍ୟସ୍ଥ ହେତୁ ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଆଇନ ବିଭାଗର ଗ୍ରହ ଶନି କର୍ମସ୍ଥାନରେ କଚେରୀ ମାମଲାରେ ସଫଳତା ପ୍ରଦାନ କରିବେ କିନ୍ତୁ ପାରିବାରିକ ଅଶାନ୍ତିର କାରଣ ହୋଇପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ରବିବାର, ମାର୍ଚ୍ଚ ୩ ତାରିଖ, ରାଶି ନକ୍ଷତ୍ର-ଦିବା ଘ୯ ।୩୭ମି. ଗତେ, ଶ୍ରବଣା/ମକର, ମେଷ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୭ ।୩୬ମି. ଗତେ ଘ୯ ।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୯ ।୦୩ମି. ଗତେ ଘ୧୦ ।୩୦ମି. ମଧ୍ୟେ, ଘ୧ ।୨୪ମି. ଗତେ ଘ୨ ।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୪ ।୨୧ମି. ଗତେ ଘ୫ ।୪୮ମି. ମଧ୍ୟେ ରାହୁ କାଳ।

## ସଂକ୍ଷେପରେ

### ୩୮ ନୂଆ ଜଳସେଚନ ପ୍ରକଳ୍ପ ନେଇ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨।୩(ବ୍ୟୁରୋ)- ରାଜ୍ୟର ୫୬,୯୧୮ ହେକ୍ଟର ଚାଷଜମିକୁ ଜଳସେଚିତ କରିବା ଲାଗି ୩୮ଟି ନୂଆ ଜଳସେଚନ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଶନିବାର ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ତନ୍ମଧ୍ୟରୁ ୬୮୬ କୋଟି ଟଙ୍କା ବ୍ୟୟରେ ୧୪ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟ ସରକାର ଉଚ୍ଚସ୍ଥାନରେ ଥିବା ଜମିକୁ ଜଳ ଯୋଗାଇବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ୨୦୧୧-୧୨ ଆର୍ଥିକ ବର୍ଷରେ ବୃହତ ଉଠାଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସମାଜସେବୀ ପାର୍ବତୀ ଗିରିଙ୍କ ନାଁରେ ନାମିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଶନିବାର ଏହି ଯୋଜନା ଅନ୍ତର୍ଗତ ୧୨୪୦ କୋଟି ଟଙ୍କା ବ୍ୟୟରେ ଅବଶିଷ୍ଟ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କରିଛନ୍ତି। ଏହାବ୍ୟତୀତ ଅନ୍ୟ ୬ଟି ପ୍ରକଳ୍ପର ମଧ ଶୁଭାରମ୍ଭ କରାଯାଇଛି। ତନ୍ମଧ୍ୟରେ ୫,୪୪୦ ହେକ୍ଟର ଚାଷ ଜମି ପାଇଁ ଜଳସେଚନ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି।

ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୬୫୫୭ କୋଟି ଟଙ୍କା ଅଟକଳରେ ୧୭୧ଟି ପ୍ରକଳ୍ପ ପ୍ରାଥମିକ ଭାବେ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ଉଚ୍ଚସ୍ଥାନରେ ଥିବା ପ୍ରାୟ ୨ ଲକ୍ଷ ୩୪ ହଜାର ହେକ୍ଟର ଚାଷଜମିକୁ ଜଳ ଯୋଗାଇ ଦିଆଯାଇପାରିବ। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ମୋଟ ୭୩ଟି ପ୍ରକଳ୍ପର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ସମୟରେ କରାଯାଇଛି।

### ବିଷ୍ଣୁପଦ କମର୍ସିଆଲ ଟ୍ୟାକ୍ସ, ଜିଏସ୍‌ଟି କମିଶନର

■ ଆଇଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨।୩(ବ୍ୟୁରୋ)- ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଫିସର ସ୍ତରରେ ସାମାନ୍ୟ ଅଦଳବଦଳ କରାଯାଇଛି। ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କୁ କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟି କମିଶନର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ସେ ପୂର୍ବପରି ସ୍ୱତନ୍ତ୍ର ରିଲିଫ୍ କମିଶନରଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟି କମିଶନର ଥିବା ଶାଶ୍ୱତ ମିଶ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ପଦୋନ୍ନତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସମବାୟ ସଚିବ ଥିବା କ୍ରିଷ୍ଣନ କୁମାରଙ୍କୁ ପୂର୍ତ୍ତ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କଟକସ୍ଥିତ ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ଥିବା ପ୍ରଶାନ୍ତ କୁମାର ସେନାପତିଙ୍କୁ ରାଜସ୍ୱ ପର୍ଷଦର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରାଣୀସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତଙ୍କୁ ମତ୍ସ୍ୟସମ୍ପଦର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ ଥିବା ବଳୱନ୍ତ ସିଂଙ୍କୁ କୃଷି ବିପଣନ ଏବଂ ଓଏସ୍‌ଏଏମ୍‌ର ସଦସ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ବଳୱନ୍ତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ଭାବେ ମଧ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେ ଦାୟିତ୍ୱ ନେବା ଯାଏଁ ଆଇଏଫ୍‌ଏସ୍ ଅଫିସର ପ୍ରେମ କୁମାର ଝା ବିଡିଏ ଦାୟିତ୍ୱରେ ରହିବେ। ସେହିପରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ପ୍ରେମ୍ ଚନ୍ଦ୍ର ଚୌଧୁରୀ ଲିଗାଲ ମେଟ୍ରୋଲୋଜି ତଥା ଉପଭୋକ୍ତା ବ୍ୟାପାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ।

### କଂଗ୍ରେସକୁ ଫେରିଲେ ୩ ନେତା

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ମୟୂରଭଞ୍ଜ ଜିଲାର ହିମାଂଶୁ କୁମାର ପରିଡ଼ା, ନିରଞ୍ଜନ ମାଥୁର ଓ ପ୍ରମୋଦ ଚନ୍ଦ୍ର ସିଂ ବାବୁ ଶନିବାର କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୌଣସି କାରଣବଶତଃ ୨୦୧୬ରେ ସେମାନେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେମାନେ ଦଳକୁ ଫେରିଥିବା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବ ମୟୂରଭଞ୍ଜରେ କଂଗ୍ରେସକୁ ଅଧିକ ସକ୍ରିୟ କରିବ ବୋଲି ପିସିସି ସଭାପତି ନିରଞ୍ଜନ କହିଛନ୍ତି।

■ ଚାନ୍ଦବାଲି ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

# ‘କାଳିଆ’ ଏକ ଐତିହାସିକ ଯୋଜନା

ଭଦ୍ରକ ଅଫିସ/ଚାନ୍ଦବାଲି, ୨।୩ (ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭଦ୍ରକ ଜିଲା ଚାନ୍ଦବାଲି ଗସ୍ତରେ ଆସି ମୋଟ ୧୫୦୦ କୋଟି ଟଙ୍କାର ୩୬ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଦୁର୍ଗାପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ‘କାଳିଆ’ ଯୋଜନା ଏକ ଐତିହାସିକ ଯୋଜନା ବୋଲି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ଆସି ମଧ୍ୟାହ୍ନରେ ନିର୍ଦ୍ଧାରିତ ସମୟରେ ଚାନ୍ଦବାଲିରେ ପହଞ୍ଚିଥିଲେ। ପରେ ସେ ୩୧୯.୪୬ କୋଟି ଟଙ୍କାର ୧୮ ପ୍ରକଳ୍ପର ଉଦ୍‌ଘାଟନ ଓ ୧୧୭୭.୮୬କୋଟି ଟଙ୍କାର ୧୮ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ହୋଇଥିବାବେଳେ ୩ଟି ଭଦ୍ରକ, ଗୋଟିଏ ତିହିଡି ଓ ଗୋଟିଏ

**୧୮ ପ୍ରକଳ୍ପ ଉଦ୍‌ଘାଟିତ, ୧୮ ଶିଳାନ୍ୟାସ**

ଧାମନଗର ବ୍ଲକରେ ରହିଛି। ଉଦ୍‌ଘାଟିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ପାଇକରାପୁର ୧୩୨/୩୩ କେଭି ଗ୍ରୀଡ, ଭଦ୍ରକ-ଚାନ୍ଦବାଲି ରାସ୍ତା, ଗଦି ୩୩/୧୧ କେଭି ଷ୍ଟ୍ରକ୍‌ଚର, ମତୋ ୩୩/୧୧ କେଭି ଷ୍ଟ୍ରକ୍‌ଚର, ଚାନ୍ଦବାଲି ପାୱାର ଗ୍ରୀଡ, ଧାମରା ବନ୍ଦର ପରିସରରେ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ, ଭଦ୍ରକ-ଚାନ୍ଦବାଲି ରାସ୍ତାରୁ ଚାଲୁଣିଆ ରାସ୍ତା, ଛତରାଜୋର ନାଳ ଉପରେ ପୋଲ, କରଣପଲ୍ଲୀ(ଧାମରା) ଦକ୍ଷତା ବିକାଶ କେନ୍ଦ୍ର, ଚାନ୍ଦବାଲିଠାରେ ନେହେରୁ ଶିଶୁ ଉଦ୍ୟାନ, ଚାନ୍ଦବାଲି ସ୍ୱର୍ଗଦ୍ୱାର, ଚାନ୍ଦବାଲି ଷ୍ଟାଡିୟମ, ଖଦାଳପୋଖରୀ ପାନୀୟଜଳ ପ୍ରକଳ୍ପ, ଭଦ୍ରକ ପାଣ୍ଟିକା, ମହିଳା ପଲିଟେକ୍‌ନିକ ଓ ସର୍କିଟ ହାଉସ ପ୍ରମୁଖ ରହିଛି। ଶିଳାନ୍ୟାସ



ଚାନ୍ଦବାଲି ସାଧାରଣ ସଭାରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୮୯୨ କୋଟିରେ ମେଗା ପାନୀୟ ଜଳ ପ୍ରକଳ୍ପ ସର୍ବାଗ୍ରେ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଲୁଣାଞ୍ଚଳ କୁହାଯାଉଥିବା ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକ ପାଇଁ ମଧୁର ପାଣି ଉପଲବ୍ଧ ହେବ। ସେହିପରି ୨୧୫ କୋଟି ବ୍ୟୟରେ ଜାମଝାଡି-ଧାମରା ଭାୟା ବାସୁଦେବପୁର ରାସ୍ତା ନିର୍ମାଣ କରାଯିବ। ଏହାପରେ ମୁଖ୍ୟମନ୍ତ୍ରୀ ଦୁର୍ଗାପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା ଦ୍ୱାରା ଚାଷୀ ବେଶ୍ ଉପକୃତ ହେଉଥିବା କହିଥିଲେ। ପ୍ରଥମ କିସ୍ତି ସମସ୍ତ ଚାଷୀ ପାଇସାରିଥିବା ବେଳେ ୨ୟ କିସ୍ତି ଖୁବ୍‌ଶୀଘ୍ର ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ସେ କହିଥିଲେ। ନାମମାତ୍ର ଓ ଭୂମିହୀନ ଚାଷୀ ଏହି ଯୋଜନାରେ ସାମିଲ ହେବେ। ଜିଲାରେ ଏକକାଳୀନ ପ୍ରାୟ ୧୫୦୦ କୋଟି ଟଙ୍କା ବିନିଯୋଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବ। ‘ଏଣୁ ଆପଣମାନେ ଖୁସି ତ’ କହି ଲୋକଙ୍କୁ ହାତ ହଲାଇ ମାତ୍ର ୭ରୁ ୮ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ସାରିଥିଲେ। ଏହି ସଭା ଆଗାମୀ ନିର୍ବାଚନ ପାଇଁ ବିଜେଡି ସଭାପତିଙ୍କ ଦ୍ୱାରା ପ୍ରାଥମିକ ବିଗୁଲ୍ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅର୍ଜୁନ ଚରଣ ସେଠୀ, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମାନସୀ ସାହୁ, ପୂର୍ବତନ ବିଧାୟକ ବିଜୟ ନାୟକ, ତିହିଡି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ଯୁବନେତା ସଞ୍ଜୀବ ମଲ୍ଲିକ ଓ ଅଶୋକ ବଳ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଜିଲାର ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ ବିଜେଡି ନେତା ଅଜୟ ନାୟକ, ଦୁର୍ଗା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ ଓ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

### ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ଛୁରିଭୁସି ହତ୍ୟା

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ବସ୍ ଷ୍ଟାଣ୍ଡ୍ ନିକଟରେ ଜଣେ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ କେତେଜଣ ଦୁର୍ବୃତ୍ତ ଛୁରି ଭୁସି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଗଞ୍ଜାମ ଜିଲାର ଶିବଶଙ୍କର ଗୌଡ଼ (୨୦)। ସେ ଖଣ୍ଡଗିରି ତପୋବନ ବସ୍ତିରେ ପରିବାର ସହ ରହୁଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ସାଙ୍ଗ ଲିଙ୍ଗରାଜ ରେଡ୍ଡୀ ମଧ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛନ୍ତି। ଏଥିସହ ଆହତ ଲିଙ୍ଗରାଜଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୭ଟା ୩୦ରେ ଶିବଶଙ୍କର ଓ ଲିଙ୍ଗରାଜ ଜଣେ ସାଙ୍ଗର ବିବାହ କାର୍ଡ ବାଣ୍ଟିବାକୁ ଯାଉଥିଲେ। ପୂର୍ବରୁ ୧୦ରୁ ଊର୍ଦ୍ଧ୍ୱ ଯୁବକ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ନିକଟ ଏକ ଅନ୍ଧାରୁଆ ସ୍ଥାନରେ ଜଗି ରହିଥିଲେ। ଉକ୍ତ ବାଟଦେଇ ଶିବଶଙ୍କର ଓ ଲିଙ୍ଗରାଜ ବାଇକ୍‌ରେ ଯାଉଥିବାବେଳେ ସେମାନେ ଅଟକାଇ ଆକ୍ରମଣ କରିଥିଲେ।

# ବାଟମାରଣା ହେଉଛି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ଥ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି। ରାଜ୍ୟବାସୀ ଏହାର ସୁଫଳ ପାଉନାହାନ୍ତି। ଅନ୍ୟପଟେ ଏଥିପାଇଁ ଆସୁଥିବା ବିପୁଳ ଅର୍ଥ ବାଟମାରଣା ହେଉଛି। ଯୋଜନା ଅଗ୍ରଗତି ଏବଂ ସ୍ଥିତି ନେଇ କେନ୍ଦ୍ର ସରକାର ମଧ ସମୀକ୍ଷା କରୁ ନ ଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

ସେ କହିଛନ୍ତି ଯେ, ଓଡ଼ିଶାରେ ୧୭୭୦ଟି ପଞ୍ଜୀକୃତ ଏବଂ ୫୪ଟି ଅଣ ପଞ୍ଜୀକୃତ ରୋଗୀକଲ୍ୟାଣ ସମିତି ରହିଛି। ଏହି ରୋଗୀ କଲ୍ୟାଣ ସମିତିଗୁଡ଼ିକୁ ବାର୍ଷିକ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି। ଉକ୍ତ ଅର୍ଥ କିଭଳି ଖର୍ଚ୍ଚ କରାଯିବ ଏବଂ କେଉଁ ଜିନିଷପତ୍ର କିଣାଯିବ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ସରକାରୀ ନିର୍ଦ୍ଦେଶାବଳୀ ରହିଛି। ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଜିଲା ଶିଳ୍ପକେନ୍ଦ୍ରକୁ ପ୍ରାଥମିକତା ପ୍ରଦାନ କରାଯିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଅଗ୍ରାଧିକାର ଦେବାକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନଆର୍‌ଏଚ୍‌ଏମ୍) ନିର୍ଦ୍ଦେଶାବଳୀରେ ଉଲ୍ଲେଖ ଅଛି। ହେଲେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ଏ ସମ୍ପର୍କିତ କୌଣସି ତଥ୍ୟ ସ୍ୱାସ୍ଥ୍ୟ ସଚିବ କିମ୍ବା ମିଶନ ନିର୍ଦ୍ଦେଶିକାଙ୍କ ପାଖରେ ନାହିଁ। ସେହିପରି ମିଶନ ନିର୍ଦ୍ଦେଶିକା ୨୦୧୫ ଶେଷଭାଗରୁ ୨୦୧୭ ଆରମ୍ଭ ମଧ୍ୟରେ କୌଣସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ଅଭିଯୋଗ ଆଣିଲେ ନିରଞ୍ଜନ**

କରିନାହାନ୍ତି। ରୋଗୀ କଲ୍ୟାଣ ସମିତିଗୁଡିକ ସେମାନଙ୍କୁ ଦିଆଯାଉଥିବା ଅର୍ଥକୁ କିଭଳି ଖର୍ଚ୍ଚ କରୁଛନ୍ତି ତାହା ମଧ ସମୀକ୍ଷା କରୁ ନ ଥିବା ନିରଞ୍ଜନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋରାପୁଟ-ବଲାଙ୍ଗୀର-କଳାହାଣ୍ଡି(କେବିକେ)ଅଞ୍ଚଳରେ ଅଧିକାରୀଙ୍କ ପାଦ



ନିରଞ୍ଜନ ପଟ୍ଟନାୟକ

ପଡେନାହିଁ। ପ୍ରାପ୍ତ ଅଡିଟ ରିପୋର୍ଟ ଅନୁଯାୟୀ ରୋଗୀ କଲ୍ୟାଣ ସମିତି ଅର୍ଥକୁ ସରକାରୀସ୍ତରରେ ହରିଲୁଟ କରାଯାଇଛି। ରାଜ୍ୟ ସରକାର ଏ ସମ୍ପର୍କରେ ଜାଣି ମଧ ନୀରବ ରହିଛନ୍ତି। ଆରଟିଆଇ ତଥ୍ୟ ଅନୁଯାୟୀ ମୟୂରଭଞ୍ଜ ଜିଲାରେ ପ୍ରାୟ ୩୪ ଲକ୍ଷ, କେନ୍ଦ୍ରାପଡା ଜିଲାରେ ପ୍ରାୟ ୭୩ ଲକ୍ଷ, ଗଜପତି ଜିଲାରେ ଆଶାକର୍ମୀ ପ୍ରୋତ୍ସାହନ ପାଣ୍ଠିରୁ ପ୍ରାୟ ୮ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ରାଜଧାନୀସ୍ଥିତ ଭୁବନେଶ୍ୱର ୪ ନମ୍ବର ଡାକ୍ତରଖାନାର ରୋଗୀ କଲ୍ୟାଣ ସମିତି ଅର୍ଥ ତନ୍ମଧ୍ୟରୁ ବାଦ୍ ପଡିନାହିଁ। ଅଡିଟ ରିପୋର୍ଟ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ନିରଞ୍ଜନ କହିଛନ୍ତି।

# କଂଗ୍ରେସ-ବାମପନ୍ଥୀଙ୍କ ବୈଠକ ବିଫଳ

ଭୁବନେଶ୍ୱର, ୨।୩(ବ୍ୟୁରୋ)

କଂଗ୍ରେସ ଏବଂ ସିପିଆଇ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ରୂପ ନେଉନାହିଁ। ଏଥିପାଇଁ ଉଭୟ ଦଳ ମଧ୍ୟରେ ଆଲୋଚନା ଜାରି ରହିଛି। ଏହି କ୍ରମରେ ଶନିବାର ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ କଂଗ୍ରେସ ସିପିଆଇକୁ ଆସ୍କା ଲୋକ ସଭା ଏବଂ ୪ଟି ବିଧାନସଭା ଦେବା ପାଇଁ ରାଜି ହୋଇଛି। ଏହି ବିଧାନସଭା ଆସନଗୁଡିକ ହେଉଛି-ବୌଦ୍ଧ, ଛତ୍ରପୁର, ବ୍ରଜରାଜନଗର ଏବଂ ଖଲ୍ଲିକୋଟ। ହେଲେ ଏଥିରେ ରାଜ୍ୟ ସିପିଆଇ ନେତୃତ୍ୱ ସନ୍ତୁଷ୍ଟ ହୋଇନାହିଁ। ଜଗତସିଂହପୁର ଜିଲା ବାଲିକୁଦା-

**ବାଲିକୁଦା-ଏରସମା ପାଇଁ ଜିଦ୍ ଧରୁଛି ସିପିଆଇ**

ଏରସମା ବିଧାନସଭା ଆସନ ପାଇଁ ଜିଦ୍ କରୁଛି। ସେହିଅଞ୍ଚଳରେ ଅତୀତରେ ଦଳ ପୋସ୍କା ଆନ୍ଦୋଳନ ମୁଣ୍ଡେଇଥିବାରୁ ସେଠାରେ ଭଲ ସଙ୍ଗଠନ ରହିଛି। ତେଣୁ ସେଠାରେ ଦଳ ପ୍ରାର୍ଥୀ ଦେଲେ ଭଲ ପ୍ରଦର୍ଶନ କରିବା ନେଇ ବାମପନ୍ଥୀ ନେତାମାନେ ଆଶାବାଦୀ। ଶନିବାର ଏ ନେଇ ବୈଠକ ବିଫଳ ହେବାପରେ ରବିବାର ସିପିଆଇର ଜରୁରୀ ବୈଠକ ଡକାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଏଥିରେ ଯୋଗଦେବେ। ଯଦି କଂଗ୍ରେସ ବାଲିକୁଦା-ଏରସମା ପାଇଁ ରାଜି ନ ହୁଏ, ତେବେ ସିପିଆଇ ମେଣ୍ଟ ନେଇ ନିଷ୍ପତ୍ତିର ପୁନର୍ବିଚାର କରିବ ବୋଲି ଜଣାପଡିଛି। କଂଗ୍ରେସ ସହ ମେଣ୍ଟ ଭାଙ୍ଗିଲେ ସିପିଆଇ, ବିଏସ୍‌ପି ସହ ଯିବା ପାଇଁ ଚିନ୍ତା କରିପାରେ ବୋଲି ସୂଚନା ଦେଇଥିଲା। ଆସ୍କାରୁ ଲୋକ ସଭା ପ୍ରାର୍ଥୀ ପାଇଁ ସିପିଆଇ କେନ୍ଦ୍ରୀୟ କମିଟିକୁ ରାମକୃଷ୍ଣ ପଣ୍ଡା ଏବଂ ନାରାୟଣ ରେଡ୍ଡୀଙ୍କ ନାମ ସୁପାରିସ କରିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, କଂଗ୍ରେସ ନେତା ଅନନ୍ତ ସେଠୀ, ଜଗନ୍ନାଥ ପଟ୍ଟନାୟକ, ସିପିଆଇ ନେତା ନାରାୟଣ ରେଡ୍ଡୀ ଏବଂ ଆଶିଷ କାନୁନଗୋ ଉପସ୍ଥିତ ରହିଥିଲେ।






ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ।

–ଶ୍ରୀଅରବିନ୍ଦ

# କ୍ଷୁଣ୍ଣ ହେଉଛି ମହାନତା



ଆକାର ପଟେଲ

ଗତ ସପ୍ତାହରେ ଯାହା ଘଟିଲା ତାହାକୁ ନେଇ ବିଶେଷ ଉତ୍ସାହିତ ହୋଇ ନ ଥିବା ଅଳ୍ପସଂଖ୍ୟକ ଭାରତୀୟଙ୍କ ଭିତରେ ମୁଁ ଜଣେ। ମୁଁ ପାକିସ୍ତାନର ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଭାରତୀୟ ବାୟୁସେନାର ଆକ୍ରମଣ, ପରଦିନ ଏହା ଉପରେ ସେମାନଙ୍କର ପ୍ରତିକ୍ରିୟା, ତା'ପରେ ପାକିସ୍ତାନ କବ୍ଜାକୁ ଚାଲିଯାଇଥିବା ପାଇଲଟଙ୍କୁ ନେଇ ଦୁଇଦିନ ଧରି ଯେଉଁ ଡ୍ରାମା ଚାଲିଲା ଏବଂ ଶେଷରେ ଶୁକ୍ରବାର ରାତିରେ ତାଙ୍କୁ ମୁକ୍ତି ମିଳିଲା, ସେଇ କଥା କହୁଛି। ମୁଁ ଏହାକୁ ନେଇ ବିଶେଷ ଉତ୍ସାହିତ ନ ହେବାର ଅନେକ କାରଣ ଅଛି ଏବଂ କେତେକ ବିଷୟରେ ଆପଣମାନେ ଏକମତ ନ ହୋଇପାରନ୍ତି।

ଆପଣ ପାକିସ୍ତାନକୁ ଘୃଣା କରନ୍ତୁ ନାହିଁ। ମୁଁ ଅନେକ ଥର ସେ ଦେଶକୁ ଯାଇଛି ଏବଂ ସେ ଦେଶର ଅନେକ ଲୋକଙ୍କୁ ଜାଣିଛି। ମୁଁ ଜାଣେ ସେମାନଙ୍କ ସରକାର ଅନେକ ଭୟଙ୍କର କାମ କରୁଛନ୍ତି, କିନ୍ତୁ ସେଥିପାଇଁ ସେ ଦେଶର ସବୁ ଅଧିବାସୀଙ୍କୁ ଦୋଷ ଦେବା ଠିକ୍ ନୁହେଁ। ଯଦି ଆମ ଦେଶରେ, ବିଶେଷତଃ କଶ୍ମୀରରେ ଆମେ ଏକାଠି ମିଳିମିଶି କାମ କରିପାରନ୍ତୁ, ତେବେ ସେମାନଙ୍କ ସରକାର ଯାହା କରନ୍ତୁ ନା କାହିଁକି, ତାହା ଆମ ଦେଶକୁ ବିଶେଷଭାବେ ପ୍ରଭାବିତ କରିପାରନ୍ତା ନାହିଁ। ନରେନ୍ଦ୍ର ମୋଦିଙ୍କ କଡ଼ା ଶାସନରେ କଶ୍ମୀରରେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି, ଯାହା ୨୦୧୪ରେ ୧୮୯ ଥିବାବେଳେ ୨୦୧୬ରେ ୨୬୭, ୨୦୧୭ରେ ୩୫୭ ଓ ୨୦୧୮ରେ ୪୫୧ ହୋଇଛି। ସେଠାରେ ଶହୀଦ ହୋଇଥିବା ଆମ ସୈନିକଙ୍କ ସଂଖ୍ୟା ମଧ୍ୟ ୪୭ରୁ ୯୧କୁ ବୃଦ୍ଧି ପାଇଛି। ବୃଥାଟାରେ ଆମେ ଏତେ ଲଢ଼ୁଆ ଯୋଦ୍ଧାଙ୍କୁ ହରେଇବା କ'ଣ ଭାରତ ପାଇଁ ଭଲ ? ଯଦି ଆମେ ଆମ ସରକାରଙ୍କ ପ୍ରଦର୍ଶନ ଓ ନୀତିଗୁଡ଼ିକୁ ଦେଖିବା, ତେବେ ଆମକୁ ତଥ୍ୟ ଓ ପରିସଂଖ୍ୟାନ ଉପରେ ନଜର ପକାଇବାକୁ ହେବ। କଶ୍ମୀରରେ ଆମେ ବିଫଳ ହୋଇଛୁ ଏବଂ ଆମ ପ୍ରଦର୍ଶନକୁ ଭଲ ଦର୍ଶାଇବା ପାଇଁ ନାଟକବାଜିର ଆଶ୍ରୟ ନେଉଛୁ।

ପାକିସ୍ତାନରେ ବୋମାମାଡ଼ କରି ଭାରତର କିଛି ଲାଭ ହେବ ବୋଲି ମୁଁ ଭାବୁନାହିଁ। ଏ ସମ୍ପର୍କରେ ମୋଦିଙ୍କ ଯୁକ୍ତି କ'ଣ ମୁଁ ଜାଣେ, କିନ୍ତୁ ମୁଁ ଭାବୁଛି ତାହା ଭୁଲ୍। ସାମରିକ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଯେଉଁସବୁ ଯୁକ୍ତି ମୁଁ ଶୁଣିଆସୁଛି, ସେଗୁଡ଼ିକ ହେଲା– ୧) ପାକିସ୍ତାନ ଆମର କ୍ଷତି କରୁଛି, ତେଣୁ ଆମେ ତା'ର କ୍ଷତି କରିବା ଉଚିତ। ୨) ଯଦି ଆମେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ, ତା'ହେଲେ ଭବିଷ୍ୟତରେ ଆମର କ୍ଷତି କରିବା ପୂର୍ବରୁ ସେମାନେ ଦୁଇଥର ଭାବିବେ। ୩) ପାକିସ୍ତାନ ତା' ମାଟିରେ ଆତଙ୍କବାଦୀ ଭିତ୍ତିଭୂମି ବନ୍ଦ କରିବା ପାଇଁ ଏହି ଆକ୍ରମଣ ତା' ଉପରେ ଚାପ ପକାଇବ। ଏହି ଯୁକ୍ତିଗୁଡ଼ିକ ଉପରେ ନିର୍ଦ୍ଦିଷ୍ଟ ଭାବେ ମୋର କିଛି ଆପତ୍ତି ନାହିଁ। କିନ୍ତୁ ମୁଁ ଭାବୁଛି ଏହା ଆଶାନୁରୂପ ଫଳପ୍ରଦ ହେବ ନାହିଁ। ଏହାଦ୍ୱାରା ଯେତିକି ସୁଫଳ ମିଳିବ, ତା'ଠୁ ଅଧିକ କୁଫଳ ମିଳିବ, ଯାହା ଭାରତୀୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ।

ଏହି କାର୍ଯ୍ୟାନୁଷ୍ଠାନ ଆଉ ଏକ ଯୁକ୍ତିକୁ ବଳ ଯୋଗାଉଛି ଯେ, ଆମେ ପ୍ରତିରକ୍ଷା କ୍ଷେତ୍ରରେ ଏବଂ ଲଢ଼ୁଆ ବିମାନ ଓ ଅସ୍ତ୍ରଶସ୍ତ୍ର ଆଦି କିଣିବାରେ ଅଧିକ ବ୍ୟୟବରାଦ କରିବା ଉଚିତ। ଆମେ ପ୍ରତିରକ୍ଷା କ୍ଷେତ୍ରରେ ବର୍ଷକୁ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛୁ। ଭାରତ ପରି ଗରିବ ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟରୁ କାଟି ଏହି ଅର୍ଥକୁ ଆମେ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛେ। ସେନା ଉପରେ ଗୁରୁତ୍ୱ ରହିଲେ ସାମରିକ କ୍ଷେତ୍ରରେ ଅଧିକ ବ୍ୟୟ କରିବା ପ୍ରସ୍ତାବକୁ ନେତାମାନେ ସହଜରେ ବିରୋଧ କରିପାରିବେ ନାହିଁ।

ସରକାର ଲୋକଙ୍କ ଦୃଷ୍ଟିକୁ ଅନ୍ୟଆଡ଼େ ନେବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ ସପ୍ତାହରେ ମଧ୍ୟ ଖବର ଆସିଥିଲା ଯେ ଆମର ଅର୍ଥନୀତି ମାନ୍ଦା ହୋଇଛି ଏବଂ ଅଭିବୃଦ୍ଧି ହ୍ରାସ ପାଇଛି। ବେକାରି ୭% ଟପିଛି, ଯାହା ଗତ ୪୦ ବର୍ଷ ଭିତରେ ସର୍ବାଧିକ। ଏହା ଉପରେ ଏବେ କାହାରି ଦୃଷ୍ଟି ପଡୁନାହିଁ, କାରଣ ଆମର ଦୃଷ୍ଟିକୁ ଏବେ ଅନ୍ୟ ଆଡ଼କୁ ଟାଣି ନିଆଯାଇଛି।

ମୁଁ ଭାରତକୁ ଏକ ଜାତି, ଏକ ଦେଶ ଓ ଏକ ସଂସ୍କୃତି ହିସାବରେ ଭାବେ, ଯାହାର ସମଗ୍ର ପୃଥିବୀ ଓ ସମଗ୍ର ମାନବଜାତି ପ୍ରତି କିଛି ଅବଦାନ ରହିବା ଆବଶ୍ୟକ। ଗତ କିଛିବର୍ଷ ଭିତରେ ଆମେ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ଭିତରେ ପରସ୍ପରର ଶତ୍ରୁ ଭାବେ ନିଜକୁ ଓ ନିଜ ଦେଶକୁ ସଂକୁଚିତ କରିସାରିଛୁ। ଯେତେ ସମୟ ପର୍ଯ୍ୟନ୍ତ ଆମେ ପାକିସ୍ତାନକୁ ଜବତ କରିପାରୁଛୁ, ସେ ପର୍ଯ୍ୟନ୍ତ ଆମେ ଖୁସି। ଆମେ ବାସ୍ତବରେ ସେମାନଙ୍କୁ ଜବତ କରିନୁ, ତେବେ ତାହା ଏକ ଭିନ୍ନ ପ୍ରସଙ୍ଗ। ଆମର ଉଚ୍ଚାଭିଳାଷ ଓ ଦୃଷ୍ଟିକୋଣ ସଂକୀର୍ଣ୍ଣ ହୋଇଯାଇଛି। ଆମେରିକା, ପଶ୍ଚିମ ୟୁରୋପ ବା ଚାଇନା ସହ ପ୍ରତିଯୋଗିତା କରିବା ଲାଗି ଆମ ପାଖରେ କିଛି ନାହିଁ। ସେମାନଙ୍କ ସହ ବାସ୍ତବ ପ୍ରତିଦ୍ୱନ୍ଦ୍ୱିତା କଥା ଆମେ ଚିନ୍ତା ବି କରିପାରୁନୁ। ଆମର ଏକମାତ୍ର ଲକ୍ଷ୍ୟ ହେଉଛି ନିଜକୁ ପାକିସ୍ତାନଠାରୁ ଉତ୍କୃଷ୍ଟ ସାବ୍ୟସ୍ତ କରିବା। ଭାରତ ପରି ମହାନ୍ ଦେଶର ଉଚ୍ଚାଭିଳାଷ କ'ଣ ଏତିକିରେ ସୀମିତ ରହିବା ଉଚିତ ? ଆମେ ପାକିସ୍ତାନଠୁ କାହିଁରେ କେତେଗୁଣ ବଡ଼ ଏବଂ ବିଶ୍ୱକୁ ଅବଦାନ ଦେବା ଲାଗି ଆମର ସାମର୍ଥ୍ୟ ଅଛି– ଆମେ ଏହିପରି ଚିନ୍ତା କରିବା ଉଚିତ। ପାକିସ୍ତାନ ପରି ଛାର ଦେଶ ଉପରେ ଗୁରୁତ୍ୱ ଦେଇ ଆମେ ଯେତିକି ଶକ୍ତିସାମର୍ଥ୍ୟ ସାରୁଛୁ, ସେଥିରେ ଆମର ମହାନତା କ୍ଷୁଣ୍ଣ ହେଉଛି।

Email: aakar.patel@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | | | 7 | | D | | 6 | | | | 8 | | |
| 8 | | E | | C | D | 9 | | | | | 0 | | | |
| | | | | | | | C | | | | | 2 | 4 | 5 |
| | | | | | B | E | | 1 | | | | | | |
| | | C | 4 | 6 | 3 | | 5 | | | | 9 | | | 1 |
| 0 | | | | | 8 | B | | C | | 9 | | 6 | | |
| | 7 | | | | 1 | | | | | | 2 | | B | |
| | 4 | | | | | | | 7 | | | | | A | 8 |
| | | 5 | 7 | 9 | E | | | 0 | | D | | | | 4 |
| 1 | E | B | | | | | | A | | | | 5 | 2 | 7 |
| | | 0 | | 1 | C | | B | | | | D | 9 | | |
| | | 9 | 8 | 3 | | 7 | | 5 | | 0 | | | | |
| | B | | 9 | | 7 | 2 | 3 | | | | | | E | |
| | C | | 2 | D | 5 | | | | | 3 | A | | | 0 |
| | | | | | | | | | 4 | E | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 9 | 2 | 3 | 8 | B | D | 0 | E | C | 7 | 6 | 5 | A | 4 |
| 7 | 0 | D | 4 | 5 | 6 | C | A | 1 | E | 2 | 9 | 3 | 8 | B |
| 3 | A | B | 1 | 2 | E | 7 | 6 | 8 | D | 5 | 4 | 0 | C | 9 |
| C | 8 | E | A | 7 | 9 | 4 | 3 | 5 | 0 | B | 1 | D | 6 | 2 |
| 5 | 4 | 6 | D | 0 | C | B | 2 | 9 | 3 | A | 8 | 7 | E | 1 |
| B | 3 | C | 0 | A | 1 | 8 | 9 | 4 | 5 | 6 | 2 | E | 7 | D |
| 0 | 6 | A | 5 | 9 | 4 | E | 1 | D | B | C | 7 | 2 | 3 | 8 |
| 4 | D | 7 | E | 6 | 2 | 3 | C | A | 8 | 9 | 0 | 1 | B | 5 |
| E | 5 | 1 | 8 | D | 7 | 2 | B | 0 | A | 4 | 3 | C | 9 | 6 |
| 8 | 2 | 9 | B | C | 3 | 6 | 5 | 7 | 1 | E | D | 4 | 0 | A |
| A | C | 8 | 2 | 1 | 5 | 9 | 4 | 3 | 7 | 0 | B | 6 | D | E |
| D | 7 | 4 | 9 | 3 | 8 | 0 | E | B | 6 | 1 | 5 | A | 2 | C |
| 9 | E | 0 | 6 | B | A | 1 | 7 | 2 | 4 | D | C | 8 | 5 | 3 |
| 6 | B | 5 | 7 | 4 | D | A | 8 | C | 2 | 3 | E | 9 | 1 | 0 |
| 2 | 1 | 3 | C | E | 0 | 5 | D | 6 | 9 | 8 | A | B | 4 | 7 |

ଗତକାଲିର ଉତ୍ତର

# ହୃତ୍‌ପିଣ୍ଡ ଓ ହୃଦୟ



ଚିତ୍ର–ଚରିତ୍ର

ନିରଞ୍ଜନ ପାଢ଼ୀ

ହୃତ୍‌ପିଣ୍ଡ ଓ ହୃଦୟ। ପ୍ରତ୍ୟେକ ପ୍ରାଣୀର ବକ୍ଷ ତଳେ ଅହରହ ସ୍ପନ୍ଦିତ ହୋଇ ଗୋଟିଏ ଗତିମାନ ଜୀବନର ସ୍ପଷ୍ଟ ସୂଚନା ଦେଉଥିବା ସେଇ ଜୈବିକ ଯନ୍ତ୍ରଟିର ନାମ ହୃତ୍‌ପିଣ୍ଡ ନା ହୃଦୟ ? ସାଧାରଣ ବାହ୍ୟ ଦୃଷ୍ଟିରେ ଏ ଦୁଇଟି ଶବ୍ଦ ମଧ୍ୟରେ ଏକ ସ୍ୱଚ୍ଛ ପାର୍ଥକ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ଅନ୍ତର୍ଦୃଷ୍ଟିରେ ଦୁହେଁ ଯାକ ଏକ ଓ ଅଭିନ୍ନ। ଦାରୁଦେବତା ଜଗନ୍ନାଥଙ୍କ ମଧ୍ୟରେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରାଣସତ୍ତା ନିହିତ ଥିଲାଭଳି ଅଳିନ୍ଦ, ନିଳୟ ଓ ରକ୍ତବାହୀ ଧମନୀକୁ ନେଇ ହୃତ୍‌ପିଣ୍ଡ ହିଁ ଗୋଟିଏ ହୃଦୟର ସାକାର ଶବ୍ଦସ୍ୱର। ସ୍ନେହ, ଶ୍ରଦ୍ଧା, ମାୟା, ମମତା, ପ୍ରୀତି ପ୍ରଣୟ, ସେବା ଶୁଶ୍ରୂଷା ବା ସମ୍ବେଦନା ଓ ସହୃଦୟତା ଆଦି ମାନବୀୟ ଗୁଣରାଜିର ଗଭୀର ଗନ୍ତାଘର ହିଁ ହୃଦୟ। ପୁଣି ଶରୀରତତ୍ତ୍ୱ ଅନୁଯାୟୀ ସେଇ ଜୈବିକ ଯନ୍ତ୍ରଟିର ନାମ ହୃତ୍‌ପିଣ୍ଡ, ଯାହା ହୃଦୟ ଭଳି ଭିନ୍ନ ଭିନ୍ନ ପରିବେଶ ଓ ପରିସ୍ଥିତିରେ ଭିନ୍ନ ଭିନ୍ନ ପ୍ରକାରର ପ୍ରତିକ୍ରିୟା ପ୍ରକାଶ କରିଥାଏ। ହର୍ଷମୁଖର ଅନୁଭବକୁ ନେଇ ହୃଦୟ ଆହ୍ଲାଦିତ ହେଲେ ହୃତ୍‌ପିଣ୍ଡରେ ରକ୍ତ ସଞ୍ଚାଳନ ତୀବ୍ରତର ହୁଏ। ପୁଣି ବିଷାଦଭରା ମୁହୂର୍ତ୍ତଗୁଡ଼ିକୁ ମୁକାବିଲା କରି ନ ପାରି ହୃଦୟରେ ଦାରୁଣ ଆଘାତ ଲାଗିଲେ ହୃଦୟର ସ୍ପନ୍ଦନ ମନ୍ଥର ହୋଇଉଠେ, ଏମିତିକି ବେଳେବେଳେ ନିସ୍ପନ୍ଦ ହୋଇଯାଏ ଚିରଦିନ ପାଇଁ।

ହୃଦୟ ଓ ହୃତ୍‌ପିଣ୍ଡ ମଧ୍ୟରେ ଏ ପ୍ରକାର ସମାନତା କେବଳ କବିର କଳ୍ପନା ନୁହେଁ କି ଲେଖକଙ୍କର ଲିପିଲୀଳା ନୁହେଁ। ଏହି ଅଭିନ୍ନତା ବିଜ୍ଞାନସମ୍ମତ ଓ ବିଜ୍ଞାନୀ ସମର୍ଥିତ। ତା' ନ ହେଲେ ହୃଦ୍‌ରୋଗୀଙ୍କୁ ଚିକିତ୍ସା କରୁଥିବା ଚିକିତ୍ସକ ବହୁବିଧ ଉପଚାର ମଧ୍ୟରେ ଏ କଥା କହନ୍ତେ ନାହିଁ ଯେ, କୌଣସି କଥାରେ ଟେନ୍‌ସନ୍ ନେବନାହିଁ। ମନ ଭିତରୁ ସୃଷ୍ଟି ହୋଇଥିବା କୌଣସି ଅସମାହିତ ସମସ୍ୟାକୁ ସେଇ ଉପରେ ଉପରେ ଛାଡ଼ିଦେବ ସିନା, ମୁଣ୍ଡରୁ ତଳକୁ ଆଣି ଛାତି ଭିତରକୁ ନେବନାହିଁ। ଅଥଚ ବିଡମ୍ବନାର ବିଷୟ ରୋଗୀଙ୍କୁ ହୃଦୟ ଓ ହୃତ୍‌ପିଣ୍ଡର ଅଭିନ୍ନତା ସମ୍ପର୍କରେ ସତର୍କ କରୁଥିବା ଡାକ୍ତରମାନଙ୍କ ମଧ୍ୟରୁ ଅନେକେ ଲକ୍ଷ ଲକ୍ଷ ଟଙ୍କାର ସହଜଲଭ୍ୟ ଅର୍ଥ ଅର୍ଜନ କରିବା ଅଭିଳାଷ ନେଇ ନିଜେ ହୃତ୍‌ପିଣ୍ଡରୁ ହୃଦୟକୁ ଦୂରେଇ ଦିଅନ୍ତି। ହାତରେ ଅସ୍ତ୍ର ଧରି ହୃତ୍‌ପିଣ୍ଡରେ ସ୍ପନ୍ଦନ ଶକ୍ତି ସଞ୍ଚାରିତ କରୁଥିଲା ବେଳେ ନିଜେ ଅତ୍ୟନ୍ତ ହୃଦୟହୀନ ହୋଇପଡ଼ନ୍ତି।

ପୂର୍ବରୁ ଚିକିତ୍ସା ବିଜ୍ଞାନ ଯେତେବେଳେ ଅନ୍ୟ ବହୁ ବିଜ୍ଞାନ ପରି ଏତେଟା ବିକଶିତ ହୋଇ ନ ଥିଲା ସେତେବେଳେ ମଣିଷର ସମଗ୍ର ଶରୀରର ଚିକିତ୍ସା କରୁଥିଲେ ଜଣେ ଡାକ୍ତର। ମାତ୍ର ଏବେ ବିଜ୍ଞାନର ଜୟଯାତ୍ରା ଯେତେବେଳେ ଉତ୍ତୁଙ୍ଗ ଶିଖରରେ, ଶରୀରତତ୍ତ୍ୱକୁ ନେଇ ଯେଉଁଠି ନିତିଦିନ ନୂଆ ନୂଆ ଗବେଷଣା, ସେତେବେଳେ ମଣିଷ ଶରୀରର ପ୍ରତ୍ୟେକ ଅଙ୍ଗ ପାଇଁ ଜଣେ ଜଣେ ବିଶାରଦ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣପ୍ରାପ୍ତ। ଶରୀରର ସମସ୍ତ ଅଙ୍ଗ ମଧ୍ୟରେ ସବୁଠୁ ମୂଲ୍ୟବାନ ବୋଲି ହୃତ୍‌ପିଣ୍ଡର ଚିକିତ୍ସା ଯେମିତି ବ୍ୟୟବହୁଳ, ଏହାର ସଫଳ ଚିକିତ୍ସକ ମଧ୍ୟ ସେମିତି ବିରଳ। ସୁତରାଂ ଚିକିତ୍ସା ଜଗତରେ ଏମାନେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ, ସବୁଠୁଁ ମହତ୍ତ୍ୱପୂର୍ଣ୍ଣ ଆସନରେ ଆସୀନ। ଏମାନଙ୍କ ହାତରେ କାଉଁରି ସ୍ପର୍ଶରେ ଜୀବନ–ଯନ୍ତ୍ରଣାର ଜ୍ୱଳନରେ ଅହରହ ଜଳୁଥିବା ହୃଦ୍‌ରୋଗୀଟିଏ ଲାଭ କରିପାରେ ଶୀତଳ ଚନ୍ଦନର ମୁଗ୍ଧ ଅନୁଭବ। ନିଜ ପ୍ରିୟଜନଙ୍କ ଜୀବନ ନାଟିକାର ସମ୍ଭାବ୍ୟ ଯବନିକାରେ ବିକଳ ହୋଇ ପଡିଥିବା ସମ୍ପର୍କୀୟମାନଙ୍କ ଆଖିରେ ଏମାନେ ଭରିଦେଇପାରନ୍ତି ମୁଠା ମୁଠା ମିଠା ମିଠା ସ୍ୱପ୍ନ।

ମାତ୍ର ବିଡ଼ମ୍ବନାର ବିଷୟ ସମସ୍ତଙ୍କ ପାଇଁ ଏ ସ୍ୱପ୍ନ ଆଦୌ ସୁଲଭ ନୁହେଁ। ଯେଉଁମାନେ ଅକାତରେ ଖର୍ଚ୍ଚ କରିଥାନ୍ତି ଲକ୍ଷ ଲକ୍ଷ ଟଙ୍କା, ସେଇମାନେ ହିଁ କେବଳ ଏ ପ୍ରକାର ସ୍ୱପ୍ନ କିଣିପାରନ୍ତି। ମୃତ୍ୟୁର ଶକ୍ତ ପଞ୍ଝା ମଧ୍ୟରୁ ନିଜକୁ ମୁକୁଳାଇ ନେଇପାରନ୍ତି। ଭଙ୍ଗା ଆଇନାକୁ ସଜାଡି ଦେଇ ତା' ଭିତରେ ମୁହଁ ଦେଖି ପାରିବାର ସାମର୍ଥ୍ୟ ଅର୍ଜନ କରିପାରନ୍ତି। ତେବେ ଅର୍ଥ କ'ଣ ଏତେ ଶକ୍ତିଶାଳୀ ଯେ ଟ୍ରାଫିକ ପୋଲିସ ପରି ହାତ ଦେଖାଇ ମୃତ୍ୟୁକୁ ଅଟକାଇ ଦେଇପାରେ। ଏ ପ୍ରସଙ୍ଗରେ ଜଣେ ହୃଦ୍‌ରୋଗୀ ପିତାଙ୍କ ହତଭାଗ୍ୟ ପୁଅଟିର ଏ ମର୍ମସ୍ପର୍ଶୀ କାହାଣୀଟି ଶୁଣାଯାଉ।

ଆର୍ଥିକ ଦୃଷ୍ଟିରୁ ଏତେ ସ୍ୱଚ୍ଛଳ ନ ହେଲେ ବି ଷାଠିଏ ଅତିକ୍ରମ କରିଥିବା ବାପାଙ୍କ ହୃଦ୍‌ରୋଗର ଚିକିତ୍ସା କରିବାକୁ ରାଜଧାନୀର ସବୁଠୁଁ ବ୍ୟୟବହୁଳ ତଥା ନିର୍ଭରଶୀଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ ପୁଅ। ତାଙ୍କୁ କୁହାଯାଇଥିଲା, ''ରାଜ୍ୟର ସବୁଠାରୁ ସୁଖ୍ୟାତ ଏହି ହସ୍ପିଟାଲରେ ଆମେ ଏ ଯାଏ ଶତକଡା ପଞ୍ଚାନବେ ହାରରେ ସଫଳତା ପାଇଛୁ। ସୁତରାଂ ଚିନ୍ତା କରିବାର କିଛି କାରଣ ନାହିଁ, ସପ୍ତାହେରୁ ଦଶଦିନ ପର୍ଯ୍ୟନ୍ତ ହସ୍ପିଟାଲରେ ରହଣି, ଅପରେଶନ ଓ ଆନୁଷଙ୍ଗିକ ଔଷଧର ସର୍ବମୋଟ ଖର୍ଚ୍ଚ ପଡ଼ିବ ପ୍ରାୟ ତିନି ଲକ୍ଷ ଟଙ୍କା। ବାପାଙ୍କୁ ଆଡମିଶନ୍ କରାଇ ତାଙ୍କ ଶଯ୍ୟା ପାଖରେ ବସି ଅପରେଶନ ଦିନଟିକୁ ଅପେକ୍ଷା କରୁଥିଲା ବେଳେ ପୁଅ ଭାବୁଥିଲେ, ''ସବୁ କାଳରେ ଦାରିଦ୍ର୍ୟ ସମସ୍ତଙ୍କ ପାଇଁ ଏକ ଅଭିଶାପ। ଦରିଦ୍ର ହୋଇ ଜନ୍ମ ନେବା ତ ଏକ ଦୁର୍ଭାଗ୍ୟ। ଦରିଦ୍ର ହୋଇଥିବା ଯୋଗୁ ବିନା ଚିକିତ୍ସାରେ ଅକାଳରେ ମରିଯିବା ହିଁ ତାହାଠୁଁ ବଳି ବଡ଼ ଦୁର୍ଭାଗ୍ୟ। ଟଙ୍କା ଖର୍ଚ୍ଚ କରି ଯେଉଁଠି ଜୀବନକୁ ମୃତ୍ୟୁମୁଖରୁ ଅଟକାଇ ଦେଇହୁଏ, ସେଠି ଏକ ନିରାମୟ ଜୀବନ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବାର ବା ଆବଶ୍ୟକତା କ'ଣ ? ସେଇ ମୁହୂର୍ତ୍ତରେ ସେହି ହସ୍ପିଟାଲର ଡାକ୍ତରମାନେ ଈଶ୍ୱରଙ୍କଠାରୁ ପୁଅଟିକୁ ବଡ଼ ଜଣା ପଡୁଥିଲେ।

ଅଥଚ ସପ୍ତାହେ ନୁହେଁ ପ୍ରାୟ ଚାରି ସପ୍ତାହ ରହିବାକୁ ପଡ଼ିଥିଲା ତାଙ୍କ ବାପାଙ୍କୁ ସେହି ଖ୍ୟାତିସମ୍ପନ୍ନ ହସ୍ପିଟାଲରେ। ତିନିଲକ୍ଷ ଟଙ୍କାର ପ୍ରସ୍ତାବିତ ବ୍ୟୟ ଅଟକଳ ପ୍ରାୟ ଦୁଇଗୁଣ ହୋଇଯାଇଥିଲା ଡିସ୍‌ଚାର୍ଜ ହେଲାବେଳକୁ। ଏକ ନିଶ୍ଚିତ ଆରୋଗ୍ୟର ଆଶା କଥା ଦୂରେ ଥାଉ, ପ୍ରତ୍ୟେକ ମୁହୂର୍ତ୍ତ ବିତୁଥିଲା ଚରମ ଅନିଶ୍ଚିତତା ମଧ୍ୟରେ। ହୃଦ୍‌ଯନ୍ତ୍ର ମରାମତି କରିବାରେ ନିପୁଣତା ହାସଲ କରିଥିବା ସେଇ ବିଶାରଦମାନେ ଶେଷଆଡକୁ କେମିତି ସମର୍ପଣ କରି ଆସୁଥିଲେ ଈଶ୍ୱର ବୋଲି ସେଇ ରହସ୍ୟମୟ ଶକ୍ତି ଆଗରେ। କହୁଥିଲେ, 'ଆମେ ସିନା ଚିକିତ୍ସା କରୁଛୁ, କିନ୍ତୁ ଆରୋଗ୍ୟ କରନ୍ତି ଈଶ୍ୱର। ଶେଷରେ ମାସକର ଚିକିତ୍ସା ଓ ଛଅଲକ୍ଷ ଟଙ୍କାର ଶେଷଗତି ଘଟିଲା ଏକ କରୁଣ ଉପସଂହାରରେ। ନିଜ ବାପାଙ୍କ ଦୁଃଖଦ ବିୟୋଗରେ।

ହୃତ୍‌ପିଣ୍ଡର ଚିକିତ୍ସା କରୁଥିବା ହୃଦ୍‌ରୋଗ ବିଶେଷଜ୍ଞମାନଙ୍କୁ ହୃଦ୍‌ଯନ୍ତ୍ର ବଦଳରେ ହୃଦୟ ଶବ୍ଦଟିର ପ୍ରୟୋଗ କରିବାକୁ କୁହାଗଲେ ସେମାନେ ହୁଏତ ହସିବେ ଓ କହିବେ, 'ହୃଦୟ ଏକ କାବ୍ୟିକ ଉଚ୍ଚାରଣ, ଏକ ମାନବୀୟ ଆବେଦନ। ଚିକିତ୍ସା ବିଜ୍ଞାନରେ ଏପରି ଶବ୍ଦ ପ୍ରୟୋଗର କିଛି ମହତ୍ତ୍ୱ ନାହିଁ। ଆମ ଚିକିତ୍ସକଙ୍କ ଦୃଷ୍ଟିରେ ହୃତ୍‌ପିଣ୍ଡ ଶରୀରର ଏକ ପ୍ରମୁଖ ଅଙ୍ଗ ଓ ଏହାକୁ ସୁସ୍ଥ ରଖିବାକୁ ନିଜ ବିଦ୍ୟା ଓ ବିଜ୍ଞାନ ପ୍ରୟୋଗ କରିବା ଜଣେ ହୃଦ୍ ବିଶେଷଜ୍ଞଙ୍କ ପ୍ରଧାନ କର୍ତ୍ତବ୍ୟ। ଏମିତି ବି ଭାବୁଥିଲେ ଅନ୍ୟ ବହୁ ଡାକ୍ତରଙ୍କ ପରି ଦିଲ୍ଲୀର ସ୍ୱନାମଧନ୍ୟ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡାକ୍ତର କୋଠାରୀ, ଯେ ଯାଏ ସେ ସେଇ ୭ ବର୍ଷର ଝିଅଟିକୁ ନିଜ ରୋଗୀ ଭାବରେ ପାଇ ନ ଥିଲେ। ବଡ଼ ବିଚିତ୍ର ସେ ଅନୁଭବ, ତାଙ୍କ ଡାକ୍ତରୀ ଜୀବନର ଏକ ଚମତ୍କାର !

ସାତବର୍ଷର ଟିକି ଝିଅଟିର ଆୟୁଷ ସରି ସରି ଆସୁଥିଲା। ଜନ୍ମ ବେଳରୁ ନିଜ ହୃତ୍‌ପିଣ୍ଡରେ ଏକ ଛିଦ୍ର ନେଇ ପୃଥିବୀକୁ ଆସିଥିବାରୁ ସେ ଅନ୍ୟମାନଙ୍କ ଭଳି ସ୍ୱାଭାବିକ ଜୀବନଟିଏ ଜିଇପାରୁ ନ ଥିଲା। ସାତବର୍ଷ ନ ହେଲେ ତାକୁ ଅପରେଶନ କରିବା ପାଇଁ ସ୍ପଷ୍ଟ ମନା କରିଥିଲେ ଡାକ୍ତର। ମା'ବାପା ଦୁହେଁ ପ୍ରତି ମୁହୂର୍ତ୍ତରେ ଗଣି ଚାଲିଥିଲେ ଝିଅଟିର ବୟସ। ସାତବର୍ଷ ହେଲା ପରେ ଯେତେବେଳେ ତାକୁ ଡାକ୍ତର କୋଠାରୀଙ୍କ ପାଖକୁ ଅଣାଗଲା, ସେତେବେଳେ ସେ ତାଙ୍କୁ ଚମକାଇ ଦେଇଥିଲା ତାଙ୍କ ଉପରେ ଅଦ୍ଭୁତ ଦାୟିତ୍ୱ ଅର୍ପଣ କରି। କହିଥିଲା, ''ମୋ ମାଆଙ୍କ ପାଖରୁ ଶୁଣିଛି, ଈଶ୍ୱର କାଳେ ହୃଦୟରେ ଥାଆନ୍ତି। ଆପଣ ଯେତେବେଳେ ମୋ ହୃଦୟର ଅପରେଶନ କରିବେ, ସେତେବେଳେ ତାଙ୍କୁ ଦେଖିବେ ନିଶ୍ଚୟ। ତାଙ୍କୁ ପଚାରିବେ, ମୋ ବୟସର ସବୁ ଝିଅପୁଅ ଆନନ୍ଦରେ ଖେଳାବୁଲା କରୁଥିଲା ବେଳେ ସେ ମୋତେ କାହିଁକି ଏ ରୋଗ ଦେଲେ ? ସେ ଯାଏ ଜୀବନରେ ସାତଶହରୁ ଊର୍ଦ୍ଧ୍ୱ ହୃଦ୍‌ଯନ୍ତ୍ରର ଅପରେଶନ କରିଥିବା ଡାକ୍ତର କୋଠାରୀ ପ୍ରଥମଥର ପାଇଁ ଦୁର୍ବଳ ଅନୁଭବ କରୁଥିଲେ।''

ଝିଅଟିର ଅବସ୍ଥା ଆଦୌ ଭଲ ନ ଥିଲା। ଅପରେଶନ ଟେବୁଲରେ ବି କ'ଣ କିଛି ହୋଇଗଲା ଭଳି ଅବସ୍ଥା। ସାହସ ବାନ୍ଧି ଓଟି ଭିତରକୁ ପଶିଲେ ଡାକ୍ତର କୋଠାରୀ। ଦେଖିଲେ ତାଙ୍କ ସହକାରୀ ଜୁନିୟର ଡାକ୍ତରମାନେ ତାଙ୍କୁ ଅପେକ୍ଷା କରିଛନ୍ତି ଏକ କରୁଣ ମୁଦ୍ରାରେ। ଝିଅଟିର ହୃତ୍‌ପିଣ୍ଡରେ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଇଛି। ସୁତରାଂ ଆଉ କିଛି କରାଯାଇ ନ ପାରେ। ତାଙ୍କ ଆଖିରୁ ଲୁହ ନିଗିଡି ପଡ଼ିଲା ଝିଅଟିର ମୁହଁକୁ ଚାହିଁ। ସେ ଗାଉନ୍ ଓହ୍ଲାଇ ଫେରିଯିବାକୁ ବସିଛନ୍ତି, ହଠାତ୍ ଜଣେ ସହକାରୀ ଚିତ୍କାର କରି ରକ୍ତ ସଞ୍ଚାଳନ ଫେରିଆସିଛି ବୋଲି ସୂଚନା ଦେଲେ। ଆଉଥରେ ଆନନ୍ଦରେ କାନ୍ଦି ପକାଇଲେ ଡାକ୍ତର। ଅପରେଶନ ସଫଳ ହେଲା। ଦୁଇଦିନ ପରେ ଝିଅଟିର ଶଯ୍ୟା ପାଖକୁ ଯିବା ପୂର୍ବରୁ ସେ ଜଣେ ସହଯୋଗୀ ଡାକ୍ତରଙ୍କୁ କହୁଥିଲେ, ''ଏ ଯାଏ ମୁଁ ହୃତ୍‌ପିଣ୍ଡର ଅପରେଶନ କରି ଆସୁଥିଲି। ପ୍ରଥମଥର ପାଇଁ ଗୋଟିଏ ହୃଦୟକୁ ଦେଖିଲି।'' ଝିଅଟି ପାଖରେ ପହଞ୍ଚି ସେ ତା' ମୁଣ୍ଡକୁ ଆଉଁଶି ଦେଇ କହିଲେ, ''ତୁମ ଈଶ୍ୱରଙ୍କୁ ପଚାରିଲି। ସେ କହିଲେ, ତାଙ୍କର ବଡ଼ ଭୁଲ୍ ହୋଇଯାଇଛି। ଏଣିକି ଅନ୍ୟମାନଙ୍କ ପରି ତୁମେ ବି ଆନନ୍ଦରେ ଖେଳି ବୁଲିପାରିବ !''

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣୀ, ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ଆକାଉଣ୍ଟିଂ ମାଷ୍ଟର

ବ୍ୟକ୍ତିତ୍ୱ



ଚନ୍ଦ୍ରମୌଳି ରାମନାଥନ୍

ଜାତିସଂଘ ବିଶ୍ୱର ହିତ ଦିଗରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଚାଲିଛି। ୨୦୧୯ ଜାନୁୟାରୀ ୧ରେ ଡିପାର୍ଟମେଣ୍ଟ ଅଫ୍ ମ୍ୟାନେଜ୍‌ମେଣ୍ଟ, ଷ୍ଟ୍ରାଟେଜି, ପଲିସି ଆଣ୍ଡ୍ କମ୍ପ୍ଲାଏନ (ଡିଏମ୍ଏସ୍‌ପିସି) ନାମରେ ଏକ ବିଭାଗର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ କ୍ଷେତ୍ରର ନୀତି ଲାଗି ନେତୃତ୍ୱ ନେବା ସକାଶେ ଏକ ସ୍ୱଷ୍ଟ, ସମନ୍ୱିତ ଅନ୍ତର୍ଜାତୀୟ ପରିଚାଳନା, କୌଶଳ ଏବଂ ଯୋଜନାବଦ୍ଧ ଢାଞ୍ଚା ପ୍ରସ୍ତୁତ କରିବା ହେଉଛି ଡିଏମ୍ଏସ୍‌ପିସିର ମୁଖ୍ୟ ଲକ୍ଷ୍ୟ। ବଜେଟ ଓ ଅର୍ଥ ସମ୍ବନ୍ଧୀୟ ରିପୋର୍ଟିଂ, ମାନବ ସମ୍ବଳ ସମ୍ପର୍କିତ ନୀତି ଓ କୌଶଳ ନିର୍ଦ୍ଧାରଣ ନେଇ ଏହି ବିଭାଗ ଜାତିସଂଘ ମହାସଚିବଙ୍କୁ ଅବଗତ କରିବାର ବ୍ୟବସ୍ଥା କରାଯାଇଛି। ଭାରତୀୟଙ୍କ ପାଇଁ ସୁଖବର ଯେ, ଭାରତୀୟ ଅର୍ଥନୀତିଜ୍ଞ ଚନ୍ଦ୍ରମୌଳି ରାମନାଥନ୍‌ଙ୍କୁ ଏହାର କାର୍ଯ୍ୟକ୍ରମ ପ୍ରଣୟନ, ବଜେଟ ଓ ଅର୍ଥ ସମ୍ବନ୍ଧୀୟ ବ୍ୟାପାରର ନିୟନ୍ତ୍ରକ ତଥା ସହକାରୀ ମହାସଚିବ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱର ସର୍ବୋଚ୍ଚ ସଂସ୍ଥାର ଉଚ୍ଚସ୍ତରୀୟ ଆକାଉଣ୍ଟିଂ ପଦବୀରେ ଚନ୍ଦ୍ରମୌଳି ନିଯୁକ୍ତି ପାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

କଷ୍ଟ ଆକାଉଣ୍ଟାଣ୍ଟ ଓ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିବା ଚନ୍ଦ୍ରମୌଳି ଭାରତର ଆର୍ଥିକ, ବେପାର ବଣିଜ କ୍ଷେତ୍ରରେ ଜଣେ ଆଗଧାଡ଼ିର ବ୍ୟକ୍ତି ଭାବେ ପରିଚିତ। ତାଙ୍କ କ୍ୟାରିୟର ଦେଖିଲେ ୧୯୯୩ରୁ ୧୯୯୫ ପର୍ଯ୍ୟନ୍ତ ସେ ଆସିଷ୍ଟାଣ୍ଟ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ରହିଥିଲେ। ଏହା ପୂର୍ବରୁ ୧୯୮୯ରୁ ୧୯୯୩ ଯାଏ ସେ ଭାରତର ଅଡିଟର ଜେନେରାଲର ଡାଇରେକ୍ଟର ଅଫ୍ ଆକାଉଣ୍ଟସ୍ ହୋଇଥିଲେ। ସମୟକ୍ରମେ ସେ ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୨୦୧୬ରୁ ସେପ୍ଟେମ୍ବର ୨୦୧୮ ପର୍ଯ୍ୟନ୍ତ ସେ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂର କାର୍ଯ୍ୟକାରୀ ନିୟନ୍ତ୍ରକ ତଥା ସହକାରୀ ମହାସଚିବ ଥିବା ବେଳେ ଅନେକ ପ୍ରକାର ସଂସ୍କାର ଆଣିବାରେ ସକ୍ଷମ ହୋଇଥିଲେ। ଏଥିସହିତ ଆକାଉଣ୍ଟସ୍ ଡିଭିଜନ୍‌ର ନିର୍ଦ୍ଦେଶକ, ଉପନିୟନ୍ତ୍ରକ ଏବଂ ଆଇଟି ସର୍ଭିସେସ୍ ଡିଭିଜନ୍‌ର ସର୍ଭିସ ଚିଫ୍ ଥିବା ବେଳେ ଚନ୍ଦ୍ରମୌଳିଙ୍କ କର୍ତ୍ତବ୍ୟନିଷ୍ଠା ବରିଷ୍ଠମାନଙ୍କୁ ତାଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରାଇଥିଲା। ଫାଇନାନ୍ସ ଆଣ୍ଡ୍ ବଜେଟ, ମ୍ୟାନେଜ୍‌ମେଣ୍ଟ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍‌ନୋଲଜି ଦୁନିଆରେ ୪୦ ବର୍ଷର ଅନ୍ତର୍ଜାତୀୟ ସ୍ତରୀୟ ଅଭିଜ୍ଞତା ଯୋଗୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ତାଙ୍କୁ ଡିଏମ୍ଏସ୍‌ପିସି ପାଇଁ ବାଛିଥିବା ଆଲୋଚନା ହେଉଛି। ଚନ୍ଦ୍ରମୌଳିଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ଜାତିସଂଘ ପକ୍ଷରୁ କୁହାଯାଇଛି ଯେ, ସେ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସେକ୍ଟର ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡସ୍ (ଆଇପିଏସ୍ଏଏସ୍) ଏବଂ ୟୁନାଇଟେଡ୍ ନେଶନ୍ସ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ ସଲ୍ୟୁଶନରେ ପରିଚାଳନାଗତ ସଂସ୍କାର ଆଣିବାରେ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଆର୍ଥିକ ବ୍ୟାପାରରେ ତାଙ୍କ ଦୂରଦୃଷ୍ଟି ଜାତିସଂଘର ଆକାଉଣ୍ଟିଂ ବ୍ୟବସ୍ଥାରେ ଆଉ ଏକ ଫର୍ଦ୍ଦ ଯୋଡ଼ିବ ବୋଲି ଆଶା କରାଯାଉଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ତାମିଲନାଡୁର ୪୭ ବର୍ଷୀୟା ଜଣେ ମହିଳା ଏବଂ ତାଙ୍କର ୨୮ ବର୍ଷର କନ୍ୟା ଏକତ୍ର କୋଚିଂ ନେଇ ଏବଂ ସମାନ ପରୀକ୍ଷା ଦେଇ ସରକାରୀ ଚାକିରି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ମହିଳା ହେଉଛନ୍ତି ୩ କନ୍ୟାଙ୍କର ଜନନୀ। ଏନ୍. ଶାନ୍ତିଲକ୍ଷ୍ମୀ ନାମ୍ନୀ ଏହି ମହିଳାଙ୍କ ଶିକ୍ଷାଗତ ଯୋଗ୍ୟତା ବି.ଏ., ବି.ଏଡ୍.। ୨୦୧୪ରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଚଳାଇବା ଦାୟିତ୍ୱ ପଡିଲା ତାଙ୍କ ଉପରେ। ଗତବର୍ଷ ଶାନ୍ତିଲକ୍ଷ୍ମୀ ଏବଂ ତାଙ୍କର ବଡ଼ ଝିଅ ଆର୍. ଥେନ୍‌ମୋଝି ମାଗଣା କୋଚିଂ କ୍ଲାସ୍‌ରେ ତାଲିମ ନେଲେ। ସେ ପ୍ରଥମେ ଝିଅର ଆଡମିଶନ୍ ପାଇଁ ଆସିଥିଲେ। ନିଜେ ବି ତାଲିମ ନେବା ଆବଶ୍ୟକ ବୋଲି ଶିକ୍ଷକମାନେ ପ୍ରସ୍ତାବ ଦେବା ପରେ ସେ ଏଥିରେ ରାଜି ହୋଇଥିଲେ। ତାମିଲନାଡୁରେ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ଦଶମଶ୍ରେଣୀ ହୋଇଥିଲେ ହେଁ ଅଧିକ ଶିକ୍ଷାଗତ ଯୋଗ୍ୟତା ଅର୍ଜନ କରିଥିବା ପ୍ରାର୍ଥୀଙ୍କ ନିମନ୍ତେ ବୟସ ସୀମା ନିର୍ଦ୍ଧାରଣ କରାଯାଇ ନାହିଁ। ଝିଅ ବୟସର ଛାତ୍ରୀଛାତ୍ରଙ୍କ ମେଳରେ ବସି ମଧ୍ୟ ଶାନ୍ତିଲକ୍ଷ୍ମୀ ବୁଝିପାରୁ ନ ଥିବା ବିଷୟ ବିନା ଦ୍ୱିଧାରେ ପଚାରି ପାରୁଥିଲେ। ଯେଉଁଦିନ ସେ କ୍ଲାସ୍‌ରେ ଯୋଗ ଦେଇ ନ ପାରନ୍ତି, ପଢ଼ାଯାଇଥିବା ବିଷୟ ଝିଅଠାରୁ ବୁଝି ନିଅନ୍ତି। ମା' ଓ ଝିଅ ତାମିଲନାଡୁ ପବ୍ଲିକ୍ ସର୍ଭିସ୍ କମିଶନ୍ ଗ୍ରୁପ୍–୪ ପରୀକ୍ଷା ଦେଇ ଏଥିରେ ଯୋଗ୍ୟ ବିବେଚିତ ହେବା ପରେ ଦୁଇଜଣଙ୍କୁ ନିଯୁକ୍ତିପତ୍ର ମିଳିଛି। ଏହା କେତେକ ବିରଳ ଘଟଣା ମଧ୍ୟରୁ ଅନ୍ୟତମ। ବର୍ତ୍ତମାନ ଏହି ପ୍ରସଙ୍ଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ ପ୍ରହସନ

ମହାଶୟ,

ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଅଭିଯାନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ପ୍ଲାଷ୍ଟିକ ତଥା ପଲିଥିନର ବ୍ୟବହାର କମାଇ ଓଡିଶାକୁ ଏକ ପ୍ଲାଷ୍ଟିକମୁକ୍ତ ରାଜ୍ୟ ଭାବରେ ଗଢ଼ିବା ଥିଲା ଏହି ଅଭିଯାନର ମୂଳଲକ୍ଷ୍ୟ। ଏଥିପାଇଁ ସରକାର ପ୍ଲାଷ୍ଟିକର ବିକଳ୍ପ, ଜନସଚେତନତା, ପ୍ଲାଷ୍ଟିକ ବ୍ୟବହାରକାରୀଙ୍କୁ ଜରିମାନା ଭଳି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ଦୁଃଖର କଥା, ଅଭିଯାନ କାର୍ଯ୍ୟକାରୀ ହେବା ଦିନଠୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାରିମାସ ହୋଇସାରିଥିଲେ ମଧ୍ୟ ଘରଠାରୁ ଆରମ୍ଭ କରି ବଜାର, ପାର୍କ, ଦୋକାନ ସବୁଠି ପ୍ଲାଷ୍ଟିକର ବ୍ୟବହାର ଦେଖିବାକୁ ମିଳୁଛି। ଏହାଦ୍ୱାରା ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ ପ୍ରହସନରେ ପରିଣତ ହୋଇଛି। ଏଣୁ ସରକାର ନିୟମକୁ କଡ଼ାକଡ଼ି ଲାଗୁ କରନ୍ତୁ ଏବଂ ସଚେତନ ଜନସାଧାରଣ ସରକାରଙ୍କୁ ସହଯୋଗ କରନ୍ତୁ।

ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ବାକ୍‌ସଂଯମ ରକ୍ଷା କରାଯାଉ

ବିଭିନ୍ନ ରାଜନୈତିକ ଦଳର ମୁଖପାତ୍ରମାନେ ବୈଦ୍ୟୁତିକ ଗଣମାଧ୍ୟମର ବିତର୍କ, ଆଲୋଚନାଚକ୍ର ଆଦିରେ ଅଂଶଗ୍ରହଣ କରି ରାଜ୍ୟର ସମସ୍ୟା ଓ ପ୍ରସଙ୍ଗଗୁଡିକ ଉପରେ ବିବୃତି ପ୍ରଦାନ କରିଥାନ୍ତି। ପ୍ରତ୍ୟେକେ ନିଜ ନିଜ ଦଳର ଲକ୍ଷ୍ୟ, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟକ୍ରମର ବର୍ଣ୍ଣନା କରିଥାନ୍ତି। ଏହି ଅବସରରେ ପରସ୍ପର ମଧ୍ୟରେ ଆରୋପ, ପ୍ରତ୍ୟାରୋପ, ଆକ୍ଷେପ ଓ ପ୍ରତିଆକ୍ଷେପ ଆଦି ଲାଗିରହେ। ବେଳେବେଳେ ଏହି ରାଜନୈତିକ ବୟାନବାଜି ଶାଣିତ ଓ ତୀବ୍ର ହୋଇଥାଏ। କିଛି ପ୍ରବକ୍ତା ଉତ୍ତେଜନାର ବଶବର୍ତ୍ତୀ ହୋଇ ଉଚ୍ଚକଣ୍ଠରେ ବାର୍ତ୍ତାଳାପ କରନ୍ତି, ଯାହା କି ଅତ୍ୟନ୍ତ ଶ୍ରୁତିକଟୁ ହୋଇଥାଏ। ଲକ୍ଷ ଲକ୍ଷ ସାଧାରଣ ଜନତା ପ୍ରତିଦିନ ତାଙ୍କୁ ଗଣମାଧ୍ୟମରେ ଦେଖନ୍ତି ଓ ସେମାନଙ୍କ ବିବୃତି ଶୁଣନ୍ତି। ତେଣୁ ଗଣମାଧ୍ୟମର ବିତର୍କ ସମୟରେ ସେମାନେ ବାକ୍‌ସଂଯମ ଓ ନିରପେକ୍ଷତା ଅବଲମ୍ବନ କରିବା ଲାଗି ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀନିଳୟ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅର୍ଥହୀନ ବୋଲି ମଣେ ବୁଦ୍ଧିହୀନ ମାନବ ସନ୍ତାନ
ନୟନର ପଥେ ତା'ର ଏ ଭୁବନେ ନାହିଁ ଯା'ର ସ୍ଥାନ,
ନ ବୁଝେ କମ୍ପିତ କରେ ସଧୀର ତରଙ୍ଗ
ମହା ନୀଳିମାର ସର୍ବ ଅଙ୍ଗ,
ବିହଙ୍ଗର ଗତି ପୁଣି କ୍ଷୀଣତମ ସ୍ୱରର ଚାଳନ
ସକଳ ଆକାଶଦେଶେ ଜଗାଏ କି ବ୍ୟଥିତ ସ୍ପନ୍ଦନ
ଏକ ଅଙ୍ଗେ ଲାଗେ ଯେବେ ଆଘାତ ବେଦନା
ଛୁଟେ ତା'ର ବ୍ୟଥିତ ଦ୍ୟୋତନା।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୩ ମାର୍ଚ୍ଚ ୧୯୯୪

- କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂ ଆସାମର ବାସିନ୍ଦା ନ ହୋଇ କିପରି ଏହି ରାଜ୍ୟର ଭୋଟର ତାଲିକାଭୁକ୍ତ ହେଲେ ତାହାର ତଦନ୍ତ ପାଇଁ ନିର୍ବାଚନ କମିଶନ ଟି.ଏନ୍. ଶେଷାନ୍ ନିର୍ଦ୍ଦେଶ ଦେଲେ।
- ଉତ୍ତରପ୍ରଦେଶର ହମିରପୁରରେ ଏକ ବସ୍ ୧୬ ଫୁଟ୍ ଗାତକୁ ଖସିପଡିବା ଫଳରେ ୨୦ଜଣ ଯାତ୍ରୀଙ୍କ ମୃତ୍ୟୁ।
- ସାମ୍ବାଦିକ ଓ ଅଣସାମ୍ବାଦିକମାନଙ୍କ ପାଇଁ ନୂଆ ମଜୁରି ବୋର୍ଡ ଗଠନ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ।

## ସଂକ୍ଷେପରେ

### ପୋଲିସ କର୍ମଚାରୀଙ୍କ ପ୍ରୋତ୍ସାହନ ରାଶି, ଭତ୍ତା ବଢ଼ିଲା

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ପୋଲିସ ବାହିନୀରେ କାର୍ଯ୍ୟରତ ଥାନା ଅଧିକାରୀ, ଏସ୍‌ଆଇ, ଏଏସ୍‌ଆଇ, ସିପାହି, କନ୍‌ଷ୍ଟେବଳ, ହାବିଲଦାର, ଲାନ୍ସନାଏକ ଓ ସମାନ ର୍‍ୟାଙ୍କ୍ କର୍ମଚାରୀଙ୍କ ପ୍ରୋତ୍ସାହନ ରାଶି ସହ ବିଭିନ୍ନ ଭତ୍ତା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସିପାହି, କନ୍‌ଷ୍ଟେବଳ ଓ ହାବିଲଦାର ଓ ସମାନ ର୍‍ୟାଙ୍କ୍‌ର କର୍ମଚାରୀଙ୍କ ପ୍ରୋତ୍ସାହନମୂଳକ ରାଶି ବାବଦକୁ ମିଳୁଥିବା ବାର୍ଷିକ ଗୋଟିଏ ମାସର ଦରମା ସର୍ବାଧିକ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ନକ୍ସଲ ପ୍ରବଣ ଅଞ୍ଚଳରେ କଣ୍ଟ୍ରାକ୍‌ଚୁଆଲରେ କାର୍ଯ୍ୟ କରୁଥିବା ଏହି ପୋଲିସ କର୍ମଚାରୀଙ୍କ କ୍ଷେତ୍ରରେ ମଧ ଏହା ଲାଗୁ ହେବ। ସେହିପରି ଖାଦ୍ୟ ଭତ୍ତା ବାବଦକୁ ସିପାହି, କନ୍‌ଷ୍ଟେବଳ, ହାବିଲଦାର, ଲାନ୍ସନାଏକ ଓ ସମାନ ର୍‍ୟାଙ୍କ୍‌ର କର୍ମଚାରୀଙ୍କୁ ପୂର୍ବରୁ ମାସିକ ୧୧୫୦ ଟଙ୍କା ମିଳୁଥିବାବେଳେ ତାହାକୁ ୧୪୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ନକ୍ସଲ ପ୍ରବଣ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ପ୍ରୋତ୍ସାହନମୂଳକ ରାଶି ବାବଦକୁ ମାସିକ ଅଧିକ ୧୪୦୦ଟଙ୍କା ଦିଆଯିବ। ରାଜ୍ୟର ବିଭିନ୍ନ ଥାନାରେ କାର୍ଯ୍ୟରତ ଏଏସ୍‌ଆଇଙ୍କଠାରୁ ଆରମ୍ଭ କରି ଇନ୍ସପେକ୍ଟର ପର୍ଯ୍ୟନ୍ତ ସମାନ ର୍‍ୟାଙ୍କ୍‌ର କର୍ମଚାରୀଙ୍କୁ ମୋଟରସାଇକେଲ ତେଲ ଖର୍ଚ୍ଚ ବା ଯାତାୟାତ ବାବଦରେ ମାସିକ ଭତ୍ତା ୭୦୦ଟଙ୍କା ମିଳୁଥିବାବେଳେ ତାହାକୁ ୧୦୫୦ଟଙ୍କାକୁ ବୃଦ୍ଧି କରାଯାଇଛି। ନକ୍ସଲପ୍ରବଣ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ପ୍ରୋତ୍ସାହନମୂଳକ ଭାବେ ଅଧିକ ୧୦୫୦ ଟଙ୍କା ମିଳିବ।

### ନାଲ୍‌କୋ ଟ୍ରେନ ଲାଇନଚ୍ୟୁତ



**ବଅଁରପାଳ, ୨।୩ (ଡି.ଏନ୍.ଏ):** ନାଲକୋର ଏକ ଟ୍ରେନ ଶନିବାର ସକାଳେ ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଏଥିଯୋଗୁ ଟ୍ରେନର ଇଞ୍ଜିନ୍ ଅଂଶ ରେଳଧାରଣା ବାହାରକୁ ବାହାରି ଆସିଛି। ସକାଳେ ଟ୍ରେନଟି ନାଲ୍‌କୋ ସିପିପି ପ୍ଲାଣ୍ଟରୁ ସ୍ମେଲଟର ପ୍ଲାଣ୍ଟକୁ ଯାଉଥିବାବେଳେ ବଅଁରପାଳ ହାଟ ନିକଟସ୍ଥ ଲେବୁଲ କ୍ରସିଙ୍ଗ୍‌ରେ ଲାଇନ୍ ଚ୍ୟୁତ ହୋଇଥିଲା। ଏଥିଯୋଗୁ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଧାରଣାର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଅନେକ ସମୟରେ ଟ୍ରେନ ଲାଇନ ଚ୍ୟୁତ ହେଉଥିବା କର୍ମଚାରୀ ମହଲରେ ଆଲୋଚନା ହେଉଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ଗ୍ରାମୀଣ କ୍ୟାମ୍ପସ ଉଦ୍‌ଘାଟିତ

- ୧୩ ପ୍ରକଳ୍ପର ଉଦ୍‌ଘାଟନ,ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ୨ବିଷୟରେ ଆରମ୍ଭ ହେଲା ସ୍ନାତକୋତ୍ତର ଶିକ୍ଷାଦାନ
- କାଳିଆ ଯୋଜନାରେ ଉପକୃତ ହୋଇଛନ୍ତି ୩୦ଲକ୍ଷ ଚାଷୀ

ଚଣ୍ଡିଖୋଲ,୨।୩(ଡି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବଡ଼ଚଣା ନିର୍ବାଚନ ମଣ୍ଡଳିକୁ ଦିନିକିଆ ଗସ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ଗ୍ରାମୀଣ କ୍ୟାମ୍ପସକୁ ଉଦ୍‌ଘାଟନ କରିବା ସହ ୧୫୨କୋଟି ୭୬ ଲକ୍ଷ ୬୨ହଜାର ଟଙ୍କା ବ୍ୟୟରେ ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଚଣ୍ଡିଖୋଲ ନିକଟସ୍ଥ ସୁଙ୍ଗୁଡ଼ା ଖେଳପଡ଼ିଆରେ ଉତ୍କଳ ବିଶ୍ୱବିଦ୍ୟାଳୟ ଚଣ୍ଡିଖୋଲ ଗ୍ରାମୀଣ କ୍ୟାମ୍ପସର ଶିକ୍ଷାଦାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଚଳିତଶିକ୍ଷା ବର୍ଷ ପାଇଁ ଏଠାରେ ୨ଟି ବିଭାଗରେ ୪୮ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେମାନେ ଶନିବାରଠାରୁ ଶିକ୍ଷା ଗ୍ରହଣ କରିଛନ୍ତି। ଏଠାରେ ଏମ୍‌ଏ, ଇନ୍ ପବ୍ଲିକ୍ ହେଲଥ୍ ଓ ଏମଏ ଇନ୍ ରୁରାଲ ମ୍ୟାନେଜମେଣ୍ଟ ବିଭାଗରେ ଶିକ୍ଷାଦାନ କରାଯିବ। ଶିକ୍ଷାଦାନ ନିମନ୍ତେ ପ୍ରତି ବିଭାଗରେ ୩ଜଣ ଲେଖାଏ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରୁଷା ସହାୟତାରେ ନିର୍ମିତ ୩ ମହାଲା ବିଶିଷ୍ଟ କୋଠାକୁ କଲେଜ କର୍ତ୍ତୃପକ୍ଷ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଯୋଗାଇ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି କୋଠାକୁ ନବୀକରଣ କରିବା ସହିତ ଶ୍ରେଣୀଗୃହ, ଉଚ୍ଚମାନର ପାଠାଗାର ଓ ପ୍ରଶାସନିକ କାର୍ଯ୍ୟାଳୟ ପରିଚାଳନା କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିଛନ୍ତି ବୋଲି ସୂଚନା ଦିଆଯାଇଛି। କେବଳ ଛାତ୍ରୀଛାତ୍ରମାନେ ରହିବା ପାଇଁ ହଷ୍ଟେଲ ସୁବିଧା କରାଯାଇ ନାହିଁ। ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା ଦେଶବାସୀଙ୍କୁ ନୂଆ ବାଟ ଦେଖାଇବା ସହ ରାଜ୍ୟର ୩୦ ଲକ୍ଷ ଚାଷୀ ଏଥିରେ ଉପକୃତ ହୋଇଛନ୍ତି ବୋଲି କହିଛନ୍ତି। କେନ୍ଦ୍ରସରକାର ଚାଷୀମାନଙ୍କ ପାଇଁ ଏବେ କରିଥିବା ଯୋଜନାରେ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଭାଗ ଚାଷୀ ଓ କୃଷିଶ୍ରମିକଙ୍କୁ ସାମିଲ କରାଯାଇ ନାହିଁ। ଯାହାଦ୍ୱାରା ଗରିବ ଚାଷୀମାନେ ଉପକୃତ ହୋଇପାରିବେ ନାହିଁ। ତେଣୁ ମୁଁ ଏଥିନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଗରିବ ଚାଷୀଙ୍କୁ ତାଙ୍କ ଯୋଜନାରେ ସାମିଲ କରିବା ପାଇଁ ଦାବି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବଡ଼ଚଣା ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବଡ଼ଚଣା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଶ୍ରଦ୍ଧା ଓ ଆବେଗ ଥିବା ପ୍ରକାଶ କରିଥିଲେ। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ତଥା ବିଜେଡିର ଯାଜପୁର ଜିଲା ପ୍ରଭାରୀ ଅଶୋକ ଚନ୍ଦ୍ର ପଣ୍ଡା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବରୀ ବିଧାୟକ ଦେବାଶିଷ ନାୟକ, ସୁକିନ୍ଦା ବିଧାୟକ ପ୍ରୀତିରଂଜନ ଘଡ଼େଇ, ଯାଜପୁର ଏମ୍‌ପି ରୀତା ତରାଇ, ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ବହୁ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇଥିବାବେଳେ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ମଞ୍ଚରୁ ନାବାର୍ଡ଼ ସହାୟତାରେ ୨୦କୋଟି ୭୯ଲକ୍ଷ ଟଙ୍କା ବ୍ୟୟରେ ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାର ବଡ଼ଗେଙ୍ଗୁଟି ନଦୀ ଉପରେ ନିର୍ମିତ ଧନଞ୍ଜୟ ସେତୁ, ୬୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠରେ ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ, ୫କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସାନଗେଙ୍ଗୁଟି ନଦୀର ଶୁକଦେଇପୁର-ଢ଼ିହକରନ୍ଧା ରାସ୍ତାର ସେତୁ, ୧କୋଟି ୮୫ ଲକ୍ଷ ଟଙ୍କାରେ ନିର୍ମିତ ଯାଜପୁର ଜିଲା ଅଡିଟ୍ ଅଫିସ ଗୃହ, ୮ଲକ୍ଷ ଟଙ୍କା ବ୍ୟୟରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସ୍ତମ୍ଭର ଉଦ୍‌ଘାଟନ କରିଥିଲେ। ସେହିପରି ୫କୋଟି ଟଙ୍କା ବ୍ୟୟ ଅଟକଳରେ ବନ୍ଧାଲୋ-ଏଣ୍ଡରପଦା ରାସ୍ତାର ନବୀକରଣ ଓ ପ୍ରଶସ୍ତିକରଣ, ୧୧କୋଟି ୫୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲଳିତଗିରି-ଉଦୟଗିରି-ରତ୍ନଗିରି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନୟନ, ୫କୋଟି ଟଙ୍କା ବ୍ୟୟ ଅଟକଳରେ ପଲାଇଠାରେ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ଗ୍ରୀଡ୍ ନିର୍ମାଣ, ୩କୋଟି ୯୪ଲକ୍ଷ ଟଙ୍କା ବ୍ୟୟରେ କୁମ୍ଭେଇ ଠାରୁ ଉପୁଳା ରାସ୍ତାର ପୁନରୁଦ୍ଧାର, ୨ କୋଟି ୭୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭୁଲୁକା-କୁଷ୍ଣପୁର ଶାସନ ରାସ୍ତା ନିର୍ମାଣ, ୩ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସଞ୍ଜୟ ନଗରଠାରୁ ଶାସନପୁରୁଷୋତ୍ତମପୁର ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ ସହ ୬କୋଟି ୩୨ ଲକ୍ଷ ଟଙ୍କା ବ୍ୟୟରେ ସାନ ଗେଙ୍ଗୁଟି ନଦୀର ଭୁବନ ଠାରେ ସେତୁ ନିର୍ମାଣର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ଦଳୀୟ ବଡ଼ଚଣା ବିଜେଡ଼ି ସଭାପତି ଅରବିନ୍ଦ ସାମଲ ଓ ଯୁବନେତା ସାରଦା ମହାନ୍ତିଙ୍କ ସଞ୍ଚାଳନରେ ଦଳର ସ୍ଥାନୀୟ ନେତାମାନେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟ ଚଣ୍ଡିଖୋଲ ଗ୍ରାମୀଣ କ୍ୟାମ୍ପସର ଉଦ୍‌ଘାଟନ ପରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

### ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ବହୁ ବ୍ୟକ୍ତିବିଶେଷ ବିଜେଡିରେ ସାମିଲ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ନିଜ ନିର୍ବାଚନମଣ୍ଡଳୀର ବହୁ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର, ପୂର୍ବତନ ସରପଞ୍ଚଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ଭାଜପା କର୍ମୀଙ୍କୁ ବିଜେଡିରେ ସାମିଲ କରାଇବାରେ ସଫଳ ହୋଇଛନ୍ତି। ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଶନିବାର ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି।

ବିଜେଡିରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ହେଉଛନ୍ତି- ସରପଞ୍ଚ ନିର୍ମଳା ହରପାଲ୍, କେତକୀ ଅମାତ, ହିମାଞ୍ଚଳ ବୁଡେକ୍, ଖୀରା ମାଝି, ପୁଷ୍ପାଞ୍ଜଳି ବାଗ, ସୁମୁଖି ଭୋଇ, ଭାରତୀ ରାଜପାଲିଆ, ସିରା ରଣା, ସମିତି ସଭ୍ୟ ଭୀମ ନାଗ, ପୂର୍ବତନ ସରପଞ୍ଚ ଅଲେଖ ସେଠୀ, ତୃତୀୟା ପ୍ରଧାନ, ହରେକୃଷ୍ଣ ରଣା, ପୂର୍ବତନ ସଇଁତଳା ବ୍ଲକ ଅଧ୍ୟକ୍ଷ ଦୁଃଖିଶ୍ୟାମ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଲିଙ୍ଗା ରଣା, ଟିଟିଲାଗଡ଼ ବ୍ୟବସାୟୀ ସଂଘ ସଭାପତି କଂଗ୍ରେସର ତ୍ରିନାଥ ସରାଫ, ଟିଟିଲାଗଡ଼ ବାର୍ ଆସୋସିଏଶନ ସମ୍ପାଦକ ଲଳିତ ମୋହନ ତାଣ୍ଡି ପ୍ରମୁଖ । ଉପରୋକ୍ତ ନେତାଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧି କରିବ ବୋଲି ବିଜେଡି ସଭାପତି ଆଶା ପ୍ରକଟ କରିଛନ୍ତି।

■ ଦକ୍ଷିଣ ତଟ ରେଳ ଜୋନ୍ ଘୋଷଣାକୁ ଓଡ଼ିଶାର ବିରୋଧ

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୩(ବ୍ୟୁରୋ)

ରେଳମନ୍ତ୍ରୀ ପୀୟୁଷ ଗୋୟଲ ନୂତନ ଦକ୍ଷିଣ ତଟ ରେଳପଥ (ସାଉଥ୍ କୋଷ୍ଟ ରେଲ୍‌ୱେ ଜୋନ୍) ପ୍ରତିଷ୍ଠା ପାଇଁ ନିକଟରେ ଘୋଷଣା କରିଛନ୍ତି। ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନକୁ ନେଇ ଏହି ଜୋନ୍ ଗଠନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେବାକୁ ଯାଉଛନ୍ତି। ରେଳ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଡ଼ା ବିରୋଧ କରିଛନ୍ତି। ଓଡ଼ିଶା ସହ କୌଣସି ବିଚାରବିମର୍ଶ ନ କରି ଏହି ନିଷ୍ପତ୍ତି ନିଆଯାଇଛି। ଏଥିରୁ ନିବୃତ୍ତ ରହିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏ ନେଇ ଶନିବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଦକ୍ଷିଣ ତଟ ରେଳପଥ ଘୋଷଣା କରିବା ବିଷୟ ଗଣମାଧ୍ୟମରୁ ଜଣାପଡିଛି। ପୂର୍ବତଟ ରେଳପଥକୁ ଅଲଗା କରି ନୂତନ ରେଳ ଜୋନ୍ ଘୋଷଣା ମର୍ମାହତ କରିଛି। ଓଡ଼ିଶାରେ ରେଲ୍‌ୱେକୁ ପୁନର୍ଗଠନ କରି ୩ଟି ନୂତନ ଡିଭିଜନରେ ପରିଣତ କରିବାକୁ କେନ୍ଦ୍ର ଉପା ସରକାର-୨ ଏବଂ ବର୍ତ୍ତମାନର ଏନ୍‌ଡିଏ ସରକାରଙ୍କୁ ବହୁବାର ଚିଠି ଲେଖିଛି। ପୂର୍ବତଟ ରେଲ୍‌ୱେ ମୁଖ୍ୟାଳୟ ଅଧୀନରେ ଓଡ଼ିଶାର ୭୦ ପ୍ରତିଶତ ଅଞ୍ଚଳ ରହିଛି। ଓଡ଼ିଶା ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ, କୋଇଲା ଭଳି ପ୍ରାକୃତିକ ଖଣିଜ ସମ୍ପଦରେ ଭରିରହିଛି। ମେକ୍ ଇନ୍ ଓଡ଼ିଶା ଜରିଆରେ ରାଜ୍ୟରେ ଉକ୍ତ ଖଣିଜ ସମ୍ପଦକୁ ମୂଲ୍ୟଯୁକ୍ତ କରିବା ସହ ଶିଳ୍ପାୟନର ଅଭିବୃଦ୍ଧି କରାଯାଇଛି। ଇସ୍ପାତ ଏବଂ ଆଲୁମିନିୟମ ଉତ୍ପାଦନରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ। ବନ୍ଦର, ପାଓ୍ୱାର ପ୍ଲାଣ୍ଟ ଏବଂ ଭିତ୍ତିଭୂମି ଆଦିର ସଫଳ ପରିଚାଳନା ଯୋଗୁ ରାଜ୍ୟର ଅଭିବୃଦ୍ଧି ହାର ବଢ଼ିଛି। ରାଜ୍ୟର ଅଭିବୃଦ୍ଧି ଆହୁରି ଆଗକୁ ନେବା ପାଇଁ ଓଡ଼ିଶାରେ ଦୃଢ଼ ରେଳ ନେଟୱର୍କର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟର ପ୍ରମୁଖ ଖଣିଜ ସମ୍ପଦ ଲୁହାପଥର ଏବଂ କୋଇଲା ରାଜ୍ୟ ବାହାର ରେଳ ଜୋନ୍ ଦ୍ୱାରା ପରିଚାଳିତ ହେଉଛି। ରାଜ୍ୟ ସରକାର ହରିଦାସପୁର-ପାରାଦୀପ ଏବଂ ଅନୁଗୋଳ ସୁକିନ୍ଦା ନୂତନ ରେଳ ଲାଇନ ପାଇଁ ଅଧିକ ପୁଞ୍ଜି ନିବେଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଖୋର୍ଦ୍ଧା-ବଲାଙ୍ଗୀର, ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇ ଦେଇଛନ୍ତି। ଆମ ସରକାର ରେଳ ପ୍ରକଳ୍ପ ପାଇଁ ୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରଦାନ କରିସାରିଛି। ଦକ୍ଷିଣ ଓ ପୂର୍ବ ରେଳପଥ ଅଧୀନରେ ଓଡ଼ିଶାର ରେଳର ପୁନର୍ଗଠନର ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ରାଜ୍ୟର ଭୌଗୋଳିକ ଅବସ୍ଥାକୁ ଦେଖି ଦକ୍ଷିଣ ତଟ ଭଳି ଓଡିଶାରେ ମଧ ରେଳ ଜୋନ୍ କରିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳ ମୁଖ୍ୟ କାର୍ଯ୍ୟାଳୟ ଅଧୀନରେ ରାଉରକେଲା ଓ ଯାଜପୁର ଭଳି ଦୁଇଟି ନୂତନ ରେଳ ଡିଭିଜନ ନିର୍ମାଣ କରିବା ଏବଂ ଓଡିଶା ସରକାରଙ୍କ ସହ ଆଲୋଚନା ନ କରି ଦକ୍ଷିଣତଟ ରେଳ ଜୋନ୍ ଘୋଷଣା ନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁରୋଧ କରିଛନ୍ତି ।

**ଓଡ଼ିଶାରେ ଆଉ ଦୁଇ ନୂତନ ରେଳ ଡିଭିଜନ କରିବାକୁ ଦାବି**

# ପୂର୍ବତଟ ରେଳପଥ ବିଭାଜନକୁ ବିରୋଧ କରି ବିଜେଡିର ବିକ୍ଷୋଭ

- ଛାତ୍ର, ଯୁବ ଏବଂ ମହିଳା କର୍ମକର୍ତ୍ତାଙ୍କ ଯୋଗଦାନ
- ନିଷ୍ପତ୍ତି ପୁନର୍ବିଚାର ନ କଲେ ଅର୍ଥନୈତିକ ଅବରୋଧ

ଭୁବନେଶ୍ୱର, ୨।୩(ବ୍ୟୁରୋ)

କେନ୍ଦ୍ର ସରକାର ପୂର୍ବତଟ ରେଳପଥକୁ ବିଭାଜନ କରିବା ପାଇଁ କିଛିଦିନ ତଳେ ଘୋଷଣା କରିଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଶନିବାର ବିଜେଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟ ଦପ୍ତର ସମ୍ମୁଖରେ ପ୍ରତୀକାତ୍ମକ ବିକ୍ଷୋଭ କରାଯାଇଛି। ଦଳର ୩ ପ୍ରମୁଖ ଛାମୁଆ ସଙ୍ଗଠନ ଛାତ୍ର,ଯୁବ ଏବଂ ମହିଳା ସଙ୍ଗଠନ ପଦାଧିକାରୀ ଏଥିରେ ଯୋଗଦେଇଥିଲେ। ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ,କେନ୍ଦ୍ର ସରକାର ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥକୁ ବିଭାଜନ କରିଛନ୍ତି। ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ପାଇଁ ଏହାକୁ ଦୁଇଭାଗ କରିଦିଆଯାଇଛି। ଏହା ଓଡ଼ିଶାର ସ୍ୱାର୍ଥ ପ୍ରତି ଘୋର ଅବହେଳା। କୌଣସି ଯଥାର୍ଥ କାରଣ ନ ଥାଇ ପୂର୍ବତଟ ରେଳପଥକୁ ଭାଗ ଭାଗ କରିଦିଆଯିବା ଏକ ଅଦୂରଦର୍ଶୀ, ନିନ୍ଦନୀୟ ପଦକ୍ଷେପ ବୋଲି ଦାସବର୍ମା ସମାଲୋଚନା କରିଛନ୍ତି। ସେହିପରି ଉତ୍ତର ଭୁବନେଶ୍ୱର ବିଜେଡି ସଙ୍ଗଠକ ଚିନ୍ମୟ ସାହୁ କହିଛନ୍ତି ଯେ, ଏନ୍‌ଡିଏ ସରକାର ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ପୂର୍ବତଟ ରେଳପଥର ପରିସୀମା ସଙ୍କୁଚିତ ହେବ। ଏଥିସହ ଆନୁଷଙ୍ଗିକ କ୍ଷେତ୍ରରୁ ଯାହା ଅର୍ଥ ମିଳୁଥିଲା ତାହା ମଧ କମିଯିବ। ପୂର୍ବତଟ ରେଳପଥ ରେଲ୍‌ୱେକୁ ବାର୍ଷିକ ପାଖାପାଖି ୨୦ ହଜାର କୋଟି ଟଙ୍କା ରାଜସ୍ୱ ଦେଉଛି। ହେଲେ ବାରମ୍ବାର ରେଲୱେ ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଦୀର୍ଘଦିନର ଲଢେଇ ଓ ସଂଗ୍ରାମ ପରେ ପୂର୍ବତଟ ରେଳପଥ ପ୍ରତିଷ୍ଠା ହୋଇପାରିଥିଲା। ହେଲେ ଏବେ ଏହା ପ୍ରତି ଷଡ଼ଯନ୍ତ୍ର କରାଯାଇଥିବା ଚିନ୍ମୟ କହିଛନ୍ତି। ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ମୁଖପାତ୍ର ସୁଲତା ଦେଓ, ସ୍ଥାନୀୟ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଯୁବ ବିଜେଡି ଉପସଭାପତି ଦୁର୍ଗା ସାମନ୍ତରାୟ ପ୍ରମୁଖ କେନ୍ଦ୍ର ବିରୋଧରେ ବର୍ଷିଥିଲେ। ଦୁର୍ଗା ସାମନ୍ତରାୟ କହିଥିଲେ ଯେ, ପୂର୍ବତଟ ରେଳପଥ ବିଭାଜନ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜାଣି ୨୦୧୮ ଫେବୃୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ସେଥିରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଥିଲେ ଯେ, ପୂର୍ବତଟ ରେଳପଥର ଯଦି ସାମାନ୍ୟତମ ଅଂଶ ଆନ୍ଧ୍ରପ୍ରଦେଶକୁ ଠେଲିଦିଆଯାଏ ତେବେ ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ। ହେଲେ ଏହାକୁ ଅଣଦେଖା କରାଯାଇଛି। ଭାରତ ସରକାରଙ୍କ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ଦୁଇ ଓଡ଼ିଆ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ୍ ଏ ପ୍ରସଙ୍ଗରେ ନୀରବ ରହିବା ନିଶ୍ଚିତ ଦୁର୍ଭାଗ୍ୟର କଥା ବୋଲି ସାମନ୍ତରାୟ ମତ ଦେଇଛନ୍ତି। ଏନ୍‌ଡିଏ ସରକାର ନେଇଥିବା ନିଷ୍ପତ୍ତିରୁ ଯଦି ନ ଓହରେ, ତେବେ ବିଜେଡି ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।




ବିଜେଡିର ପ୍ରତିବାଦ ସଭାରେ ଦଳୀୟ ନେତା ଓ କର୍ମୀ ।

**ଇମ୍ୟୁନିଟି ବଢ଼ାଏ**
**ସହସ୍ରାଧିକ ରୋଗରୁ ରକ୍ଷାକରେ**
ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ
JOLLY
**ତୁଳସୀ 51 ଡ୍ରପ୍‌ସ**
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...
କେଶ ହାନି, ଚର୍ମରୋଗ, କାଠବ୍ରଣ, ବ୍ରଣ, ଝିମିଝିମି ଲାଗିବା, ତୁଣ୍ଡ ଘା', କାଲୁଆ ଲାଗିବା, ଏକାଗ୍ରତା ଅଭାବ, ମୁଣ୍ଡ ବୁଲାଇବା
କୋଷ୍ଠକାଠିନ୍ୟ, ପେଟ ଗ୍ୟାସ୍, ଏସିଡିଟି, ବଦହଜମି, ଶ୍ୱାସରୋଗ, କାଶ, କଫ, ଦୁର୍ବଳତା, କ୍ଲାନ୍ତିରେ ପ୍ରଭାବୀ




# As per clinical study report
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ଜୋଲି ତୁଳସୀ 51 ଡ୍ରପ୍‌ସ
ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ। 0161-520-1588

ଭାଜପାର ବିଜୟ ସଂକଳ୍ପ ସମାବେଶ

# ଆଜି ଆସୁଛନ୍ତି ବିନୟ କଟିୟାର

- ବଲାଙ୍ଗୀର,ବରଗଡ଼,ସମ୍ବଲପୁରରେ ସଭା
- କେ.ଭି.,ବସନ୍ତ ଏବଂ ମହେଶ୍ୱତା ବି ରହିବେ ଉପସ୍ଥିତ

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ଭାଜପା ପକ୍ଷରୁ ରବିବାର ବିଜୟ ସଂକଳ୍ପ ସମାବେଶ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୟ କଟିୟାର୍ ଆସୁଛନ୍ତି। କଟିଆର୍ ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ପହଞ୍ଚି ସେଠାରୁ ବଲାଙ୍ଗୀର ଜିଲା ଗସ୍ତ କରିବେ । ଦିନ ୧୨ଟାରେ ସେ ବଲାଙ୍ଗୀର ଜିଲା ଖପରାଖୋଲ ହାଇସ୍କୁଲ ପଡିଆରେ ପହଞ୍ଚି କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେବେ । ସମାବେଶ ପରେ କଟିୟାର ବରଗଡ ଜିଲା ଅତାବିରା ଭେଡେନ ବ୍ଲକ ରେମୁଣ୍ଡା ପଞ୍ଚାୟତ ଥଉପାଲି ଧନୁଯାତ୍ରା ପଡିଆରେ ଦିନ ୧ଟାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଉଦବୋଧନ ଦେବେ ବୋଲି ଜଣାପଡିଛି। ସେଠାରୁ ସେ ସମ୍ବଲପୁର ଜିଲା ରେଢାଖୋଲ କଦମ ପଡିଆରେ ଅପରାହ୍ନ ୩ଟାରେ ପହଞ୍ଚି ସାଧାରଣ ସଭାରେ ଯୋଗ ଦେବେ। ଏହା ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ କଟିୟାର୍ ଭୁବନେଶ୍ୱର ଫେରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଶନିବାର ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବିଜୟ ସଂକଳ୍ପ ସମାବେଶରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଏବଂ ଭାଜପା ନେତ୍ରୀ ମହେଶ୍ୱତା ରାୟ ପ୍ରମୁଖ ଉପସ୍ଥିତ ରହିବେ ।

# ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ବଲାଙ୍ଗୀରର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ଶନିବାର ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୪୬ ଜୁଲାଇରେ ଡିଗ୍ରୀ କଲେଜର ମାନ୍ୟତା ପାଇଥିବା ଏହି ମହାବିଦ୍ୟାଳୟ ୧୯୬୭ରୁ ୨୦୦୨ ପର୍ଯ୍ୟନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିଲା। ଏହାପରେ ୟୁଜିସି ଦ୍ୱାରା ସ୍ୱୟଂଶାସିତ ଅନୁଷ୍ଠାନ ଭାବେ ଘୋଷଣା କରାଯାଇଥିଲା।

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.:୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍:୦୬୭୪-୨୫୪୯୬୬୩,୨୫୪୯୬୧୨
**ଡ଼ିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ , ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଯାହାକି ଏବେ ଆକ୍ଟ ଭାବେ ଘୋଷିତ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍**

ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ , ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ , ୨୦୦୨ର ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡ଼ାକ / ସ୍ପିଡ୍ ଡ଼ାକ ଯୋଗେ ନୋଟିସ୍ ଜାରି କାରଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ପରିମାଣ |
| --- | --- | --- | --- | --- |
| **ଋଣଗ୍ରହୀତା: ଏସ୍‌ଆରଏମ୍ ରିଟେଲ୍ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ, ଶ୍ରୀ ହିମାଂଶୁ ରାଉତରାୟ,** ପିତା-ସଂଗ୍ରାମ କେଶରୀ ରାଉତରାୟ, **ଶ୍ରୀମତୀ ଗୀତା ପ୍ରିୟଦର୍ଶିନୀ,** ସ୍ୱା-ଉମାକାନ୍ତ ପ୍ରିୟଦର୍ଶୀ, **ଶ୍ରୀ ଦିପାଂଶୁ ଶେଖର ମହାନ୍ତି,** ପିତା-ରବିନ୍ଦ୍ର କୁମାର ମହାନ୍ତି, **ଜାମିନ୍‌ଦାର: ଶ୍ରୀ ହିମାଂଶୁ ରାଉତରାୟ, ଶ୍ରୀମତୀ ଗୀତା ପ୍ରିୟଦର୍ଶିନୀ, ଶ୍ରୀ ଦିପାଂଶୁ ଶେଖର ମହାନ୍ତି, ଶ୍ରୀମତୀ ପ୍ରିୟଦର୍ଶିନୀ ରାଉତରାୟ(ମେସର୍ସ ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ ର ନିର୍ଦ୍ଦେଶକ) ବ୍ୟକ୍ତିଗତ ଗ୍ୟାରେଣ୍ଟର ଅଟନ୍ତି,** ସମସ୍ତଙ୍କ ଠିକଣା: ପ୍ଲଟ ନଂ.-୫୮, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯ । | ସମ୍ପତ୍ତିର ସମସ୍ତ ଅଂଶବିଶେଷ ମୌଜା - ରଘୁନାଥପୁର, ପ୍ଲଟ ନଂ.-୩/୬୯୬, ଖାତା ନଂ.-(୧୭୧/୧୯)୫୭୯, ଏରିଆ-୦.୦୯୫ ଡିସିମିଲି, ପ୍ଲଟ ନଂ.-୪/୩୩୬/୭୪୮, ଖାତା ନଂ.-୧୭୧/୧୦୩, ଏରିଆ-ଏକର୦.୦୧୬ ଡିସିମିଲିରେ ଅବସ୍ଥିତ, କିସମ-ଗୃହପୋଯୋଗୀ, ଏହି ସମ୍ପତ୍ତି ଏସ୍‌ଆରଏମ୍ ଆର୍ଚିଟେକ୍‌ଚରଆଣ୍ଡ କନ୍‌ଷ୍ଟ୍ରକ୍ସନ ଲିଃ ନାମରେ ଅଛି, ପରବର୍ତ୍ତି ସମୟରେ ଏହି କମ୍ପାନୀର ନାମ ପରିବର୍ତ୍ତନ ହୋଇ ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଃ ହେଲା ଏବଂ ପୁଣି ଥରେ ଏହାର ନାମ ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ ହୋଇଛି । ଉପୋରୋକ୍ତ କମ୍ପାନୀ ଏସ୍‌ଆରଏମ୍ ରିଟେଲ୍ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ ନିମନ୍ତେ କର୍ପୋରେଟ୍ ଗ୍ୟାରେଣ୍ଟି ଦେଇଛି । | ୧୧.୦୨.୨୦୧୯ | ୨୮.୧୧.୨୦୧୮ | ତା ୧୫.୦୧.୨୦୧୯ ସୁଦ୍ଧା ଟ.୧,୨୦,୭୬,୫୬୭/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ, ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ , ୨୦୦୨ ଅନ୍ତର୍ଗତ ଧାରା ୧୩ ର ଉପଧାରା (୪) ଅନୁସାରେ ବ୍ୟାଙ୍କ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ଉପରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ସ୍ଥାନ: ଭୁବନେଶ୍ୱର, ତାରିଖ:୦୨.୦୩.୨୦୧୯** | **ସ୍ୱା/-କ୍ଷମତାପ୍ରାପ୍ତ ଅଧୀକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

## ସଂକ୍ଷେପରେ

### ଦେଓଗାଁରେ ବିଜେଡି ୱାର୍ଡ କମିଟି ବୈଠକ

**ଆନନ୍ଦପୁର,୨।୩(ସ୍ୱ.ପ୍ର.)-** ଘସିପୁରା ବ୍ଲକ ଦେଓଗାଁଠାରେ ବିଜେଡି ଓାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଜିଲା ସାଧାରଣ ସମ୍ପାଦକ ମନମଥ ରାଉତ, ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ର, ଘସିପୁରା ବ୍ଲକ ବିଜେଡି ସଭାପତି ବଳରାମ ସାହୁ, ଯୁବ ସଭାପତି ଲିପୁନ ନାୟକ, ବରିଷ୍ଠ ନେତା ବୁଲୁ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ କର୍ମୀମାନେ ଯଥେଷ୍ଟ ସଚେତନ ହେବାକୁ ଆହ୍ୱାନ କରିଥିଲେ। ଏହା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ଜରୁରୀ ବୋଲି ମତ ଦେଇଥିଲେ। ଆଗାମୀ ନିର୍ବାଚନରେ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

**କେନ୍ଦୁଝର, ୨।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା କଲେକ୍ଟୋରେଟ୍ କ୍ୟାଡର ଅନ୍ତର୍ଗତ ଜିଲା କାର୍ଯ୍ୟାଳୟର ମୁଖ୍ୟ କିରାଣି ଜୟଗୋବିନ୍ଦ ମିଶ୍ର, ଆରଟିଓ କାର୍ଯ୍ୟାଳୟର ମୁଖ୍ୟ କିରାଣି ସରୋଜ କୁମାର ଦାଶ, ବରିଷ୍ଠ କିରାଣି ଉମାକାନ୍ତ ଝରା ଏବଂ ଗ୍ରୁପ୍ 'ଡି' କର୍ମଚାରୀ ଶରତ କୁମାର ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନ ଦିଆଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲାପାଳ ଆଶିଷ ଠାକରେ ଏହି ସମାରୋହରେ ସଭାପତିତ୍ୱ କରିଥିଲେ। କର୍ମଚାରୀମାନେ ସରକାରୀ ସେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ ଦକ୍ଷତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଜିଲାପାଳ ଠାକରେ କହିଛନ୍ତି। ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସୁଖସମୃଦ୍ଧି କାମନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଓଡିଶା ରାଜସ୍ୱ ଅମଲା ସଂଘର ଜିଲା ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମଲ୍ଲିକ, କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର ସଭାପତି ଦ୍ୱାରିକା ପ୍ରସାଦ ରଥ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାଶ, ଉପସଭାପତି ରାଜକିଶୋର ପଣ୍ଡା, ମହମ୍ମଦ ଅଲ୍ଲୀ ଜିହ୍ନା, ମିନତି ସାହୁ, ବଟୁରାମ ଲାମା ପ୍ରମୁଖ କର୍ମଚାରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଭାଗଚାଷୀ ମୃତ

■ନେସ୍କୋର ଅବହେଳାକୁ ଦାୟୀ କଲେ ଗ୍ରାମବାସୀ
■ପ୍ରତିବାଦରେ ରାସ୍ତାରୋକୋ

**ଜଳେଶ୍ୱର, ୨।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ପଶ୍ଚିମବାଡ଼ ପଞ୍ଚାୟତର ଦେବକୁମାର ଗ୍ରାମର ଭାଗଚାଷୀ ସୁରେନ୍ଦ୍ର ଜେନା (୫୫)ଙ୍କ ଶନିବାର ସକାଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ନେସ୍କୋର ଅବହେଳାକୁ ଦାୟୀ କରି ପରିବାର ଲୋକେ ଓ ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ପ୍ରଶାସନ ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ରାସ୍ତାରୋକୋ ହଟିଥିଲା।

ସୁରେନ୍ଦ୍ର ନିଜର ୫ ଝିଅଙ୍କୁ ଦୁଃଖକଷ୍ଟରେ ବିବାହ ଦେଇଛନ୍ତି। ଜମି ବୋଲି ଗୁଣ୍ଠେ ନ ଥିବାରୁ ଭାଗରେ ଚାଷ କରି ସଂସାର ଚଳାଇ ଆସୁଥିଲେ। ଶନିବାର ସକାଳେ ୬ଟାରେ ଚାଷଜମିରେ ରୁଆପୋତା କାମ କରୁଥିବା ବେଳେ



ଆନ୍ଦୋଳନକାରୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା

ବିଜୁଳି ତାର ସଂସ୍ପର୍ଶରେ ଆସି ଅକାଳରେ ମୃତ୍ୟୁବରଣ କଲେ। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ୨ଟି ଉଠା ଜଳସେଚନ ପ୍ରକଳ୍ପ ପାଇଁ ଦୁଇଟି ଟ୍ରାନ୍ସଫର୍ମର ଯୋଗେ ଜଳେଶ୍ୱର ନେସ୍କୋ ବିଭାଗ ଦ୍ୱାରା ସଂଯୋଗ କରିଥିଲେ। ମାତ୍ର ସେ ୭ଟି ଉଠାଜଳସେଚନ ପ୍ରକଳ୍ପ ୨ଟି ଟ୍ରାନ୍ସଫର୍ମରରେ ଚଳାଇ ଆସୁଥିଲେ। ଯାହାକୁ ଜଳେଶ୍ୱର ନେସ୍କୋ ବିଭାଗଠାରେ ଅବଗତ କରାଯାଇଥିଲା। ୨ଟି ଟ୍ରାନ୍ସଫର୍ମରରୁ ବାଉଁଶଖୁଣ୍ଟରେ ସାହାଯ୍ୟରେ ୩ ଫୁଟ୍‌ରୁ ସାଢ଼େ ୩ ଫୁଟ୍ ଭୁଇଁଠାରୁ ଉଚ୍ଚରେ ଏଲ୍‌ଟି ଲାଇନ୍ ଯାଇଥିଲା। ସକାଳ ସମୟରେ କୁହୁଡ଼ି ହୋଇଥିବାରୁ ସୁରେନ୍ଦ୍ରଙ୍କୁ ତାର ଦେଖା ଯାଇ ନ ଥିଲା। ସେ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ବିଦ୍ୟୁତ୍ ସଂଯୋଗ ନେଇଥିବା ବ୍ୟକ୍ତିଙ୍କ ଘର ସମ୍ମୁଖରେ ମୃତଦେହ ରଖି ରାସ୍ତାରୋକୋ କରିବା ସହିତ କ୍ଷତିପୂରଣ ବାବଦରେ ୧୦ଲକ୍ଷ ଟଙ୍କା ଓ ଜଣକୁ ଚାକିରି ଦାବି କରିଥିଲେ। ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା ଓ ଥାନାଧିକାରୀ ପ୍ରଦୀପ ମାଝି ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ତୁରନ୍ତ ଜଳେଶ୍ୱର ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ସହ ଉଠାଜଳସେଚନ ପ୍ରକଳ୍ପର ମାଲିକଙ୍କ ବିରୋଧରେ ଗ୍ରାମବାସୀ ଫୌଜଦାରୀ ମାମଲା ଦାଏର ପାଇଁ ଦାବି କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ନ ଥିବାକୁ ପେଯ**
**କେହି ନ ଥିବାକୁ ତୋ ମୁହଁ ଚାହୁଁଛି**
**କହିବାକୁ ମାଡ଼େ ଲାଜ ।**

ଗରିବ ଘରେ ଅଭାବ ଅନଟନ ଲାଗି ରହିଥାଏ। ଘରେ ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଯାଉ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ରହିବ ବୋଲି ଅନ୍ୟକୁ ଆପଣାର କରିଥିବା ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ଦେଖି ଦୁଃଖରେ ଭାଙ୍ଗି ପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଜାମିନି ହୋଇଛି ଦବା ପାଇଁ**
**ଗଛରେ ଚଢ଼ିଛି ମରିବା ପାଇଁ ।**

ସାଧାରଣତଃ ଜାମିନମାନେ ବ୍ୟକ୍ତିଗତ ମୁଚାଲିକା ମାଧ୍ୟମରେ କୋର୍ଟରୁ ଲୋକକୁ ଆଣିଥାନ୍ତି। ଦୋଷୀ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହିଥାଏ। ହାଜିର ହୋଇ କୈଫିୟତ ଦେବାକୁ ଦଉଡ଼ିଥାଏ। ପରୋକ୍ଷରେ ସରଳ ମନରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଭାଜପାର ବିଜୟ ସଂକଳ୍ପ ରାଲି



ଧାମନଗର ଛକ ପେଟ୍ରୋଲ ପମ୍ପଠାରୁ ଭାଜପା କର୍ମୀମାନେ ରାଲିରେ ବାହାରୁଛନ୍ତି।

**ଆରଡ଼ି/ ଭଣ୍ଡାରିପୋଖରୀ/ ପଦ୍ମପୁର, ୨।୩ (ଡି.ଏନ.ଏ.)**

ଭଦ୍ରକ ଜିଲାର ଚାନ୍ଦବାଲି, ଭଣ୍ଡାରିପୋଖରୀ ଓ ପଦ୍ମପୁର ଅଞ୍ଚଳରେ ଶନିବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ବାଇକ୍ ରାଲି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚାନ୍ଦବାଲି ବ୍ଲକ ଆଖଣ୍ଡଳମଣି ଜୋନ୍ ଅଧୀନ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତର ଭାଜପା କର୍ମୀମାନେ ରାଲିରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ମଣ୍ଡଳ ସଭାପତି କିଶୋର ନାୟକ ଏହାର ନେତୃତ୍ୱ ନେଇଥିଲେ। ମିହିର ନାୟକ, ଜୀବନାନନ୍ଦ ପାତ୍ରୀ, ସୁରେନ୍ଦ୍ର ଦାସ, ସଦାନନ୍ଦ ମଳିକ, ତପନ ପାତ୍ରୀ, ଅଭିମନ୍ୟୁ ବିଶ୍ୱାଳ, ଶଶାଙ୍କ ବେହୁରିଆ, ସନ୍ଦୀପ ନାୟକ, ସୁରେଶ ମହାଳିକ, ଉମେଶ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ସେହିପରି ଧାମନଗର ବ୍ଲକ ଧୂଷୁରୀ ମଣ୍ଡଳ ବାଇକ୍ ରାଲିକୁ ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି ସଦାଶିବ ପୋଥାଳଙ୍କ ନେତୃତ୍ୱରେ ଚତୁର୍ଭୁଜ ନାୟକ, ଭାଗୀରଥି ମହାନ୍ତି, ଅନାମ ନାୟକ, ଅନ୍ତର୍ଯ୍ୟାମୀ ଦାସ, କପିଳଦେବ ବିଶ୍ୱାଳ ପ୍ରମୁଖ କୋଠାରରୁ ବାହାରି ବିଭିନ୍ନ ପଞ୍ଚାୟତ ବୁଲିଥିଲେ।

ଭଣ୍ଡାରିପୋଖରୀ ବ୍ଲକର ୩ଟି ମଣ୍ଡଳରେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଲି ଅନୁଷ୍ଠିତ ହୋଇଯାଇଛି। ୨୨ ନମ୍ବର ଜିଲାପରିଷଦ ଜୋନ୍ କୁଲଣାଠାରୁ ରାଲି ଆରମ୍ଭ ହୋଇ ନାଆଁମୀ, ୨୩ ନମ୍ବର ଜୋନ୍‌ର ଧାମନଗର ଛକଠାରୁ ସରସଦା ଏବଂ ୨୪ ନମ୍ବର ଜୋନ୍‌ର ଜଗନ୍ନାଥପ୍ରସାଦଠାରୁ ବେଲଗଡ଼ିଆ ପର୍ଯ୍ୟନ୍ତ ରାଲି କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ବସନ୍ତ ରାଉତ, ନିର୍ମଳ କର, ବ୍ରଜନାରାୟଣ ଧଳ, ମଣ୍ଡଳ ସଭାପତି ଜଗବନ୍ଧୁ ଦାସ, ପ୍ରଦୀପ କୁମାର ସାହୁ, ସୁରେଶ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ବାସୁଦେବପୁର ବ୍ଲକ ଭାଜପା ପକ୍ଷରୁ ଆୟୋଜିତ ରାଲିରେ ଲକ୍ଷ୍ମୀଦାସପୁର, ଜଗନ୍ନାଥପ୍ରସାଦ, ପଦ୍ମପୁର, ସୁଗୋ, ଏଡ଼ତାଳ, ଲୁଙ୍ଗା, ଗୁଆଗଡ଼ିଆ ପଞ୍ଚାୟତର ଶତାଧିକ କର୍ମୀ ସାମିଲ ହୋଇଥିଲେ। ଲକ୍ଷ୍ମୀଦାସପୁରଠାରୁ ରାଲି ଆରମ୍ଭ ହୋଇ ବାସୁଦେବପୁରରେ ପହଞ୍ଚିଥିଲା। ଭାଜପା ନେତା ଦୀନବନ୍ଧୁ ପତି, ସନ୍ତୋଷ କୁମାର ମହାରଣା, ବିକ୍ରମ କେଶରୀ ଦାସ, କୁଞ୍ଜବିହାରୀ ନାୟକ, ଉପେନ୍ଦ୍ର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

**ଭଣ୍ଡାରିପୋଖରୀ, ୨।୩ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ଚତୁର୍ଭୁଜପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ। ଜିଲାପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ତହସିଲଦାର ପ୍ରଣୟ କୁମାର ଜେନା ମୁଖ୍ୟଅତିଥି, ପ୍ରୀତିକାନ୍ତ ରାଉତ ମୁଖ୍ୟବକ୍ତା ଏବଂ ସରପଞ୍ଚ ରୀତାଞ୍ଜଳି ସାମଲ, ସମିତିସଭ୍ୟ ମୋହନ କୁମାର ରାୟ, ଅଦ୍ୱୈତ ପ୍ରସାଦ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ପରିଚାଳନା କମିଟି ସଦସ୍ୟ ଦୁର୍ଯ୍ୟୋଧନ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜେନ୍ଦ୍ର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ, ନାରାୟଣ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନୋଜ ସାମଲ, ଶ୍ରୀଧର ମାଝି, ପୀତାମ୍ବର ଓଝା, ନିରଞ୍ଜନ ଦାଶ, ନିରୂପମା ଦାସ, ସ୍ନେହଲତା ମହାନ୍ତି, ତିଳୋତ୍ତମା ପାତ୍ର, ମୋନାଲିସା ସାମଲ ପ୍ରମୁଖ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ



ଜିଲାପାଳ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟନ କରୁଛନ୍ତି।

**ସଜନାଗଡ଼, ୨।୩(ଡି.ଏନ.ଏ.)**

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ବାଲେଶ୍ୱରର ପ୍ରମୁଖ ଶିଳ୍ପ ଇସ୍ପାତ ଆଲଏଜ୍ କମ୍ପାନୀ ପକ୍ଷରୁ ହାଇମାଷ୍ଟ ଲାଇଟ୍ ଯୋଗାଇ ଦିଆଯାଇଥିଲା। ଶନିବାର ଅପରାହ୍ନରେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏହାକୁ ଉଦ୍‌ଘାଟନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଏସ୍‌ପି ବି. ଯୁଗଳ କିଶୋର କୁମାର, ନୀଳଗିରି ଉପଜିଲାପାଳ ବିଶାଲ ସିଂ, ବିଡିଓ ରାମ ଦାସ ଟୁଡୁ, ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଏସ୍‌ଡ଼ିପିଓ ସୁଦାମ ଚରଣ ସାହୁ, ଆଇଆଇସି ନଳିତା ମୋଦି, ଇସ୍ପାତ ଆଲଏଜ୍‌ର ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥଙ୍କ ଉପସ୍ଥିତିରେ ନଡ଼ିଆ ବାଡ଼େଇ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଯାଇ ଉଦ୍‌ଘାଟନ କରାଯାଇଥିଲା। ଏହି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ନୀଳଗିରିବାସୀଙ୍କ ତରଫରୁ ଅନେକ ଦିନରୁ ଦାବି ହୋଇଆସୁଥିଲା। ଏହି ଆଲୋକ ଲାଗିବା ଯୋଗୁ ନୀଳଗିରି ରାଜବାଟୀ, ଜଗନ୍ନାଥ ମନ୍ଦିର ଏବଂ ବଡ଼ଦାଣ୍ଡକୁ ଆସୁଥିବା ପର୍ଯ୍ୟଟକମାନେ ସୁବିଧାରେ ବୁଲିପାରିବେ।

# ୧୮୧ଙ୍କୁ ସହାୟତା ରାଶି ବଣ୍ଟନ



ସ୍ୱୟଂ ସହାୟକ ଗୋଷ୍ଠିକୁ ସହାୟତା ପ୍ରଦାନ ।

**ଚମ୍ପୁଆ, ୨।୩ (ଡି.ଏନ.ଏ.)**

ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଆନୁକୂଲ୍ୟରେ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଉନହଲଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ୧୦ ହଜାର ଟଙ୍କା ଲେଖାଁଏ ବଣ୍ଟନ କରାଯାଇଥିଲା। ୨୦୧୭/୧୮ରେ ଏହି ଅନୁଦାନ ରାଶି ୧୮ଜଣ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଚଳିତ ବର୍ଷ ୧୮୧ଜଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ରାଶି ପ୍ରଦାନ କରାଯାଇଛି। ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଗୀତାରାଣୀ ନାଏକ, ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଉପାଧ୍ୟକ୍ଷ ମାନସ ପଶାୟତ ଯୋଗଦେଇ ଏହି ରାଶି ପ୍ରଦାନ କରିଥିଲେ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ପାଟଣା,୨।୩(ସ୍ୱ.ପ୍ର.)-**ପାଟଣା ବ୍ଲକ ସଭାଗୃହରେ ଶନିବାର ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ମୋଟ ୨୦୯ ଜଣ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୩୯ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଛନ୍ତି।


## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA

(E-mail Id: cceabp-eicwr.od@nic.in/ loabp-eicwr.od@nic.in)
'e' Procurement Notice No.- CCEABP-22 of 2018-19

No.1365-A:-

| E-Procurement Officer | Name of Work | Bid Id No. | Tender Cost in Lakhs (Appx.) | Bid Security in Lakhs | Cost of Bid Docu-ment | Class of Contrac-tor | Period of Comple-tion | Availability of Tender On-line for bidding | | Date of opening of Technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A. B. Projects, Salapada | Providing Cement Concrete Lining to Salandi Left Main canal (SLMC) from RD 16080M to 18017M of Integrated Anandapur Barage Project Under AIBP. | ABP-BCD-05/1 of 2018-19 | 768.02 | 7,70,000/- | 10,000/- | Spl & Super | 6 (Six) Calendar months | 06.03.19 11.30 hrs | 26.03.19 17.00 hrs | 27.03.19 11.30 hrs |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

32068/11/0034/1819
Sd./- Chief Construction Engineer, Anandapur Barrage Project, Salapada



+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790



## GOVERNMENT OF ODISHA
## OFFICE OF THE SUPERINTENDING ENGINEER-CUM-ELECTRICAL INSPECTOR, BHADRAK

AT/PO- CHARAMPA, BHADRAK-756101, Email ID: eibhadrak-od@gov.in

**TENDER CALL NOTICE NO: 01 OF 2018-19**

**No.19-AA:-** Sealed tenders in duplicate superscribing "SUPPLY OF HIRED VEHICLE" are invited from interested reputed Travel Agencies/Tour Operators or private individuals for supplying 1 No. diesel driven vehicle of following type which shall not be more than three years old so as reach the undersigned on or before 1 PM of dt. 15.03.2019 and the same shall be opened at 03.00 PM of dt. 15.03.2019 in presence of the tenderer/authorized representative of the tendered. The tender shall be accompanied with security deposit of Rs. 5000.00 (Rupees Five Thousand) in shape of bank draft/banker's cheque. The vehicle shall be hired on monthly rent basis as per the terms and conditions given in tender documents. The tender documents will be available in the office of the undersigned during office hours from dt. 06.03.2019 upto 12.00 hrs of dt. 15.03.2019 on payment of Rs. 100.00 (Rupees One Hundred) only in shape of e-challan deposited under head of account "0043-00800-0097-01026-000" in favour of SE-Cum-EI, Bhadrak. The authority reserves the right to accept/reject any or all tenders without assiging any reason thereof.

| Sl. No. | Type of Vehicle | Minimum average milease | Maximum hire Charges per month | Remarks |
|---|---|---|---|---|
| 01 | Bolero/ Tata Sumo/Marshal | 10 Kmpl | Rs. 20000.00 | Service Tax shall be reimbursed separately over & above the hire charges. |

04032/11/0003/1819
SE-Cum-EI, Bhadrak



# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

## ସଂକ୍ଷେପରେ

### ପଥପ୍ରାନ୍ତ ସଭା, ଶୋଭାଯାତ୍ରା

**ବାସୁଦେବପୁର, ୨।୩ (ଡି.ଏନ.ଏ.):** ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ସୌର୍ଯ୍ୟ ଦିବସ ପାଳନ ଅବସରରେ ଶନିବାର ଶୋଭାଯାତ୍ରା ସହିତ ପଥପ୍ରାନ୍ତ ସଭା କରାଯାଇ ଦଳର ଆଭିମୁଖ୍ୟ ରଖାଯାଇଛି। ନିର୍ବାଚନ ମଣ୍ଡଳୀର ବାସୁଦେବପୁର ବ୍ଲକରେ ୩୬ ପଞ୍ଚାୟତରେ ଥିବା ୧୮୮ ବୁଥ୍, ପୌରପାଳିକାର ୨୩ ୱାର୍ଡରେ ଥିବା ୨୩ ବୁଥ୍‌ରେ ଦଳୀୟ କର୍ମକର୍ତ୍ତା ବାଇକ୍ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପ୍ରତି ମଣ୍ଡଳରେ ପହଞ୍ଚିଥିଲେ। ପରେ ଏହି ଶୋଭାଯାତ୍ରା ପ୍ରତି ମଣ୍ଡଳ ଓ ବାସୁଦେବପୁର ସହର ପରିକ୍ରମା କରିଥିଲା। ଅପରାହ୍ନରେ ବସ୍‌ଷ୍ଟାଣ୍ଡରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଭାଜପା ନେତା ମାଧବାନନ୍ଦ ମଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଜିଲା ଉପସଭାପତି ଅଶୋକ ସାହୁ ପ୍ରମୁଖ ସଭାରେ ଦଳର ନୀତି, ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଗାମୀ ନିର୍ବାଚନରେ ଦଳ କିପରି ଶୀର୍ଷରେ ପହଞ୍ଚିବା ସହ ବିଜୟୀ ହୋଇପାରିବ ସେ ସମ୍ପର୍କରେ ଦଳୀୟ ନେତୃବୃନ୍ଦ ମତ ରଖିଥିଲେ। ଭୋଟରଙ୍କୁ କେନ୍ଦ୍ରୀୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏହାର ସୁଫଳ ସେମାନଙ୍କ ପାଖରେ ପହଞ୍ଚିଲେ ଭାଜପା ଅଧିକ ମଜ୍‌ଭୁତ ହେବ ବୋଲି ମତପ୍ରକାଶ ପାଇଥିଲା। ଭାଜପା ଯୁବ ମୋର୍ଚ୍ଚା ସଭାପତି ସମ୍ବିତ ମହାନ୍ତି ସଭାରେ ସଂଯୋଜନା କରିଥିବା ବେଳେ ହନୁମାନ ବାଟିକାରେ ଏହି କାର୍ଯ୍ୟକ୍ରମ ସମାପିତ ହୋଇଥିଲା।

### ଆଦାନୀ ଫାଉଣ୍ଡେଶନକୁ ସିଏସ୍‌ଆର୍ ପୁରସ୍କାର



**ଭଦ୍ରକ ଅଫିସ, ୨।୩:** ଆଦାନୀ ଫାଉଣ୍ଡେଶନ ଦ୍ୱାରା ଆଦାନୀ ୱିଲମାରର ସୁପୋଷଣ କାର୍ଯ୍ୟକ୍ରମ ପାଇଁ ସିଏସ୍‌ଆର୍(ବିଏସ୍‌ଏନ୍‌ଏଲ୍ ଦୈନିକ ଜାଗରଣ କର୍ପୋରେଟ ସାମାଜିକ ଦାୟିତ୍ୱ) ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଯୋଗାଯୋଗ ଏବଂ ରେଳମନ୍ତ୍ରୀ ଦିଲ୍ଲୀଠାରେ ଆୟୋଜିତ ଏକ ସମାରୋହରେ ଆଦାନୀ ଫାଉଣ୍ଡେଶନ ଅଧ୍ୟକ୍ଷା ଡ. ପ୍ରୀତି ଆଦାନୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆଦାନୀ ଫାଉଣ୍ଡେଶନର ସୁପୋଷଣ କାର୍ଯ୍ୟକ୍ରମ ସମଗ୍ର ଦେଶର ୧୧ଟି ରାଜ୍ୟର ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟ ୮୬୮୭ ଶିଶୁଙ୍କୁ ଅପପୁଷ୍ଟି ଶିକାରରୁ ମୁକ୍ତ କରାଯାଇପାରିଛି ବୋଲି କୁହାଯାଇଛି।

### ପ୍ରାଥମିକ ଚିକିତ୍ସା ନେଇ ସଚେତନତା

**ଭଦ୍ରକ ଅଫିସ, ୨।୩ -** ଭଦ୍ରକ ସତ୍ୟସାଇ ବିଦ୍ୟାବିହାର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ରୋଟାରି କ୍ଲବ ଆନୁକୂଲ୍ୟରେ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ବିଦ୍ୟାଳୟର ବହୁ ଛାତ୍ର ଯୋଗ ଦେଇଥିଲେ। ଅତିଥି ଭାବେ ଡା. ସୁଧୀରଞ୍ଜନ ନାୟକ ଯୋଗଦେଇ ସମାଜର ଅବହେଳିତ ଲୋକଙ୍କ ପାଇଁ ରୋଟାରି କ୍ଲବ ଦ୍ୱାରା ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଲୋକପାତ କରିଥିଲେ। ଡା. ପ୍ରଭାସ ମହାନ୍ତି ପ୍ରାଥମିକ ଚିକିତ୍ସା ନେଇ ସଚେତନ କରାଇଥିଲେ। କ୍ଲବ ସମ୍ପାଦକ ମନୋଜ ସାହୁ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ରୋଟାରିଆନ ନିର୍ମଳ ମହାନ୍ତି, ପ୍ରମୋଦ ଜେନା, ସୀତାକାନ୍ତ ଦାସଙ୍କ ପରିଚାଳନାରେ ଜିଲାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୨୫ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରାଜୀବ ଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ଢେଲା ମାଡ଼ରେ ଗାଡ଼ିର କାଚ ଭାଙ୍ଗିଯାଇଛି।



ଆକ୍ରମଣରେ ଆହତ ମହିଳା।

# ସଭା ପୂର୍ବରୁ ବିଜେଡିର ଦୁଇଗୋଷ୍ଠୀ ମୁହାଁମୁହିଁ

**ଭଦ୍ରକ ଅଫିସ/ଚାନ୍ଦବାଲି, ୨।୩(ଡି.ଏନ.ଏ.)**

## ଗାଡ଼ି ଭଙ୍ଗାରୁଜା, ଉତ୍ତେଜନା

ମୁଖ୍ୟମନ୍ତ୍ରୀଙ୍କ ସଭାର ଅଧଘଣ୍ଟା ପୂର୍ବରୁ ବିଜେଡିର ଦୁଇଗୋଷ୍ଠୀ ମୁହାଁମୁହିଁ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ସମର୍ଥକ ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଗାଡ଼ି ଭଙ୍ଗାରୁଜା କରାଯିବା ସହ ୨୦ରୁ ଊର୍ଦ୍ଧ୍ୱ ମହିଳା ଆହତ ହୋଇଛନ୍ତି। ବିଧାୟକଙ୍କ ବିରୋଧୀ କୁହାଯାଉଥିବା ପୂର୍ବତନ ଚାନ୍ଦବାଲି ବ୍ଲକ ବିଜେଡି ସଭାପତି ତଥା ବର୍ତ୍ତମାନର ଜିଲା ବିଜେଡି ଉପସଭାପତି ପ୍ରତାପ ଧଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ ୪ ଚକିଆରେ ସଭାସ୍ଥଳକୁ ଆସିବାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା। ପ୍ରତାପ ଧଳଙ୍କ ଶୋଭାଯାତ୍ରା ବିଧାୟକ ବ୍ୟୋମକେଶଙ୍କୁ ବିରୋଧ କରି ନିଜର ସମର୍ଥକଙ୍କୁ ନେଇ ଦିଗଛିଆରୁ ଚାନ୍ଦବାଲିରେ ପହଞ୍ଚିବାର ଯୋଜନା ରହିଥିଲା। ମାତ୍ର ଏହି ରାଲିକୁ ବିଧାୟକଙ୍କ ସମର୍ଥକ କେତେକ ମହିଳା ପାଞ୍ଚପଡ଼ା କଲେଜ ଛକ ନିକଟରେ ଅଟକାଇଥିଲେ। ଏହାକୁ କେନ୍ଦ୍ରକରି ଗଣ୍ଡଗୋଳ ହେବା ସହ ଗାଡ଼ିଗୁଡ଼ିକ ଉପରକୁ ଢେଲା ମାଡ଼ ହୋଇଥିଲା। ଫଳରେ ସେଠାରେ ଉତ୍ତେଜନା ଦେଖାଯାଇଥିଲା। କେତୋଟି ଗାଡ଼ି ଭଙ୍ଗାରୁଜା ଅବସ୍ଥାରେ ଭଦ୍ରକ -ଚାନ୍ଦବାଲି ରାସ୍ତାରେ ଅଟକି ରହିଥିଲା। ଅନ୍ୟପକ୍ଷେ ଗାଡ଼ି ଭଙ୍ଗାରୁଜା ଘଟଣାକୁ ନେଇ ଉପସଭାପତି ଧଳଙ୍କ ସମର୍ଥକ ସଭାରୁ ଫେରୁଥିବା ଏମ୍‌ପି ଅର୍ଜୁନ ସେଠୀଙ୍କ ଗାଡ଼ିକୁ ଦିଗଛିଆଠାରେ ଅଟକାଇଥିଲେ। ଏଥିରୁ ଦଳର ଆଭ୍ୟନ୍ତରୀଣ କନ୍ଦଳ ପଦାରେ ପଡ଼ିଥିଲା। ଘଟଣାସ୍ଥଳରେ ପ୍ରାୟ ୨ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନ ହୋଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

### କଳି ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା

**ଭଦ୍ରକ ଅଫିସ/ଚାନ୍ଦବାଲି, ୨।୩ (ଡି.ଏନ.ଏ.):** ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ପୂର୍ବତନ ବ୍ଲକ ବିଜେଡି ସଭାପତି ପ୍ରତାପ ଧଳଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ମିଳାମିଶା କରିବାକୁ ଯଦିଓ କିଛିଦିନ ପୂର୍ବେ ଏମ୍‌ପି ଅର୍ଜୁନ ଚରଣ ସେଠୀ ମଧ୍ୟସ୍ଥତା କଲେ, କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଚାନ୍ଦବାଲି ଗସ୍ତ ସମୟରେ କର୍ମୀଙ୍କର ଏକ ସମାନ୍ତରାଳ ରାଲି ପାଇଁ ପ୍ରତାପ ଧଳ ଯୋଜନା କରିଥିଲେ। ମାତ୍ର କେତେକ ମହିଳା ତାଙ୍କୁ ପାଞ୍ଚପଡ଼ା କଲେଜ ଛକ ନିକଟରେ ଅଟକାଇଥିଲେ। ଫଳରେ ପ୍ରତାପଙ୍କ ସମର୍ଥକ ଚାନ୍ଦବାଲି ସଭାସ୍ଥଳରେ ପହଞ୍ଚିବା ପୂର୍ବରୁ ଲହୁଲୁହାଣ ହୋଇ ଘରକୁ ଫେରିଲେ।

### ଦୁର୍ଗାପଡ଼ିଆ ସାକ୍ଷୀ

୨୦୧୬ ଫେବୃୟାରୀ ୯ରେ ମୁଖ୍ୟମନ୍ତ୍ରୀ ପ୍ରାକ୍ ପଞ୍ଚାୟତ ନିର୍ବାଚନ ପ୍ରଚାର ଲାଗି ଚାନ୍ଦବାଲି ଗସ୍ତରେ ଆସିଥିଲେ। ସେହିଦିନ ଦୁର୍ଗାପଡ଼ିଆରେ ହୋଇଥିଲା ସମାବେଶ। ସେଠାରେ ମୁଖ୍ୟମନ୍ତ୍ରୀ ଗୋଟିଏ ସ୍ଥାନରେ ୪ ପୋଲ ଓ ମଡେଲ ସ୍କୁଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କିନ୍ତୁ କୌଣସି ପୋଲର କାମ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ଶନିବାର ମୁଖ୍ୟମନ୍ତ୍ରୀ ପୁଣି ଚାନ୍ଦବାଲି ଗସ୍ତରେ ଆସି ସେହି ଦୁର୍ଗାପଡ଼ିଆରେ ୧୮ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସାକ୍ଷୀ ରହିଲା ଦୁର୍ଗାପଡ଼ିଆ, ଆଗକୁ କାମ କେମିତି ହେଉଛି ଦେଖିବାକୁ ବାକି ରହିଲା ବୋଲି କେତେକ କୁହାକୁହି ହୋଇଥିଲେ।

### ବାପି ଭାଇ ଆପଣଙ୍କୁ ଲାଗିଲା

ମୁଖ୍ୟମନ୍ତ୍ରୀଙ୍କ ସଭା ଆରମ୍ଭରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। କୁନା ତ୍ରିପାଠୀ ମଞ୍ଚ ସଞ୍ଚାଳନ କରୁଥିଲେ। ମୁଖ୍ୟମନ୍ତ୍ରୀ ମଞ୍ଚରେ ପହଞ୍ଚିଲେ ତାଙ୍କୁ ଉତ୍ସାହିତ କରିବାକୁ ତାଳି ମାରିବା, ହାତ ହଲାଇବା, ହୁଳହୁଳି ପକାଇବା, ଶଙ୍ଖ ବଜାଇବା, କିଛି ନ ହେଲେ ମୁଣ୍ଡରେ ପିନ୍ଧିଥିବା ଟୋପିକୁ ହଲାଇବାକୁ ନିଜସ୍ୱ ଢଙ୍ଗରେ ଉପସ୍ଥିତ ଜନତାଙ୍କୁ ସେ ନିବେଦନ କରିଥିଲେ। ଆଉ ପାଦେ ଆଗକୁ ଯାଇ ସେ କହିଥିଲେ, ବାପିଭାଇ (ବ୍ୟୋମକେଶ ରାୟ) ଆମର ଜଣେ ଭଲ ପିଲା। ସେ ଆପଣଙ୍କୁ ଲାଗିଲେ। ତାଙ୍କ ଜିତିବା କଥା ଆପଣ ବୁଝିବେ। ଏଥିରୁ ବୁଝା ପଡୁଥିଲା ସତେ ଯେମିତି ବାପିଭାଇଙ୍କର ଚାନ୍ଦବାଲି ଟିକେଟ ଫୁଲ୍ କନ୍‌ଫର୍ମ।

### ଆଶାୟୀଙ୍କ ହୋର୍ଡିଂ ଲଢ଼େଇ

ବିଧାନସଭା ନିର୍ବାଚନ ପାଇଁ ବିଜେଡିର ଅନେକ ଆଶାୟୀ ପ୍ରାର୍ଥୀ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ସେମାନଙ୍କ ବ୍ୟାନର ଓ ହୋର୍ଡିଂ ଚାନ୍ଦବାଲିରେ ଛାଇଯାଇଥିଲା। ବିଧାୟକ ବ୍ୟୋମକେଶ ରାୟ, ବରିଷ୍ଠ ବିଜେଡି ନେତା ପ୍ରତାପ ଧଳ, ପ୍ରଫେସର ଶାନ୍ତନୁ କୁମାର ମହାନ୍ତି, ଶ୍ରମିକନେତା ଅଜୟ ନାୟକ, ପରିବେଶବିତ୍ ସଂଗ୍ରାମ ରାଉତଙ୍କ ସୁଦୃଶ୍ୟ ହୋର୍ଡିଂ ଚାନ୍ଦବାଲିର ଏଠିସେଠି ଦେଖିବାକୁ ମିଳିଥିଲା।

### ଯୁବବାହିନୀର କାଟ୍‌ତି...

ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କ କାଟ୍‌ତି କହିଲେ ନ ସରେ। ମଞ୍ଚ ସମ୍ମୁଖ ଓ ଚାରିପାଖରେ ଯୁବବାହିନୀ କର୍ମକର୍ତ୍ତାମାନେ ଛାଇ ଯାଇଥିଲେ। ସତେ ଯେପରି ସେମାନେ ସୁରକ୍ଷା ଦେବେ। ପୋଲିସ କର୍ଡନଠାରୁ ସେମାନଙ୍କ କର୍ଡନ ଅଧିକା ଥିଲା ଭଳି ମନେ ହେଉଥିଲା। ଏପରିକି ଡ୍ୟୁଟିରେ ଥିବା ପୋଲିସ ବାବୁଙ୍କୁ ସେମାନେ ନିର୍ଦ୍ଦେଶ ଦେଉଥିଲେ।

### ଗଞ୍ଜାମ ଯୋଡ଼ିଶଙ୍ଖ ସାଙ୍ଗକୁ ସ୍ଥାନୀୟ କଳାକାର

ମୁଖ୍ୟମନ୍ତ୍ରୀଙ୍କୁ ଖୁସି କରିବା ପାଇଁ ଆମ ବାପି ଭାଇ ଗଞ୍ଜାମ ଜିଲା ନରେନ୍ଦ୍ରପୁରରୁ ଯୋଡ଼ିଶଙ୍ଖ ଦଳକୁ ଡକାଇଥିଲେ ଶଙ୍ଖ ଫୁଙ୍କି ନିର୍ବାଚନୀ ବିଗୁଲ୍ ବଜାଇବାକୁ। ହେଲେ ପୋଲିସ ବାବୁଙ୍କ କଡ଼ା ସୁରକ୍ଷା କର୍ଡନ ଶଙ୍ଖୁଆଙ୍କୁ ସେମାନଙ୍କ କଳା ପ୍ରଦର୍ଶନ କରିବାକୁ ସୁଯୋଗ ଦେଇ ନ ଥିଲା। ଜିଲାର ବିଭିନ୍ନ କୋଣାନୁକୋଣରୁ ସାଂସ୍କୃତିକ ଦଳ ଯାଇଥିଲେ ମଧ୍ୟ ସୋମାନଙ୍କ କଳା ନୈପୁଣ୍ୟତା ଦେଖିବାକୁ କାହାର ବେଳ ନ ଥିଲା। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଆସିବା ସମୟକୁ ଅପେକ୍ଷା କରିଥିଲେ।

## କାନ୍ତକବିଙ୍କ ସ୍ମୃତିମଣ୍ଡପ, କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ତିହିଡ଼ି, ୨।୩ (ଡି.ଏନ.ଏ.)**



ଏମ୍‌ପି ଅର୍ଜୁନ ଚରଣ ସେଠୀ(ବାମରୁ ତୃତୀୟ) କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରୁଛନ୍ତି।

ତିହିଡ଼ି ବ୍ଲକ ଅଧୀନ ତାଳପଦା ଗ୍ରାମରେ ଶନିବାର ସନ୍ଧ୍ୟାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିମଣ୍ଡପ, କମ୍ୟୁନିଟି ସେଣ୍ଟର ଓ ସମାଧିପୀଠ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ଅର୍ଜୁନ ଚରଣ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଏଠାରେ ଆୟୋଜିତ ସଭାରେ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ସେଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ପୂଜ୍ୟପୂଜା କରୁ ନ ଥିବା ଜାତି ଆଗକୁ ବଢ଼େ ନାହିଁ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଜୟନ୍ତୀ ରଥ, ପୂର୍ବତନ ବିଧାୟକ ବିଜୟ ନାୟକ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର, ଧାମନଗର ପର୍ଯ୍ୟବେକ୍ଷକ ଉପେନ୍ଦ୍ର ପ୍ରସାଦ ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ଜିଲାପରିଷଦ ସଦସ୍ୟ ଚିନ୍ତାମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ପ୍ରଦୀପ ପଣ୍ଡା ଓ କୀର୍ତ୍ତନ ରାଉତ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, ଜିଲା ଯୁବ ବିଜେଡି ସଭାପତି ଦୁର୍ଗାପ୍ରସନ୍ନ ଦାସ, କାନ୍ତକବିଙ୍କ ନାତି ବାଣୀକଲ୍ୟାଣ ମହାପାତ୍ର, ସାହିତ୍ୟ ଏକାଡେମୀ ସଦସ୍ୟ ଇଂ.ଅଭୟ ସୂତାର, ଅଧ୍ୟାପକ ନୀହାର କର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର, ରାକେଶ ମହାପାତ୍ର, ଆଶିଷ କୁମାର ଶୁକ୍ଳ, ଗୋପୀନାଥ ମହାନ୍ତି, ଚନ୍ଦ୍ରଶେଖର ବେହେରା, ବିଶ୍ୱରଞ୍ଜନ ମହାପାତ୍ର, କୁଳମଣି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଡ଼ିଲା ଗଣତନ୍ତ୍ର ରଥ

**ଭଦକ୍ର ଅଫିସ, ୨।୩**

ଭଦ୍ରକ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଏକ ସୁସଜ୍ଜିତ ଗଣତନ୍ତ୍ର ରଥ ଶନିବାର ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋରମା ଭୂୟାଁ ଏବଂ ସହକାରୀ ଜିଲାପାଳ କାର୍ତ୍ତିକ ମଣ୍ଡଳ ଉପସ୍ଥିତ ଥିଲେ। ଏହି ନିର୍ବାଚନ ସଚେତନତା ରଥ ସହ ଭଦ୍ରକ ସହର ପରିକ୍ରମା କରିଥିଲା। ଏହି ରଥରେ ଥିବା ଇଭିଏମ୍ ଓ ଭିଭିପାଟ ମେଶିନର କାର୍ଯ୍ୟକାରିତା ସମ୍ପର୍କରେ କଚେରି ବଜାର ଅଞ୍ଚଳର ଶତାଧିକ ଲୋକଙ୍କୁ ସଚେତନ କରାଯାଇଥିଲା। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ରଥ ଭଦ୍ରକ ଜିଲାର ବିଭିନ୍ନ ବ୍ଲକ ବୁଲିବା ସହ ଭୋଟରମାନଙ୍କୁ ସଚେତନ କରାଇବ।

## କ୍ୟାନ୍‌ସର ପୀଡ଼ିତଙ୍କୁ ଭେଟିଲା ଯୁବବାହିନୀ

**ପଦ୍ମପୁର, ୨।୩ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ରାଜଘରପୋଖରୀ ଗ୍ରାମର କ୍ୟାନ୍‌ସର ପୀଡ଼ିତ ବଙ୍କୁ ଜେନାଙ୍କୁ ଭେଟି ସହାୟତା ପ୍ରଦାନ କରାଯାଇଛି। ଯୁବବାହିନୀ ଶନିବାର ଅପରାହ୍ନରେ ବଙ୍କୁଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଛନ୍ତି। ଯୁବ ବାହିନୀ ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ଶରତ ପାତ୍ର, କୋଷାଧ୍ୟକ୍ଷ ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨।୩ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ବସନ୍ତ କୁମାର ଲେଙ୍କାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରଭାତ ଖିଲାରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୁବଳ ଚରଣ ପତ୍ରୀ ଅତିଥି ପରିଚୟ ପ୍ରଦାନ ଓ ପଣ୍ଡିତ ରମାକାନ୍ତ ଜେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଅରୁଣ ଖିଲାର ଏବଂ ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ପତ୍ରୀ, ବଳଦେବଜୀଉ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଶୁକଦେବ ଜେନା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର, ମନୋଜ ରାୟ, ନୃସିଂହ ସାହୁ, ସଚ୍ଚିଦାନନ୍ଦ ପତି, ପଣ୍ଡିତ ଗୋଲକ ବନ୍ଧୁ ଆଚାର୍ଯ୍ୟ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଶୋକ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଖିଲାରଙ୍କ ଦ୍ୱାରା ଅଙ୍ଗବସ୍ତ୍ର, ଉପଢୌକନ ପ୍ରଦାନ କରାଯାଇ ଶିକ୍ଷକ ଲେଙ୍କାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପ୍ରଧାନ ଶିକ୍ଷକ ସୁବଳ ପତ୍ରୀଙ୍କ ସ୍ୱର୍ଣ୍ଣ ମୁଦ୍ରିକା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ବିଳାସୀ ସାହୁ, ସସ୍ମିତା ସାମନ୍ତ, ପ୍ରିୟଦର୍ଶିନୀ ପଣ୍ଡା, ରାଜେନ୍ଦ୍ର ସାହୁ, ସ୍ମିତାଶ୍ରୀ ରାଉତ, ଗୀତ ରୋଜାଲିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନନ୍ଦା ଖିଲାର ଧନ୍ୟବାଦ ଦେଇଥିଲେ।

## 'ଜନନାୟକ ଥିଲେ ବୀରେନ'

**ଭଦ୍ରକ ଅଫିସ, ୨।୩ –** ଭଦ୍ରକର ପୂର୍ବତନ ବିଧାୟକ ତଥା ପୂର୍ବତନ ପୌରାଧ୍ୟକ୍ଷ ଜନନେତା ସ୍ୱର୍ଗତ ବୀରେନ ପଲେଇଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ କଂଗ୍ରେସ କାର୍ଯ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଲେଇଙ୍କ ସମାଧି ପୀଠରେ ବହୁ ବରିଷ୍ଠ କଂଗ୍ରେସ ନେତା ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜିଲା ରକ୍ତଭଣ୍ଡାରଠାରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ କଂଗ୍ରେସର ପୂର୍ବତନ ଜିଲା ସଭାପତି ନରେନ ପଲେଇ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ସ୍ମୃତିଚାରଣ ସଭା ହୋଇଥିଲା। ଜିଲା ସଭାପତି ଅଶୋକ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ବୀରେନ ପଲେଇ ସ୍ମୃତି ସଂସଦ ସଭାପତି ଦିଲୀପ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ କୁମାର ଜେନା ଯୋଗଦେଇ ବୀରେନ ଜନନାୟକ ଥିଲେ ବୋଲି କହିଥିଲେ। ଯୋଗଜନ୍ମା ବୀରେନ ଆଧୁନିକ ଭଦ୍ରକର ନିର୍ମାତା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ମୁରଲୀ ଯେନା, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପିସିସି ସମ୍ପାଦକ ଦେବରୂପ ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ, ଗୋଲାମ ମହିଉଦ୍ଦିନ, କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଦାସ ପ୍ରମୁଖ ଯାଗଦେଇ ସ୍ମୃତିଚାରଣ କରିଥିଲେ।

## ସାଇନ୍ସ ପାର୍କ ପାଇଁ କ୍ଷେତ୍ର ପରିଦର୍ଶନ

**ଆରଡ଼ି, ୨।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତ କୁଳେଇପଦା ପଡ଼ିଆରେ ହେବ ସାଇନ୍ସ ପାର୍କ। ଏଥିପାଇଁ ଭୁବନେଶ୍ୱର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସିଭିଲ ଇଞ୍ଜିନିୟର ବିପିନ କୁମାର ସେଠୀ, ସିଭିଲ ମ୍ୟାନେଜର ଶ୍ରୀମାନ କୁମାର ପଟ୍ଟନାୟକ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ସାଇନ୍ସ ପାର୍କ ପାଇଁ ଏହି ସ୍ଥାନ ସମ୍ପୂର୍ଣ୍ଣ ଉପଯୁକ୍ତ ବୋଲି ସେମାନେ ପ୍ରକାଶ କରିଥିଲେ। ବିଭିନ୍ନ ଦୃଷ୍ଟିକୋଣରୁ ଏଠାରେ ସାଇନ୍ସ ପାର୍କ ଲାଗି ଆବଶ୍ୟକ ଭିତ୍ତିଭୂମି ରହିଛି ବୋଲି ୨ ଅଧିକାରୀ ମତ ଦେଇଥିଲେ। ଖୁବ୍‌ଶୀଘ୍ର ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ଅତିରିକ୍ତ ତହସିଲଦାର ସୁବ୍ରତ ବେହେରା, ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ କ୍ଷେତ୍ର ପରିଦର୍ଶନ ବେଳେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସାଇନ୍ସ ପାର୍କ ପାଇଁ ପୂର୍ବରୁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଚାନ୍ଦବାଲି ତହସିଲଦାର ଜମି ଚିହ୍ନଟ କରିଥିଲେ। ୫ ଏକର ଜମି ପ୍ରଥମ ପର୍ଯ୍ୟାୟରେ ଗ୍ରାମବାସୀ ଛାଡ଼ିବାକୁ ରାଜି ହୋଇଥିଲେ। ପାର୍କ ନିମନ୍ତେ ଟଙ୍କା ବ୍ୟୟବରାଦ ହୋଇଥିଲା।



ଅଧିକାରୀମାନେ କୁଳେଇପଦାଠାରେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## 'ସମସ୍ତେ ଗୀତା ଅଧ୍ୟୟନ କରିବା ଆବଶ୍ୟକ'

**ଭଣ୍ଡାରିପୋଖରୀ, ୨।୩ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ଗୀତା ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା, ଅନ୍ୟତମ ଅତିଥି ଭାବେ ଶିକ୍ଷା ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀ, ବିଭୂତି ଭୁଷଣ ମହାନ୍ତି, ନରେନ୍ଦ୍ର ସେଠୀ, ଲକ୍ଷ୍ମୀପ୍ରିୟା ଶତପଥୀ, ମଧୁସ୍ମିତା ପରିଡା ଯୋଗଦେଇ ଗୀତା ପଠନର ଉପଯୋଗିତା, ସାମାଜିକ, ଆଧାତ୍ମିକ ଓ ବୌଦ୍ଧିକ ଜାଗରଣରେ ଗୀତାପାଠର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜୀବନ ପୁଷ୍ପର ପୂର୍ଣ୍ଣ ବିକାଶ ପାଇଁ ସମସ୍ତେ ଦୈନନ୍ଦିନ ଜୀବନରେ ଗୀତା ଅଧ୍ୟୟନ କରି କାର୍ଯ୍ୟରେ ରୂପାୟିତ କରିବା ଆବଶ୍ୟକ ବୋଲି ସେମାନେ କହିଥିଲେ। ଏହି ଅବସରରେ ୬ଷ୍ଠ, ୭ମ, ୮ମ ଶ୍ରେଣୀର ୫୦ ଛାତ୍ରୀଛାତ୍ରଙ୍କୁ ଗୀତା ପ୍ରଦାନ କରାଯାଇଥିଲା। ଦୀପ୍ତିପ୍ରଭା ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଧୂଷୁରୀଠାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥିମାନେ।

## କୃଷି ବିପ୍ଳବୀ ହୃଦାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ

**ଧାମନଗର, ୨।୩ (ଡି.ଏନ.ଏ.)**

ଧାମନଗର ନିର୍ବାଚନ ମଣ୍ଡଳୀର ଅଦ୍ୱିତୀୟ ନେତା, ପୂର୍ବତନ ବିଧାୟକ, କୃଷିବିପ୍ଳବୀ, ଦୈନିକ ଖବରକାଗଜ ସକାଳର ପ୍ରତିଷ୍ଠାତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ୨୯ ତମ ଶ୍ରାଦ୍ଧବାର୍ଷିକୀ ଧୂଷୁରୀଠାରେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ମଲ୍ଲିକଙ୍କ ସମର୍ଥକମାନେ ତାଙ୍କ ଗ୍ରାମ ହସନାବାଦଠାରେ ଜନନେତାଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅପରାହ୍ନରେ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ଶିକ୍ଷାବିତ୍ ଶାନ୍ତନୁ ରାଉତଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ହୋଇଥିଲା। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିବିସିସି ସଭାପତି ରଘୁନାଥ ଲେଙ୍କା, ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, କବି ଦୟାନିଧି ମିଶ୍ର, ଯୁବ ଶିଳ୍ପୋଦ୍ୟୋଗୀ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ସିପିଆଇ ନେତା ଚନ୍ଦ୍ରଶେଖର ନାୟକ, ସକାଳର ସମ୍ପାଦକ ଅମିତ କୁମାର ମଲ୍ଲିକ, ଆମ୍ବ ଅଧ୍ୟକ୍ଷ ଶରତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭବେ ଯୋଗଦାନ କରିଥିଲେ। ସମଗ୍ର ରାଜ୍ୟରେ କୃଷି ଓ ସବୁଜ ବିପ୍ଳବୀ ରୂପେ ସ୍ୱର୍ଗତ ହୃଦାନନ୍ଦ ଅଣକଂଗ୍ରେସ ନେତା ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସ୍ୱର୍ଗତ ହୃଦାନନ୍ଦ ବିଧାୟକ ଥିବାବେଳେ ଏକ ସମୟରେ ଶତାଧିକ ଉଠା ଜଳସେଚନ ପଏଣ୍ଟ ବସାଇ କୃଷକଙ୍କ ମନରେ ହସ ଫୁଟାଇଥିଲେ। ତାଙ୍କର ଅପୂରଣୀୟ ଆଶାକୁ ପୂରଣ ପାଇଁ ସମସ୍ତ ପ୍ରକାର ପ୍ରୟାସ ଚାଲିଥିବା ବିଧାୟକ ମଣ୍ଡଳ ସୂଚନା ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

କୁଳିଅଣା,୨।୩(ଡି.ଏନ୍.ଏ.)-କୁଳିଅଣା ଥାନା ଅନ୍ତର୍ଗତ ପାରୁଳିଆ ପଞ୍ଚାୟତ ଡାଙ୍ଗର ସାହି ଗ୍ରାମର ଦୁଷ୍ମନ୍ତ ସେଠୀ (୩୩) ଜୈନିକା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ସେ ଯୁବତୀଙ୍କ ସହିତ ଦୁଇ ବର୍ଷ ସମ୍ପର୍କରେ ରହିଥିଲେ। ଗତ ମଙ୍ଗଳବାର ୯ଟାରେ ଦୁଷ୍ମନ୍ତ ଫୋନ୍‌ରେ ଯୁବତୀଙ୍କୁ ଡାକି ରାଇରଙ୍ଗପୁର ଥାନା ଛଣପାଳ ଗ୍ରାମକୁ ନେଇଥିଲେ। ସେଠାରେ ଦୁଇଦିନ ରହିବା ପରେ ନିଗ ଗ୍ରାମକୁ ଆସିଥିଲେ। ଶନିବାର ଯୁବତୀଙ୍କୁ ଦୁଷ୍ମନ୍ତ ଘରୁ ତଡ଼ିଦେଇଥିଲେ। ଏ ନେଇ ଯୁବତୀ ତାଙ୍କ ବାପା ଓ ମଉସାଙ୍କୁ ଖବର ଦେଇଥିଲେ। ପରେ ଯୁବତୀଙ୍କ ପରିବାର ଲୋକେ ଡାଙ୍ଗରସାହି ଗ୍ରାମରେ ପହଞ୍ଚି ବୁଝାଶୁଝା କରିଥିଲେ। ତେବେ କୌଣସି ସମାଧାନ ନ ହେବାରୁ ଯୁବତୀ ଥାନାରେ ଏତଲା ଦେଇଥିଲେ। କୁଳିଅଣା ଥାନା ପୋଲିସ ୨୦/୧୯ ରେ ମାମଲା ରୁଜୁ କରି ଦୁଷ୍ମନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### କାନ୍ଥପଡ଼ି ବାଳକ ମୃତ

କପ୍ତିପଦା,୨।୩(ଡି.ଏନ୍.ଏ)-କପ୍ତିପଦା ବ୍ଲକ ଅଧୀନ ମଝିଗଡ଼ିଆ ପଞ୍ଚାୟତ ଡାଙ୍ଗରସାହି ଗ୍ରାମରେ ଜଣେ ବାଳକଙ୍କ ଉପରେ କାନ୍ଥପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ସୋମନାଥ ଷଡଙ୍ଗୀଙ୍କ ପୁତ୍ର ନିଶିକାନ୍ତ (୪) । ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପରିବାର ଲୋକେ ଖାଇପିଇ ଶୋଇବାକୁ ଯାଉଥିବା ସମୟରେ ଘରର ଏକ କାନ୍ଥ ଭୁଶୁଡି ପଡ଼ିଥିଲା । ଏଥିରେ ନିଶିକାନ୍ତ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ୨ଦିନ ଧରି ହୋଇଥିବା ଲଗାଣ ବର୍ଷା ପାଇଁ ଏପରି ହୋଇଥିବାର ଗ୍ରାମବାସୀ କହିଛନ୍ତି।

### ଟ୍ରକ୍ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ବେତନଟୀ,୨।୩(ଡି.ଏନ.ଏ.)-ବେତନଟୀ ଥାନା ଅଧୀନ ବେତନଟୀ ବଙ୍ଗଳା ଛକରେ ଶନିବାର ମଧାହ୍ନରେ ଏକ ଟ୍ରକ ବାଇକ ଆରୋହୀଙ୍କୁ ଧକ୍କା ଦେଇଛି। ଫଳରେ ବାଇକ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ମୈଦା ଗ୍ରାମର ମଙ୍ଗଳ ସିଂ(୩୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ସହ ଟ୍ରକ ଚାଳକଙ୍କୁ ଅଟକ ଏବଂ ଟ୍ରକ୍‌କୁ ଜବତ କରିଛି। ମଙ୍ଗଳ ଏବଂ ଅନ୍ୟଜଣେ ବାଇକ୍‌ରେ ବେତନଟୀ ବଙ୍ଗଳା ଛକରୁ ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ବାଲେଶ୍ୱରରୁ ବାରିପଦା ଅଭିମୁଖେ ଆସୁଥିବା ଟ୍ରକ ଧକ୍କା ଦେଇଥିଲା।

### ଜଡ଼ିଦା ସ୍କୁଲ ବାର୍ଷିକ ଉତ୍ସବ

କପ୍ତିପଦା,୨।୩(ଡି.ଏନ୍.ଏ)-ଜଡ଼ିଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କପ୍ତିପଦା ବ୍ଲକ୍ ଶିକ୍ଷାଧିକାରୀ ଶଶଧର ସିଂ, ମୁଖ୍ୟବକ୍ତା ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟ ଅଧକ୍ଷ ଭଗବାନ ପଣ୍ଡା, ସମ୍ମାନିତ ଅତିଥି ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର, ସିଆର୍‌ସିସି ନାରାୟଣ ପୃଷ୍ଟି, ପରିଚାଳନା କମିଟି ସଭାପତି ସଞ୍ଚିତା ମଢ଼େଇ, ପୁରାତନ ଛାତ୍ର ସଂସଦ ସଭାପତି ଭାଗବତ ବେହେରା, ଅଧାପକ ସର୍ବେଶ୍ୱର ବିଶ୍ୱାଳ ଏବଂ ସମିତି ସଭ୍ୟ ସୋମନାଥ ସିଂ ଉପସ୍ଥିତ ଥିଲେ । ଶିକ୍ଷକ ପ୍ରଭୁରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଭଗବତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ମହେନ୍ଦ୍ର କୁମାର ସାହୁ, ସସ୍ମିତା ବେହେରା, ସୁକାନ୍ତିଲତା ବେହେରା, ସତ୍ୟଜିତ୍ ପରିଡ଼ାଏବଂ ଚନ୍ଦ୍ରଶେଖର ମହାନ୍ତି ଉତ୍ସବରେ ସହଯୋଗ କରିଥିଲେ।

### ବାଥୁଡି ସମାଜ ବୈଠକ

ଉଦଳା,୨।୩ (ଡି.ଏନ.ଏ.)-ଉଦଳା ନିର୍ବାଚନମଣ୍ଡଳୀସ୍ତରୀୟ ବାଥୁଡି ସମାଜ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଅନଙ୍ଗ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋପବନ୍ଧୁନଗର, ଉଦଳା, କପ୍ତିପଦା ଏବଂ ଉଦଳା ଏନ୍‌ଏସିର ବିଭିନ୍ନ ପଞ୍ଚାୟତରୁ ବାଥୁଡି ସମାଜର ମୁଖ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ବାଥୁଡି ସମାଜର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ତଥା ବାଥୁଡି ଜାତିର ଇଷ୍ଟଦେବ ବଡ଼ାମ ଠାକୁରସ୍ଥଳୀଗୁଡିକର ଉନ୍ନତୀକରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ବୈଠକରେ ବୈଶିଙ୍ଗା ପୂର୍ବତନ ବିଧାୟିକା ପ୍ରମିଳା ଗିରି, ବିଜୟ ସେନାପତି, ସୁବାସ ଦଳେଇ, ଚନ୍ଦ୍ରମୋହନ ପରିଆଳ, ଶାନ୍ତିଲତା ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ସଜେଇ ହେଲାଣି ବୈଦ୍ୟନାଥଙ୍କ ପୀଠ

ବଡ଼ସାହି,୨।୩(ସ୍ୱ.ପ୍ର.)



**ଜାଗର ପ୍ରସ୍ତୁତି**
- ଆଜି ପହଡ଼ଭାଙ୍ଗିବେ ଦିଅଁ
- ଭୋର ୪ଟା ପରେ ଉଠିବ ମହାଦୀପ
- ମଙ୍ଗଳବାର ସୁନାବେଶ

ସୋମବାର ଜାଗର। ମହାଶିବରାତ୍ରି ପାଇଁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମାଣତ୍ରୀ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଛି। ବାବା ଶ୍ରୀ ଶ୍ରୀ କଖାରୁଆ ବୈଦ୍ୟନାଥଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳିବା ସହିତ ଦର୍ଶନ କରିବା ପାଇଁ ପ୍ରଶାସନ ଓ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ରବିବାର ଭୋର ୪ଟାରେ ଦିଅଁଙ୍କ ପହଡ଼ଭଙ୍ଗା ହେବାକୁ ଥିବାବେଳେ ୪ଟା ୩୦ମି.ରେ ବାଳ ଭୋଗଲାଗି ଓ ସାଧାରଣ ଦର୍ଶନ ଏବଂ ସାଧାରଣ ପୂଜା ୫ଟାରୁ ଦିନତମାମ ଚାଲୁ ରହିବ। ଅପରାହ୍ନ ୩ଟାରେ ପର୍ବାଣି ଭୋଗ ଲାଗି ହେବା ପରେ ସନ୍ଧ୍ୟାରେ ଆଳତି, ରାତି ୧୧ଟାରେ ସାଧାରଣ ଦର୍ଶନ ବନ୍ଦ ସାଙ୍ଗକୁ ସରକାରୀ ଖଟଣି ଓ ବିଶେଷ ପୂଜା ଆରମ୍ଭ ହେବ। ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟାରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ, ୩ଟାରୁ ୪ଟାରେ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୪ଟା ପରେ ମହାଦୀପ ଉଠିବ । ମଙ୍ଗଳବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ । ମନ୍ଦିର ବଗିଚାରେ ବ୍ରତୀମାନଙ୍କ ପାଇଁ ଦୀପ ଜାଳିବା ବ୍ୟବସ୍ଥା ହୋଇଥିବା ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛି। ମେଳା ପଡ଼ିଆରେ ଦୋକାନବଜାର ଖୋଲିବ। ବହୁ ସଂଖ୍ୟାରେ ଦୋକାନ, ମୀନାବଜାର ସାଙ୍ଗକୁ ସଚ୍ଚିଦାନନ୍ଦ ଓ ପାର୍ବତୀ ଭଳି ନାମୀଦାମୀ ଯାତ୍ରାନୁଷ୍ଠାନଙ୍କ ଯାତ୍ର ମାହୋଲକୁ ସରଗରମ କରିବ। ଶାନ୍ତିଶୃଙ୍ଖଳା ପାଇଁ ବେତନଟୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଏସ୍‌ଡିପିଓ ଗୋବିନ୍ଦ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସିସି ଟିଭି କ୍ୟାମେରା ସହିତ ସାଦା ପୋଷାକରେ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯିବ । ବଡ଼ସାହି ଦମକଳବାହିନୀ ଓ ମାଣତ୍ରୀ ଆଂଚଳିକ ଡ଼ାକ୍ତରଖାନା ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

■ ପିଠା ଯୋଜନାରେ ଅର୍ଥ ଅନିୟମିତତା

# ଜିଲାପାଳଙ୍କୁ ଅଭିଯୋଗ

ବାରିପଦା ଅଫିସ,୨।୩

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଶିଆଳିଘାଟୀ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ପିଠା ଯୋଜନାରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଶିଆଳିଘାଟୀ ପଞ୍ଚାୟତରେ ଗତ ୧୩ ତାରିଖରେ ୩ୟ ପର୍ଯ୍ୟାୟ ପିଠା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଏଥିରେ ମାତ୍ର ୨୦ରୁ ୨୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏନେଇ ଗ୍ରାମବାସୀ ବଡସାହି ବିଡିଓଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଏଯାଏ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପିଇଓ ଉକ୍ତ ପିଠା କାର୍ଯ୍ୟକ୍ରମରେ ୨୨ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସୂଚନା ଦେଇଥିବା ଗ୍ରାମବାସୀ କହିଛନ୍ତି। ତେଣୁ ପିଠା କାର୍ଯ୍ୟକ୍ରମରେ ଅର୍ଥ ଅନିୟମିତତା ହୋଇଥିବା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଥିବା ଗ୍ରାମବାସୀ କହିଛନ୍ତି। ମୀନା ବେହେରା, ପାର୍ବତୀ ବେହେରା, ରତ୍ନାମଣି ମହାନ୍ତି, ଜ୍ୟୋତ୍ସ୍ନା ମହାନ୍ତି, ଚନ୍ଦ୍ରମଣି ମହାନ୍ତି, କନକଲତା ମହାନ୍ତି,ୱାର୍ଡ ମେମ୍ବର ଝୁନୁବାଳା ସିଂ ପ୍ରମୁଖ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ପିଡିଡିଆରଡିଏ ତୁଷାରକାନ୍ତି ମହାନ୍ତିଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି ମତାମତ ମିଳିପାରି ନାହିଁ।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

■ ଶ୍ରୀମା ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

# ଇଂଲିଶ୍‌କୁ ବାତାୟନ ଭାଷା ରୂପେ ବ୍ୟବହାର ପରାମର୍ଶ

ବାରିପଦା ଅଫିସ,୨।୩

ବାରିପଦାସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅଧକ୍ଷ ଜ୍ୟୋର୍ତିମୟୀ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିରୂପେ ବାରିପଦା ପୌରପରିଷଦ ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଏବଂ ପ୍ରଫେସର ସନତ ପଟ୍ଟନାୟକ ଯୋଗଦେଇ ଇଂଲିଶ ଭାଷାକୁ ବାତାୟନ ଭାଷା ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଜି. ମିଶ୍ର ମଧ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷା ପୁଷ୍ପାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଅଣଶିକ୍ଷକ କର୍ମଚାରୀ ମୃତ୍ୟୁଞ୍ଜୟ ମହାନ୍ତି,ମାଳତୀ ମହାନ୍ତି, ହରି ସିଂଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପୁରସ୍କୃତ କରାଯାଇଛି। ବାର୍ଷିକ କ୍ରୀଡ଼ାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଅଧାପକ ନଟବର ଗିରି, ପ୍ରଣତୀ ମହାପାତ୍ର, ମଧୁସ୍ମିତା ତ୍ରିପାଠୀ, ମାନସୀ ବାରିକ, ରୂପାଲି ବିଷୋଇ ଏବଂ ରୋନାଲି ଦୁର୍ଗା ଉପସ୍ଥିତ ଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଆଧ୍ୟାତ୍ମିକ ପ୍ରବଚନ

ବାରିପଦା ଅଫିସ,୨।୩

ବାରିପଦା କାଳିକାପୁରସ୍ଥିତ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ଅଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠିତ ହୋଇଛି। ଅଧକ୍ଷ ଅବନୀ କୁମାର ପତିଙ୍କ ତତ୍ତ୍ୱାବଧାନରେ ରାସଗୋବିନ୍ଦପୁର ମାଜଣାଡ଼ିହିର ଯୋଗାଶ୍ରମରୁ ଆସିଥିବା ଅଖିଳ ଭାରତୀୟ ସର୍ବଶିରୋମଣି ମୁନି ସମାଜର ସପ୍ତଶାଖା ଜ୍ଞାନଯଜ୍ଞ ମଣ୍ଡଳୀର ଯୋଗ ଗୁରୁ ସି. ମୁନି, ଅରୁଣ ମୁନି, ସୁରେନ୍ଦ୍ର ମୁନି, ଗୋପାଳ ମୁନି, ପ୍ରଫୁଲ୍ଲ ମୁନି, ଉମାକାନ୍ତ ମୁନି ଏବଂ ଗୁରୁମା କମଳିନୀ ଦେବୀ ଅନ୍ତେବାସୀଙ୍କୁ ବିଭିନ୍ନ ଯୋଗ ସାଧନା କୌଶଳ ଶିଖାଇଛନ୍ତି। ସତମାର୍ଗ, ସତକର୍ମ ବିଷୟରେ ଅନେକ ପ୍ରବଚନ ମଧ ଦେଇଛନ୍ତି। ସଦସ୍ୟା ଶ୍ରୀତମ ସରିତା ପତି ଧନ୍ୟବାଦ ଦେଇଥିଲେ।

# କୃଷକ ଉତ୍ପାଦକ ସଂଘ ସାଧାରଣସଭା

ବାଙ୍ଗିରିପୋଷି,୨।୩(ଡି.ଏନ.ଏ.)

ଚାଉଳଘୋରୀ ଗ୍ରାମରେ ଦ୍ୱାରଶୁଣୀ କୃଷକ ଉତ୍ପାଦକ ସଂଘର ବାର୍ଷିକ ସାଧାରଣସଭା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣକାଟୀ ସରପଞ୍ଚ ସବିତା ନାଏକ, ସମ୍ମାନିତ ଅତିଥି ଭାବେ ହାଇଫର ଇଣ୍ଡିଆର ଗୁରୁପ୍ରସାଦ ନାହକ, ସାଲଖୁ ମାରାଣ୍ଡି ଏବଂ ନିଧି ଅନୁଷ୍ଠାନ ସଂପାଦକ ପ୍ରଶାନ୍ତ ମୁଦୁଲି ଯୋଗଦେଇଥିଲେ। ଉତ୍ପାଦକ ସଂଘ ନିର୍ଦ୍ଦେଶକ ଜୟଶ୍ରୀ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ । କମ୍ପାନୀର ମୁଖ୍ୟ ପରିଚାଳିକା ଶିବାନୀ ଗିରି ଏବଂ ସଂଯୋଜକ ଗଗନ ବେହେରା କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ କମ୍ପାନୀ ତରଫରୁ ଉତ୍ତମ ଚାଷୀଙ୍କୁ ପୁରସ୍କୃତ କରାଯାଇଛି। ସଭ୍ୟା ମମତା, ସୁମିତ୍ରା, ସୁରେଖା, ରାଧାରାଣୀ, ପୁଷ୍ପଲତା ଏବଂ ନିଧିର ପ୍ରକଳ୍ପ ସଂଯୋଜକ ପ୍ରହ୍ଲାଦ ବେହେରା, କର୍ମୀ ବଳରାମ, ଅର୍ଚ୍ଚନା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ବାଇକ୍ ଶୋଭାଯାତ୍ରା

ରାଇରଙ୍ଗପୁର,୨।୩ (ଡି.ଏନ.ଏ.)

ଦେଶରେ ସୁଶାସନ ପାଇଁ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିବା ଲକ୍ଷ୍ୟରେ ଶନିବାର ଭାଜପାର ପଶ୍ଚିମ ମୟୂରଭଞ୍ଜ ଜିଲା ଶାଖା ରାଇରଙ୍ଗପୁରଠାରେ ସଂକଳ୍ପ ବାଇକ ଶୋଭାଯାତ୍ରା କରିଛି। ଏଥିରେ ଶାଖା ସଭାପତି ନବୀନ କୁମାର ରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବ ଚରଣ ମାଝି ଏବଂ ନଗର କମିଟିର ସଭାପତି ତଥା ଯୁବନେତା ବିକାଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଯୁବକର୍ମୀଙ୍କ ସମେତ ଦଳୀୟ କର୍ମକର୍ତ୍ତା ସାମିଲ ଥିଲେ। ଏହା ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ବସ୍ତିଅଞ୍ଚଳରେ ପରିକ୍ରମା କରିଥିଲା। ପୁଣି ଥରେ ଭାଜପା କେନ୍ଦ୍ରରେ ସରକାର ଗଢ଼ିବ ବୋଲି କର୍ମୀମାନେ ସ୍ଲୋଗାନ ଦେଇଥିଲେ।



ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାସିର ବାର୍ଷିକ ଉତ୍ସବ

ବାରିପଦା ଅଫିସ,୨।୩

ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାସି ଆଣ୍ଡ ମ୍ୟାନେଜମେଣ୍ଟର ବାର୍ଷିକ ଉତ୍ସବ ଅଧକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ମୁଖ୍ୟ ବକ୍ତା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରମୋଦ ଶତପଥୀ, ସମ୍ମାନିତ ଅତିଥି ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାରାଣ୍ଡି ଅନ୍ୟତମ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ପୂର୍ବତନ ସଦସ୍ୟ ବିଜୟ ବାରିକ, ଆଶୁତୋଷ ପାଣିଗ୍ରାହୀ ଏବଂ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠା ସମ୍ପାଦକ ଶରତ ନାୟକ ଯୋଗଦେଇଥିଲେ।

କଲେଜ ଉପାଧକ୍ଷା ସଂଘମିତ୍ରା ରାଉତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଛାତ୍ରୀ ସଂଗୀତା ସୋରେନ ଏବଂ ମନୋଜ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀ ସଂଗୀତା ସାହୁଙ୍କୁ ୨୦୧୯ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ ଛାତ୍ରୀ, ପ୍ରବୀଣ ଚନ୍ଦ୍ର ଦାସ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍, ଗଣେଶ ଚନ୍ଦ୍ର ପରିଡ଼ା ଶ୍ରେଷ୍ଠ ଅଧାପକ ଏବଂ ମୀରା ସେନାପତି ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଭାବେ ସମ୍ମାନିତ ହୋଇଛନ୍ତି।

■ କଲେଜ ଫିଲଡ ପ୍ରିମିୟର ଲିଗ୍ ସିଜନ-୪

# ଖେଳାଳି ଚୟନ ପ୍ରକ୍ରିୟା ଶେଷ

ବାରିପଦା ଅଫିସ,୨।୩

କଲେଜ ଫିଲଡ ପ୍ରିମିୟର ଲିଗର ସିଜନ ୪ ଆରମ୍ଭ ହେବାକୁ ଯାଉଛି। ଏହି ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ମୟୂରଭଞ୍ଜ ଆଥଲେଟିକ୍ ସଂଘ ପକ୍ଷରୁ କଲେଜ ପଡ଼ିଆରେ ଆସନ୍ତା ୧୨ତାରିଖରେ ଅନୁଷ୍ଠିତ ହେବ। ସିପିଏଲ ସଭାପତି ଗିରିଶଚନ୍ଦ୍ର ଦାସ, ସମ୍ପାଦକ ଚୈତନ୍ୟ ସିଂ, ପ୍ରଭାସ ଚନ୍ଦ୍ର ଏବଂ କୋଷାଧକ୍ଷ ଅମିତାଭ ଦାସଙ୍କ ତତ୍ତ୍ୱାବଧାନରେ ଖେଳାଳି ଚୟନ ପ୍ରକ୍ରିୟା ଶେଷ ହୋଇଛି। ଟୁର୍ନାମେଣ୍ଟରେ ମୟୂରଭଞ୍ଜ ଷ୍ଟ୍ରାଇକର୍ସ, ଟେରିଫିକ ଫାଇଟର୍ସ, ସ୍ୱୋର୍ଡ୍‌ସ, ମା ଅମ୍ବିକା ଟାଇଗର୍ସ, ମା ଜଗଦ୍ଧାତ୍ରୀ ୱାରିୟର୍ସ, ଜାଗୁଆର ୧୧, ଏମ୍‌ୱାଇଏମ୍ ୱାରିୟର୍ସ ଏବଂ ପ୍ଲେ ବ୍ୟାକ୍ ରିଟର୍ଣ୍ଣସ ଅଂଶ ଗ୍ରହଣ କରିଛନ୍ତି। ଚାମ୍ପିଅନ ଦଳକୁ ୪୫ ହଜାର ଏବଂ ରନର୍ସଅପ ପାଇଁ ୩୫ ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ଏହି ଅବସରରେ ଆୟୋଜକ କର୍ମକର୍ତ୍ତା ଭାବେ ଦେବଜିତ ପଟ୍ଟନାୟକ, ସତ୍ୟନାରାୟଣ ଜିଉ, ଆଭାସ ଦେବସାମନ୍ତ ପାଲ, ସଙ୍କର୍ଷଣ ପଣ୍ଡା, ସମରଜିତ ଗୋସାଇଁ, ପ୍ରକାଶ ତୁଙ୍ଗ, ପ୍ରଣବ ସେଠୀ, ବିଶାଲ ସିଂ, ଶୁଭମ କୁଇଲା, ସମ୍ମିତ ସାହା, ନିଖିଲ ଅଗ୍ରୱାଲ, ରୂପନାରାୟଣ ସେଠୀ, ଚନ୍ଦନ ଷଡ଼ଙ୍ଗୀ, ଧନେଶ୍ୱର ବେହେରା, ରୋହିତ ପାତ୍ର, ଶୁଭମ କର ଉପସ୍ଥିତ ଥିଲେ। ଚୟନ ହୋଇଥିବା ଖେଳାଳିମାନେ ଜୋରଦାର୍ ଅଭ୍ୟାସ ଜାରି ରଖିଛନ୍ତି।



ଖେଳାଳି ଚୟନ କରାଯାଉଛି।

# ଝିଙ୍କେଶ୍ୱରଙ୍କ ପୀଠ ଚଳଚଞ୍ଚଳ

## ଭୋର ୫ଟାରେ ଉଠିବ ମହାଦୀପ



ଝିଙ୍କେଶ୍ୱର ମନ୍ଦିର।

କପ୍ତିପଦା,୨।୩(ଡି.ଏନ୍.ଏ.)

କପ୍ତିପଦା ବ୍ଲକ ଅଧୀନ ଝିଙ୍କପଦାରେ ଅବସ୍ଥିତ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ଝିଙ୍କେଶ୍ୱରଙ୍କ ଜାଗର ମେଳା ଧୁମ୍‌ଧାମରେ ପାଳିତ ହେବ। ଏହା ୧୫ ଦିନ ଧରି ଚାଲିବ। ପ୍ରତିବର୍ଷ ପରି ପୁତ୍ରଦାତା ଭାବେ ପ୍ରସିଦ୍ଧ ଝିଙ୍କେଶ୍ୱର ବାବାଙ୍କ ଦର୍ଶନ ସହିତ ପୂଜା, ଦଣ୍ଡବତ ଓ ପୀଠରେ ଦୀପ ପ୍ରଜ୍ୱଳନ ପାଇଁ ପ୍ରଶାସନ ଓ ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରବିବାର ଭୋର ୧ଟାରେ ଦିଅଁଙ୍କ ପହଡଭଙ୍ଗା, ୧ଟା ୩୦ରେ ମଙ୍ଗଳ ଆଳତି, ୨ଟାରେ ନୀତି ପୂଜା, ୨ଟା ୩୦ରୁ ଦଣ୍ଡବତଙ୍କ ଦର୍ଶନ, ଭକ୍ତମାନଙ୍କର ସାଧାରଣ ପୂଜା ଭୋର ୩ଟାରୁ ସନ୍ଧ୍ୟା ୬ଟା, ସନ୍ଧ୍ୟା ଆଳତି ୭ଘଟିକା, ଭକ୍ତମାନଙ୍କ ପୂଜା ସନ୍ଧ୍ୟା ୭ଟାରୁ ରାତ୍ର ୨ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଝିଙ୍କେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରାତ୍ରି ୪ଟା ରୁ ୫ଟା ପର୍ଯ୍ୟନ୍ତ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୫ଟା ୨୦ମି.ରେ ମହାଦୀପ ଉଠିବ। ମଙ୍ଗଳବାର ଭୋର ୫ଟା ୩୦ରୁ ଦିବା ୧୦ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଝିଙ୍କେଶ୍ୱର ବାବାଙ୍କ ସୁନାବେଶ ଦର୍ଶନ ଲାଗି ରହିବ । ମନ୍ଦିର ଚାରିପାଖରେ ବ୍ରତୀମାନେ କିପରି ଶାନ୍ତିଶୃଙ୍ଖଳାର ସହିତ ଦୀପ ଜାଳିବେ ସେଥିପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ମେଳାରେ ବିଭିନ୍ନ କିସମର ଦୋକାନ, ମୀନା ବଜାର ନିଜ ନିଜର ପସରା ମେଲାଇଥିବା ବେଳେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କପ୍ତିପଦା ପୋଲିସ ପକ୍ଷରୁ ଅସ୍ଥାୟୀ ଫାଣ୍ଡି ସ୍ଥାପନ କରାଯାଇ ଶାନ୍ତିଶୃଙ୍ଖଳା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ଥାନାଧିକାରିଣୀ ରୀନା ବେହେରା ପ୍ରକାଶ କରିଛନ୍ତି । ସେହିପରି କପ୍ତିପଦା ଦମକଳ ବାହିନୀ ଓ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ମେଳା ଭିତରକୁ ଯାନବାହନ ନିଷେଧ ସହିତ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ।

### କ'ଣ ପାଇଁ ଝିଙ୍କେଶ୍ୱର ପୁତ୍ରଦାତା ଭାବେ ପ୍ରସିଦ୍ଧ

ଏହି ଅଞ୍ଚଳ ରାମାୟଣ ଯୁଗରେ କୁଶଙ୍କ ରାଜ୍ୟ ଥିବାବେଳେ ମହାଭାରତ ଯୁଗରେ ମତ୍ସ୍ୟ ରାଜ୍ୟ ରୂପେ ନାମିତ ହୋଇଥିବା କିମ୍ବଦନ୍ତୀ ରହିଛି। ସେତେବେଳେ ଏଠାରେ ରାଜୁତି କରୁଥିଲେ ବିରାଟ ବଂଶର ରାଜାମାନେ। ୧୮୩୦ ମସିହାରେ କପ୍ତିପଦା ରାଣୀ ଲାବଣ୍ୟମଞ୍ଜରୀ ଦେବୀ ଏହି ମନ୍ଦିର ପ୍ରତିଷ୍ଠା କରିବା ସହିତ ପରିଚାଳନା ପାଇଁ ବହୁ ଜମି ଦାନ କରିଥିବାର ଜଣାଯାଏ । ପୂର୍ବରୁ ପ୍ରଭୁ ଝିଙ୍କେଶ୍ୱର ମାଟି ମନ୍ଦିରରେ ପୂଜା ପାଉଥିବାବେଳେ ସାଧୁ ମିଶ୍ରଙ୍କ ପରିବାର ପୂଜାର୍ଚ୍ଚନା କରି ଆସୁଥିଲେ। ବାବା ଝିଙ୍କେଶ୍ୱରଙ୍କୁ ମାନସିକ ସହିତ ପୂଜାର୍ଚ୍ଚନା କଲେ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ କଥା ରହିଛି। ତତ୍କାଳୀନ କପ୍ତିପଦା ମହାରାଜା ପ୍ରଭୁଙ୍କୁ ପୂଜା କରି ରାଜପୁତ୍ର ରଜତ ଚନ୍ଦ୍ର ମାନଧାତାଙ୍କୁ ପାଇଥିବାର ଇତିହାସ କହୁଛି। ସେହିପରି ରଜତ ଚନ୍ଦ୍ର ମାନ୍‌ଧାତା ନିଃସନ୍ତାନ ହେବାରୁ ପୂଜକ ସାଧୁ ମିଶ୍ର କଣ୍ଟା ଆସନରେ ବସି ହୁକୁମ ପ୍ରଦାନ କରିବା ପରେ ରାଜା ପୁତ୍ର ପ୍ରମୋଦ ଚନ୍ଦ୍ର ମାନଧାତାଙ୍କୁ ପାଇଥିବାର ଜଣାଯାଏ । କପ୍ତିପଦା-ଉଦଳା ପୂର୍ତ୍ତ ବିଭାଗ ରାସ୍ତାର ଝିଙ୍କପଦା ଛକର ପଶ୍ଚିମକୁ ଏହି ପୀଠଟି ଅବସ୍ଥିତ । ପୀଠରେ ବାମ୍ଫି ରହିଛି। ଶ୍ରଦ୍ଧାଳୁମାନେ ପାହାଚରେ ବାମ୍ଫି ଭିତରକୁ ୩୦ ଫୁଟ ଯାଇ ପାଣି ଆଣି ପ୍ରଭୁଙ୍କୁ ଅଭିଷେକ କରିଥାନ୍ତି।

## ସଂକ୍ଷେପରେ

### ୪୨୦ଜଣଙ୍କୁ ଭତ୍ତା ବଣ୍ଟନ



ସିମୁଳିଆ,୨।୩(ଡି.ଏନ୍.ଏ.): ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ୪୨୦ଜଣଙ୍କୁ ଶନିବାର ବିଭିନ୍ନ ଭତ୍ତା ବଣ୍ଟନ କରାଯାଇଥିଲା। ବିଡିଓ ଡ. ନରହରି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ୭୦ଜଣ ଦିବ୍ୟାଙ୍ଗ, ୩୪ ବିଧବା, ୭ ଯୁବତୀ, ୩୦୯ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସେହିପରି ୩ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପାତ୍ରୀ, ଏମ୍‌ପି ପ୍ରତିନିଧି କ୍ଷୀତିଶ କୁମାର ମହାନ୍ତି ପ୍ରମୁଖ ଥିଲେ।

### ଖଇରା କଲେଜ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଖଇରା, ୨।୩(ଡି.ଏନ୍.ଏ.): ଖଇରା କଲେଜର ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର ଓ ଅଧ୍ୟାପକ ଡ. ଅରୁଣ କୁମାର ଲେଙ୍କା ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପରିଚାଳନା ବୋର୍ଡ଼ ସଭାପତି ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥୀ, ଅବସରପ୍ରାପ୍ତ ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଫେସର ଜିତେନ୍ଦ୍ର ଦାସମହାପାତ୍ର, ପ୍ରାକ୍ତନ ଅଧ୍ୟାପକ ଛାୟାକାନ୍ତ ମାଝି, ଅଧ୍ୟାପକ ବନମାଳୀ ବାରିକ, ଅଧ୍ୟାପକ ଡ. ଲକ୍ଷ୍ମଣ କୁମାର ଶତପଥୀ, ଅଧ୍ୟାପିକା ଡ. ହରପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଦେବବ୍ରତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ କିରାଣି ବିଭୂତିଭୂଷଣ ନାୟକଙ୍କ ସମେତ ସମସ୍ତ ଅଧ୍ୟାପନା ମଣ୍ଡଳୀ ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଭାଜପାର ବାଇକ୍ ରାଲି

ଭୋଗରାଇ, ୨।୩(ଡି.ଏନ୍.ଏ.)- ରାଜ୍ୟରେ ବିଜେଡି ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାର ବାରୁଦଗଦାରେ ଉପନୀତ ହୋଇଛି। କାଳିଆ ଯୋଜନାରେ ଓଡ଼ିଶାର କୃଷକମାନଙ୍କୁ ଭଣ୍ଡାଇ କୃଷି ଓ କୃଷକର ବିନାଶ କରୁଛି। ବେକାରୀମାନଙ୍କୁ କର୍ମସଂସ୍ଥାନ ଯୋଗାଇ ନ ଦେଇ ବିଜୁ ଯୁବବାହିନୀ ଗଠନ କରି ନିର୍ବାଚନୀ ବୈତରଣୀ ପାରି ହେବାର ଅପକୌଶଳ ଚଳାଇଛି। ଏହା ବିରୋଧରେ ଭାଜପା କର୍ମୀ ଓ ନେତାମାନେ ଅଣ୍ଟା ଭିଡ଼ନ୍ତୁ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଶନିବାର ବାଇକ୍ ରାଲିକୁ ସମ୍ବୋଧିତ କରି ଚନ୍ଦନେଶ୍ୱର ବିଜୁ ପଟ୍ଟନାୟକ ଗୋଲେଇ ଛକରେ ଏକ ସାଧାରଣ ସଭାରେ ମତ ଦେଇଥିଲେ। ଭାଜପାର ପରେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ସମ୍ପାଦିକା ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟସ୍ତ ହୋଇଥିବା ବେଳେ ପର୍ଯ୍ୟଟନ, ଗମନାଗମନ ଓ ଶିଳ୍ପକ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଛି। ବାଲେଶ୍ୱର ଜିଲାରେ ବନ୍ୟା, ବର୍ଷା ପାଣି ନିଷ୍କାସନ ସହ ସୀମା ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ଜନପ୍ରତିନିଧିଙ୍କ ଅପାରଗତାକୁ ଦର୍ଶାଇଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ବର୍ଷ ମଧ୍ୟରେ ୧୦୦ରୁ ଅଧିକ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ରାଜ୍ୟସରକାର କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ନାମିତ କରି ବାହାବା ନେଉଛନ୍ତି। ଦୀର୍ଘବର୍ଷ ଧରି ବିଜେଡି ସରକାର ପିସିରେ ସାଢ଼େ ୪କୋଟି ଓଡ଼ିଆ ପେଶି ହେଉଛନ୍ତି। ଭାଜପା ନେତୃତ୍ୱରେ ଏକ ନୂତନ ସରକାର ଗଢ଼ିବାକୁ ସୁଯୋଗ ଦେବା ପାଇଁ ଜନସାଧାରଣଙ୍କୁ ସମ୍ପାଦିକା ଆହ୍ୱାନ ଦେଇଥିଲେ। ଜନସଭାରେ ଭାଜପା ନେତା ସଞ୍ଜୀବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ସୁନୀଲ କର, ସତ୍ୟବ୍ରତ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଭୋଗରାଇ ମଣ୍ଡଳ ସଭାପତି, ସରପଞ୍ଚ, ସମିତିସଦସ୍ୟ ଏବଂ ଭାଜପା ଛାମୁଆ ନେତାମାନେ ଯୋଗଦେଇଥିଲେ। ଏହି ରାଲି କର୍ମର୍ଦ୍ଦାଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଯାଇଥିଲା।

# ଐତିହ୍ୟ ସୁରକ୍ଷା ଚିନ୍ତା

ଖଇରା, ୨।୩(ଡି.ଏନ୍.ଏ)

ଖଇରା ବ୍ଲକ ଅଧୀନ କୁପାରୀରେ ବୌଦ୍ଧ ଓ ଜୈନ କୀର୍ତ୍ତିରାଜି ଭଳି ଐତିହ୍ୟର ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ ହୋଇଛି।

**ବିଭିନ୍ନ ସଙ୍ଗଠନ ପକ୍ଷରୁ ଆରମ୍ଭ ହେଲା ଅଭିଯାନ**



କୁପାରୀ ବିଶ୍ରାମାଗାର କାନ୍ଥରେ ବୁଦ୍ଧଙ୍କର ଶୟନ ଅବସ୍ଥାର ଛବି ଅଙ୍କନ କରାଯାଇଛି।

ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ, ଗଡ଼ଚଣ୍ଡୀ ସାଂସ୍କୃତିକ ପରିଷଦ, ଅମ୍ବିକା ସାହିତ୍ୟ ସଂସଦ ଆଦି ସଙ୍ଗଠନର ସଦସ୍ୟମାନେ ମିଳିତ ଭାବେ କୁମ୍ଭାରକ(କୁପାରୀର ପୁରୁଣା ନାମ) କଳା ଓ ଐତିହ୍ୟ ସଙ୍ଗଠନ ନାମରେ ଏକ ସଂଘ ଗଠନ କରାଯାଇ ପ୍ରଥମ ପର୍ଯ୍ୟାୟରେ ଐତିହ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଲେଶ୍ୱରର ଖ୍ୟାତନାମା ଶିଳ୍ପୀ କେଶୁ ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କୁପାରୀ ବସ୍‌ଷ୍ଟାଣ୍ଡରେ ଥିବା ବିଭିନ୍ନ କାନ୍ଥ ,ସ୍କୁଲ ପାଚେରୀରେ ବୁଦ୍ଧଙ୍କ ଛବି ଅଙ୍କାଯାଇ ଲୋକଙ୍କୁ କୁପାରୀର ଐତିହ୍ୟ ବିଷୟରେ ସଚେତନତା ପାଇଁ ସମସ୍ତ ପ୍ରୟାସ କରାଯାଇଛି। ଏଥିରେ କୁପାରୀ ଅଞ୍ଚଳର ପ୍ରସିଦ୍ଧ ଚିତ୍ରକର ଚିନ୍ତାମଣି ଗାହାଣ, ଅଶୋକ ସେଣ୍ଠ ତଥା ଅନ୍ୟ ଯୁବଶିଳ୍ପୀମାନେ କେଶୁ ଦାସଙ୍କୁ ସହାୟତା କରୁଛନ୍ତି। କୁପାରୀର ବିଶିଷ୍ଟ ସାମାଜିକ କର୍ମୀ ବିଶ୍ୱରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୁପାରୀ ଡ୍ରାଇଭର ସଂଘର ସଭାପତି ବସନ୍ତ ଜେନା ଓ ସମ୍ପାଦକ ରମେଶ ସାମଲ, ଶରତ ବିଶ୍ୱାଳ, ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ପ୍ରମୁଖ ସହଯୋଗ କରୁଛନ୍ତି। କେବଳ କୁପାରୀ ନୁହେଁ ଖଇରା ବ୍ଲକର ସୁଣ୍ଡିରା, ଗଡ, ଜଳଙ୍ଗ ଭଳି ଯେଉଁ ଯେଉଁ ସ୍ଥାନରେ ପୁରାତନ ମୂର୍ତ୍ତୀ କିମ୍ବା କୀର୍ତ୍ତିରାଜି ଅସୁରକ୍ଷିତ ହୋଇରହିଛି ତାକୁ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରି ସୁରକ୍ଷିତ କରି ରଖିବାକୁ ଧ୍ୟାନ ଦିଆଯିବ ବୋଲି ସଂଘର ସଂଯୋଜକ ବିଶ୍ୱରଞ୍ଜନ ମହାପାତ୍ର କହିଛନ୍ତି।

# ମଲି ମାଉସୀଙ୍କ ସଜନାଶାଗ ପିଆଜି



ଗୌରଗଡିରେ ମଲି ମାଉସୀଙ୍କ ଦୋକାନ।

ସନ୍ତୋଷ କୁମାର ନାୟକ
ସିମୁଳିଆ, ୨।୩

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ଅଧୀନ ଗୌରଗଡି ଅଞ୍ଚଳରେ ମଲି ମାଉସୀଙ୍କୁ କିଏ ନ ଜାଣେ। ତାଙ୍କ ହାତ ତିଆରି ସଜନା ଶାଗ ପିଆଜି, ଶାଗ ପକୁଡି, ପୋଡା ଆଳୁ ଚପ, କଞ୍ଚାଲଙ୍କା, ଅଦା, ବାଦାମ, ନଡିଆ ଓ ରସୁଣ ମିଶା ବରା ଯିଏ ଥରେ ଖାଇଛି, ସେ ତାଙ୍କୁ ଭୁଲିପାରିନି। କାରଣ ସେ ସବୁବେଳେ ଚିରାଚରିତ ଖାଦ୍ୟ ଅପେକ୍ଷା କିଛି ନିଆରା କରିବାକୁ ଚେଷ୍ଟା କରିଥାନ୍ତି। ତାହା ପୁଣି କାଠ ଚୁଲିରେ।

ମଲି ମାଉସୀଙ୍କୁ ଏବେ ୫୪ ବର୍ଷ। ସେ ସକାଳ ଓ ଅପରାହ୍ନରେ ଆଳୁଚପ୍, ପିଆଜି, ବାଇଗଣି, ଲଙ୍କା ଚପ୍, ପକୁଡି ଆଦି ଖାଦ୍ୟ ତିଆରି କରନ୍ତି। ତାହାର ଆକାର ମଧ୍ୟ ବଡ। ଏଥିରୁ ତାଙ୍କୁ ଦୈନିକ ଅଢେଇଶହରୁ ୩ ଶହ ଟଙ୍କା ମିଳିଥାଏ। ବେଳେ ବେଳେ ଲୋକଙ୍କ ପାଖରେ ପଇସା ନ ଥିଲେ ମଧ୍ୟ ସେ ବାକି ଦେବାକୁ ମନା କରନ୍ତି ନାହିଁ। ପାଖରେ ବଡପୁଅ ସଞ୍ଜୟଙ୍କର ଅନ୍ୟ ଏକ ଛୋଟ ତେଜରାତି ସହିତ ପାନ ଦୋକାନ ରହିଛି। ସେହି ଦୋକାନ ପିଣ୍ଡାରେ ମଲି ମାଉସୀଙ୍କ ଦୋକାନ। ପୁଅ ନିକଟରୁ ଆଣୁଥିବା ଅଟା, ତେଲ, ବେସନର ମୂଳ ଟଙ୍କା ଦେଇଦେଲା ପରେ ବଳକା ଟଙ୍କାର ହିସାବ ସେ ରଖନ୍ତି ନାହିଁ। ପରିବାର ଚଳାଇବା କିମ୍ବା ବ୍ୟବସାୟିକ ଉଦ୍ଦେଶ୍ୟ ରଖି ସେ ଏହା କରନ୍ତି ନାହିଁ। ସେ ଲୋକଙ୍କ ଭିତରେ ଦୁଃଖକୁ ଭୁଲିଯିବା ପାଇଁ ସେ ଚାହାନ୍ତି। ୬ବର୍ଷ ହେଲା ସେ ଏହି ଦୋକାନ ଚଳାଇ ଆସୁଛନ୍ତି। ସ୍ଥାନୀୟ ଲୋକେ କହନ୍ତି ମଲି ମାଉସୀଙ୍କର ଦୁଇ ପୁଅ। ସଞ୍ଜୟ ଓ ଅଜୟ। ପରିବାର ଚଳାଇବା ପାଇଁ ଦୁଇ ଭାଇ ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ତେବେ ଅଜୟଙ୍କର ସେଠାରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିଲା। ମଲି ମାଉସୀ ପୁଅ ପାଇଁ ୪ବର୍ଷ ପାଗଳ ହୋଇ ବୁଲିଲେ। ବଡ ପୁଅ ସେଠାରୁ ଫେରି ଆସି ଗାଁ ମୁଣ୍ଡରେ ଏକ ଦୋକାନ ଆରମ୍ଭ କଲେ। ପରେ ଭେଣ୍ଡିଆ ପୁଅର ଦୁଃଖ ଭୁଲିବା ପାଇଁ ଏହି ବୃତ୍ତିକୁ ଆପେଣାଇ ନେଇଛନ୍ତି ବୋଲି ସେ କୁହନ୍ତି।

## ପଞ୍ଚୁପଡ଼ା ସେତୁ ଲୋକାର୍ପିତ

ବାଲେଶ୍ୱର ଅଫିସ, ୨।୩

ବାଲେଶ୍ୱର ସଦର ବ୍ଲକର ବହୁ ପ୍ରତୀକ୍ଷିତ ପଞ୍ଚୁପଡ଼ା ସେତୁକୁ ଗତ ଫେବୃୟାରୀ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଶନିବାର ଉକ୍ତ ପୋଲର ଲୋକର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ସଭାପତିତ୍ୱ କରି ପ୍ରତିଶ୍ରୁତି ପୂରଣ କରିଥିବାରୁ ମୋତେ ଆତ୍ମସନ୍ତୋଷ ଲାଗୁଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସେତୁ ଦ୍ୱାରା ସମଗ୍ର ଉତ୍ତର ବାଲେଶ୍ୱରବାସୀ ଲାଭବାନ ହେବା ସହ ଏହା ସୁବର୍ଣ୍ଣରେଖା ବନ୍ଦରକୁ ସଂଯୋଗୀକରଣ କରିବ। ସେତୁ ନିର୍ମାଣ ବେଳେ ରାସ୍ତା ପାଇଁ ଜମିଦାନ କରିଥିବା ପ୍ରଭାତ ମହାନ୍ତିଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ସେହିପରି ରୂପସା ପଞ୍ଚାୟତରେ ଏକ ୩.୧୭୪ କି.ମି ରାସ୍ତାର ଶିଳାନ୍ୟାସ ଏବଂ କଷାଫଳ ପଞ୍ଚାୟତରେ ସାର୍ଥାଠାରୁ କଷାଫଳ ପର୍ଯ୍ୟନ୍ତ ରାସ୍ତା ଶୁଭ ଦିଆଯାଇଥିଲା। ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଏମ୍‌ପି ପ୍ରତିନିଧି ବରୋଦା ପ୍ରସନ୍ନ ପଟ୍ଟନାୟକ, ପଞ୍ଚୁପଡ଼ା ସରପଞ୍ଚ ଗଣେଶ ଚନ୍ଦ୍ର ଦାସ, ପ୍ରଭାତ ମହାନ୍ତି, ୨୮ନଂ. ଜୋନର ଜିଲାପରିଷଦ ସଭ୍ୟା ଶ୍ରମତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର



ରତନ



ଅକ୍ଷୟ



ରଶ୍ମି



ପୂଜା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଗଡ଼ପଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ବକ୍ତବ୍ୟ ଦେଉଛନ୍ତି।

## ସୁସ୍ଥ ସମାଜ ଗଠନ ଲାଗି ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରୂପସା, ୨।୩(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ କାଳିଚରଣ ଯେନା ଯୋଗଦେଇ ସୁସ୍ଥ ସମାଜ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସିଆରସିସି ଅଞ୍ଜନା ପାଢ଼ୀ, ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ମହାନ୍ତି, ଏସ.ଏମ.ସି. ଚେୟାରମ୍ୟାନ୍ ଯୋଗେନ୍ଦ୍ର ଦାସ, ଭାଇସ୍ ଚେୟାରମ୍ୟାନ୍ ବନଲତା ପାଣିଗ୍ରାହୀ, ସୁରକ୍ଷା କମିଟି ସଭ୍ୟ ପ୍ରଫୁଲ କୁମାର ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରଙ୍କୁ ନୈତିକ, ଆଧ୍ୟାତ୍ମିକ ଶିକ୍ଷା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଦେବୀ ଅର୍ଚ୍ଚନା ବେହେରା ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ମିର୍ଜା ରହେମତ ଅଲୀଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ମିନତି ସୋରେନ, ରୂପା ମହାପାତ୍ର, ଏସଏମସି ସଭ୍ୟ ହରେକୃଷ୍ଣ ଦାସ, କାର୍ତ୍ତିକ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ସୋର, ୨।୩(ଡି.ଏନ୍.ଏ.): ସୋର ବ୍ଲକ ଅଧୀନ ରେଓଡା ପ୍ରାଥମିକ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଶ୍ୟାମସୁନ୍ଦର ଏକାଡେମୀର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରଗ୍ରହଣ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ପ୍ରଧାନଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦେବେନ୍ଦ୍ର ପାତ୍ର, ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ନୀରୋଦପ୍ରଭା ପଣ୍ଡା, ସ୍ଥାନୀୟ ସରପଞ୍ଚ ବଉଳବାଳା ନାଥ, ଡ. ମୁକ୍ତିକାନ୍ତ ବେହେରା, ହରିହର ରଥ, ସିଆର୍‌ସିସି ଅବଦୁଲ ଦୟାନ୍ ଖାନ୍ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ଦଳେଇ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀ କୌଶଳ ମେଳା
# ଭାଗ ନେଲେ ୪ଶହ ଯୁବତୀଯୁବକ

ଖଇରା, ୨।୩(ଡି.ଏନ୍.ଏ.)




କୌଶଳମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

କ୍ରିଷ୍ଣା ଫାଉଣ୍ଡେଶନ ଓ ଗିରି କମ୍ପ୍ୟୁଟର ମିଳିତ ସହଯୋଗରେ ଖଇରା ବ୍ଲକ ନଟାପଡା ଛକଠାରେ ଶନିବାର ପ୍ରଧାନମନ୍ତ୍ରୀ କୌଶଳ ମେଳା ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ଖଇରା କଲେଜ ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ସମସ୍ତ ବେକାର ଯୁବତୀ ଯୁବକ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର (ପିଏମକେଭିୱାଇ) ତାଲିମ ନେଇ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। କ୍ରିଷ୍ଣା ଫାଉଣ୍ଡେଶନର ଅଧ୍ୟକ୍ଷ ଅରିନ୍ଦମ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତମ ଜୀବିକା ଗଠନ ପାଇଁ କେନ୍ଦ୍ରର ଏହା ଏକ ମହତ୍ତ୍ୱପୂର୍ଣ୍ଣ ଯୋଜନା ବୋଲି ସେ ପ୍ରକାଶ କରିଥିଲେ। ନମିତାରାଣୀ ଦାସ ବିବରଣୀ ପାଠ, କୁଳମଣି ନାୟକ ଅତିଥି ପରିଚୟ ଓ କ୍ରିଷ୍ଣା ଫାଉଣ୍ଡେଶନର ଶାଖା ପରିଚାଳକ ତ୍ରିଲୋଚନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ୪ଶହରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ମେଳାରେ ଯୋଗଦାନ କରିବା ସହ ରିଟେଲ, ଲଜିଷ୍ଟିକ, ଆଇରନ ଏବଂ ଷ୍ଟିଲରେ ୨୪୦ଜଣ ନାମ ପଞ୍ଜୀକରଣ କରାଇଥିଲେ। ୧୮ରୁ ୩୫ ବର୍ଷର ଏହି ଯୁବତୀଯୁବକମାନେ ଏହି ଯୋଜନାରେ ପୁଙ୍ଖାନୁପୁଙ୍ଖ ଅଧିକାର ଓ କର୍ମଚାରୀଙ୍କଠାରୁ ପଚାରି ବୁଝିଥିଲେ।

## ଟ୍ୟାପ୍‌ରୁ ବାହାରୁଛି ଗୋଳିଆପାଣି

ବାଲିଆପାଳ, ୨।୩(ଡି.ଏନ୍.ଏ.)

ବାଲିଆପାଳ ବ୍ଲକ ଛକରେ ଥିବା ପାଣି ଟ୍ୟାପରୁ କେତେଦିନ ହେବ ଗୋଳିଆ ପାଣି ବାହାରୁଛି। ଫଳରେ ବଜାରବାସୀ ଓ ସାଧାରଣ ଲୋକେ ପାଣି ପିଇବା ଲାଗି ହଇରାଣ ହେଉଛନ୍ତି। ବାଲିଆପାଳ ବସ୍‌ଷ୍ଟାଣ୍ଡ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପାଇପ ଯୋଗେ ପିଇବା ପାଣି ଏଠାକୁ ଆସିଥାଏ। ମାତ୍ର ଦୀର୍ଘଦିନ ବିତିଯାଇଥିଲେ ବି ପାଇପ ଲାଇନ ମରାମତି କରାଯାଉନାହିଁ। ବହୁ ଜାଗାରେ ପାଇପ ଫାଟିଯାଇଥିଲେ ବି ତାହାର ମରାମତି ପ୍ରତି ପଞ୍ଚାୟତ କିମ୍ବା ଆରଡବ୍ଲ୍ୟୁଏସଏସ ପକ୍ଷରୁ ଦୃଷ୍ଟି ଦିଆଯାଉନାହିଁ। ବାହାର ନାଳନର୍ଦ୍ଦମା ପାଣି ପାଇପରେ ପଶୁଥିବା ଅଭିଯୋଗ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ■ ଭାଜପାର ବିଜୟ ସଂକଳ୍ପ ରାଲି
# ୨ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ

ସଜନାଗଡ଼, ୨।୩(ଡି.ଏନ୍.ଏ.)



ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରିଥିବା ଭାଜପାର ବିଜୟ ସଂକଳ୍ପ ରାଲି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଶନିବାର ନୀଳଗିରି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତ ଏବଂ ୱାର୍ଡ଼ସ୍ତରରୁ ଭାଜପା ଦଳର ବିଜୟ ସଂକଳ୍ପ ରାଲି ଆୟୋଜନ କରାଯାଇଥିଲା। ୨ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। କର୍ମକର୍ତ୍ତାମାନେ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ନୀଳଗିରିର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଓ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ବିଶାଳ ପଟୁଆର ବଡ଼ଦାଣ୍ଡ ସମ୍ମୁଖରୁ ଯାତ୍ରା ଆରମ୍ଭ କରିଥିଲା। ଏହି ରାଲି ନୀଳଗିରି ଡାକବଙ୍ଗଳାଠାରେ ପହଞ୍ଚିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ରଶେଖର ନନ୍ଦ, ନୀଳଗିରି ନିର୍ବାଚନମଣ୍ଡଳୀ ପ୍ରଭାରୀ ସିପ୍ରା ବାଜପେୟୀ, ସମର ଶେଖର କାନୁନ୍‌ଗୋ, ରବି ନାରାୟଣ ବେହେରା, ମନୀଷା ଚିନ୍ମୟୀ ବେହେରା, ୧୩ ନଂ. ଜୋନ୍‌ର ଜିଲାପରିଷଦ ସୌଦାମିନୀ ସିଂ ଏବଂ ବିଭିନ୍ନ ମଣ୍ଡଳର ସଭାପତି ତଥା ଔପଦା ମଣ୍ଡଳର ସଭାପତି ଲକ୍ଷ୍ମୀକାନ୍ତ ବେହେରା, ଦାଣ୍ଡକାଳୀ ମଣ୍ଡଳର ଦିଲୀପ ଦାସ, ପଞ୍ଚଲିଙ୍ଗେଶ୍ୱରର ଅଭୟ ମିଶ୍ର, ଭୂଧାରଚଣ୍ଡୀ ମଣ୍ଡଳର କରୁଣାକର ପଣ୍ଡା, ସ୍ୱର୍ଣ୍ଣଚୂଡ଼ ମଣ୍ଡଳର ତାପସ ମହାନ୍ତି, ବଣସୀମା ମଣ୍ଡଳର ସଭାପତି କମଳା ମହାକୁଡ଼ ଓ ସମ୍ପାଦକ ପ୍ରବୀଣ ନାୟକ ଏବଂ ଏନ୍‌ଏସି ମଣ୍ଡଳ ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।





## ଏକାମ୍ର-ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ

# ଦମ ଲଗାଇବେ ଭାଜପା, କଂଗ୍ରେସ

**ଅନିଲ ଦାସ**
**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପାଖେଇ ଆସିଲାଣି। ଏକ ସାଙ୍ଗରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାରୁ ନିର୍ବାଚନ କ୍ଷେତ୍ରଗୁଡ଼ିକରେ ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱରର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ 'ଏକାମ୍ର-ଭୁବନେଶ୍ୱର' ଅନ୍ୟତମ। ଏଠାରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ଆଶାୟୀ ପ୍ରାର୍ଥୀମାନେ ଟିକେଟ୍ ପାଇଁ ଲବି ଆରମ୍ଭ କରିବା ସହ ଦଳୀୟ ସଂଗଠନରେ ନିଜର ପତିଆରା ବଢାଇବାରେ ଲାଗିଛନ୍ତି। ଆସନ୍ତା ନିର୍ବାଚନରେ ଏଠାରେ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢେଇ ହେବ। ଯଦିଓ ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି, ତେବେ ଉକ୍ତ ୩ ପ୍ରମୁଖ ଦଳ ମଧ୍ୟରେ ହେବ ନିର୍ଣ୍ଣାୟକ ଲଢେଇ।

୨୦୦୯ରେ ବିଧାନସଭା କ୍ଷେତ୍ର ଭାବେ ସୃଷ୍ଟି ହୋଇଥିଲା ଏକାମ୍ର-ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ। ସେବେଠାରୁ ବିଜେଡି ଏଠାରେ ଆଧିପତ୍ୟ ବିସ୍ତାର କରିଆସିଛି। ତେବେ ଆସନ୍ତା ନିର୍ବାଚନ ବିଜେଡି ପାଇଁ ଏତେଟା ସହଜ ହେବ ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି। ଦୀର୍ଘଦିନ ଧରି ଦଳରେ ଥିବା କେତେଜଣ ନେତା ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧିଛନ୍ତି। ବିଜେଡି ପାଇଁ ଏହା ଚିନ୍ତାର କାରଣ ପାଲଟିଛି। ଏଠାରେ ବିଧାୟକ ତଥା ସଂସ୍କୃତି ମନ୍ତ୍ରୀ ଥିବା ଅଶୋକ ଚନ୍ଦ୍ର ପଣ୍ଡା ଲଗାତର ଦୁଇଥର ନିର୍ବାଚିତ ହେବା ପରେ ଆସନ୍ତା ନିର୍ବାଚନରେ ପୁଣି ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ଗତ ୧୦ ବର୍ଷ ମଧ୍ୟରେ ନିର୍ବାଚନମଣ୍ଡଳୀର ବିକାଶ ତ୍ୱରାନ୍ୱିତ ହୋଇଛି। ଏଠାରେ ବିଜେଡି ପୁଣି ବିଜୟୀ ହେବ। ତେବେ ତାଙ୍କୁ ବିରୋଧ କରି ଦଳରେ କେତେଜଣ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ଅଣ୍ଟା ଭିଡିଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ଯଦି ଟିକେଟ ନ ମିଳେ ତେବେ ଆପଣଙ୍କର ରଣନୀତି କ'ଣ ହେବ ପ୍ରଶ୍ନର ଉତ୍ତରରେ ଅଶୋକ କହିଛନ୍ତି, ଦଳରେ କିଏ ଆଶାୟୀ ପ୍ରାର୍ଥୀ ଅଛନ୍ତି ମୁଁ ଜାଣିନି। ନବୀନବାବୁ ମୋତେ ରାଜନୀତିକୁ ଆଣିଛନ୍ତି। ଟିକେଟ ମିଳୁ ବା ନ ମିଳୁ ମୁଁ ତାଙ୍କ ନିକଟରେ ସବୁବେଳେ ରହିଥିବି ବୋଲି ସେ କହିଛନ୍ତି। ମୁଖ୍ୟତଃ ୨ଜଣଙ୍କ ନାମ ଏବେ ବିଜେଡିର ଆଶାୟୀ ପ୍ରାର୍ଥୀ ଭାବେ ଚର୍ଚ୍ଚା ହେଉଛି। ସେମାନେ ହେଲେ ଭୁବନେଶ୍ୱର ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ବାବୁ ସିଂ ଏବଂ ସଂଗ୍ରାମ ପାଇକରାୟ। ବାବୁ ସିଂ କହିଛନ୍ତି ଯେ, କିଏ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବେ ତାହା ସଂଗଠନର ଲୋକମାନେ ସ୍ଥିର କରିବେ। ମୁଁ ୩୦ ବର୍ଷ ହେବ ଦଳ ପାଇଁ କାମ କରି ଆସିଛି। ଛାତ୍ରଜନତା ଦଳର ସଭାପତିଠାରୁ ଆରମ୍ଭ କରି ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଓ ଦଳର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସିଛି। ଟିକେଟ ମିଳିବ ବୋଲି ଆଶା ରଖିଛି। ଟିକେଟ ନ ମିଳିଲେ ସ୍ୱାଧୀନରେ ଛିଡ଼ା ହେବି ବୋଲି ସିଂ କହିଛନ୍ତି। ସଂଗ୍ରାମ ପାଇକରାୟ କହିଛନ୍ତି ଯେ, ଯଦି ଦଳ ତାଙ୍କୁ ଟିକେଟ ଦିଏ ତେବେ ସେ ନିଶ୍ଚିତ ନିର୍ବାଚନ ଲଢ଼ିବେ। କିଏ ପ୍ରାର୍ଥୀ ହେବ ତାହା ଦଳର ସଭାପତି ହିଁ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଏଠାରେ ଭାଜପା ଏକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ। ଏହି ଦଳ ଶାସକ ବିଜେଡି ହାତରୁ ଆସନ ଛଡ଼ାଇ ଆଣିବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଛି। ୨୦୧୪ରେ ଅମିୟ ଦାଶ ବିଜେଡି ପ୍ରାର୍ଥୀ ଅଶୋକ ପଣ୍ଡାଙ୍କୁ ଟକ୍କର ଦେଇଥିଲେ। ଆସନ୍ତା ନିର୍ବାଚନରେ ସେ ପୁଣି ଭାଜପାରୁ ପ୍ରାର୍ଥୀ ହେବେ ବୋଲି ଆଶା ରଖିଛନ୍ତି। ଅମିୟ କହିଛନ୍ତି ଯେ, ପାର୍ଟି ଯାହାକୁ ଟିକଟ ଦେବ ସିଏ ପ୍ରତିଦ୍ୱନ୍ଦ୍ୱିତା କରିବ। ୩୦ ବର୍ଷ ଧରି ମୁଁ ଦଳରେ କାର୍ଯ୍ୟ କରୁଛି। ୨୦୦୯ରୁ ଲଗାତର ୧୦ ବର୍ଷ ଧରି ବିଜେଡି ଏଠାରୁ ପ୍ରତିନିଧିତ୍ୱ କରୁଛି। କୌଣସି ଆଖିଦୃଶିଆ କାମ ହୋଇନାହିଁ। ବିନ୍ଦୁସାଗର ଓ କେଦାରଗୌରୀ ପୁଷ୍କରିଣୀ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ଏକାମ୍ର ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିଲେ ମଧ୍ୟ ଏଠାରେ ବିକାଶର ନାଁ ଗନ୍ଧ ନାହିଁ। ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ। ମୁଁ ଆର୍‌ଏସ୍‌ଏସ୍ ସକ୍ରିୟ ସଦସ୍ୟ ହୋଇଥିବାରୁ ଏଥର ମଧ୍ୟ ଦଳ ଏଠାରେ ପ୍ରାର୍ଥୀ କରିବ ବୋଲି ଅମିୟ କହିଛନ୍ତି। ଭାଜପାର ଅନ୍ୟତମ ଆଶାୟୀ ପ୍ରାର୍ଥୀ ହେଉଛନ୍ତି ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି। ସେ ଏଠାରୁ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ୨୦୦୯ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ହୋଇଥିଲେ। ତେବେ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ସେ ସ୍ପଷ୍ଟ କରିନାହାନ୍ତି। ଦଳ ଯାହାକୁ ଟିକେଟ ଦେବ ସେ ଛିଡା ହେବେ। ଟିକେଟ ରେସ୍‌ରେ ସେ ନ ଥିବା କହିଛନ୍ତି।

ଏକାମ୍ର ନିର୍ବାଚନମଣ୍ଡଳୀକୁ ହାତେଇବା ପାଇଁ କଂଗ୍ରେସ ମଧ୍ୟ ଜୋରଦାର ଉଦ୍ୟମ ଆରମ୍ଭ କରିଛି। ୨୦୧୪ ନିର୍ବାଚନରେ ଶିବାନନ୍ଦ ରାୟ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ଏଥର ସେ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ତେଣୁ ଏଥର କଂଗ୍ରେସ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ଯୋଜନା କରିଛି। ଏଥିପାଇଁ ପୁରୁଣା ଭୁବନେଶ୍ୱର ବାସିନ୍ଦା ରଶ୍ମି ମହାପାତ୍ରଙ୍କ ନାମ ଚର୍ଚ୍ଚା ହେଉଛି। ଏପରି କି ତାଙ୍କ ନାମ ଅଖିଳ ଭାରତ କଂଗ୍ରେସ ସ୍କ୍ରିନିଂ କମିଟିକୁ ସୁପାରିସ କରାଯାଇଥିବା କୁହାଯାଉଛି। ରଶ୍ମି ନିର୍ବାଚନ ପାଇଁ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେଣି। ଜନ ଆଶୀର୍ବାଦ ଯାତ୍ରାଠାରୁ ଆରମ୍ଭ କରି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାରିଲେଣି। ସେ କହିଛନ୍ତି ଯେ, ଏକାମ୍ର ନିର୍ବାଚନମଣ୍ଡଳୀ ପାଇଁ ଦଳ ପ୍ରାର୍ଥୀ କଲେ ନିଶ୍ଚିତ ଲଢ଼ିବି। ଏକାମ୍ର ଏକ ପୁରାତନ ଐତିହ୍ୟ କ୍ଷେତ୍ର। ଏହାର ରକ୍ଷଣାବେକ୍ଷଣ ନାଁରେ ବିଜେଡି ନେତାମାନେ ଶହ ଶହ କୋଟି ଟଙ୍କା ହରିଲୁଟ କରିଛନ୍ତି। ଅଞ୍ଚଳବାସୀଙ୍କର ବିକାଶ ନାଁରେ ବିନାଶ ହୋଇଛି। ମୁଁ ଏହି ଅଞ୍ଚଳର ବୋହୂ। ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଛି, ଆସନ୍ତା ନିର୍ବାଚନରେ କଂଗ୍ରେସରୁ ଲଢ଼ିବା ଆଶା ରଖିଛି ବୋଲି ରଶ୍ମି କହିଛନ୍ତି। କଂଗ୍ରେସର ଅନ୍ୟତମ ପୁରୁଖା ନେତା ଅଞ୍ଚଳ ବଟୁ ମଧ୍ୟ ପ୍ରାର୍ଥୀ ହେବା ନେଇ ଆଶା ବାନ୍ଧିଥିବା ଚର୍ଚ୍ଚା ହେଉଛି।

### ୨୦୦୯ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଅଶୋକ ଚନ୍ଦ୍ର ପଣ୍ଡା | ୫୫,୦୧୫ |
| କଂଗ୍ରେସ | ପ୍ରତାପ ଜେନା | ୧୧,୬୪୫ |
| ଭାଜପା | ସମୀର ମହାନ୍ତି | ୧୧,୦୭୦ |

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଅଶୋକ ଚନ୍ଦ୍ର ପଣ୍ଡା | ୬୬,୩୭୬ |
| ଭାଜପା | ଅମିୟ ଦାଶ | ୨୯,୯୦୦ |
| କଂଗ୍ରେସ | ଶିବାନନ୍ଦ ରାୟ | ୮,୧୪୮ |



**ଜନସଂଖ୍ୟା**
୨,୮୩,୨୬୦
(୨୦୧୧ ଜନଗଣନା ଅନୁଯାୟୀ)

**ମତଦାତା**
୨,୫୭,୯୮୦
(୨୦୧୮ ଅନୁଯାୟୀ)

**ଅଞ୍ଚଳ:** ଭୁବନେଶ୍ୱର ବ୍ଲକ ଅଧୀନରେ ଥିବା ବାସୁଆଘାଇ, ଇଟିପୁର, ଟିକରପଡା, ଧଉଳି, ଶିଶୁପାଳଗଡ ପଞ୍ଚାୟତ, ଭୁବନେଶ୍ୱର ମହାନଗର ନିଗମର ୧୨,୧୪,୧୫, ୩୦ରୁ ୩୪, ୩୮ରୁ ୪୭ ନମ୍ବର ୱାର୍ଡ।


ଅଶୋକ ଚନ୍ଦ୍ର ପଣ୍ଡା


ରଶ୍ମି ମହାପାତ୍ର


ଅମିୟ ଦାଶ

# ବିଦ୍ରୋହୀଙ୍କ ପାଇଁ ବିଜେଡିରେ ଅଡୁଆ

**ଆଦିତେଶ୍ୱର ମିଶ୍ର/ଅଜିତ କୁମାର ବାରିକ**
**କନ୍ଧମାଳ/ବୌଦ୍ଧ, ୨।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

୨୦୦୯ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ କନ୍ଧମାଳ ଆସନକୁ ବିଜେଡି ଅକ୍ତିଆର କରି ରଖିଛି। ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଏହି ଆସନ ପାଇଁ ବିଜେଡିରେ ବହୁ ଆଶାୟୀ ରହିଛନ୍ତି। ସେଥିପାଇଁ ବିଧାୟକ ମହୀଧର ରଣାଙ୍କ ବିପକ୍ଷରେ ବିଦ୍ରୋହ ତେଜିବାରେ ଲାଗିଛି। ଏହି ବିଦ୍ରୋହର ଆଗଧାଡିରେ ବାଚସ୍ପତି ପ୍ରଦୀପ ଅମାତଙ୍କ କିଛି ଅନୁଗତ ଥିବାରୁ ବିଧାୟକ ପୁନର୍ବାର ବିଜେଡି ଟିକେଟ ପାଇବେ କି ନାହିଁ ସନ୍ଦେହ ଉପୁଜିଛି। ତାଙ୍କ ବିପକ୍ଷ ଗୋଷ୍ଠୀ ବହୁବାର ବୈଠକ ଓ ସଭା ସମିତି କରି କନ୍ଧମାଳ ବିଧାନସଭା ପାଇଁ ଯୋଗ୍ୟ ପ୍ରାର୍ଥୀ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ବିରୋଧ ସତ୍ତ୍ୱେ ବିଧାୟକ ରଣା ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି। କାରଣ ଗତ ପଞ୍ଚାୟତ ନିର୍ବାଚନରେ କନ୍ଧମାଳର ୫ ଜିଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏହାବ୍ୟତୀତ ବିଧାୟକଙ୍କ ବିରୋଧରେ ସେଭଳି କୌଣସି ବଡଧରଣର ବିବାଦୀୟ ମାମଲା ନାହିଁ। ତାଙ୍କ ଲୋକପ୍ରିୟତା ସହି ନ ପାରି ବିପକ୍ଷ ଗୋଷ୍ଠୀର କେତେଜଣ କର୍ମୀଙ୍କ ମେଳି ଚାଲିଛି ବୋଲି ବିଧାୟକ ରଣା କହିଛନ୍ତି। ସେହିପରି ରାଜ୍ୟ ବୟନିକା ସଭାପତି ଶେଷଦେବ ମେହେର କନ୍ଧମାଳ ଆସନରୁ ବିଜେଡି ଟିକେଟ୍‌ରେ ନିଜ ଭାଗ୍ୟ ପରୀକ୍ଷା ପାଇଁ ଆଶା ରଖିଛନ୍ତି। ଟିକେଟ ନ ପାଇଲେ ମଧ୍ୟ ସେ ଦଳ ସଭାପତିଙ୍କ ନିଷ୍ପତ୍ତିକୁ ସ୍ୱୀକାର କରିନେବେ ବୋଲି କହିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କ ସହ ଥିବା ସମ୍ପର୍କକୁ ଆଧାର କରି ଶ୍ରୀକାନ୍ତ ମିଶ୍ର ବି ବିଜେଡି ଟିକେଟ୍ ପାଇଁ ଆଶାବାଦୀ ଅଛନ୍ତି। ୨୦୧୪ ନିର୍ବାଚନ ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଟିକେଟ୍ ଦୌଡରେ ଆଗରେ ଥିଲେ। ବର୍ତ୍ତମାନ ତାଙ୍କ ସ୍ତ୍ରୀ ଯାଜ୍ଞସେନୀ ପ୍ରଧାନ ବ୍ଲକ ଅଧ୍ୟକ୍ଷା ଅଛନ୍ତି। ଯଦି ବିଜେଡି ଏଠାରେ ମହିଳା କାର୍ଡ ଖେଳେ ତେବେ ଯାଜ୍ଞସେନୀଙ୍କୁ ଟିକେଟ ମିଳିବା ନେଇ ଆଶା ରଖିଛନ୍ତି ଶଙ୍କର୍ଷଣ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମତା ନାୟକ, ଜିଲା ପରିଷଦ ସଭ୍ୟା ମମତା ପ୍ରଧାନ,ଆଇନଜୀବୀ ଯୋଗେଶ ନାୟକ, ଯୁବ ଜୋନାଲ ସଭାପତି ଅଶୋକ ସାହୁ, ସୁରଥ ମିଶ୍ର, ଆଦିବାସୀ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାମନ୍ତ ମାଝି, କୃଷ୍ଣ କହଁର ପ୍ରମୁଖ ଏହି ଦୌଡରେ ସାମିଲ ହୋଇଛନ୍ତି। ତେବେ ଦଳରେ ସେମିତି କିଛି ବିଦ୍ରୋହ ନାହିଁ। ବିଧାୟକ ରଣା କନ୍ଧମାଳର ବିକାଶ ପାଇଁ ବହୁ କାମ କରିଛନ୍ତି। ତାଙ୍କୁ ପୁନର୍ବାର ସୁଯୋଗ ଦିଆଯାଉ ବୋଲି ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ ମତ ଦେଇଛନ୍ତି।

ଭାଜପାରେ ମଧ୍ୟ ଏକାଧିକ ଟିକେଟ୍ ଆଶାୟୀ ରହିଛନ୍ତି। କନ୍ହେଇ ଚରଣ ଡାଗଙ୍କ ନାମ ଚର୍ଚ୍ଚାରେ ରହିଛି । ଗତ ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ତାଙ୍କୁ ପ୍ରାୟ ୨୩ ହଜାର ଭୋଟ ମିଳିଥିଲା। ଏହାବ୍ୟତୀତ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ରଙ୍କ ବାପା ଡାକ୍ତର ସୁବ୍ରତ ମିଶ୍ର ଓ ଯୁବ ଇଞ୍ଜିନିୟର ରାକେଶ ତ୍ରିପାଠୀ ଭାଜପା ଟିକେଟ ଦୌଡରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ବିଜେଡିର ଜଣେ ଆଦିବାସୀ ନେତା ଭାଜପା ପ୍ରାର୍ଥୀ ହେବା ପାଇଁ ଦଳୀୟ ନେତାମାନଙ୍କ ସହ ଭିତିରି ସମ୍ପର୍କରେ ଥିବା ଆଲୋଚନା ଚାଲିଛି। ଦଳରେ କୌଣସି କନ୍ଦଳ କିମ୍ବା ବିବାଦ ନାହିଁ। ସମସ୍ତେ ଏକାଠି ହୋଇ କାମ କରୁଛୁ। କନ୍ଧମାଳ ନିର୍ବାଚନ ମଣ୍ଡଳୀ ଭାବେ ସ୍ୱୀକୃତି ପାଇବା ପରେ ଏଯାଏ ଯୋଗ୍ୟ ପ୍ରାର୍ଥୀ ନିର୍ବାଚିତ ହୋଇନାହାନ୍ତି। ଏଥର ଭାଜପା ଯୋଗ୍ୟ ପ୍ରାର୍ଥୀ ଦେଇ ନିର୍ବାଚନରେ ନିଶ୍ଚୟ ବିଜୟ କରାଇବ ବୋଲି ଭାଜପା ଜିଲା ସଭାପତି ସୌମିତ୍ରୀ ନାୟକ କହିଛନ୍ତି।

ଅନ୍ୟପକ୍ଷେ ଯୁବ ନେତା ସୁଧୀର ମହାକୁଡ ଓ ପ୍ରଶାନ୍ତ ସାହୁ କଂଗ୍ରେସ ଟିକେଟ୍ ଦୌଡରେ ଅଛନ୍ତି। ବିଜେଡି ମହିଳା କାର୍ଡ ଖେଳିଲେ କଂଗ୍ରେସ ମଧ୍ୟ ହରି ନାରାୟଣ ପ୍ରଧାନଙ୍କ ସ୍ତ୍ରୀ ମୈତ୍ରୀ ପ୍ରଧାନଙ୍କୁ ପ୍ରାର୍ଥୀ କରିପାରେ। ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି ନିରଞ୍ଜନ ପଟ୍ଟନାୟକଙ୍କ ହରିନାରାୟଣଙ୍କ ଘରେ ଅନୁଷ୍ଠିତ ବୈଠକ। କଂଗ୍ରେସ ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟାକୁ ନେଇ ନିର୍ବାଚନରେ ଲଢେଇ କରିବ। ଧାନର ଏମ୍‌ଏସ୍‌ପି ୨୬ଶହ ଟଙ୍କାକୁ ବୃଦ୍ଧି, ମାଗଣା ସୋଲାର ପମ୍ପ ଯୋଗାଣ ପାଇଁ ଦଳ ପ୍ରତିଶ୍ରୁତିବଦ୍ଧ। ୧୯ ବର୍ଷ ବିଜେଡି ଶାସନ କାଳରେ କନ୍ଧମାଳ ଅଞ୍ଚଳରେ ଜଳସେଚନ କ୍ଷେତ୍ରରେ ସୁଧାର ଆସିନାହିଁ। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଏସବୁ ପ୍ରସଙ୍ଗକୁ ନେଇ ଆମେ ନିର୍ବାଚନ ଲଢ଼ିବୁ। ଦଳ ଯାହାକୁ ପ୍ରାର୍ଥୀ କରିବ ଆମେ ତାଙ୍କ ପାଇଁ କାମ କରିବୁ ବୋଲି କଂଗ୍ରେସ ଜିଲା ସଭାପତି ସୁଧୀର ମହାକୁଡ କହିଛନ୍ତି।

### କନ୍ଧମାଳ ନିର୍ବାଚନମଣ୍ଡଳୀ ରୂପରେଖ

ପୂର୍ବରୁ ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳ କନ୍ଧମାଳ ଜିଲା ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା। ୨୦୦୯ ସୀମା ନିର୍ଦ୍ଧାରଣ ପରେ କନ୍ଧମାଳ ସ୍ୱତନ୍ତ୍ର ବିଧାନସଭା କ୍ଷେତ୍ରର ମାନ୍ୟତା ପାଇଥିଲା ଏବଂ କନ୍ଧମାଳ ଲୋକ ସଭା ଅଧୀନରେ ରହିଥିଲା। ଏହି ଆସନ କନ୍ଧମାଳ ବ୍ଲକର ୨୪ ଓ ବୌଦ୍ଧ ବ୍ଲକର ୧୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଜଳସେଚନ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି। ଏହି ଅଞ୍ଚଳ ତେଲନଦୀ ଓ ମହାନଦୀ କୂଳରେ ରହିଥିଲେ ମଧ୍ୟ ଜଳସେଚନରେ ପଛୁଆ। ସେହିପରି ଏଠାକାର ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ରହିଛି ଗମନାଗମନ। କନ୍ଧମାଳଠାରେ ତେଲ ନଦୀ ସେତୁ କାମ ଶେଷ ହୋଇଥିଲେ ମଧ୍ୟ ଆପ୍ରୋଚ୍ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଜନସାଧାରଣଙ୍କ ଗମନାଗମନରେ ଅସୁବିଧା ହେଉଛି।

### ୨୦୧୪ ନିର୍ବାଚନ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ମହୀଧର ରଣା | ୪୯,୨୦୨ |
| କଂଗ୍ରେସ | ହରିନାରାୟଣ ପ୍ରଧାନ | ୨୩,୮୩୬ |
| ସ୍ୱାଧୀନ | କନ୍ହେଇ ଚରଣ ଡାଙ୍ଗ | ୨୩,୬୮୮ |
| ଭାଜପା | ସୁଧାଂଶୁ ଡାଙ୍ଗ | ୯,୩୩୬ |




୨୦୧୯ ସୁଦ୍ଧା ଭୋଟରଙ୍କ ସଂଖ୍ୟା ୧,୫୯,୫୭୫

| ପୁରୁଷ | ମହିଳା |
|---|---|
| ୮୧,୩୪୩ | ୭୮,୨୩୨ |


ମହୀଧର ରଣା

# ଦୁର୍ନୀତିକୁ ଅସ୍ତ୍ର କରୁଛନ୍ତି ବିରୋଧୀ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୨।୩**

ଯାଜପୁର ଜିଲାରେ ଠିକାଦାରି ରାଜନୀତି, ଦୁର୍ନୀତି, ଲଘୁ ଖଣିଜ ଦ୍ରବ୍ୟ ଲୁଟ ଆଦି ଘଟଣା ଏକ ପ୍ରକାର ଭିନ୍ନ ପରିସ୍ଥିତି ସୃଷ୍ଟି କରିଛି। ଲୋକଙ୍କ ମୌଳିକ ସମସ୍ୟାକୁ ଏଡ଼ାଇ ଦେଇ ନିଜ ସ୍ୱାର୍ଥ ପାଇଁ ଦୁର୍ନୀତିକୁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଉଥିବାରୁ ଶାସକ ଦଳ ବିଜେଡି ପ୍ରତି ବିପଦ ହୋଇଛି। ବିଶେଷକରି ୨୦୧୪ ସାଧାରଣ ନିର୍ବାଚନ ପରେ ଜିଲାର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦୁର୍ନୀତି ଅଣାୟତ୍ତ ହୋଇଛି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ୧୯୯୦ରୁ ଜନତା ଦଳ ଓ ପରେ ବିଜେଡିରୁ ବିଧାୟକ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୧୯୯୫ରେ କଳ୍ପତରୁ ଦାସ ଜନତା ଦଳରୁ ନିର୍ବାଚନ ହୋଇଥିଲେ। ବିଜେଡି ଗଠନ ହେବା ପରେ କଳ୍ପତରୁ ଜଣେ ପ୍ରଭାବଶାଳୀ ନେତା ଭାବେ ରାଜ୍ୟରେ ପରିଚିତ ଥିଲେ। ସେ ୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ବିଜେଡିରୁ ନିର୍ବାଚିତ ହୋଇ ବିଭିନ୍ନ ମନ୍ତ୍ରୀପଦରେ ଅଳଙ୍କୃତ ହୋଇଥିଲେ। ସେହି ସମୟରେ ଧର୍ମଶାଳା ନିର୍ବାଚନ କ୍ଷେତ୍ରର ଅନେକ ବିକାଶ ହୋଇଛି ସତ ହେଲେ ସେହି ପରିମାଣର ଦୁର୍ନୀତିକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଇଛି। ଜମି କେଲେଙ୍କାରୀଠାରୁ ଆରମ୍ଭ କରି ଖଣି ଓ ଲଘୁ ଖଣିଜ ଦ୍ରବ୍ୟ ଲୁଟରେ ଏହି ନିର୍ବାଚନମଣ୍ଡଳୀ ସାରା ରାଜ୍ୟରେ ବଦନାମ ଆଣିଛି। ଧର୍ମଶାଳା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ସମେତ ରସୁଲପୁର ବ୍ଲକର ୯ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ କ୍ଷେତ୍ରରେ ବିରୋଧି ନେତାଏଁ ଏବେ ଏହାକୁ ଅସ୍ତ୍ର ଭାବେ ଗ୍ରହଣ କରିଛନ୍ତି। ୨୦୧୪ ନିର୍ବାଚନରେ କଳ୍ପତରୁଙ୍କୁ ରାଜ୍ୟସଭା ପଠାଇ ତାଙ୍କ ପୁତ୍ର ପ୍ରଣବ କୁମାର ବଳବନ୍ତରାୟ(ଜିତୁ)ଙ୍କୁ ବିଜେଡିରୁ ଟିକେଟ ମିଳିଥିଲା। ସେ କଂଗ୍ରେସ ପ୍ରାର୍ଥୀ ଶ୍ରୀନାଥ ମିଶ୍ରଙ୍କୁ ୮୫,୭୮୬ ଭୋଟ ବ୍ୟବଧାନରେ ପରାସ୍ତ କରି ପ୍ରଥମଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେବେ ଏଥିରେ ତାଙ୍କ ପିତା କଳ୍ପତରୁ ଦାସଙ୍କ ବିଶେଷ ଭୂମିକା ରହିଥିଲା। କିନ୍ତୁ କଳ୍ପତରୁଙ୍କ ମୃତ୍ୟୁ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ସେତେବେଳେ କଳ୍ପତରୁଙ୍କ ଅତି ନିକଟତର ଥିବା କେତେକ ପୁରୁଖା କର୍ମୀ ଜିତୁଙ୍କ ମନମୁଖିକୁ ପସନ୍ଦ ନ କରି ଅସହଯୋଗୀ ହୋଇପଡିଛନ୍ତି। ଗଙ୍ଗପାଟଣା ଜଙ୍ଗଲ ଜମିର ମାଲିକାନା, ସେଠାରେ ଜଙ୍ଗଲ ଜମିରେ ପାଚେରି ବୁଲିବା, ଜଙ୍ଗଲ ଜମିକୁ ସରକାରୀ ଅର୍ଥରେ ରାସ୍ତା ତିଆରି ହେବା, ଗୋକର୍ଣ୍ଣେଶ୍ୱର ଟ୍ରଷ୍ଟ ନାମରେ ଜଙ୍ଗଲ ଜମି ହଡପ, ଡଙ୍କାରୀରେ କଳାପଥର ଲୁଟ ଓ ଗ୍ରୀନ ଟ୍ରିବ୍ୟୁନାଲ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କା ଜରିମାନା ଦେବା ନିର୍ଦ୍ଦେଶ ଆଦି ପ୍ରସଙ୍ଗରେ ବିଜେଡି ଏଠାରେ ହଟହଟା ହୋଇଛି। ଏହାବାଦ ହରିଦାସପୁର ଷ୍ଟକୟାର୍ଡ ଦୁର୍ନୀତି, ଟେଣ୍ଡର ଫିକ୍ସିଂ, ରାଜନୀତିର ବ୍ୟବସାୟୀକରଣ, ବିଜୁ ପରିବାର ଅନୁଗତଙ୍କୁ କୋଣଠେସା କରି ରଖାଯିବା, ସିବିଆଇ ଓ ଇଡି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସଜବାଜ ହେଉଥିବା ଆଲୋଚନା ହେଉଛି। ଏହିକ୍ରମରେ ଟିକେଟକୁ ନେଇ ବିଜେଡି ଯଦି ଅତି ଗମ୍ଭୀରତାର ସହ ଚିନ୍ତା ନ କରେ ତେବେ ଆଗାମୀ ଦିନରେ ଓଲଟପାଲଟ ହେବା ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏହାକୁ ଜିତୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଦୁର୍ନୀତିକୁ ସେ କେବେ ବି ପ୍ରଶ୍ରୟ ଦେଇ ନାହାନ୍ତି। ଆଇନ ତା ବାଟରେ ଯାଉଛି। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଜନସାଧାରଣ ତାଙ୍କ ପ୍ରତି ଅତୁଟ ସମର୍ଥନ ରଖିଛନ୍ତି। ଅନ୍ୟପକ୍ଷେ ବିଧାୟକଙ୍କ ବିକଳ୍ପ ଭାବେ ପୂର୍ବତନ ବିଧାୟକ ରବିଲାବଣ୍ୟ (ରବି ଦାଶ)ଙ୍କ ନାମକୁ ନେଇ ଧର୍ମଶାଳା ଅଞ୍ଚଳରେ ଜୋର ଚର୍ଚ୍ଚା ହେଉଛି। ୧୯୭୭ରେ ଜନତା ପାର୍ଟିରୁ ରବି ଦାସ ତତ୍କାଳୀନ ମନ୍ତ୍ରୀ ବାଙ୍କବିହାରୀ ଦାସଙ୍କୁ ପରାଜିତ କରି ଏଠାରେ ପ୍ରଥମକରି ଅଣକଂଗ୍ରେସ ସଂଗଠନର ମୂଳଦୁଆ ପକାଇଥିଲେ। ଛାତ୍ରଜୀବନରୁ ସେ ବିଜୁ ବାବୁଙ୍କ ଏକାନ୍ତ ଅନୁଗତ ଥିଲେ। ସେବେଠାରୁ ସେ କୌଣସି ଅନ୍ୟ ଦଳର ବିକଳ୍ପ ଚିନ୍ତା ନ କରି ଜନତା ଦଳ ତଥା ବିଜେଡିର ପ୍ରତିଷ୍ଠାତା ସଭ୍ୟ ରହି ଆସିଛନ୍ତି। ଦୀର୍ଘଦିନ ଧରି ଦଳରେ ରହିଥିବାରୁ ଜନସାଧାରଣଙ୍କ ସହାନୁଭୂତି ରହିଛି। ସେ ଜଣେ ସଚ୍ଚୋଟ ତଥା ନିର୍ବିବାଦୀୟ ବ୍ୟକ୍ତି ଭାବେ ପରିଚିତ ଥିବାରୁ ତାଙ୍କୁ ବିଜେଡିରୁ ପ୍ରାର୍ଥୀ କଲେ ସମସ୍ତେ ସମର୍ଥନ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ରବିଲାବଣ୍ୟ କହିଛନ୍ତି ବିଜେଡିରୁ ପ୍ରାର୍ଥୀ ହେଲେ ଜନସାଧାରଣଙ୍କ ବିପୁଳ ସମର୍ଥନ ଥିବାରୁ ବିଜୟ ସୁନିଶ୍ଚିତ। ଦଳ ପ୍ରାର୍ଥୀ ନ କଲେ ବି ଶୃଙ୍ଖଳିତ କର୍ମୀ ଭାବେ କାମ କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

କଂଗ୍ରେସ ଦଳ ଘର ସଜାଡିବାରେ ଲାଗିଛି। ତେବେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡରେ କଂଗ୍ରେସର ବିଜୟ ଏଠାକାର କର୍ମୀଙ୍କୁ ଉତ୍ସାହିତ କରିଛି। ୧୯୯୦ରୁ ଏହି କ୍ଷେତ୍ର ଅଣକଂଗ୍ରେସ ଗଡ଼ ମାନ୍ୟତା ପାଇଛି। ତଥାପି କଂଗ୍ରେସ ଏଠାରେ ଆଶା ଛାଡି ନାହିଁ। କଂଗ୍ରେସ ପ୍ରାର୍ଥୀ ହେବାକୁ ନେତାଙ୍କ ଲମ୍ଫାଧାଡ଼ି ଲାଗିଛି। ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସ୍ମୃତିରେଖା ପହି କୁହନ୍ତି, ବିଜେଡି ଏଠାରେ ସବୁପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଇଛି। ଦୁର୍ନୀତିକୁ ମୂଳୋତ୍ପାଟନ କରିବାକୁ ସେ ଲାଗି ପଡିଛନ୍ତି। ଦୁର୍ନୀତିକୁ ରୋକା ନ ଗଲେ ବିକାଶ ଅସମ୍ଭବ। ତେଣୁ ସେ କଂଗ୍ରେସରୁ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। ପୂର୍ବତନ ବିଧାୟକ କାଙ୍ଗାଳି ପଣ୍ଡା ଟିକେଟ ପାଇବା ଆଶାରେ ଅଛନ୍ତି। ସେ କହିଛନ୍ତି ତାଙ୍କୁ ଟିକେଟ ମିଳିଲେ ଯେଉଁମାନେ କଂଗ୍ରେସ ଛାଡ଼ି ଅନ୍ୟ ଦଳରେ ଯୋଗଦେଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ପୁନଶ୍ଚ କଂଗ୍ରେସରେ ଯୋଗଦେଇ ତାଙ୍କ ପାଇଁ କାମ କରିବେ। ଦଳ ପ୍ରାର୍ଥୀ ନ କଲେ ବି ଦଳୀୟ ବ୍ୟାନରରେ କାମ କରି ଦଳକୁ ଜିତାଇବାକୁ ସମସ୍ତ ଉଦ୍ୟମ କରିବେ। ସେହିପରି ଟିକେଟ ଦୌଡରେ ଥିବା କିଷାନ ପଣ୍ଡା କହିଛନ୍ତି, ବିଗତ ଦିନର କାଳିମାକୁ ଶେଷ କରିବାକୁ ଚାହାନ୍ତି। ଟିକେଟ ନ ମିଳିଲେ ବି ଦଳର ନିଷ୍ପତ୍ତି ଅନୁସାରେ ଦଳ ପାଇଁ କାମ କରିବେ।

ନୂଆ ପୁରୁଣା ବିବାଦ ଲାଗି ରହିଥିଲେ ହେଁ ଏଠାରେ ଦୁର୍ନୀତି ବିରୋଧରେ ସ୍ୱରଉତ୍ତୋଳନ କରିବାରେ ଭାଜପା ବହୁ ଆଗରେ ରହିଛି। ଡଙ୍କାରୀରେ ବେଆଇନ କଳାପଥର ଲୁଟ, ବିନା ଜନଶୁଣାଣିରେ ରାମକୋ ପ୍ରତିଷ୍ଠା, ବ୍ଲାକରୋଜ ବୁଡିବା ଘଟଣା ଆଦି ଦୁର୍ନୀତିକୁ ନେଇ ଭାଜପା ସିବିଆଇ, ହାଇକୋର୍ଟ ଓ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛି। ଏହାସହ ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ଦୂର କରିବାରେ ଭାଜପା ନେତୃବର୍ଗ ଲାଗି ପଡ଼ିଛନ୍ତି। ଏହିକ୍ରମରେ ସର୍ବେଶ୍ୱର ବେହୁରା ଦୌଡ଼ରେ ରହିଛନ୍ତି। ଭାଜପାର କେନ୍ଦ୍ର ଓ ରାଜ୍ୟସ୍ତରର ନେତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବେହୁରା ସଫଳ ହୋଇଛନ୍ତି। ତେବେ ବିଜେଡି ସହିତ ଭାଜପା କେତେଦୂର ଲଢେଇ କରି ପାରିବ ସେ ନେଇ ଲୋକଙ୍କ ମଧ୍ୟରେ ସଂଶୟ ରହିଛି। ସର୍ବେଶ୍ୱର ବେହୁରା କହିଛନ୍ତି ଧର୍ମଶାଳାରୁ ତାଙ୍କୁ ଟିକେଟ ମିଳିବା ସମ୍ଭାବନା ଅଧିକ ରହିଛି। ତେଣୁ ସେ ଲୋକଙ୍କ ସହିତ ଆହୁରି ଜଡିତ ହେବାକୁ ଲାଗି ପଡିଛନ୍ତି। ଟିକେଟ ନ ମିଳିଲେ ବି ତାଙ୍କ ଦୁର୍ନୀତି ବିରୋଧୀ କାର୍ଯ୍ୟ ଜାରି ରହିବ। ଭାଜପାରୁ ଆଶାୟୀ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା କହିଛନ୍ତି, ସଂଗଠନକୁ ମଜଭୁତ କରିବାରେ ସେ ଦିନରାତି ଏକ କରିଛନ୍ତି। ଟିକେଟ ନ ମିଳିଲେ ବି ଧର୍ମଶାଳାରୁ ସେ ଦଳୀୟ ପ୍ରାର୍ଥୀ ପାଇଁ କାମ କରି ବିଜୟରେ ସହାୟକ ହେବେ। ପବିତ୍ର ମୋହନ ଦାଶ କହିଛନ୍ତି ଭାଜପାର ମୂଳ ଲୋକ ହୋଇଥିବା ଦୃଷ୍ଟି କୋଣରୁ ଧର୍ମଶାଳା ବାସୀଙ୍କ ସ୍ନେହଶ୍ରଦ୍ଧା ଓ ଆଶୀର୍ବାଦ ତାଙ୍କ ଉପରେ ରହିଛି। ଟିକେଟ ନ ମିଳିଲେ ବି ସେ ଦଳ ସହିତ ଅଛନ୍ତି ଓ ଦଳରେ ରହିବେ। ସୁର ପଣ୍ଡା କହିଛନ୍ତି ବିଧାୟକ ପ୍ରାର୍ଥୀ ହେବା ପାଇଁ ସେ ଦଳରେ କାମ କରୁ ନାହାନ୍ତି। ସାଧାରଣ ଲୋକଙ୍କ ଉନ୍ନତି ତଥା ଅଞ୍ଚଳର ବିକାଶ ତାଙ୍କ ଲକ୍ଷ୍ୟ। ଯଦି ଦଳ ମତେ ପ୍ରାର୍ଥୀ କରେ ସାଧାରଣ ଭୋଟରଙ୍କ ଶ୍ରଦ୍ଧାକୁ ପାଥେୟ କରି ନିଶ୍ଚିତ ବିଜୟୀ ହେବେ।

### ନିର୍ବାଚନ ଫଳାଫଳ

| ବର୍ଷ | ଦଳ | ପ୍ରାର୍ଥୀ | ଭୋଟ |
|---|---|---|---|
| ୨୦୧୪ | ବିଜେଡି | ପ୍ରଣବକୁମାର ବଳବନ୍ତରାୟ | ୧୦୯୨୪୧ |
| | କଂଗ୍ରେସ | ଶ୍ରୀନାଥ ମିଶ୍ର | ୨୩୪୫୫ |
| | ଭାଜପା | ରମେଶଚନ୍ଦ୍ର ପରିଡା | ୧୯୯୪୦ |
| ୨୦୦୯ | ବିଜେଡି | କଳ୍ପତରୁ ଦାସ | ୭୯୮୬୭ |
| | କଂଗ୍ରେସ | କାଙ୍ଗାଳି ଚରଣ ପଣ୍ଡା | ୪୪୭୩୪ |

### ଭୋଟର

| ବର୍ଷ | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୯ | ୧୧୨୩୦୨ | ୧୦୧୭୭୧ | ୪ | ୨୧୪୦୭୭ |
| ୨୦୧୪ | ୧୦୩୮୯୦ | ୯୦୯୬୧ | ୨ | ୧୯୪୮୫୩ |





ପ୍ରଣବ କୁମାର ବଳବନ୍ତରାୟ


ସର୍ବେଶ୍ୱର ବେହୁରା


ସ୍ମୃତିରେଖା ପହି


ରବିଲାବଣ୍ୟ ଦାଶ

## ସଂକ୍ଷେପରେ

### ଯୋଗ ଦେଲେ ନୂତନ ଥାନା ଅଧିକାରୀ

ତେଲକୋଇ, ୨।୩(ଡି.ଏନ.ଏ.)- ତେଲକୋଇ ଥାନାରେ ନୂତନ ଭାବେ ଥାନା ଅଧିକାରୀ ପଦ୍ମସିନୀ ମେହର ଯୋଗଦାନ କରିଛନ୍ତି । ଶନିବାର ଥାନାର ଦାୟିତ୍ୱ ନେବା ପରେ ଶୃଙ୍ଖଳାକୁ ପ୍ରାଥମିକତା ଦେଇଥିବା ବେଳେ ସାଧାରଣ ଜନତାଙ୍କୁ ନ୍ୟାୟ ଓ ଜନସାଧାରଣଙ୍କ ବିଶ୍ୱାସ ଭାଜନକୁ ଗୁରୁତ୍ୱ ଦେଇଥିଲେ।

### ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

କେନ୍ଦୁଝର, ୨।୩(ସ୍ୱ.ପ୍ର.)- ଜବାବ ମାଗୁଛି ଓଡିଶା କାର୍ଯ୍ୟକ୍ରମରେ ଭାଜପା ପକ୍ଷରୁ ଶନିବାର ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଭାଜପର ବହୁ ନେତା କର୍ମୀମାନେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଦୀର୍ଘ ୨୦ ବର୍ଷ ଶାସନର ହିସାବ ମାଗିଥିଲେ। ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ବାଇକ ରାଲିରେ ନେତା ଓ କର୍ମୀ ମାନେ ବାଇକରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅମରବର ଖଟୁଆ, ବ୍ରଜ କିଶୋର ରାୟ, ଶିବ କୁମାର ରାଠୋର, ମୋହନ ମାଝୀଙ୍କ ସମେତ ବହୁ କର୍ମୀ ଉଦ୍‌ବୋଧନ ଦେଇଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କେନ୍ଦୁଝର, ୨।୩ (ସ୍ୱ.ପ୍ର.)-କେନ୍ଦୁଝର ସହରର ଦନାର୍ଦ୍ଦନପୁର ଶାସନ ନିବାସୀ ବିଶିଷ୍ଟ କବି ଗଦାଧର ଦ୍ୱିବେଦୀଙ୍କ ଧର୍ମପତ୍ନୀ ରତ୍ନମଣୀ ଦେବୀଙ୍କର ୯୧ବର୍ଷ ବୟସରେ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ମୃତ୍ୟୁ ପର୍ଯ୍ୟନ୍ତ ସଚଳ, ସକ୍ରିୟ ଅବସ୍ଥାରେ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ବଡଝିଅ ବିଦ୍ୟୁତପ୍ରଭା ମିଶ୍ର ଓ ତାଙ୍କର ସମସ୍ତ ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ। ତାଙ୍କର ଦୁଇପୁତ୍ର ରାମନାରାୟଣ ଓ ନୃସିଂହ ନାରାୟଣ ଉପସ୍ଥିତ ଥିଲେ । ସାନପୁଅ ନୃସିଂହ ନାରାୟଣ ମୁଖାଗ୍ନି ଦେଇଥିଲେ । ଡ଼ିଏଭି ସ୍କୁଲ ତରଫରୁ ଚେୟାରମ୍ୟାନ ରଘୁନାଥ ମିଶ୍ର ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ବିଜୁ ଯୁବ ବାହିନୀ କର୍ମୀଙ୍କୁ ମୋବାଇଲ ବଣ୍ଟନ

ଚମ୍ପୁଆ, ୨।୩ (ଡି.ଏନ.ଏ.)-ଚମ୍ପୁଆ ନଗର ଭବନଠାରେ ଏନଏସି ପକ୍ଷରୁ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ମୋବାଇଲ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନଏସି ଅଧକ୍ଷା ଗୀତାରାଣୀ ନାଏକ, ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଉପାଧକ୍ଷ ମାନସ ରଞ୍ଜନ ପଶାୟତ, ରଶ୍ମିତା ମହାରଣାଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇ ମୋବାଇଲ ବଣ୍ଟନ କରିଥିଲେ। ବିଜୁ ଯୁବ ବାହିନୀର ୧୨୪ ସଦସ୍ୟଙ୍କୁ ଏହା ବଣ୍ଟନ କରାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆନନ୍ଦପୁର,୨। ୩(ସ୍ୱ.ପ୍ର.)- ଘସିପୁରା ବ୍ଲକ ଯୁଗଳକିଶୋରପୁର ଯୁଜିଯୁପି ସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବ୍ଲକ ଶିକ୍ଷାଧିକାରୀ ଗୋପାଳ ଚନ୍ଦ୍ର ପତି, ମୁଖ୍ୟବକ୍ତା ଭାବେ କବି ପ୍ରଫୁଲ୍ଲ ଚକ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ମନମୋହନ ସାମଲ, ସିଆରସିସି ସୁରେଶ ଚନ୍ଦ୍ର ମହାନ୍ତି, ଶିକ୍ଷକ ନେତା ଉମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଆଦର୍ଶ ଶିକ୍ଷାଦାନ ପଦ୍ଧତି, ଛାତ୍ର ବତ୍ସଳତା, କର୍ତ୍ତବ୍ୟପରାୟଣତା ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଲା କଳାକାର ନବକିଶୋର ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଆଦିବାସୀ ନୃତ୍ୟରେ ତାଳେ ତାଳେ ଶୋଭାଯାତ୍ରାରେ ନିଆଯାଇ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ବାସଭବନରେ ଛାଡିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବହୁ ଶିକ୍ଷୟିତ୍ରୀଶିକ୍ଷକ, ସିଆରସିସି, ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ଛାତରୁ ଗଳୁଛି ପାଣି, କାନ୍ଥ ଫାଟି ଆଁ

- କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ଆଦିବାସୀ ଛାତ୍ରୀ ନିବାସ
- ନିମ୍ନମାନର କାର୍ଯ୍ୟକୁ ନେଇ ତାଗିଦ୍ କଲେ ଏମ୍‌ପି
- ଛାତ୍ରୀ ସୁରକ୍ଷା ନେଇ ପ୍ରଶ୍ନବାଚୀ

ବଡବିଲ, ୨।୩(ସ୍ୱ.ପ୍ର.)


ନବନିର୍ମିତ ଛାତରୁ ପାଣି ଗଳୁଛି, ଦେଖୁଛନ୍ତି ଏମ୍‌ପି ଓ ଅନ୍ୟମାନେ ।

କେନ୍ଦୁଝର ଜିଲା ବଡବିଲ କଲେଜ ପରିସରରେ ନବ ନିର୍ମିତ ୨ ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଛନ୍ତି। ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଦ୍ୱାରା ନିର୍ମିତ ଏହି ପ୍ରକଳ୍ପର ବ୍ୟୟ ଅଟକଳ ଏକ କୋଟି ଟଙ୍କା ହୋଇଥିବା ଜଣାପଡିଛି। ଉଦ୍‌ଘାଟନ ପରେ ଏମପି ଲାଗୁରୀ ଛାତ୍ରୀନିବାସ ବୁଲି ଦେଖିବାବେଳେ ଛାତରୁ ପାଣି ଗଳୁଥିବା ବେଳେ କାନ୍ଥ ଫାଟି ଆଁ କରିଥିବା ଦେଖି ନିମ୍ନମାନର କାର୍ଯ୍ୟ ଯୋଗୁଁ ଗଭୀର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ମରାମତି ନିମନ୍ତେ ପରାମର୍ଶ ଦେଇଥିଲେ। ତେବେ ଆଇଟିଡିଏ ବିଭାଗୀୟ ଅଧିକାରୀଙ୍କର ନିର୍ମାଣାଧୀନ ଛାତ୍ରୀନିବାସର ସଠିକ ଭାବେ ତଦାରଖ କରାଯାଇ ନ ଥିବାବେଳେ ନିମ୍ନ ମାନର ସିମେଣ୍ଟ ଅଧିକ ପରିମାଣର ବାଲି ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ତେବେ ନିମ୍ନମାନର କାର୍ଯ୍ୟକୁ ନେଇ ଏମପି ଲାଗୁରୀ ତାଗିଦ କରିଥିଲେ। ଏମପିଙ୍କ ପ୍ରଶ୍ନର ଉତ୍ତର ଦେଇ ଆଇଟିଡିଏର ଜଣେ ଅଧିକାରୀ କହିଥିଲେ ଯେ, ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଉଦ୍‌ଘାଟନ ହେଉଛି। ତେବେ ଗ୍ରେଡିଂ କରି ଛାତର ମରାମତି କରାଯିବ। ନିମ୍ନମାନର କାର୍ଯ୍ୟ ଯୋଗୁଁ ଉଦ୍‌ଘାଟିତ ଏହି ଛାତ୍ରୀ ନିବାସର ଛାତ ଓ କାନ୍ଥ କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡିବାର ଆଶଙ୍କା ଥିବାବେଳେ ବିପଦପୂର୍ଣ୍ଣ ଭାବେ ଛାତ୍ରୀମାନଙ୍କୁ କିଭଳି ରଖିବାକୁ ଅନୁମତି ଦିଆଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣ ନେଇ ହୋଇଥିବା ଦୁର୍ନୀତିର ଆବଶ୍ୟକ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କୁ ବ୍ଲାକ ଲିଷ୍ଟ କରିବା ସହ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଏ ନେଇ ଏମ୍‌ପି ପ୍ରତିନିଧି ଦେବରଞ୍ଜନ ନାୟକ କହିଛନ୍ତି ଯେ, ଏମ୍‌ପି ସଂପୃକ୍ତ ଠିକାଦାର ଓ ଆଇଟିଡିଏ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଏମପି ଯଶୋବନ୍ତ ନାରାୟଣସିଂ ଲାଗୁରୀ, ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ଏମପି ପ୍ରତିନିଧି ଦେବରଞ୍ଜନ ନାୟକ, ପ୍ରଭୂଦତ ପ୍ରଧାନ ଓ ଚିତ୍ତରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ନାହିଁ ତ, ଭୋଟ ନାହିଁ

କେନ୍ଦୁଝର, ୨।୩(ସ୍ୱ.ପ୍ର.)

ସଦର ବ୍ଲକ ରାଜବନ୍ଧ ଠାରୁ ଜନାର୍ଦ୍ଦନ ପୁର ଦେଇ ବାଲିଆଗୁଡା ପର୍ଯ୍ୟନ୍ତ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ସ୍ଥାନୀୟ ଲୋକ ମାନେ ବହୁ ଅସୁବିଧା ଭୋଗୁଛନ୍ତି। ଛୋଟ ଛୋଟ ପିଲା ମନେ ପାଠ ପଢିବାକୁ ଯାଇପାରୁନାହାନ୍ତି। ରୋଗୀ, ବୃଦ୍ଧାବୃଦ୍ଧଙ୍କୁ ନେବା ଆଣିବାରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜନାର୍ଦ୍ଦନପୁର, ତୋଟାସାହି ର ଲୋକ ମାନେ ବେଶୀ ଅସୁବିଧା ଭୋଗୁଥିବାରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିଲେ। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଡଃ ଭକ୍ତ ଚରଣ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଉକ୍ତ ରାସ୍ତା ବହୁ ଆଗରୁ କାମ ହୋଇଥିଲା । ମରାମତି ନାମରେ ଅର୍ଥ ବାଟମାରଣା ହେଉଥିବାରୁ ଲୋକ ମାନଙ୍କୁ ଅସୁବିଧା ଭୋଗିବାକୁ ପଡୁଛି । ତେବେ ରାସ୍ତା କାମ ନ ହେଲେ ବାଧ୍ୟ ହୋଇ ଭୋଟ ବର୍ଜନ କରିବେ ବୋଲି ଚେତାନୀ ଦେଇଛନ୍ତି। ରାସ୍ତା ସହିତ ଡ୍ରେନ ବ୍ୟବସ୍ଥା ନ ଥିବାରୁ ବର୍ଷା ଦିନରେ ବାହାର ପାଣି ଘର ଭିତରେ ପଶୁଛି ବୋଲି କହିଛନ୍ତି । ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ବିଜୟ ସଙ୍କଳ୍ପ ବାଇକ ରାଲି


ବାଇକ ଶୋଭାଯାତ୍ରାରେ ଭାଜପା କର୍ମୀ।

ବଡବିଲ, ୨।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଭାଜପା ନଗର ମଣ୍ଡଳ ତରଫରୁ ଶନିବାର ଦିନ ବିଜୟ ସଂକଳ୍ପ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଭାଜପା ବଡବିଲ ମଣ୍ଡଳ ସଭାପତି ନୀଳମଣି ମହାନ୍ତ କହିଛନ୍ତି ଯେ, ପାକିସ୍ତାନ ଭିତରେ ପଶି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିବା କେନ୍ଦ୍ର ନେତୃତ୍ୱାଧୀନ ଭାଜପାର ବିଜୟ ହୋଇଛି। ଏହି ବାଇକ ଶୋଭାଯାତ୍ରାରେ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ବାଇକ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

# ନଦୀପଠାରୁ ବେଆଇନ ବାଲି ଚାଲାଣ


ନଦୀପଠାରୁ ଟ୍ରାକ୍ଟର ଯୋଗେ ବାଲି ଉତ୍ତୋଳନ।

**ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନୀରବ**

ଝୁମ୍ପୁରା, ୨।୩ (ଡି.ଏନ.ଏ.)

ଝୁମ୍ପୁରା ତହସିଲ ଅନ୍ତର୍ଗତ ୬ଟି ରାଜସ୍ୱ ସର୍କଲରେ ରହିଥିବା ସୈରାତ (ଲଘୁ ଖଣିଜ) ଉତ୍ସଗୁଡିକରୁ ବେନିୟମ ଭାବେ ବାଲି, ପଥର ଚୋରି ହେବାରେ ଲାଗିଛି। କେତେକ ସୈରାତ ଉତ୍ସଗୁଡିକର ଲିଜ୍ ହୋଇଥିଲେ ହେଁ, ଆଉ କେତେକ ଲିଜ୍ ହୋଇ ନ ଥିବା ସୈରାତ ଉତ୍ସ (ବାଲି କ୍ୱାରୀ, ପଥର କ୍ୱାରୀ) ଗୁଡିକରୁ ବେଧଡକ ଲଘୁ ଖଣିଜ ଚୋରି ହେବାରେ ଲାଗିଛି। ଏ ନେଇ ବହୁ ସମୟରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଝୁମ୍ପୁରାସ୍ଥିତ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ହେଉଥିଲେ ହେଁ, ତହସିଲ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ନିର୍ବାଚନୀ କାର୍ଯ୍ୟରେ ବ୍ୟସ୍ତ ରହିଥିବାରୁ ଲଘୁ ଖଣିଜ ଲୁଟର ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜଣାପଡ଼ିଛି।

ମଲଦା ରାଜସ୍ୱ ସର୍କଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଇବୁଗା ନିକଟବର୍ତ୍ତୀ ବୈତରଣୀ ନଦୀପଠାରୁ ବେଧଡକ ବାଲି ଲୁଟ ଚାଲିଛି। ସବୁ ସମୟରେ ଟ୍ରାକ୍ଟର ଦ୍ୱାରା ବାଲି ମାଫିଆମାନେ ନିଜ ନିଜର ଷ୍ଟକୟାର୍ଡକୁ ବାଲି ବୋହିବାରେ ଲାଗିଛନ୍ତି। ସାମାନ୍ୟ ମଜୁରି ଦେଇ ଆଦିବାସୀ ଶ୍ରମିକମାନଙ୍କୁ ନଦୀରୁ ବାଲି ଉତ୍ତୋଳନ କାର୍ଯ୍ୟରେ ଲଗାଯାଉଛି। ମଲଦା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ଝୁମ୍ପୁରା ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଏ ନେଇ ମଲଦା ରାଜସ୍ୱ ନିରୀକ୍ଷକ ସୋନାଲୀ ସେଠୀଙ୍କ ସହିତ ଯୋଗାଯୋଗ ହୋଇ ପାରିନାହିଁ। ଝୁମ୍ପୁରା ତହସିଲଦାର ଜନକ ନାୟକ କହିଛନ୍ତି ଯେ, ତୁରନ୍ତ ପଦକ୍ଷେପ ନିଆଯିବ।

# ଜାତୀୟ ବିଜ୍ଞାନ ଦିବସ

ଆନନ୍ଦପୁର, ୨।୩(ସ୍ୱ.ପ୍ର.)

ଆନନ୍ଦପୁର ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ସେମିନାର କକ୍ଷରେ ସଂସଦର ଉପସଭାପତି ଡ. ମିନାକ୍ଷୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଦାର୍ଥ ବିଜ୍ଞାନର ମୁଖ୍ୟ ଡଃ ଦିଲ୍ଲିପ କୁମାର ଦାଶ, ରସାୟନ ବିଜ୍ଞାନର ମୁଖ୍ୟ ଡଃ ଶେଖର ପ୍ରସାଦ ଦେବତା, ଗଣିତ ବିଭାଗର ମୁଖ୍ୟ ଡଃ ଜଗବନ୍ଧୁ ସାହୁ, ଉଦ୍ଭିଦ ବିଜ୍ଞାନର ମୁଖ୍ୟ ପ୍ରଫେସର ଦିବ୍ୟଲୋଚନ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯାଗଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଶିକ୍ଷକ ସି.ବି. ରମଣଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଜାତୀୟ ବିଜ୍ଞାନ ଦିବସର ଆଭିମୁଖ୍ୟ ବ୍ୟାଖ୍ୟା କରାଯିବା ସହିତ ଛାତ୍ରୀଛାତ୍ରମାନେ ବିଜ୍ଞାନ ପିପାସୁ ହେବା ସହ ଦେଶର ପ୍ରଗତିରେ ବିଜ୍ଞାନକୁ ବିନିଯୋଗ କରିବାକୁ ଅତିଥିମାନେ ମତ ଦେଇଥିଲେ। ଅଧ୍ୟାପକ ଉମାକାନ୍ତ ନାୟକ ନିଜର ମନ୍ତବ୍ୟ ରଖିଥିବାବେଳେ ଅଧ୍ୟାପକ ଶକ୍ତି ପ୍ରସାଦ ମହାପାତ୍ରଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଘସିପୁରା ବ୍ଲକ ରାଧିକାଦେଇପୁର ପଞ୍ଚାୟତ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାନର ବାର୍ତ୍ତା ତଥା ବିଜ୍ଞାନର ମହତ୍ୱ ବିଷୟରେ ଆଲୋକପାତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୁଣାକାର ରାଜ ବିଜ୍ଞାନ ମଣିଷ ସମାଜକୁ କିପରି ସୁଖ, ଶାନ୍ତି ପ୍ରଦାନ କରିଛି ସେ ସମ୍ପର୍କରେ ମତ ରଖିଥିଲେ।

# ଇଭିଏମ ମେଶିନ ସଂରକ୍ଷଣ, ଗଣନା କକ୍ଷ ଯାଞ୍ଚ

ଚମ୍ପୁଆ,୨।୩(ଡି.ଏନ.ଏ.)

ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପାଇଁ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଇଭିଏମ ମେଶିନ ସରଂକ୍ଷଣ ପାଇଁ ଉଦ୍ଦିଷ୍ଟ ଷ୍ଟ୍ରଙ୍ଗ ରୁମ ଓ ଭୋଟ ଗଣତି କକ୍ଷକୁ ଶନିବାର କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଜିଲା ଆରକ୍ଷୀ ଅଧୀକ୍ଷକ ଜୟନାରାୟଣ ପଙ୍କଜ ପରିଦର୍ଶନ କରିବା ସହିତ ଆନୁଷଙ୍ଗିକ ସୁବିଧା କରିବାକୁ ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀଙ୍କୁ ସୂଚନା ଦେଇଛନ୍ତି। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଏବଂ ଏହି କେନ୍ଦ୍ରରେ ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳୀର ଇଭିଏମ ମେଶିନ ରହିବା ଓ ଗଣତି ହେବାକୁ ଥିବା ବେଳେ ଏହାର ସୁବ୍ୟବସ୍ଥା କରାଯାଇ ବାରିକେଡ ମାଧ୍ୟମରେ ପ୍ରବେଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥି ସହିତ ପାର୍କିଂ, ଗଣମାଧ୍ୟମ ସୂଚନା କେନ୍ଦ୍ର, ନିର୍ବାଚନ ଅଧିକାରୀ, ସୂଚନା କକ୍ଷ, ବିଭାଗୀୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା, ପୋଲିସ ପ୍ରଶାସନ ରହିବା, ଡ୍ୟୁଟି ଉପରେ ସୁବିଧା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଯାଞ୍ଚ ଦଳରେ ଚମ୍ପୁଆ ଏସଡିପିଓ ହରିହର ପାଣି, ଆଇଆଇସି ମନୋରଞ୍ଜନ ପ୍ରଧାନ, ସମାଜ ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ଅଧକ୍ଷ ଅଜୟ କୁମାର ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ସେଠୀ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।


ଇଭିଏମ ମେଶିନ ସଂରକ୍ଷଣ ଯାଞ୍ଚ କରୁଛନ୍ତି ଏସପି ଓ ଜିଲାପାଳ।

# ସରିଲା ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ

ଆନନ୍ଦପୁର, ୨।୩(ସ୍ୱ.ପ୍ର.)

ଆନନ୍ଦପୁର ପୌରପରିଷଦ ଘସିପୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଦିବସରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦୁଝର ବିଭାଗ କାର୍ଯ୍ୟବାହ ରତିକାନ୍ତ ବୈଦ୍ୟ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ପ୍ରବଚକ ଜିତୁ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଳମଣି ପାଣିଗ୍ରାହୀ, ଉପସଭାପତି ଏକାଦଶୀ ସାହୁ, ସମ୍ପାଦକ ଜଳଧର ସାହୁ, କୋଷାଧକ୍ଷ ଅନନ୍ତ ଚରଣ ସାହୁ, ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର କର ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ୨୫ ବର୍ଷର ଅନୁଭୂତି ବଖାଣି ଥିଲେ। ଶେଷରେ ଶାଳପଡା ବିଣାପାଣି କଳାନିକେତନର ନୃତ୍ୟଗୁରୁ ଜିତୁ ଦାଶ, ଅଭିଜିତ୍ ଦାଶ, ଖୁସବୁ ମହାନ୍ତି, ଗୁରୁମା ଚନ୍ଦ୍ରିକା ଦିକ୍ଷୀତଙ୍କ ସଂଯୋଜନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଶମ୍ଭୁନାଥ ରଣା ସଙ୍ଗୀତ ସଂଯୋଜନା କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ଜିତୁ ଦାଶ ଏବଂ ଗୁରୁମା ବାସନ୍ତିଲତା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋରମା ବାରିକ, ନିର୍ମଳା ରାଉତ, ନମିତା ମିଶ୍ର, ସବିତା ରାଉତ, ପ୍ରତୀମା ଶତପଥି ପ୍ରମୁଖ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# କୃଷକ ସମ୍ପର୍କ ମେଳା



କୃଷକ ସମ୍ପର୍କ ମେଳାରେ ଯୋଗ ଦେଇଥିବା ଅତିଥି।

ଚମ୍ପୁଆ,୨।୩(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଇ ପଞ୍ଚାୟତର ଇଚିଣ୍ଡାଠାରେ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । କୃଷି ଜିଲା ଚମ୍ପୁଆ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗୋଚ୍ଛାୟତ, ଏସଡିଭିଓ ସତ୍ୟନାରାୟଣ ପଣ୍ଡା, ଏବିଡିଓ ଶରତ ଚନ୍ଦ୍ର ବାରିକ, ସରପଞ୍ଚ ହିମାଂଶୁ ଶେଖର ସଏ, ନିରାଶ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ଓ ଆନୁଷଙ୍ଗିକ କୃଷି ଉପରେ ବିଶଦ ଭାବେ ସୂଚନା ପ୍ରଦାନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ଅବିନାଶ ବେହେରା ଏହାକୁ ପରିଚାଳନା କରିଥିବା ବେଳେ ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ଓ ଅଙ୍କିତା ରୂପ ଧାଡିରୁଆ, ଶ୍ରୀପଦ୍ଧତି, ବିହନ ବିଶୋଧନ, ଡାଲିଜାତୀୟ ବିହନ, ଧାନ, ତୈଳବୀଜ ଜାତୀୟ ଆଦି ଫସଲର ରୋଗପୋକ ଦମନ, ମୃତ୍ତିକା ପରୀକ୍ଷଣ, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ରାଷ୍ଟ୍ରୀୟ କୃଷି ଯୋଜନା, ଔଷଧ ଓ କୃଷି ଯନ୍ତ୍ରପାତି ଉପରେ ସବ୍‌ସିଡି ପ୍ରଦାନ ସହିତ କୃଷି ପରିବାରର ଅନ୍ତର୍ଭୁକ୍ତ ହୋଇ ସରକାରଙ୍କ ସମସ୍ତ ସୁବିଧା ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କିସମର ଧାନ ଓ ଯନ୍ତ୍ରପାତିର ଡେମୋନଷ୍ଟ୍ରେଶନ ଦେଖାଯାଇଥିଲା ।

# ମଣ୍ଡିରୁ ଉଠୁନି ଧାନ

## କୃଷକ ସଙ୍ଗଠନର ଆନ୍ଦୋଳନ ଚେତାବନୀ

ତେଲକୋଇ, ୨।୩(ଡି.ଏନ.ଏ.)


ତେଲକୋଇ ଧାନ ମଣ୍ଡିରେ ଧାନ ପଡିରହିଛି ।

ତେଲକୋଇ ବ୍ଲକ ଅଧୀନର ବିଭିନ୍ନ ଧାନ ମଣ୍ଡିରେ ଶହଶହ କୁଇଣ୍ଟାଲ ଧାନ ପଡିରହିଛି । ଧାନକ୍ରୟ ହୋଇ ପାରୁ ନ ଥିବା ଯୋଗୁଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏନେଇ ନବନିର୍ମାଣ କୃଷକ ସଂଗଠନ ଶନିବାର ସ୍ଥାନୀୟ ତହସିଲଦାର, ଥାନା ଅଧିକାରୀ ଓ ବିଡିଓ ଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଚାଷୀମାନେ ଧାନ ବିକ୍ରୟ କରିପାରୁ ନ ଥିବା ନେଇ ଫେବୃୟାରୀ ୧୮ ତାରିଖରେ ଜିଲାପାଳଙ୍କ ଜନଶୁଣାଣି ରେ ଚାଷୀ ମାନେ ଘେରିଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଚାଷୀମାନେ ନୀରବ ହୋଇଯାଇଥିଲେ। କିନ୍ତୁ ପ୍ରତିଶ୍ରୁତି କେବଳ କଥାରେ ରହିଯାଇଛି। ସବୁ ଚାଷୀଙ୍କ ଧାନ କ୍ରୟ କରିବା ନିର୍ଦ୍ଦେଶ କେବଳ ନିର୍ଦ୍ଦେଶରେ ଅଟକି ଯାଇଛି । ଏଥିପାଇଁ ଚାଷୀ ମାନେ ଆଗାମୀ ୬ତାରିଖରେ ରାସ୍ତା ଅବରୋଧ କରିବା ସହିତ ସମସ୍ତ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି । ଅଭିଯୋଗକାରୀଙ୍କ ମଧ୍ୟରେ ନବନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନଙ୍କ ସମେତ ଇନ୍ଦ୍ରମଣି ବିଶ୍ୱାଳ ,ଶୈଳେନ୍ଦ୍ର ପ୍ରଧାନ, କାନ୍ଦୁରୁ ପ୍ରଧାନ, ଇନ୍ଦ୍ରମଣୀ ପ୍ରଧାନ, ଡମ୍ବରୁଧର ସାହୁ,ଇନ୍ଦ୍ରମଣୀ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ଥିଲେ।

# ଗଡ଼ିଲା ସବୁଜ ମହାନଦୀ ମିଶନ ରଥ

ଆନନ୍ଦପୁର,୨।୩(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ବନ ବିଭାଗ ଦ୍ୱାରା ପରିକଳ୍ପିତ ସବୁଜ ମହାନଦୀ ମିଶନ ଯୋଜନାରେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ଅଧୀନରେ ଥିବା ବୈତରଣୀ, ମୂଷଳ, ରେମାଳ, କୁଶେଇ ପ୍ରଭୃତି ନଦୀକୂଳରେ ଜନସାଧାରଣଙ୍କ ସହଯୋଗରେ ବନୀକରଣ ଲାଗି ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ଏକ ସପ୍ତାହ ଧରି ସମସ୍ତ ବନଖଣ୍ଡ ଅଧୀନ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ସଫଳ ରୂପାୟନ ପାଇଁ ବନଖଣ୍ଡ ଅନ୍ତର୍ଗତ ସମସ୍ତ ମଣ୍ଡଳ ଓ ବ୍ଲକ ସ୍ତରରେ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଛି। ଆନନ୍ଦପୁର ଡିଏଫଓ ଅଜିତ୍ କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ସୁରେଶ ଚନ୍ଦ୍ର ସେଠୀ, ପ୍ରଫୁଲ୍ଲ କୁମାର ମଲ୍ଲିକ, ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଫରେଷ୍ଟର ନବ କିଶୋର ନାୟକ,ମଳୟ କୁମାର ସାହୁ, ଫରେଷ୍ଟଗାର୍ଡ ରଞ୍ଜନ କୁମାର ବେହେରା, ମିନତି ସେଠୀ, ବିଜୟ କୁମାର ବାରିକ, ସୌମ୍ୟରଞ୍ଜନ ଜେନା ଏବଂ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପ୍ରଥମ ଗାଡ଼ି ଚଲେଇବାର ଅନୁଭୂତି ଖୁବ୍ ନିଆରା। ନୂଆକରି ଘରକୁ ଗାଡ଼ିଟିଏ ଆସିଲେ ବା ନୂଆ ଗାଡ଼ିଟିଏ କିଣିଲେ ମନ କୁହେ କିପରି ଗାଡ଼ିଟିକୁ ଚଲାଇ ଦୁଇଘେରା ବୁଲି ଆସିବି ସାଙ୍ଗସାଥୀଙ୍କୁ ଦେଖାଇ କିଛି ପ୍ରଶଂସା ନ ସାଉଁଟିଲା ପର୍ଯ୍ୟନ୍ତ ମନ ଥୟ ଧରେ ନାହିଁ...**




ପ୍ରଥମକରି ଘଟିଥିବା ଘଟଣା କାହାର ବା ମନେ ନଥାଏ? ସେ ପ୍ରଥମ ପ୍ରେମ ହେଉ, ପ୍ରଥମ ଦେଖା ହେଉ ବା କଲେଜର ପ୍ରଥମ ଦିନ। ସମସ୍ତଙ୍କ ଜୀବନର ଏକ ସ୍ୱତନ୍ତ୍ର ସ୍ମୃତି ହୋଇ ରହିଥାଏ ନୂଆକରି ଘଟିଥିବା କୌଣସି ଘଟଣା। ତେବେ ପ୍ରଥମ ଗାଡି ଚଲେଇବାର ଅନୁଭୂତି ମଧ୍ୟ ଖୁବ୍ ନିଆରା। ବିଶେଷକରି ଆଜିର ଯୁବପିଢିଙ୍କଠାରେ ମୋଟରସାଇକେଲ ଚଲେଇବାର କ୍ରେଜ୍ ବହୁ ମାତ୍ରାରେ ଦେଖାଦେଇଥାଏ। ନୂଆକରି ଘରକୁ ଗାଡିଟିଏ ଆସିଲେ ବା ନୂଆ ଗାଡିଟିଏ କିଣିଲେ ମନକୁହେ କିପରି ଗାଡିଟିକୁ ଚଳାଇ ଦୁଇଘେରା ବୁଲି ଆସିବି। ସାଙ୍ଗସାଥିଙ୍କୁ ଦେଖାଇ କିଛି ପ୍ରଶଂସା ନ ସାଉଁଟିଲା ପର୍ଯ୍ୟପ୍ତ ମନ ଥୟ ଧରେ ନାହିଁ। ତେବେ ପ୍ରଥମ ଗାଡି ଚଲେଇବାର କିଛି ସ୍ମୃତିକୁ ନେଇ ଏହି ଉପସ୍ଥାପନା...

**ପ୍ରଥମେ ବାପାଙ୍କୁ ବସେଇ ଗାଡି ଚଲେଇଥିଲି:** ମୋଟରବାଇକ୍ ପ୍ରତି ମୋର ପିଲାବେଳୁ ଦୁର୍ବଳତା। ତେଣୁ ହେତୁ ପାଇବା ଦିନୁ ମୋର ମୋଟରବାଇକ୍ ଚଲାଇବା ପାଇଁ ବହୁତ ଇଚ୍ଛା ଥାଏ। ତେବେ ମୁଁ ଯେତେବେଳେ ଷ୍ଟାଣ୍ଡାର୍ଡ ୮ ରେ ପଢୁଥିଲି ସେତେବେଳ ବାପାଙ୍କୁ ତାଙ୍କ ବାଇକ ମାଗିଥିଲି ଚଲେଇବା ପାଇଁ। ପ୍ରଥମେ ବାପା ଅରାଜି ହୋଇଥିଲେ, କିନ୍ତୁ ପରେ ରାଜି ହେଲେ ହେଲେ ସର୍ତ୍ତ ରଖିଲେ ସେ ମୋ ପଛରେ ବସିବେ। ସେତେବେଳେ ମୋ ଖୁସି କହିଲେ ନ ସରେ। ପ୍ରଥମ କରି ବାଇକ୍ ଚଲାଉଥିବା ହେତୁ ଭୟ ଏବଂ ଏକ୍ସାଇଟମେଣ୍ଟର ଏକ ମିଶାମିଶି ଭାବନା ଥାଏ ମନରେ। ପ୍ରଥମେ ଟିକିଏ ଡର ଲାଗିଥିଲା କିନ୍ତୁ ଅଳ୍ପ ବାଟ ଗଲା ପରେ ସାହସ ବଢିଯାଇଥିଲା। ବାପା ପଛରେ ବସି ମୋତେ ବ୍ରେକ, ଏକ୍ସିଲେଟର, ସ୍ପିଡ କଣ୍ଟ୍ରୋଲ ଆଦି ଉପରେ ଇନ୍‌ଷ୍ଟ୍ରକଶନ୍ ଦେଉଥାନ୍ତି। ଏମିତିରେ ମୁଁ ୨-୩ କିଲୋମିଟର ବାଇକ୍ ଚଲେଇ ଯାଇଥିଲି। ଏହା ପରେ ମୋ ମନରେ ବାଇକ୍ ଚଲେଇବାର ଭୟ ଦୂର ହୋଇଯାଇଥିଲା ଏବଂ ଏହାସହ ମୋ ଭିତରେ ଆତ୍ମବିଶ୍ୱାସ ଆସିଯାଇଥିଲା।

*– ଅଲକ୍ରିତ୍ ଦେବ୍‌ଚରନ୍, ଏସ୍‌ଡବ୍ଲ୍ୟୁଓ, ଇଣ୍ଡିଆନ୍ ବ୍ୟାଙ୍କ୍, ବୁଗୁଡା*

**ଟ୍ରାଫିକ୍ ପୋଷ୍ଟ ଉପରେ ଗାଡି ଚଢେଇ ଦେଇଥିଲି:** ନୂଆ ନୂଆ କଲେଜ ପଢୁଥାଏ। ସେତେବେଳ ଅନ୍ୟ ଝିଅମାନଙ୍କୁ ସ୍କୁଟି ଚଲେଇବା ଦେଖି ମୋର ମଧ୍ୟ ଇଚ୍ଛା ହେଉଥାଏ। କିନ୍ତୁ ସୁଯୋଗ ମିଳୁ ନ ଥାଏ। ଦିନେ ମୋ ସାନ ମାଉସୀର ଝିଅ ଯାଉଥିଲେ। ତାଙ୍କୁ ଦେଖି ହସିଲା ବେଳକୁ ହଠାତ ଗାଡିର ଏକ୍ସିଲେଟରଟି ଜୋରସେ ମୋଡି ହୋଇଗଲା। ଗାଡିର ଗତି ଏତେଜୋରରେ ବଢିଗଲା ଯେ ମୁଁ କଣ୍ଟ୍ରୋଲ କରିପାରିଲି ନାହିଁ ଏବଂ ଗାଡିଟି ସାମ୍ନାରେ ଥିବା ଟ୍ରାଫିକ୍‌ପୋଷ୍ଟ ଉପରେ ଚଢିଗଲା ଏବଂ ମୁଁ ଗାଡି ସହିତ କଚାଡି ହୋଇ ତଳେ ପଡିଲି। ହାତ ଓ ଗୋଡରେ ମାଡ ବାଜିଥାଏ ତଥାପି ସମସ୍ତଙ୍କ ସାମ୍ନାରେ ପଡିଯାଇଥିବା ହେତୁ ଲାଜ ବି ଲାଗୁଥିଲା। ଏହି ସ୍ମୃତି ଆଜି ବି ମନେ ପଡିଲେ ହସ ଲାଗେ।

*–ଶୁଭଲକ୍ଷ୍ମୀ ମଙ୍ଗରାଜ (ଖୁସି), ମାଟିତୋଟା, ପୁରୀ*

**✲ ଗାଡିରୁ ପଡ଼ି ମାଆଙ୍କଠାରୁ ଗାଳି ଶୁଣିଥିଲି:** ମୋଟରବାଇକ୍ ଚଲେଇବା ପାଇଁ ମୁଁ ପାଗଳ କହିଲେ ଚଳେ। ଆଜି ବି ସାଙ୍ଗମାନଙ୍କ ନୂଆ ବାଇକ୍ ଦେଖିଲେ ତାକୁ ଯେମିତି ବି ହେଉ ନିଶ୍ଚୟ ଚଲେଇଥାଏ। ଏହି ପାଗଳାମୀ ମୋର ପିଲାବେଳୁ ହିଁ ଥିଲା। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ମୁଁ ପ୍ରଥମ ମୋଟରବାଇକ୍ ଚଲେଇବାର ସୁଯୋଗ ପାଇଲି। ଆମ ଘର ପାଖେ ଜଣେ ଭାଇ ରହୁଥିଲେ। ଘରେ କାହାକୁ ନ ଜଣାଇ ତାଙ୍କ ବାଇକ୍ ମାଗି ନେଇ ଚଲେଇବା ଆରମ୍ଭ କଲି। ପ୍ରତିଦିନ କିଛି କିଛି ଚଲାଇବା ଶିଖୁ ଶିଖୁ ମୋ ଭିତରେ ପୂର୍ଣ୍ଣଭାବେ ଗାଡି ଚଲେଇବାର କ୍ଷମତା ଅଛି ବୋଲି ମୁଁ ଭାବି ନେଇଥାଏ। ଏଣେ ସିଟ୍‌ରେ ବସିବା ପରେ ମୋର ତଳକୁ ଗୋଡ ଠିକ୍‌ସେ ପାଉ ନ ଥାଏ। ତଥାପି ଗାଡି ଚଲେଇବାର ନିଶାରେ ମୁଁ ସେଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥାଏ। ଦିନେ ଦିପହରେ ଘରେ ସମସ୍ତେ ଶୋଇଗଲା ପରେ ମୁଁ ଭାଇଙ୍କ ଗାଡି ନେଇ ବାହାରିଲି ଚଲେଇବା ପାଇଁ।

## ପ୍ରଥମକରି ଟୁ ହ୍ୱିଲର ଚଲାଉଥିଲେ...

✲ ଟୁ ହ୍ୱିଲର ଚଲାଇବା ପୂର୍ବରୁ ଭଲଭାବେ ଟ୍ରେନିଂ ନେବା ଜରୁରୀ।

✲ ଲାଇସେନ୍ସ ନିହାତି ଭାବେ କରିବା ଆବଶ୍ୟକ।

✲ ନିଜର ସୁରକ୍ଷା ସକାଶେ ହେଲ୍‌ମେଟ ପିନ୍ଧିବା ଜରୁରୀ।

✲ ବାଇକ୍ ବା ସ୍କୁଟର ଚଲାଇବା ପୂର୍ବରୁ ଗାଡିର କଣ୍ଡିଶନ୍ ତଥା ପେଟ୍ରୋଲ ମାତ୍ରା ଭଲଭାବେ ଯାଞ୍ଚ କରିନିଅନ୍ତୁ।

✲ ବାଇକ୍ ବା ସ୍କୁଟରର ମିରର୍‌କୁ ଭଲ ଭାବେ ଆଡଜଷ୍ଟ କରିନିଅନ୍ତୁ ଯଦ୍ୱାରା ପଛରୁ ଆସୁଥିବା ଗାଡିକୁ ଆପଣ ସୁବିଧାରେ ଦେଖିପାରିବେ।

✲ ଗାଡି ଚଲାଇଲା ବେଳେ ମୋବାଇଲ ଫୋନ୍ କଲ୍ ବା ମ୍ୟୁଜିକ୍ ଶୁଣିବାଠାରୁ ନିଜକୁ ନିବୃତ୍ତ ରଖନ୍ତୁ।

✲ ଝିଅମାନେ ଗାଡି ଚଳାଇଲା ବେଳେ ହାଇ ହିଲ୍ସ ନ ପିନ୍ଧିବା ଭଲ।

✲ ଗାଡି ସବୁବେଳେ ସ୍ୱାଭାବିକ ବା ନର୍ମାଲ ସ୍ପିଡ୍‌ରେ ଚଲାନ୍ତୁ।

✲ ଟ୍ରାଫିକ୍ ନିୟମ ବିଷୟରେ ଭଲଭାବେ ଅବଗତ ହେବା ଜରୁରୀ।

✲ ଗାଡିର ଜରୁରୀ କାଗଜପତ୍ର ତଥା ଡ୍ରାଇଭିଙ୍ଗ ଲାଇସେନ୍ସକୁ ନିଜ ସହିତ ନେବା ପାଇଁ ଆଦୌ ଭୁଲନ୍ତୁ ନାହିଁ।


ଅଲକ୍ରିତ୍


ଶୁଭଲକ୍ଷ୍ମୀ


ଅମ୍ଳାନ

ମାମୁନୀ ତା'ର ସ୍କୁଟି ନେଇ ଆସିଥାଏ ଘରକୁ। ଏହି ସୁଯୋଗକୁ ମୁଁ ହାତଛଡା କରିବାକୁ ଚାହୁଁ ନ ଥାଏ। ତେଣୁ ତା ସ୍କୁଟି ନେଇ ବୁଲି ଆସିବା ପାଇଁ ତାକୁ ପ୍ରସ୍ତାବ ଦେଲି। ମୋତେ ଗାଡି ଚଲେଇବା ଆସୁନି ବୋଲି ଜାଣିଲେ ସେ କାଳେ କ'ଣ ଭାବିବ ବୋଲି ତାକୁ ୟା ବିଷୟରେ କିଛି ବି ଜଣେଇଲି ନାହିଁ। ତା'ପରେ ଡର ଲାଗୁଥିବା ସତ୍ତ୍ୱେ ଗାଡି ଚଲେଇବାର ନିଶା ଏତେ ଘାରିଥାଏ ଯେ, ସ୍କୁଟି ନେଇ ଏକା ବାହାରି ଗଲି। ଡରି ଡରି କିଛି ବାଟ ଧୀର ଗତିରେ ଗାଡି ଚଲେଇବା ପରେ ମୋ ଭିତରେ ଆତ୍ମବିଶ୍ୱାସ ବଢିଯାଇଥାଏ। ତେଣୁ ଗାଡିର ଗତିକୁ ଆଉ ଟିକିଏ ବଢାଇବା ପାଇଁ ମୁଁ ଏକ୍ସିଲେଟରଟି ମୋଡିଲି। ଏହି ସମୟରେ ସେହି ବାଟ ଦେଇ ମୋର ଜଣେ ସାଙ୍ଗ ଗାଡି ଚଲେଇ ପାରୁଛି ବୋଲି ମୋ ଭିତରେ ଆତ୍ମବିଶ୍ୱାସ କାହିଁରେ କ'ଣ। ସେହି ଓଭର କନ୍‌ଫିଡେନ୍ସ ସହିତ ମୁଁ ଗାଡିର ଏକ୍ସିଲେଟରଟିକୁ ବି ଜୋରସେ ମୋଡି ଦେଇଥାଏ। ହଠାତ୍ ଗାଡିର ଗତି ଏତେ ବଢିଗଲା ଯେ, ମୁଁ ନିଜକୁ ସମ୍ଭାଳି ନ ପାରି ନିକଟରେ ଥିବା ଶିବ ମନ୍ଦିର ପାଚେରିରେ ନେଇ ଧକ୍କା କରିଦେଲି। ବାଇକ୍‌ର ଗତି ଅଧିକ ଥିବା ହେତୁ ମାଡ ବି ଜୋରରେ ହେଲା। ହାତ ଗୋଡ ଆଞ୍ଚୁଡି ହୋଇ ରକ୍ତ ବାହାରୁ ଥାଏ। ସେହି ଅବସ୍ଥାରେ ଘରକୁ ଆସିଲି ଏବଂ ମାଆଙ୍କଠାରୁ ଅନେକ ଗାଳି ଶୁଣିଲି। ତା'ପରଠାରୁ ମୋର ଗାଡି ଚଲେଇବା ବନ୍ଦ। ଏହି ଘଟଣା ପରେ ମୁଁ +୨ ପରେ ଲାଇସେନ୍ସ କରି ଗାଡି ଚଲେଇବା ଆରମ୍ଭ କଲି।

*– ଅମ୍ଳାନ ପଟ୍ଟନାୟକ, ଦୁର୍ଗାଦେବୀ ସାହି, ଗଞ୍ଜାମ*

***–ଲିପ୍‌ସା ବିଶୋଇ***

## ଏ ସପ୍ତାହର ପ୍ରଶ୍ନ

୧..........ବର୍ଷ ନିଉଟନ ମାଧ୍ୟାକର୍ଷଣ ଶକ୍ତି ଉଦ୍ଭାବନ କରିଥିଲେ ?
୨.........ମାଛ ସମୁଦ୍ରରେ ଅକ୍ଳେଶରେ ମାଇଲ ମାଇଲ ପହଁରି ଯାଇପାରେ ?
୩. ୧୯୧୦ରେ କ୍ୟାପଟେନ ସ୍କଟ ..........ଜାହାଜରେ ଆଣ୍ଟାର୍କଟିକାକୁ ଯାଇଥିଲେ ?
୪.ଜଣେ ବିଶ୍ୱପ୍ରସିଦ୍ଧ କବି ଲେଖାଲେଖି ସହ ଜଡିତ ହେବା ପୂର୍ବରୁ ଷ୍ଟାମ୍ପ ଭେଣ୍ଡର ଭାବରେ କାମ କରୁଥିଲେ। ସେ ............ ?
୫.............. ଦେଶର ପୁରୁଣା ନାଁ 'ଇଣ୍ଡୋ-ଚାଇନା' ଥିଲା ?

## ଗତ ସପ୍ତାହର ଉତ୍ତର

୧ ଦିଲ୍ଲୀର ଲାଲକିଲ୍ଲା
୨ କୃଷ୍ଣା ସୋବିତ
୩ ଦିଲ୍ଲୀ-ବାରାଣସୀ
୪ ତେଲେଙ୍ଗାନା
୫ ଚାଇନା

## ଉତ୍ତରଦାତା


ମୁକେଶ ଚନ୍ଦ୍ର ରଣା, ସେରଗଡ, ଗଞ୍ଜାମ


ସୌଦାମିନୀ ପଟ୍ଟନାୟକ ରାଉରକେଲା

## ଟପ୍ 10

### ପୃଥିବୀର ଲୋକପ୍ରିୟ ଖେଳ

୧. ଫୁଟବଲ.................................୪ ବିଲିୟନ ଫଲୋୟରସ୍
୨. କ୍ରିକେଟ.................................୨.୫ ବିଲିୟନ ଫଲୋୟରସ୍
୩. ଫିଲ୍ଡ ହକି.................................୨ବିଲିୟନ ଫଲୋୟରସ୍
୪. ଲନ୍ ଟେନିସ୍.................................୧ବିଲିୟନ ଫଲୋୟରସ୍
୫. ଭଲିବଲ.................................୯୦୦ମିଲିୟନ ଫଲୋୟରସ୍
୬. ଟେବ୍‌ଲ ଟେନିସ୍.................................୮୭୫ମିଲିୟନ ଫଲୋୟରସ୍
୭. ବାସ୍କେଟବଲ.................................୮୨୫ମିଲିୟନ ଫଲୋୟରସ୍
୮. ବେସ୍‌ବଲ.................................୫୦୦ମିଲିୟନ ଫଲୋୟରସ୍
୯. ରଗ୍‌ବି.................................୪୭୫ମିଲିୟନ ଫଲୋୟରସ୍
୧୦. ଗଲ୍‌ଫ.................................୪୫୦ମିଲିୟନ ଫଲୋୟରସ୍

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ସମର ଫ୍ୟାଶନ୍



**ଖରାଦିନେ ଷ୍ଟାଇଲିସ୍ ଏବଂ କୁଲ୍ ଦେଖାଯିବାକୁ ହେଲେ କିପରି ଫ୍ୟାଶନ୍ ଆପଣାଇବାକୁ ହେବ ସେ ନେଇ ଅଧିକାଂଶ ଯୁବପିଢି ଦ୍ୱନ୍ଦ୍ୱରେ ପଡିଥାନ୍ତି। ଜାଣନ୍ତୁ ସେ ନେଇ କିଛି ଟିପ୍ସ ଯାହାକି ଆପଣଙ୍କୁ କମ୍ଫର୍ଟେବୁଲ୍ ସହ ଫ୍ୟାଶନେବୁଲ୍ ବି ଲାଗିବ...**

❖ କଲର କମ୍ବିନେଶନ୍ ପ୍ରତି ଧ୍ୟାନ ରଖନ୍ତୁ। ଗାଢ଼ ହଳଦିଆ, ଲାଲ୍, ରାନି କଲର ବଦଳରେ ହ୍ୱାଇଟ୍, ଲେମନ୍, ଲାଇଟ୍ ପିଙ୍କ୍ ଭଳି କଲରର ଡ୍ରେସ୍ ଆପଣାଇପାରିବେ।

❖ ଲଙ୍ଗ୍ ସ୍କର୍ଟ ବି ଆପଣଙ୍କ ପାଇଁ ଭଲ ଅପ୍ସନ୍। ସ୍କର୍ଟ ଫର୍ମାଲ ହେଉ ବା ଡେଲି ଓୟର ଏହାକୁ ମ୍ୟାଚିଂ କରି ଟପ୍‌ସ ବାଛନ୍ତୁ। ଏଥେନିକ୍ ପ୍ରିଣ୍ଟ ସ୍କର୍ଟ, ବାନ୍ଧନୀ ଦୁପଟା ଏବଂ କୋଲ୍ହାପୁରୀ ଚପଲ ବି ଆପଣଙ୍କୁ ଷ୍ଟାଇଲିସ୍ ଲାଗିବ।

❖ ଖରାଦିନେ ବାହାରକୁ ଯିବାବେଳେ ସ୍କାର୍ଫ କିମ୍ବା ଷ୍ଟଲ୍ ନେବାକୁ ଭୁଲନ୍ତୁ ନାହିଁ। ଆଜିକାଲି ମାର୍କେଟରେ ବିଭିନ୍ନ ଭେରାଇଟିର ଷ୍ଟଲ୍ ମିଳୁଛି। ଯାହାକି ଆପଣଙ୍କୁ ଖରାରୁ ରକ୍ଷା କରିବା ସହିତ ସ୍ମାର୍ଟ ଲୁକ୍ ଦେବ।

❖ ଫୁଟ୍ ଓୟରରେ ଫ୍ଲିପ୍ ଫ୍ଲାପ୍, ରଙ୍ଗବେରଙ୍ଗର କାନ୍‌ଭାସ୍ ଜୋତା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେବ।

❖ ଖରାଦିନେ ସବୁଠାରୁ ଅଧିକ ପ୍ରଭାବ ପଡ଼ିଥାଏ ଆଖି ଉପରେ। ଏଥିପାଇଁ ଖରାରେ ବାହାରକୁ ଯିବାବେଳେ ସନ୍‌ଗ୍ଲାସ ପିନ୍ଧିବା ନିହାତି ଜରୁରୀ। ଏହିଦିନେ ଫଙ୍କି ସେପ୍ ଏବଂ କଲରଫୁଲ୍ ଗ୍ଲାସ୍ ଆପଣାନ୍ତୁ। ଏହି ଛୋଟ ଛୋଟ ଆସେସୋରିଜ୍ ହିଁ ଆପଣଙ୍କୁ ଟ୍ରେଣ୍ଡି ଏବଂ କୁଲ୍ ଲୁକ୍ ଦେବ।







**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, BHUBANESWAR**

No.1884-O

**Letter No.7072** **Dtd.28.02.2019**

**"e"-Procurement Notice for road works under PLAN SCHEME Online-11/2018-19 (Road) C.E. Plan Roads**

1. Name of the work : "Construction of Badapalaspal to Banuru Road 0/0 to 8/500 KM including Construction of Bridge at 4.500 Km under OMBADC in the District of Keonjhar".
2. Total No. of works : 1 (One) no
3. Estimated cost : Rs.792.58 Lakh
4. Class of Contractor : Special Class/Super Class as applicable.
5. Period of Completion : 15 (Fifteen) calendar months.
6. Other details :

| Procurement Officer | Bid Identification | No. of Road works | Availability of tender on line for bidding | |
|---|---|---|---|---|
| | | | From | To |
| Chief Engineer, Plane Roads, Odisha, Bhubaneswar | Online-11/2018-19 C.E, Plan Roads | 1 (One) no | 11.03.2019 at 11.00 A.M. | 03.04.2019 up to 3.00 P.M. |

Other details can be seen in the bidding documents, which is available in website **www.tendersorissa.gov.in.**
Any subsequent addendum or corrigendum will be made available in the above website.

**Sd./- Chief Engineer, Plane Roads**
**R.W Odisha, Bhubaneswar**

25123/11/0064/1819

**OFFICE OF THE EXECUTIVE ENGINEER**
**RWSS DIVISION, BHUBANESWAR**
**PLOT NO. 1214 (P), AT : TAPOVAN**
**P.O: KHANDAGIRI, BHUBANESWAR – 30**
**Tel- (0674) 2384108, E-Mail: eerwss_bbsr@nic.in**

No.1881-O

**Govt. of Odisha e-Procurement Notice**
**Bid Identification Notice No.67 of 2018-19**

The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid though e-procurement in double cover system according to norm of e-procurement.

| | | |
|---|---|---|
| 1. | Nature of Work | Supplying all labour , material T&P for laying of rising main and Distribution pipe line of HDPE/GI/DI, construction of pump house, compound wall, RCC ESR, UGR,SV chamber, Stand post with other ancillary works. For water supply schemes under Khordha Division |
| 2. | No. of Tender | 09 Nos. |
| 3. | Tender Paper Cost | Rs.6000.00 TO 10000.00 |
| 4. | Value of Work | From 14.40 Lakhs to 121.82 lakhs |
| 5. | Class of Contractor | A,B D" C" |
| 6. | Date & time of availability of Bid document in portal | 12.03.2019 4.00 P.M. to 23.03.2019 Up to 3.00 P.M. |
| 7. | Date & Time of seeking tender clarification | 12.03.2019 4.00 P.M. to 15.03.2019 Up to 3.00 P.M. during office hour |
| 9. | Date & Time of opening of tender | 25.03.2019 at 11.00 A.M. in the O/O E.E., RWSS Divn., Bhubaneswar |
| 10. | Time of Completion | 60 days TO 180 days |
| 11. | The bidders have to participate in online bidding only. Further details can be seen from the web site : **https://www.tendersorissa.gov.in.** Corrigendum if any shall only be published above web site | |
| 12. | The Bid cost and EMD to be deposited through online | |

**EXECUTIVE ENGINEER**
**RWS&S DIVISION, BHUBANESWAR**

25011/11/0043/1819

**Government of Odisha**
**Office of the Superintending Engineer**
**Northern Circle,Rural Works,Angul**
**E-Mail - sencrwangul@yahoo.co.in, Tele Phone: 06764 - 236404**
**e-Procurement Notice for PMGSY-II, Batch-I works in Odisha**
**Bid Identification No. PMGSY Online AGL- 15/2018-19**

No.1875-O

**No.421** **Dt.26.02.2019**

1. Name of the work : Road & Bridge works
2. Total No.of work : 20 Nos.
3. Estimated cost : Rs.96.00 to Rs.608.40 Lakhs.
4. Class of Contractor : 'B' to Super Class
5. Period of completion. : As per Annexure
6. Other details.

| Procurement Officer | Bid identification No. | Availability of tender on line for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Northern Circle, Angul | PMGSY Online AGL-15/2018-19 | 06.03.2019 at 11.00 A.M. | 25.03.2019 up to 5.00 P.M. | 20.03.2019 up to 2.00 P.M. | 26.03.2019 at 11.00 A.M. | 03.04.2019 at 11.00 AM. |

(1) For detailed Notice inviting Tenders,Please visit to the website **www.pmgsytenders.gov.in**

25049/11/0019/1819 **Sd./- Superintending Engineer, N.C, Rural Works, Angul**

**Government of Odisha**
**Office of the Superintending Engineer**
**Northern Circle,Rural Works,Angul**
**E-Mail - sencrwangul@yahoo.co.in, Tele Phone: 06764 - 236404**
**e-Procurement Notice for Bridge work in Odisha**
**Bid Identification No. Bridge Online AGL- 16/2018-19**

No.1876-O

**No.429** **Dt. 26.02.2019**

1. Name of the work : Bridge work
2. Total No.of work : 1 No.
3. Estimated cost : Rs.245.00 Lakhs
4. Class of Contractor : 'B' & 'A' Class
5 Period of completion. : 12 (Twelve) Calendar Months
6. Other details.

| Procurement Officer | Bid identification No. | Availability of tender on line for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works, Angul | Bridge Online AGL-16/2018-19 | 06.03.2019 at 11.00 A.M. | 25.03.2019 up to 5.00 P.M. | 20.03.2019 up to 2.00 P.M. | 26.03.2019 at 11.00 A.M. | 03.04.2019 at 11.00 AM. |

(1) For detailed Notice inviting Tenders,Please visit to the website **www.tendersorissa.gov.in**

25049/11/0021/1819 **Sd./- Superintending Engineer, N.C, Rural Works, Angul.**




# MATRIMONIAL

## BRIDE WANTED

Established family required Brahmin girl for Brahmin boy, 32, 5'6", BA, Jana Seva Kendra & Business, Dhenkanal: 7606030318. D-62079

Brahmin boy 1994/6' B.Tech Software Engineer TCS BBSR required professional/ housewife Barsha. 9338229705, 7749883585. D-66101

Wanted beautiful bride for Khandayat Software Engineer, 33, working TCS Bangalore, early marriage, preferably Bhubaneswar, Dhenkanal, Angul, Cuttack: 7008070027, 9861441836. D-62081

## GROOM WANTED

Divorcee bride OAS 39, Teacher 40, Business 41 (caste-no-bar). 7873374269. D-65493

Wanted groom for fair complexion 31 years Brahmin bride (5'4") Mula dhanu, BA, Software Engineering. 9437053145. D-56167

Required Brahmin groom Class I or Class II Rank for my only daughter 29y, 5'4" white complexion Post Graduate working as A.P.D (DRDA) Mob: 6371310032. D-34894

Now Matrimonial ads. only on Wednesday & Sunday Book 1 Get 1 FREE

# automobile

## SALE

Ford Fiesta car for sale diesel, price- 2,00,000/-, 80000, running, Bhubaneswar. 9692324626. D-66009

CNG Auto new small model for immediate sale. Contact: 9938282823. D-60945

2016 white color Bolero Plus, 2017 Tata Ace H.T. Contact: 9937853681. D-11452

2015 December white Bolero Plus, 2015 October white Bolero Plus. Contact: 9438068973. D-11453

2016 November white Bolero Plus, 2017 July white Bolero Plus. Contact: 9438020839. D-11454

2016 Hyundai Eon, Taxi registration, excellent condition 30,000 kms., Price. 2,90,000/-. 7008271124. D-58056

# real estate

## SALE

2BHK simplex @ 20,00,000/- 4km from Hanspal NH-5. 7064994691, 8763499150. D-11328

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି: 9090963952. D-65361

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଛି। 9937146640. D-65369

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65598

Plot for sale at Bhubaneswar near KEC Engineering College, plot per sqft. 700/- including 30ft. road, electricity facilities with boundary wall. 7077125889, 9861793775. D-66010

Sthitiban plot near Big Bazaar, Patia to 3km. singada mouza 100 decimal 4395 sqft., cost. Rs. 12 lakh. Contact: 8270495179. D-11425

Readymade 3BHK flat, 3rd floor (Top) 1664 sqft. @ 65 lac including parking at Palasuni, Canal road, Rasulgarh. 9439716901. D-66012

Booking one lakh simplex 2BHK 1200 sqft. land 20,50,000/- BDA area Tankapani road, Sai Temple monthly installment 10000/-. 7735738102. D-11426

Residential yellow zone plot & duplex available in Bhubaneswar near Hanspal. Mob: 9438296153. D-11440

14 acres land for sale at Dhenkanal (25kms. from Anugul). Rs.8lacs per acre. Contact: 6371073404. D-65489

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9 3 4 8 2 5 3 4 6 3, 8908292617.** D-11432

ତମାଣ୍ଡରେ BDA yellowzone 30ft. road, electricity ଥାଇ demarcated ପ୍ଲଟ ମିଳୁଛି: 9668186978. D-11381

Land for sale land measuring A.2.20 in village Chandiagadi under Aul Tehsil in Kendrapada District with sthitiban status for sale. Located by the side of National Highway with eighteen mango trees (suitable for timber) standing thereon. Site suitable for residential purpose. Contact: 91-9668860895 or 91-7077036872. D-11367

Prime Location Main road side house for sale in Brit Colony Badagada, Bhubaneswar. Contact: 9861037729, 9040337729. D-63937

**Pay 50% get registration gharabari building approved plot at Ranga Bazar, Bhubaneswar. 9861990662.** D-11416

Pay 1 lakh get registration premium duplex at Gudiapokhari. Bank loan available. 7327043914. D-65595

ମେଣ୍ଢାଶାଳ ନିକଟ ହରିଡାମଡା ମଉଜାରେ ୭ ୧/୨ ଏକର ଚାଷ ଜମି ବିକ୍ରିହେବ: 9437628906. D-65841

1600 sft residential gharabari patta Plot sale at Jharpada, Bhubaneswar. Contact Deepak: 9937329999 (Brokers excuse). D-64593

Fully developed gharabari residential Patta plot sale 3km. from KIIT Big Bazaar, Bhubaneswar, electricity 30'road available. 9556003065, 7978159231. D-65373

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-11244

3 Bedroom vastu based new premium duplex (Group Housing) for immediate sale at Garage Chhack, Bhubaneswar. Contact Deepak: 9937329999. D-64592

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66002

Gharabari Yellowzone plot available at Sundarpada near Ganga Jamuna apartment sqft.1250/-: 9438243444. D-65487

Land for sale: At Arugul, 100 MTR away from leavel Crossing, 4000sqft., having patta. Interested parties may contact. 8249091434. D-11459

Sale gharabari possession plot at Balianta, ready for construction at Pahala (NH-5) and DPS, Nakhara. 9040059669. D-65492

Ready to move 3BHK flat at Nayapalli, Behera Sahi nearer to N.H-5, 4BHK duplex at Patia Kalarahanga at reasonable price. Contact Chaturbhuja Nirman. Mob: 8249222916, 9938792922. D-11429

2BHK flat near Garage Chhak, Bhubaneswar-2. Buyer Contact: 8763449127 (M). D-65617

ଭୁବନେଶ୍ୱର **KEC** ଗୁଡ଼ିଆ ପୋଖରୀ ସାଇ ମନ୍ଦିର ନିକଟରେ ଘରବାରି ପଟ୍ଟା ପ୍ଲଟ **30ft.** ରୋଡ୍ ପାଚେରି ସହିତ **sqft. 649**ରେ ବିକ୍ରିହେବ: **7008748309, 9438616722.** D-11430

Sthitiban Gharabari plot - 2575sqft. Buildup area - 3200sqft. immediate sale at prime location of Bhubaneswar. Genuine buyers can contact: 7894679025. D-65490

Limited plots available near Mancheswar Rajadhani Engineering College just 3.5km. from Hitech Chhak, Bhubaneswar. 9040686695. D-62162

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9 3 4 8 2 5 3 4 6 3, 8908292617.** D-11431

Gharabari BDA approved (2000, 1500) sqft. plot at Jharapada for immediate sale. Details: 7008304833.(ବିଷ୍ଣୁ) ଧ-୧୧୪୬୭

Book 4BHK duplex having land area 1800 sqft. and construction area 2200 sqft. near ITER College, Jagamara, Bhubaneswar. Price- 78 lakhs. 7504392698. D-66015

Plot for sale at 1 km. from Sum Hospital, BDA Town planning scheme Phase-1 road demarcation Complete. 9937446498. D-66013

Book 3BHK duplex having land area 1300 sqft. and construction area 1900 sqft. near CET College, Ghatikia, Khandagiri, Bhubaneswar. Price- 72.5 lakhs. 9078151122. D-66014

# construction

Construct home @ 1100/- with branded material plan approval estimate. 7537874306. D-65596

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11433

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

# to-let

Space available for restaurant & fast food corner in an upcoming premium hotel on NH-16 near Janla. Intrest parties having experience in this line may please contact. 9937196087, 9437103739. D-11428

3BHK flat, Aastha castle 3 toilets, carparking 9000/-, Lingipur main road, adjacent Janani Hospital, Bhubaneswar. 9337124748. D-58053

1780 sqft. 3BHK flat at BJB Nagar @ 30,000/- for office/ residence/ guest house. 9861230594, 7008519116. D-66011

Ground floor, 2BHK, two bath, drawing, dining, kitchen. Fishery Lane-2, Chintamaniswar, Bhubaneswar. 9437071610, 7978302319. D-65612

1BHK AC house near Lingaraj Temple, rent-7000/-, Bhubaneswar. 8339999810. D-58055

1200 sqft. official purpose for rent at Sahid Nagar (near post office). Mobile: 7684024847. D-11290

Land for rent 25000 sft. near Dhauli for any commercial purpose. Contact: 8917576258. D-11364

1200 sqft. office space on 1st floor available at Lewis Road, Bhubaneswar. Contact: 7008264670, 9937211223. D-58054

2BHK/3BHK independent house with parking Santha Vihar, Lingipur, BBSR. 8114351359. D-61045

## ACCOMMODATION

**Wanted godown minimum size 15X10 or bigger good road approach for pickup truck. Asbestos or Tin roof ok. Near Bomikhal or Jaydurga Nagar area, but not main road. Contact: 9437045101.** D-66001

7000 sqft. 15 bedrooms with garages marbel room, attached latrin bath rooms, guest house, hostel, company, office, residence, bank, Baramunda bus stand. Cont: 9937130297. D-11456

# tours & travels

Nuclear Tours and Travels Pvt. Ltd. required Bolero, Scorpio, Innova, Dzire, Indigo on monthly hire basis for Govt. & PSU sectors. Contact: 9938183855. Email: partner@nucleartours.com. D-11361

# packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-11243

# healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7 3 8 1 2 3 9 3 8 5, 06742540855. D-66004

Ayurvedic full body massage ladies/ gents smart experts therapist. 9114697517. D-65836

Ayurvedic full body massage ladies/ gents experts therapist. 8338097451. D-65843

Experience full body massage with us by experts. Enquiry. 0 6 7 4 2 5 9 7 8 2 2, 7377048581. D-66005

Herbal full body massage by smart/ expert therapist. Contact: 8338067247. D-66006

Newly opening ayurvedic body massage smart therapist, Shree herbal. 7750020754. D-66007

Improving your health, skin care through expert therapist, excellent offer. 9668374480. D-66008

Roshin ayurvedic massage club fully relaxed by smart lady home service facility available. 9937637219. D-65842

Newly opening ayurvedic full body massage. 7077444583. D-11285

Ayurvedic full body massage smart boy therapist, home service available. 9937929638. D-11318

Herbal body massage by gents therapist home service available. 9090466257. D-11365

# business

Sahoo Enterprises all Odisha home distriubuter available invest 5 to 20 lakh per month return 10000 to 50,000 with 5% to 10% commission and foreigntrip per year with court agreement. Mob: 9040400085, 7008370351. Add- Mancheswar, BBSR. D-11460

## AFFIDAVIT

By virtue of an affidavit before The Executive Magistrate, Nimapara I declare that I Babrubahan Rout changed my name to Manu Rout for all purposes. D-11446

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

## ଦ୍ୱିତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା



(ପ୍ରଜ୍ଞା)

**ଦିବ୍ୟାଞ୍ଜନା**

ନୂଆପଡ଼ା, ଚିକିଟୀବ୍ଲକ, ଗଂଜାମ

ଦ୍ୱିତୀୟବର୍ଷ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଅନ୍ନପୂର୍ଣ୍ଣାଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ଓ ଦୀର୍ଘ ଆୟୁଷ କାମନା କରୁଅଛୁ। ପ୍ରଭୁଙ୍କ କୃପାରୁ ତୋର ଚଳାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାବା, ମମି, ଜେଜେବାପା, ଜେଜେମା, ଅଜା, ଆଈ, ଦାଦା, ମାମୁ ଓ ପରିବାରବର୍ଗ। ଧ-୧୧୪୬୩

## ଜନ୍ମଦିନ ଶୁଭେଚ୍ଛା



**ଦେବରାଜ (ପିକୁନ୍)**

ଆନନ୍ଦପୁର, ଜଗତସିଂହପୁର

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।

ଶୁଭେଚ୍ଛା ସହ : ବନ୍ଧୁ ଓ ପରିବାରବର୍ଗ

ଧ-୧୧୪୭୨

## ଜନ୍ମଦିନ ଶୁଭେଚ୍ଛା



(ସାଇ)

**ସାଇ ପ୍ରୀତମ୍ ନାୟକ**

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହିତ ଦୀର୍ଘାୟୁ, ନିରୋଗ ଓ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ପାପା, ମାମା, ଜେଜେ, ଜେଜେମା, ଅଜା, ଆଈ, ବଡପାପା, ବଡମା, ମାମୁ, ମାଉସୀ, ରିଚାଦିଦି, ନିଷାଦିଦି, ଆର୍ଚ୍ଚି ଦିଦି ଓ ଶୁଭମ୍ ଭାଇ ଓ ଅନ୍ୟାନ୍ୟ ପରିବାରବର୍ଗ। ଧ-୬୫୮୪୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

### CUTTACK

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

### BERHAMPUR

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob : 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist-Jharsuguda, Contact : Chinmaya Kumar Dwibedy, Mobile: 9861434126

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**JOGESWAR DAS**
Rayagada Contact: Mr. Jogeswar Das, Mob: 9437234611, 06856 222611.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337838640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବଳରାମ ମହାରଣା**

ବାଉଁସୁଲୁଣ୍ଡି, ଭଞ୍ଜନଗର, ଗଞ୍ଜାମ

ଆବିର୍ଭାବ: ୧୫।୦୧।୧୯୪୦

ତିରୋଧାନ: ୨୧।୦୨।୨୦୧୯

ବାପା ଆମେ କେବେବି ଭାବିନଥିଲୁ ଆପଣ ଆମ୍ଭମାନଙ୍କୁ ଛାଡି ଚାଲିଯିବେ ବୋଲି। କିଛିଦିନ ପରେ ଲୁହ ଶୁଖିଯିବ ସିନା, ହେଲେ ଆପଣ ଦେଇଥିବା ସ୍ନେହ, ଭଲପାଇବା ଓ ଆପଣଙ୍କ ନିଷ୍ଠାପରତା ଓ ନିଷ୍କପଟତା ଆମ୍ଭମାନଙ୍କ ପାଖରେ ସେମିତି ଚିରଦିନ ପାଇଁ ସାଇତା ହୋଇ ରହିଥିବ। ସାରା ଅଞ୍ଚଳ ଆପଣଙ୍କୁ ଝୁରୁଚି। ସାହିରେ ସମସ୍ତେ ମ୍ରିୟମାଣ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କ ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ- ପ୍ରମଦା, କୁନା, ମୁନା, ବୁଢା, କୁନି, ମିନି, ସୋନୁ, କାହ୍ନୁ, ମାନା, ମନିଷା, ଗୌରୀ, ମାମା, ସିଦ୍ଧାନ୍ତ, ସୁମିତ୍, ମୁନୁ, ଭଗବାନ୍, ସନ୍ତୋଷ, ରିଦ୍ଧି, ସାଇ, କୁମୁଦିନୀ, ଲିଲି ଓ ସୋନୁ। ଧ-୧୧୪୫୫

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ନବଘନ ରାଉତ**

ଆବିର୍ଭାବ: ୦୭।୧୦।୧୯୫୩

ତିରୋଧାନ: ୨୧।୦୨।୨୦୧୯

ବାପା ତୁମର ଅଭୁଲା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଏବଂ ଆଦର୍ଶ ଆମ୍ଭମାନଙ୍କର ପାଥେୟ ହେଉ। ତୁମ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ସ୍ତ୍ରୀ- ମଞ୍ଜୁଶ୍ରୀ, ପୁତ୍ର- ବୁବୁ, ପିଣ୍ଟୁ, ପୁତ୍ରବଧୂ- ମାମା, ସ୍ୱାତୀ, ନାତୁଣୀ- ସାରା, ସ୍ନେହା ଓ ବନ୍ଧୁପରିବାରବର୍ଗ। ଧ-୫୨୮୯୦

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବୈକୁଣ୍ଠନାଥ ଉପାଧ୍ୟାୟ**

ଆବିର୍ଭାବ: ୨୨।୧୧।୧୯୩୫

ତିରୋଧାନ: ୨୧।୦୨।୨୦୧୯

ମଙ୍ଗଳାଇ ଶାସନ, ପିପିଲି, ପୁରୀ

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୬୫୮୪୫



"ଆର୍‌ସିଇପି ସଦସ୍ୟମାନେ ସମସ୍ୟା ସମାଧାନ ଲାଗି ନରମ ମନୋଭାବ ପୋଷଣ କରନ୍ତୁ

–ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



"୨୦୨୫ ସୁଦ୍ଧା ଭାରତକୁ ସଫ୍ଟୱେର ପ୍ରଡକ୍ଟର ଏକ ବୃହତ୍ ସେଣ୍ଟରଭାବେ ଗଢି ତୋଳିବାକୁ ସରକାର ନୂଆ ନୀତି ଆଣିଛନ୍ତି।

– ରବିଶଙ୍କର ପ୍ରସାଦ,କେନ୍ଦ୍ର ଆଇଟି ମନ୍ତ୍ରୀ

## ସଂକ୍ଷେପରେ

### ବିଲିୟନେୟାର କ୍ଲବ୍‌ରେ ସାମିଲ ହେଲେ ଏନ୍‌ଆର୍‌ଆଇ ଜୟ୍ ଚୌଧୁରୀ



ନୂଆଦିଲ୍ଲୀ,୨-୩: ସାଇବର ସିକ୍ୟୁରିଟି କମ୍ପାନୀ ଜିସ୍କେଲରର ପ୍ରତିଷ୍ଠାତା ତଥା ଏନ୍‌ଆର୍‌ଆଇ(ପ୍ରବାସୀ ଭାରତୀୟ) ଜୟ୍ ଚୌଧୁରୀ(୬୦) ବିଶ୍ୱର ବିଲିୟନେୟାରଙ୍କ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଅନ୍ୟ ୬ ଜଣ ମଧ ବିଲିୟନେୟାର କ୍ଲବ୍‌ରେ ଯୋଡି ହୋଇଛନ୍ତି। ସେମାନଙ୍କ ମୋଟ ସମ୍ପତ୍ତି ପରିମାଣ ୯.୫ ବିଲିୟନ ଡଲାର(୬୭,୪୫୦ କୋଟି ଟଙ୍କା) ବୋଲି ଜଣାପଡିଛି। ଉଲ୍ଲେଖ କରାଯାଇପାରେ ଯେ, ଜୟ୍ ବହୁ ବର୍ଷ ପୂର୍ବରୁ ସିଲିକନ ଭ୍ୟାଲିରେ ସୁପର ରିଚ୍ ଭାବେ ସାମିଲ ହୋଇଥିଲେ। ତାଙ୍କ କମ୍ପାନୀ ଜିସ୍କେଲରର ବଜାର ପୁଞ୍ଜି ଏବେ ପ୍ରାୟ ୩ ବିଲିୟନ ଡଲାର(୨୧,୩୦୦ କୋଟି ଟଙ୍କା) ହେବା ଅର୍ଥ ରୋଜଗାର କରିବା ଅପେକ୍ଷା ଇଣ୍ଟରନେଟ ଓ କ୍ଲାଉଡ ବିଜନେସକୁ ଅଧିକ ସୁରକ୍ଷିତ ରଖିବାର ଅଦ୍ୟମ ଇଚ୍ଛା ତାଙ୍କର ରହିଛି ବୋଲି ଗତ ମାସରେ ଏକ ସାକ୍ଷାତ୍‌କାରରେ ଜୟ୍ କହିଥିଲେ। ଗତ ବର୍ଷ ମାର୍ଚ୍ଚରେ ଆମେରିକା ଷ୍ଟକ୍ ଏକ୍ସଚେଞ୍ଜରେ ଜିସ୍କେଲର ତାଲିକାଭୁକ୍ତ ହୋଇଥିଲା। ପ୍ରଥମ ଦିନ ହିଁ ଏହାର ଶେୟାର ମୂଲ୍ୟ ୧୦୬% ବୃଦ୍ଧି ପାଇଥିଲା। ସେହିଦିନର ବନ୍ଦ ହେବା ବେଳର ଶେୟାର ମୂଲ୍ୟଠାରୁ ଅଦ୍ୟାବଧି ଏହା ୫୦% ପ୍ରତିଶତ ଲାଭ ଦେଇସାରିଲାଣି।

■ପିଏଫ୍ ଉପରେ ସୁପ୍ରିମକୋର୍ଟ ରାୟ

### କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ଇପିଏଫ୍‌ଓ

ନୂଆଦିଲ୍ଲୀ,୨-୩: ପ୍ରୋଭିଡେଣ୍ଟ ଫଣ୍ଡ ମାମଲାରେ ସୁପ୍ରିମକୋର୍ଟ ରାୟ ପ୍ରକାଶ ପାଇବାର ଦିନକ ପରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ) କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଦର୍ଶାଇଥିଲେ ଯେ, କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ମାମଲାରେ ସ୍ପେଶାଲ ଆଲାଉନ୍ସକୁ ମୂଳ ବେତନର ଅଂଶବିଶେଷ ଭାବେ ଧରାଯିବ। ଏହାକୁ ଗଭୀର ଭାବେ ତର୍ଜମା କଲେ ଜଣାପଡୁଛି ଯେ, ସୁପ୍ରିମକୋର୍ଟଙ୍କ ରାୟ କର୍ମଚାରୀଙ୍କ ହିତରେ ଏକ ସକାରାତ୍ମକ ପଦକ୍ଷେପ ହେବାକୁ ଯାଉଛି। ସୂଚନାଥାଉ କି, କମ୍ପାନୀଗୁଡିକ ପ୍ରୋଭିଡେଣ୍ଟ ଫଣ୍ଡ୍‌ରେ ନିଜର ଅଂଶଧନ କମାଇବାକୁ ଯାଇ ଜାଣିଶୁଣି ମୂଳ ଦରମାକୁ କମ୍ ଭାବେ ଦର୍ଶାନ୍ତି ଏବଂ ବେତନର ଏକ ବଡ଼ ଅଂଶକୁ ସ୍ପେଶାଲ ଆଲାଉନ୍ସ ଭାବେ ଉଲ୍ଲେଖ କରନ୍ତି। ପ୍ରୋଭିଡେଣ୍ଟ ଫଣ୍ଡ ନିୟମ ଅନୁଯାୟୀ, କର୍ମଚାରୀ ମୂଳ ଦରମାର ୧୨% ଯୋଗଦାନ ଦେଉଥିବା ବେଳେ ସମାନ ସଂଖ୍ୟକ ଯୋଗଦାନ କମ୍ପାନୀଗୁଡ଼ିକ ଦିଅନ୍ତି। ଏଣୁ ମୂଳ ଦରମା ଅଧିକ ହେଲେ କମ୍ପାନୀଗୁଡ଼ିକୁ ଅଧିକ ଯୋଗଦାନ ଦେବାକୁ ପଡିବ ବୋଲି ବିଚାର କରି ସେମାନେ ଗଣିତର ଏଭଳି ଖେଳ ଖେଳିଥାନ୍ତି।

■ଇଡି ଜାଲରେ ଛନ୍ଦି ହେଉଛନ୍ତି ଚନ୍ଦା

# ପ୍ରଥମେ ଚଢ଼ାଉ, ଏବେ ଜେରା

ନୂଆଦିଲ୍ଲୀ,୨-୩

ଭିଡିଓକନ ଗ୍ରୁପ୍‌କୁ ଋଣ ଦେଇ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଚର ଏବେ ଫସିଯାଇଛନ୍ତି। ଏଥିରୁ ବାହାରିବାର ବାଟ ପ୍ରାୟ ବନ୍ଦ ହେବାକୁ ଯାଉଛି। କାରଣ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବେ ଚନ୍ଦାଙ୍କୁ ଛାଡ଼ିବା ମୁଡ୍‌ରେ ନ ଥିବା ମନେହେଉଛି। ଶୁକ୍ରବାର ତାଙ୍କ ବାସଭବନରେ ଚଢ଼ାଉ କରିବା ପରେ ଶନିବାର ଇଡି ତାଙ୍କୁ ଜେରା କରିଛି। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିର କାର୍ଯ୍ୟାନୁଷ୍ଠାନରୁ ଯାହା ଜଣାପଡୁଛି ଚନ୍ଦା ଗିରଫ ହେବା ସମ୍ଭାବନା ରହିଛି।

ପ୍ରାପ୍ତ ସୂଚନାନୁଯାୟୀ, ଜେରାର ସମ୍ମୁଖୀନ ହେବା ଲାଗି ଇଡି ପକ୍ଷରୁ ଚନ୍ଦା, ତାଙ୍କ ସ୍ୱାମୀ ଦୀପକ କୋଚ୍ଚର ଓ ଭିଡିଓକନ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍‌ଙ୍କୁ ଶନିବାର ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ୩ ଜଣ ହାଇପ୍ରୋଫାଇଲ ବ୍ୟକ୍ତି ଇଡିର ମୁମ୍ବାଇସ୍ଥିତ ମୁଖ୍ୟାଳୟରେ ପହଞ୍ଚି ଜେରାର ସମ୍ମୁଖୀନ ହୋଇଥିଲେ। ପ୍ରଥମେ ସ୍ୱାମୀ ଦୀପକଙ୍କ ସହ ଚନ୍ଦା ମଧ୍ୟାହ୍ନରେ ହାଜର ହୋଇଥିଲେ। ଏହା ପରେ ଦ୍ୱିପ୍ରହର ପ୍ରାୟ ୨ଟାରେ ଧୂତ୍ ଇଡି ଅଫିସରେ ପହଞ୍ଚିଥିଲେ। ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଚନ୍ଦାଙ୍କ ବାସଭବନ, ଦୀପକଙ୍କ କାର୍ଯ୍ୟାଳୟ ଓ ବେଣୁଗୋପାଳଙ୍କ ବାସଭବନରେ ଶୁକ୍ରବାର ଚଢ଼ାଇ କରାଯାଇଥିଲା ବୋଲି ଇଡି ପକ୍ଷରୁ କୁହାଯାଇଛି। ସେମାନଙ୍କ ବିରୋଧରେ ମନିଲଣ୍ଡରିଂ ଆଇନ ଅଧୀନରେ ମାମଲା ଦାଏର ହୋଇଛି। ଉଲ୍ଲେଖ କରାଯାଇପାରେ ଯେ, ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୨୦୧୨ରେ ଦିଆଯାଇଥିବା ୧୮୭୫ କୋଟି ଟଙ୍କାର ଋଣ ଏବଂ ଭିଡିଓକନ ଗ୍ରୁପ୍ ସହ ଦୀପକ କୋଚ୍ଚରଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବଲ୍ସର ନେଣଦେଣ ମାମଲାରେ ଇଡି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଧୂତ୍ ବ୍ୟାଙ୍କ ଋଣ ବଦଳରେ ଦୀପକଙ୍କ କମ୍ପାନୀରେ ନିବେଶ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହା ବ୍ୟକ୍ତିଗତ ସ୍ୱାର୍ଥ ସମ୍ବଳିତ ମାମଲା ହୋଇଥିଲେ ହେଁ ଚନ୍ଦା ଏହା ଲୁଚାଇଥିଲେ ଓ ଆଇସିଆଇସିଆଇ ବ୍ୟାଙ୍କକୁ ଜଣାଇ ନଥିଲେ। ଅଭିଯୋଗ ମିଳିବା ପରେ ସିବିଆଇ ପକ୍ଷରୁ ସେମାନଙ୍କ ବିରୋଧରେ ପ୍ରାଥମିକ ଯାଞ୍ଚ ପରେ ମାମଲା ଦାଏର କରାଯାଇଛି। ସେମାନଙ୍କୁ ବିଦେଶ ପଳାୟନରୁ ରୋକିବା ଲାଗି ସିବିଆଇ ଲୁକ୍ ଆଉଟ ନୋଟିସ ଜାରି କରିଛି। ଅନ୍ୟପକ୍ଷରେ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଜଷ୍ଟିସ ବି.ଏନ୍.ଶ୍ରୀକ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଯାଞ୍ଚ କମିଟି ଗଠନ କରାଯାଇଥିଲା। ଏହାର ରିପୋର୍ଟ ଭିତ୍ତିରେ ବ୍ୟାଙ୍କ ଚନ୍ଦାଙ୍କୁ ବହିଷ୍କାର କରିଥିଲା ଓ ତାଙ୍କର ସମସ୍ତ ପାଉଣା ଫେରସ୍ତ ନେଇଛି। ଅନ୍ୟପକ୍ଷରେ ଚନ୍ଦା ଏହା ପୂର୍ବରୁ ଆଗୁଆ ଇସ୍ତଫା ଦେଇଥିଲେ।



■ଜେରାର ସମ୍ମୁଖୀନ ହେଲେ ଚନ୍ଦା, ଦୀପକ କୋଚ୍ଚର, ଧୂତ୍

■ଶୁକ୍ରବାର ବାସଭବନରେ ଚଢ଼ାଉ ହୋଇଥିଲା

■ମନିଲଣ୍ଡରିଂ ଆଇନ ଅଧୀନରେ ପୂର୍ବରୁ ମାମଲା ରୁଜୁ ହୋଇଥିଲା

## ଫିନୋଲେକ୍ସର ନୂଆ ବୋର୍‌ୱେଲ ପାଇପ୍




ଭୁବନେଶ୍ୱର,୨-୩

ପୁଣେ ଭିତ୍ତିକ କମ୍ପାନୀ ଫିନୋଲେକ୍ସ ପାଇପ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଭୁବନେଶ୍ୱରଠାରେ ବୋର୍‌ୱେଲ ପାଇପ ଓଡିଶା ବଜାରରେ ପ୍ରବେଶ କରିଛି। ଓଡ଼ିଶା ବୋରୱେଲ ରିଙ୍ଗ୍ ଓନର ଆସୋସିଏଶନର ସଭାପତି ଅରୁଣ କୁମାର ପଟ୍ଟନାୟକ, ସମ୍ପାଦକ ମନନ୍ଦ୍ର ଦାସ, କମ୍ପାନୀର ଓଡ଼ିଶା ମୁଖ୍ୟ ରଜନୀକାନ୍ତ ବିଶ୍ୱାଳ,ଆସିଷ୍ଟାଣ୍ଟ ମ୍ୟାନେଜର ଦୁର୍ଗା ଶଙ୍କର ପତି,ବିତରକ ଆରାଇଜ ମାର୍କେଟିଂର ପରିଚାଳକ ଉଦୟ ଶଙ୍କର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଏହା ଉନ୍ମୋଚନ ହୋଇଛି। ୧୯୮୨ ମସିହାରୁ କମ୍ପାନୀ ଘରୋଇ ବଜାରରେ ଏହାର ପ୍ରଡକ୍ଟଗୁଡ଼ିକୁ ଉପଲବ୍ଧ କରାଉଛି। ସାନିଟାରୀ ପାଇପର ସବୁ ବର୍ଗରେ ଏହା ପ୍ରଡକ୍ଟ ଯୋଗାଉଛି। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ନେଇ କମ୍ପାନୀ କାର୍ଯ୍ୟ କରୁଥିବା ସୂଚନା ଦେଇଛି।

## ପାୱାର ଗ୍ରୀଡ ପକ୍ଷରୁ ରେସିଂ ସାଇକେଲ ପ୍ରଦାନ

କଲିକତା,୨-୩

ପାୱାର ଗ୍ରୀଡ ଇଆର୍-୨ ପକ୍ଷରୁ ସାଇକ୍ଲିଷ୍ଟ ସୁଲତା ସିକଦାରଙ୍କୁ ଏକ ରେସିଂ ସାଇକେଲ ପ୍ରଦାନ କରାଯାଇଛି। ଚଳିତ ମାସ ୧୪ରୁ ୨୧ ଯାଏ ଆବୁଧାବିରେ ହେବାକୁ ଥିବା ସ୍ୱତନ୍ତ୍ର ଅଲିମ୍ପିକ ୱାର୍ଲଡ ଗେମ୍ସରେ ସେ ଭାରତରୁ ପ୍ରତିନିଧିତ୍ୱ କରିବେ। କମ୍ପାନୀର ସିଜିଏମ୍(ଏଏମ୍) ଏସ୍.କେ. ପ୍ରମାଣିକ ସାଇକେଲ ଏବଂ ଆସେସୋରିଜକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ପାୱରଗ୍ରିଡର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩୦ତମ ବର୍ଷ ପୂର୍ତ୍ତି ପାଳିଲା ଜେଏସ୍‌ପିଏଲ୍



ଭୁବନେଶ୍ୱର,୨-୩

ଶିଳ୍ପର ପ୍ରତି କ୍ଷେତ୍ରରେ ଭାରତକୁ ସ୍ୱୟଂ ସଂପୂର୍ଣ୍ଣ କରି ଗଢି ତୋଳିବା ଦିଗରେ ଓ.ପି.ଜିନ୍ଦଲଙ୍କର ରହିଥିବା ସ୍ୱପ୍ନର ଫଳ ହେଉଛି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) । ୧୯୮୯ରେ ରାଇଗଡଠାରୁ ଯାତ୍ରା ଆରମ୍ଭ କରି ଦେଶ ନିର୍ମାଣରେ କମ୍ପାନୀ ସଫଳତାର ସହ ଏହାର ଯୋଗଦାନ ରଖିଛି। ଦେଶର ଅର୍ଥନୀତିରେ ଇସ୍ପାତ, ଶକ୍ତି, ଭିତ୍ତିଭୂମି, ଖଣି ଏବଂ ସିମେଣ୍ଟ ଭଳି କ୍ଷେତ୍ରରେ ଏହା ଏକ ପ୍ରମୁଖ ସ୍ଥାନରେ ରହିଛି। ଗତ ୩୦ ବର୍ଷ ଧରି କମ୍ପାନୀ ସହ ଯୋଡି ହୋଇଥିବା ଲୋକଙ୍କ ସହଯୋଗ ଲାଗି କୃତଜ୍ଞ ବୋଲି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଶନିବାର କହିଛନ୍ତି। ଅନୁଗୋଳଠାରେ ସ୍ଥିତ ୟୁନିଟରେ ଗ୍ରୁପର ପୂର୍ତ୍ତି କାର୍ଯ୍ୟକ୍ରମରେ ଅଭିଭାଷଣ ରଖିବା ସହ କମ୍ପାନୀ ସହ ଯୋଡି ହୋଇ ରହିଥିବା ଅଂଶୀଦାରଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଷ୍ଟେଟ୍ ଅଫ୍ ଫ୍ୟାକ୍ଟ୍ରି , ଦେଶ ତଥା ବିଦେଶରେ ଥିବା ଖଣି ପରିଚାଳନାରେ ସହଯୋଗ କରିଥିବାରୁ ସ୍ଥାନୀୟ ବାସିନ୍ଦା ଏବଂ କର୍ମଚାରୀଙ୍କ ନିକଟରେ ଜିନ୍ଦଲ କୃତଜ୍ଞତା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ସହଅଧ୍ୟକ୍ଷା ସାଲୁ ଜିନ୍ଦଲ ଚିତ୍ତାକର୍ଷକ କୁଚିପୁଡି ନୃତ୍ୟ ପରିବେଷଣ କରିଥିଲେ। ଏଥିରେ କମ୍ପାନୀର ୭୪ କର୍ମଚାରୀଙ୍କୁ ସମ୍ମାନୀତ କରାଯାଇଥିଲା। ଏଥିରେ ଓପି ଜିନ୍ଦଲ ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ, ଜିନ୍ଦଲ ସ'ର ଅଧ୍ୟକ୍ଷ ପୃଥ୍ୱୀରାଜ ଜିନ୍ଦଲ, ଆରତୀ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁର ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ସଙ୍ଗୀତା ଜିନ୍ଦଲ, ଜିନ୍ଦଲ ଷ୍ଟେନଲେସ ଅଧ୍ୟକ୍ଷ ରତନ ଜିନ୍ଦଲ, ଜେଏସ୍‌ପିଏଲ୍ ଏମ୍‌ଡି ଏନ୍.ଏ. ଅନସାରୀ,ସିଇଓ ସୁଧାଂଶୁ ସରାଫ ପ୍ରମୁଖଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୪ରେ ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨-୩



ମନୋଜ ସିହ୍ନା।

ରେଳ ତଥା ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ମନୋଜ ସିହ୍ନା ଆସନ୍ତା ୪ରେ ଓଡ଼ିଶା ଗସ୍ତରେ ଆସିବେ। ସେ ଏହି ଅବସରରେ ସ୍ଥାନୀୟ ରେଲୱେ ଅଡିଟୋରିୟମରେ ଅନୁଷ୍ଠିତ ରେଳବାଇ, ଭାରତ ସଞ୍ଚାର ନିଗମ ଲିମିଟେଡ ଏବଂ ଭାରତ ବ୍ରଡ୍‌ବ୍ୟାଣ୍ଡ ନେଟ୍‌ୱର୍କ ଲିମିଟେଡର କାର୍ଯ୍ୟକ୍ରମରେ ଯୋଗଦେବେ। ସେ ବ୍ରହ୍ମପୁରଠାରେ ଫୁଟ୍ ଓଭରବ୍ରିଜ ଓ ଏସ୍କାଲେଟରକୁ ଉତ୍ସର୍ଗ କରିବା ସହ ଭୁବନେଶ୍ୱର ରେଳ ଷ୍ଟେଶନରେ ଏସ୍କାଲେଟର, ୱାଇ-ଫାଇ ଗ୍ରାମୀଣ ହଟ୍‌ସ୍ପଟ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାଛଡ଼ା ସେ ବହୁବିଧ କାର୍ଯ୍ୟକ୍ରମରେ ଯୋଗଦେବେ। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

■ବ୍ରହ୍ମପୁରରେ ଫୁଟ୍ ଓଭରବ୍ରିଜ, ଏସ୍କାଲେଟର ଉତ୍ସର୍ଗ କରିବେ

■ଭୁବନେଶ୍ୱରରେ ଏସ୍କାଲେଟର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

## ରାଷ୍ଟ୍ରାୟତ୍ତ ବୀମା କର୍ମଚାରୀଙ୍କୁ ପେନ୍‌ସନର ଆଉ ଏକ ବିକଳ୍ପ

ନୂଆଦିଲ୍ଲୀ,୨-୩

କେନ୍ଦ୍ର ସରକାର ୪୨ ହଜାର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ଅଧିକାରୀ, କର୍ମଚାରୀଙ୍କୁ ଖୁସି କରିବାକୁ ଯାଇ ପେନ୍‌ସନର ଆଉ ଏକ ବିକଳ୍ପ ଦେବାକୁ ଘୋଷଣା କରିଛନ୍ତି। ପୂର୍ବରୁ ପେନ୍‌ସନର ବିକଳ୍ପ ଆପଣାଇ ନ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସୁବିଧା ମିଳିବ। ଯେଉଁ କର୍ମଚାରୀମାନେ ୧୯୯୫ ଜୁନ ୨୮ ଅଥବା ଏହା ପୂର୍ବରୁ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ଚାକିରିରେ ଯୋଗ ଦେଇଥିବେ ସେମାନଙ୍କୁ ଏହି ଅବସର ସୁବିଧା ମିଳିବ ।

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

TENDER NOTICE

E-tender No : SMLT/MMP/OT/401/3000005167, Dt.19/02/2019 with Tender ID no 2019_NALCO_446060_1

Digitally signed online tenders through Central Public Procurement Portal are invited in two part mode from Indian Suppliers for **supply of 1567 MT Mild Steel Cathode Bar.** The last date & time of bid submission : **Dt. 28/03/2019, 10:00 am.** Tender documents available at **http://eprocure.gov.in/eprocure/app, www.nalcoindia.com** . Bidders are requested to visit the above websites regularly for any modification/addition/bid due date extension for this tender.

**DGM (Materials)**

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

F.No. J-11048(091)/2018-19/S&P Date: 02.03.2019

E-TENDER CALL NOTICE

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) Electro-Hydraulic OT Table, (2) Semi Rigid Thoracoscope, (3) Gamma Detection Probe, (4) Mediastinoscope SPECS, (5) Electro hydraulic Autopsy Table, (6) Automated Tourniquet System, (7) Laryngoscopy Surgical Set, (8) Otology Middle Ear Instrument set, (9) Motorised Treadmill with Monitoring System, (10) Projection and Audio System at AIIMS, Bhubaneswar"** in Two Bid System". The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar

The Odisha Small Industries Corporation Ltd.
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicltd@rediffmail.com website: osicltd.in

TENDER CALLNOTICE

RefNo.931/OSIC Dt. 02.03.2019

The Managing Director, OSIC Ltd. Invites tender from experienced MSMEs duly empanelled with OSIC for the work, **"Survey, investigation, design, Installation, Testing, Commissioning , Warranty and Comprehensive Maintenance contract for a period of 5 years of Solar pumping system and Micro Drip Irrigation system under the title of the project- Conserve water through the management of run-off in the river basin to reduce vulnerability and enhance resilience for traditional livelihood of Nuapada.**

| | |
|---|---|
| Estimated Cost | Rs.2,62,21,061.00 ( Without GST) |
| EMD | Rs. 2,63,000.00 |
| Period of availability of tender document | 07.03.2019 to 27.03.2019 upto 4.00 PM |
| Last date of submission of tender | 23.03.2019 at 3.00 PM |
| Date of opening of tender | 28.03.2019 at 3.30PM |
| Tender paper cost | Rs.10000.00 ( Rupees Ten Thousand only) |
| OSIC Service Charge | 5% of Bid Value |
| Validity of Tender | 90 Calendar days |

The detailed tender notice and paper can be downloaded from the OSIC website www.osicltd.in Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Sd/-
MANAGING DIRECTOR

OFFICE OF THE DISTRICT MANAGER
O.S.C.S.C. LTD., ANGUL
OSCSC Ltd.

No.1194 Dt. 02.03.2019

CORRIGENDUM NOTICE
Appointment of Level- I Transport Contractor for the year 2019-21
Tender Notice No.936, Dt.21.02.2019

Clause-7 Sub-Clause-7.13 of tender document hoisted in District website **www.angul.nic.in** at Page-9 of tender documents read as- if applicable additional sum of Rs.3,64,872.00/- (in words Rupees Three Lakh Sixty Four Thousand Eight Hundred Seventy Two) only instead of Rs.36,48,728.99 paisa (Rupees Thirty Six Lakh Forty Eighty Thousand Seven Hundred Twenty Eight and Ninety-Nine paisa) only equivalent to 50% of the Security deposits in shape of Demand draft and Bank Guarantee Issued............................After expiry of contract period.

Sd./- District Manager
O.S.C.S.C. Ltd., Angul

CHIEF DISTRICT MEDICAL & PUBLIC HEALTH OFFICER, JHARSUGUDA.

TENDER CALL NOTICE

**Advt. No.1808/ C.D.M & PHO Jharasuguda / Dt.28.02.2019**

Sealed tenders are invited by the chief District Medical & Public Health Officer of District, Jharasuguda from registered firms/ Suppliers / Manufactures/ Authorised Distributors interested to supply and installation of Instrument Brest Cancer early detection system District Headquarters Hospital Jharasuguda. Interested Bidders can obtain the tender document containing detailed terms and conditions, scope and eligibility criteria from the website **www.jharsuguda.nic.in.** The cost of the RPF document Rs.1000/- plus GST 18% non-refundable shall be submitted along with the proposal ( Technical bid) in the from of DD in favour of A/c RKS DHH, Jharasuguda, payable at Jharasuguda. The proposals (both technical and financial) by eligible Bidders shall reach to the Office of the undersigned by the due date and time i.e. 23.03.2019 up to 03.00 PM. in the prescribed format and manner. Proposals received after due date and time shall be rejected. Proposals shall be received only through registered post / speed post or courier service only. The authority reserves the right to reject all the tender process at any time without assigning the reason thereof.

Sd./- Chief District Medical & Public Health Officer, Jharsuguda.

The Odisha Small Industries Corporation Ltd.
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicltd@rediffmail.com website: osicltd.in

SHORT NOTICE INVITING WILLINGNESS

RefNo.930/OSIC Dt. 02.03.2019

The Managing Director, OSIC Ltd. Invites short Notice inviting willingness from experienced MSMEs duly empanelled with OSIC heaving similar experience may submit their willingness along with estimate for the work, " Supply & Installation of 287 Nos of all in one solar st.light in different places of Jharsuguda District " under MPLADS scheme Fund for the year 2018-19. **OSIC service charge of 5%** will be levied on the above work .You are requested to provide the following information while submission of willingness.

1. Detailed estimate with rate per unit as per specification of Project/OERC .
2. No previous record of abandonment or rescission of previously awarded work.
3. Warranty period for this project should be 5 years from the date of Handing over of Project to the Principal Authority.
4. Experience certificate or work order from OSIC or any other competent authority of Govt. not below the rank of EE relating to similar nature of work for last three years, not less than RS.55 Lakh.
5. ATO by registered CA for last 3 years (Not less than RS.92 Lakh.
6. The validity of willingness is for 90 calendar days

The willingness letter must be dropped in tender box of the MD OSIC on or before 4PM on **Dated: 11.03.19** failing which it will not be taken into consideration. The NIW will be opened on date 12.03.2019 at 3 PM

The time of completion of project is 3 calendar months.

The authority reserve the right to reject any or all willingness without assigning any reason thereof or cancel the NIW process in toto.

Willingness shall be dropped in the tender Box placed at the office of MD OSIC Ltd by fixed date and time after which no NIW will be entertained

Sd/-
Ranjan Kumar Kar
CHIEF GENERAL MANAGER

See Career Appointment on every Wednesday & Saturday



“ନିକ୍ କିର୍ଗିଓସ୍ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ହୋଇପାରନ୍ତି, ହେଲେ ସେ ଦର୍ଶକ ଏବଂ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ପ୍ରତି ତାଙ୍କ ବ୍ୟବହାରରେ ସୁଧାର ଆଣିବା ଉଚିତ୍ ।

–ରାଫାଲ ନାଡାଲ, ବିଶିଷ୍ଟ ଟେନିସ୍ ଖେଳାଳି



“କୌଣସି ଦେଶରୁ ଲୋଭନୀୟ ଅଫର ପାଇ ମୁଁ ମୋ ପଦବୀରୁ ଇସ୍ତଫା ଦେଇଛି ବୋଲି ଯାହା ଆଲୋଚନା ହେଉଛି, ସେଥିରେ ସତ୍ୟତା ନାହିଁ ।

–ଟାନ୍ କିମ୍ ହର୍, ଭାରତର ଡବଲ୍ସ ବ୍ୟାଡ୍‌ମିଣ୍ଟନ କୋଚ୍

## ସଂକ୍ଷେପରେ

### ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ପାର୍ବତୀଙ୍କୁ ବ୍ରୋଞ୍ଜ



**କଟକ ଅଫିସ,୨।୩:** ପଞ୍ଜାବର ସଙ୍ଗ୍ରୁରସ୍ଥିତ ୱାର ହିରୋଜ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଇଣ୍ଡିଆନ ଗ୍ରାଁ ପ୍ରି-୩ ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ଓଡ଼ିଶାର ପାର୍ବତୀ ସେଠୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମହିଳା ଡିସ୍‌କସ ଥ୍ରୋରେ ଶ୍ରେଷ୍ଠ ପ୍ରଦର୍ଶନ କରି ପାର୍ବତୀ ରାଜ୍ୟ ନିମନ୍ତେ ଏହି ସଫଳତା ଆଣିଛନ୍ତି। ଏତଦ୍‌ବ୍ୟତୀତ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶାର ଅନ୍ୟ ଦୁଇ ଆଥ୍‌ଲେଟ ଅମୀୟ କୁମାର ମଲ୍ଲିକ ଓ ଚିନ୍ମୟ ରଞ୍ଜନ ଜେନା କୌଣସି ପଦକ ଜିତି ନାହାନ୍ତି।

### ବିରାଟଙ୍କ ବିଶ୍ୱକପ୍

**ନୂଆଦିଲ୍ଲୀ,୨।୩:** ୨୦୦୮ ମାର୍ଚ୍ଚ ୨ ତାରିଖରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ୧୯ ବର୍ଷରୁ କମ୍ ଭାରତୀୟ ଦଳ ବିଶ୍ୱକପ୍ ହାତେଇଥିଲା। ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲକୁ ଭାରତୀୟ ଦଳ ଡି.ଏଲ୍. ପଦ୍ଧତିରେ ୧୨ ରନ୍‌ରେ ଜିତି ନେଇଥିଲା। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଟୁଇଟର ଜରିଆରେ ସୂଚନା ଦିଆଯାଇଛି। ବିଶ୍ୱକପ୍ ଧରିଥିବା କୋହଲିଙ୍କ ଫଟୋ ସହ କ୍ୟାପଶନରେ ଲେଖାଯାଇଛି, ଏହି ଦିନ ୨୦୦୮ରେ ବିରାଟ ୧୯ବର୍ଷରୁ କମ୍ ବିଶ୍ୱକପ୍ ଜିତିଥିଲେ। ୨୦୧୯ ଦିନିକିଆ ବିଶ୍ୱକପ୍‌କୁ ବିରାଟ ଜିତିବେ କି! ଏବେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବହୁ ପରିବର୍ତ୍ତନ ଘଟିସାରିଛି। ଉଲ୍ଲେଖଥାଉ କି, କୋହଲିଙ୍କ ନେତୃତ୍ୱାଧୀନ ଦଳର କେତେଜଣ ଖେଳାଳି ସିନିୟର ସ୍ତରରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିସାରିଛନ୍ତି। ଏମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା, ମନୀଷ ପାଣ୍ଡେ, ଅଭିନବ ମୁକୁନ୍ଦ, ଇକବାଲ ଅବଦୁଲ୍ଲା, ସୌରଭ ତିୱାରୀ ଓ ସିଦ୍ଧାର୍ଥ କାଉଲଙ୍କ ଭଳି ଖେଳାଳି ରହିଛନ୍ତି। କୋହଲିଙ୍କ ବ୍ୟତୀତ ମହମ୍ମଦ କୈଫ (୨୦୦୦), ଉନ୍ମୁକ୍ତ ଚାନ୍ଦ (୨୦୧୨) ଓ ପୃଥ୍ୱୀ ଶ (୨୦୧୮) ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିଛନ୍ତି।

### ବ୍ୟାଡ୍‌ମିଣ୍ଟନ ଡବଲ୍ସ କୋଚ୍‌ଙ୍କ ଇସ୍ତଫା

**ନୂଆଦିଲ୍ଲୀ,୨।୩(ପିଟି):** ମାଲେସିଆର ଟାନ କିମ ହର ଭାରତୀୟ ଡବଲ୍ସ ବ୍ୟାଡ୍‌ମିଣ୍ଟନ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫା ପତ୍ରରେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ୪୭ ବର୍ଷୀୟ କୋଚ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ଥିଲା। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ସହ ହୋଇଥିବା ଚୁକ୍ତି ଅନୁଯାୟୀ ତାଙ୍କ କାର୍ଯ୍ୟକାଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପରେ ଶେଷ ହୋଇଥାନ୍ତା। ଏକ ମାସ ପୂର୍ବେ ଟାନ କିମ ଡବଲ୍ସ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କର ପାରିବାରିକ ସମସ୍ୟା ଯୋଗୁ ଚଳିତ ବର୍ଷ ଜାତୀୟ ଚାମ୍ପିୟନଶିପ୍‌ବେଳେ ସେ ଭାରତ ଛାଡ଼ିଥିଲେ ବୋଲି ବାଇ ସମ୍ପାଦକ ଓମାର ରଶିଦ କହିଛନ୍ତି। ତାଙ୍କ ନେତୃତ୍ୱରେ ଚିରାଗ ସେଟ୍ଟି ଓ ସାତ୍ୱିକସାଇରାଜ ରାନ୍‌କିରେଡ୍ଡୀଙ୍କ ଯୋଡ଼ି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲା। ଏଥିସହ ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ହାତେଇଥିଲା। ଗତ ବର୍ଷ ଭାରତୀୟ ସିଙ୍ଗଲ୍ସ କୋଚ୍ ମୁଲ୍ୟୋ ହାଣ୍ଡୋୟୋ ପଦ ତ୍ୟାଗ କରିଥିଲେ। ବାଇ ପକ୍ଷରୁ କୋରିଆନ କୋଚ କିମ୍ ଜି ହ୍ୟୁନ ଓ ପାର୍କ ତାଇ ସାଙ୍ଗଙ୍କ ସହ ଚୁକ୍ତି କରାଯାଇଛି। ସେମାନଙ୍କ ଆସିବାକୁ ଭାରତୀୟ ଦଳ ଅପେକ୍ଷା କରିଛି।

# ବେଙ୍ଗଲଠାରୁ ହାରି ଓଡ଼ିଶାର ଅଭିଯାନ ଶେଷ

**ସୟଦ ମୁସ୍ତାକ ଅଲି ଟି-୨୦**

କଟକ ଅଫିସ,୨।୩

ବାରବାଟୀ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୮ ଉଇକେଟରେ ବେଙ୍ଗଲଠାରୁ ପରାସ୍ତ ହୋଇଛି। ଏହି ପରାଜୟ ସହ ଟୁର୍ନାମେଣ୍ଟରୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଗ୍ରୁପ-ଡି’ରେ ସ୍ଥାନ ପାଇଥିବା ଓଡ଼ିଶା ୭ ମ୍ୟାଚ୍‌ରୁ ୩ ବିଜୟ ଓ ୪ ପରାଜୟ ସହ ୧୨ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଏହା ମଧ୍ୟ ଚଳିତ ସିଜନର ଅନ୍ତିମ ଘରୋଇ ଟୁର୍ନାମେଣ୍ଟ। ଚଳିତ ସିଜିନରେ ଓଡ଼ିଶାର ଯାତ୍ରା ବେଶ୍ ନିରାଶାଜନକ ରହିଥିଲା। ବିଜୟ ହଜାରେ ଟ୍ରଫି, ରଣ୍‌ଜୀ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ମଧ୍ୟରୁ କୌଣଣି ଗୋଟିଏରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲା।

ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍-ଡି’ର ଏହି ମ୍ୟାଚ୍‌ରେ ଅନୁରାଗ ଷଡ଼ଙ୍ଗୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦ୍ୱିତୀୟ ଓଭରର ଅନ୍ତିମ ବଲରେ ଓପନର ଶାନ୍ତନୁ ମିଶ୍ର (୮ ରନ)ଙ୍କୁ କ୍ଲିନ ବୋଲ୍ଡ କରି ବେଙ୍ଗଲର ମିଡ଼ିୟମ ପେସ ବୋଲର ଇଶାନ ପୋରେଲ ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଏହାପରେ ବେଙ୍ଗଲର ପେସ ଆଟାକ ସମ୍ମୁଖରେ ଓଡ଼ିଶା ହାତ ଟେକି ଦେଇଥିଲା। ୬୮ ରନରେ ଦଳ ୬ଟି ଉଇକେଟ ହରାଇଥିଲା। ରାଜେଶ ଧୂପର ୧୦, ଅଧିନାୟକ ଅନୁରାଗ ୨୦, ବିପ୍ଳବ ସାମନ୍ତରାୟ ୨, ଅଭିଶେକ ରାଉତ ୧୮ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଖାତା ଖୋଲିବା ଆଗରୁ ଆଉଟ ହୋଇଥିଲେ। ଅରବିନ୍ଦ ସିଂ (୧୬ ରନ) ଓ ରାଜେଶ ମହାନ୍ତି (୨୪ ରନ)ଙ୍କ ମଧ୍ୟରେ ୩୧ ରନ ଭାଗୀଦାରି ହେବା ଫଳରେ ଓଡ଼ିଶା ସମ୍ମାନଜନକ ସ୍କୋର କରି ପାରିଥିଲା। ନିର୍ଦ୍ଧାରିତ ଓଭରରେ ଓଡ଼ିଶା ୯ ଉଇକେଟ ହରାଇ ୧୦୮ ରନ କରିଥିଲା। ବେଙ୍ଗଲ ପକ୍ଷରୁ ଅଶୋକ ଦିଣ୍ଡା(୨), ଇଶାନ(୩), ଆୟାନ ଚାଟାର୍ଜୀ(୨) ଓ ସୟନ ଘୋଷ(ଗୋଟିଏ) ମିଳିତ ଭାବେ ଉଇକେଟ ବାଣ୍ଟି ନେଇଥିଲେ।

ଜବାବରେ ୨ ଉଇକେଟ ହରାଇ ବେଙ୍ଗଲ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ଶ୍ରୀବତ୍ସ ଗୋସ୍ୱାମୀ ୧୧ ରନରେ ଆଶୁତୋଷ ଦାସଙ୍କ ଦ୍ୱାରା ଆଉଟ ହେବା ପରେ ଉଇକେଟକିପର ରିଦ୍ଧିମାନ ଶାହ (୫୨) ଓ ଅଭିମନ୍ୟୁ ଇଶ୍ୱରନ(୩୩) ଉପଯୋଗୀ ଇନିଂସ ଖେଳି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ଓଡ଼ିଶାର ଶୁଭମ ନାୟକଙ୍କ ବଲରେ ରିଦ୍ଧିମାନ ଆଉଟ୍ ହେବା ପରେ ରିତିକ ଚୌଧୁରୀ (୮ ରନ) ଅପରାଜିତ ରହି ଦଳକୁ ଜିତାଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଛତିଶଗଡ଼ ୧୧୬ ରନରେ ମିଜୋରାମକୁ ହରାଇଥିଲା। ରିଷଭ ତିୱାରୀଙ୍କ ୮୫ ରନ ସହାୟତାରେ ଛତିଶଗଡ଼ ୫ ଉଇକେଟ ହରାଇ ୨୨୦ ରନ କରିଥିଲା। ଜବାବରେ ମିଜୋରାମ ୫ ଉଇକେଟ ବିନିମୟରେ ୧୦୪ ରନ କରିଛି। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଆସାମ ୯ ଉଇକେଟରେ ଅରୁଣାଚଳ ପ୍ରଦେଶକୁ ଏବଂ କର୍ଣ୍ଣାଟକ ୧୪ ରନରେ ହରିୟାଣାକୁ ପରାସ୍ତ କରିଛି। ଗ୍ରୁପ୍-ଡି’ରେ ଅପରାଜେୟ ସହ କର୍ଣ୍ଣାଟକ (୨୮ ପଏଣ୍ଟ) ଓ ବେଙ୍ଗଲ (୨୦) ନକ୍‌ଆଉଟରେ ପ୍ରବେଶ କରିଛନ୍ତି।



ବେଙ୍ଗଲ୍‌ର ରିଦ୍ଧିମାନ ଶାହ ବାରବାଟୀରେ ବ୍ୟାଟିଂ ଅବସରରେ।

**ଗ୍ରୁପ୍-ଡି ପଏଣ୍ଟ ତାଲିକା**

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କର୍ଣ୍ଣାଟକ | ୭ | ୭ | ୦ | ୨୮ |
| ବେଙ୍ଗଲ | ୭ | ୫ | ୨ | ୨୦ |
| ଛତିଶଗଡ଼ | ୭ | ୪ | ୩ | ୧୬ |
| ଆସାମ | ୭ | ୪ | ୩ | ୧୬ |
| ହରିୟାଣା | ୭ | ୪ | ୩ | ୧୬ |
| ଓଡ଼ିଶା | ୭ | ୩ | ୪ | ୧୨ |
| ଅରୁଣାଚଳ ପ୍ରଦେଶ | ୭ | ୧ | ୬ | ୪ |
| ମିଜୋରାମ | ୭ | ୦ | ୭ | ୦ |

## ୧୦୦ତମ ଟାଇଟଲଠାରୁ ପାଦେ ଦୂରରେ ଫେଡରର

**ଦୁବାଇ,୨।୩(ଏଏଫ୍‌ପି):** କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ରୋଜର ଫେଡରର ନିଜ କ୍ୟାରିୟରର ୧୦୦ତମ ଟାଇଟଲଠାରୁ ଆଉ ମାତ୍ର ଏକ ପାଦ ଦୂରରେ ଅଛନ୍ତି। ଏଠାରେ ଚାଲିଥିବା ଦୁବାଇ ଚାମ୍ପିୟନ୍‌ଶିପ ଫାଇନାଲରେ ଫେଡରର ପ୍ରବେଶ କରିଛନ୍ତି। ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୬-୨, ୬-୨ ସେଟ୍‌ରେ କ୍ରୋଏସିଆର ବୋର୍ନା କୋରିକଙ୍କୁ ହରାଇ ଦେଇଛନ୍ତି। ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ସେମିଫାଇନାଲକୁ ଫେଡରର ମାତ୍ର ୬୭ ମିନିଟ୍‌ରେ ଜିତି ନେଇଛନ୍ତି। ଏହି ବିଜୟ ସହ ୩୭ ବର୍ଷୀୟ ଖେଳାଳି ୧୦ମ ଥର ପାଇଁ ଦୁବାଇ ଚାମ୍ପିୟନଶିପ ଫାଇନାଲ ଓ କ୍ୟାରିୟରର ୧୫୨ତମ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପୂର୍ବରୁ ୭ ଥର ଦୁବାଇ ଟାଇଟଲ ହାତେଇଥିବା ଫେଡରର ଫାଇନାଲରେ ଷ୍ଟେଫାନୋସ ଟିଷ୍ଟିପାସଙ୍କୁ ଭେଟିବେ। ୧୧ତମ ସିଡ୍ ଗ୍ରୀସ ଖେଳାଳି ଚଳିତ ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନର ୪ର୍ଥ ରାଉଣ୍ଡରେ ଫେଡରରଙ୍କୁ ହରାଇଥିଲେ। ଏହି ପରାଜୟର ପ୍ରତିଶୋଧ ନେବା ସହ ଫେଡରର ନିଜ କ୍ୟାରିୟରର ୧୦୦ତମ ଟାଇଟଲ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ପୁରୁଷ ବିଭାଗରେ ସର୍ବାଧିକ ଟାଇଟଲ ଜିତିବାର ରେକର୍ଡ ଜିମ୍ମି କନର୍ସଙ୍କ ନାମରେ ରହିଛି। ସେ ସର୍ବାଧିକ ୧୦୯ ଟାଇଟଲ ଜିତିଛନ୍ତି। ସେ କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଟିନା ନାଭରାଟିଲୋଭା (୧୬୭)ଙ୍କଠାରୁ ବହୁ ପଛରେ ରହିଛନ୍ତି।

# ପୂଜାଙ୍କୁ ସ୍ୱର୍ଣ୍ଣ, ସାକ୍ଷୀଙ୍କୁ ରୌପ୍ୟ



ପଦକ ସହ ସାକ୍ଷୀ ଓ ପୂଜା।

ନୂଆଦିଲ୍ଲୀ, ୨।୩

ବୁଲ୍‌ଗେରିଆର ରୁସେଠାରେ ଚାଲିଥିବା ଡାନ୍ କୋଲୋଭ ନିକୋଲ ପେଟ୍ରୋଭ ରେସ୍‌ଲିଂ ମିଟ୍‌ରେ ଭାରତର ପୂଜା ଧଣ୍ଡା ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସାକ୍ଷୀ ମଲିକ ରୌପ୍ୟ ଜିତିଛନ୍ତି। ପୂଜା ୫୬ କାଟେଗୋରିରେ ସ୍ୱର୍ଣ୍ଣ ଜିତିଥିବାବେଳେ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ସାକ୍ଷୀ ୬୫ କେଜି ମହିଳା ଫ୍ରିଷ୍ଟାଇଲ କାଟେଗୋରିରେ ତାଙ୍କ ଫାଇନାଲ ବାଉଟ ହାରି ଯାଇଛନ୍ତି। ଫଳରେ ପ୍ରତିଯୋଗିତାରେ ସେ ରୌପ୍ୟ ସହ ତାଙ୍କ ଅଭିଯାନ ଶେଷ କରିଛନ୍ତି। ଅନ୍ୟପକ୍ଷରେ ସନ୍ଦୀପ ତୋମାର ଓ ସରୀତା ମୋର୍ ମଧ୍ୟ ଭାରତ ପାଇଁ ଗୋଟିଏ ଲେଖାଏଁ ରୌପ୍ୟ ଜିତିଛନ୍ତି। ତୋମାର ପୁରୁଷ ଫ୍ରିଷ୍ଟାଇଲ ୬୧ କେଜି କାଟେଗୋରିରେ ତାଙ୍କ ଫାଇନାଲ ବାଉଟ୍ ହାରି ଯାଇଥିଲେ। ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ବଜରଙ୍ଗ ପୁନିଆ ପୁରୁଷ ୬୫ କାଟେଗୋରିରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଧଣ୍ଡା ପ୍ରତିଯୋଗିତାର ରାଉଣ୍ଡ ରବିନ୍ ଫର୍ମାଟରେ ଅପରାଜିତ ରହି ସ୍ୱର୍ଣ୍ଣ ଜିତିଥିଲେ। ଏହି ପର୍ଯ୍ୟାୟରେ ସେ ନିଜ ଦେଶର ସରିତା ମୋର୍‌ଙ୍କ ବ୍ୟତୀତ କିରଗିଜସ୍ତାନର ଆଇସୁଲୁ ଟାଇନିବେକୋଭା ଏବଂ ଲିଥୁଆନିଆର କୋର୍ନେଲିଜା ଜେସିଭେଚ୍‌ଙ୍କୁ ହରାଇ ଦେଇଥିଲେ। ୬୫କିଗ୍ରା ଫାଇନାଲରେ ମଲିକ ସ୍ୱିଡେନ୍‌ର ହେନା ଜୋହାନସନଙ୍କଠାରୁ ହାରିଯାଇଥିଲେ। ପୁରୁଷ ୬୧ କିଗ୍ରା ଫାଇନାଲରେ ତୋମାରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ସେ କାଜାଖସ୍ତାନର ନୁରିସ୍ଲାମ୍ ସାନାୟେଭଙ୍କଠାରୁ ମାତ୍ର ୩୪ ସେକେଣ୍ଡରେ ୦-୧୦ ପଏଣ୍ଟରେ ପରାଜିତ ହୋଇ ଯାଇଥିଲେ।

## ସୁଧୀରଙ୍କୁ ସମ୍ବର୍ଦ୍ଧିତ କଲା ଓସିଏ

**କଟକ ଅଫିସ, ୨।୩:** ଅନ୍ତର୍ଜାତୀୟ ଅମ୍ପାୟର ସୁଧୀର ଅସନାନି ବାରବାଟୀ ଷ୍ଟାଡିୟମରେ ଶନିବାର କ୍ୟାରିୟରର ଶେଷ ମ୍ୟାଚ୍ ପରିଚାଳନା କରିଛନ୍ତି। ଏଠାରେ ଖେଳାଯାଇଥିବା ଓଡ଼ିଶା-ବେଙ୍ଗଲ ବିପକ୍ଷ ମ୍ୟାଚ୍ ସୁଧୀରଙ୍କ ଶେଷ ମ୍ୟାଚ୍ ଥିଲା। ସୁଧୀର ପୂର୍ବରୁ ଅବସର ଘୋଷଣା କରି ସାରିଥିବା ବେଳେ ଏ ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓସିଏ ସିଇଓ ବିଦ୍ୟୁତ କୁମାର ନାୟକ ଉପସ୍ଥିତ ଥିଲେ।



ଓସିଏ କର୍ମକର୍ତ୍ତାଙ୍କ ଗହଣରେ ଅମ୍ପାୟର ସୁଧୀର ଅସନାନି।

# ବୁକି ଚାୱ୍ଲାଙ୍କ ପ୍ରତ୍ୟର୍ପଣ ପତ୍ର ସ୍ୱାକ୍ଷରିତ

**ଲଣ୍ଡନ, ୨।୩ (ପି.ଟି.):** ଗତ ୨୦୦୦ କ୍ରିକେଟ ମ୍ୟାଚ ଫିକ୍ସିଂ ମାମଲାର ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ବୁକି ସଞ୍ଜୀବ ଚାୱ୍ଲାଙ୍କୁ ଭାରତ ଅଣାଯିବା ସ୍ପଷ୍ଟ ହୋଇଛି। ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ସ୍ୱରାଷ୍ଟ୍ର ସଚିବ ସାଜିଦ ଜାଭିଦ ପ୍ରତ୍ୟର୍ପଣ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିସାରିଛନ୍ତି। ୟୁକେ ସ୍ୱରାଷ୍ଟ୍ର କାର୍ଯ୍ୟାଳୟ ତରଫରୁ ଏ ସମ୍ପର୍କରେ ଶନିବାର ସୂଚନା ଦିଆଯାଇଛି। ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଚଳିତ ବର୍ଷ ପ୍ରାରମ୍ଭରେ ଦେଇଥିବା ତାଙ୍କ ରୁଲିଂକୁ ରଦ୍ଦ କରିଦେବା ଫଳରେ ଚାୱ୍ଲାଙ୍କ ପ୍ରତ୍ୟର୍ପଣ ନେଇ ଦେଖାଦେଇଥିବା ସମସ୍ୟା ଦୂର ହୋଇଯାଇଥିଲା। ୨୦୦୦ରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ହାନ୍ସି କ୍ରୋନିଏଙ୍କୁ ନେଇ ହୋଇଥିବା କ୍ରିକେଟ ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲରେ ଚାୱ୍ଲା ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଥିଲେ।

ସେ ଚାହିଁଲେ ୧୪ ଦିନ ମଧ୍ୟରେ ପ୍ରତ୍ୟର୍ପଣ ନିର୍ଦ୍ଦେଶନାମା ବିରୋଧରେ ଆବେଦନ କରିପାରିବେ। ସାଜିଦ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଗତ ଫେବୃୟାରୀ ୨୭ରେ ଚାୱ୍ଲାଙ୍କ ଭାରତ ପ୍ରତ୍ୟର୍ପଣ ପତ୍ରରେ ସ୍ୱାକ୍ଷର କରିଥିବା ୟୁକେ ସ୍ୱରାଷ୍ଟ୍ର ବିଭାଗ କାର୍ଯ୍ୟାଳୟର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି। ୟୁକେ କ୍ୟାବିନେଟ୍‌ରେ ପାକିସ୍ତାନ ବଂଶୋଦ୍ଭବ ତଥା ଅନ୍ୟତମ ବରିଷ୍ଠ ମନ୍ତ୍ରୀ ଭାରତ ପାଇଁ ଦ୍ୱିତୀୟ ପ୍ରତ୍ୟର୍ପଣ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ଗତ ମାସରେ ସେ ଲିକର ଟାଇକୁନ୍ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ। ମାଲ୍ୟାଙ୍କ ବିରୋଧରେ ଭାରତରେ ୯,୦୦୦କୋଟି ଟଙ୍କାର ଜାଲିଆତି ଓ ମନି ଲଣ୍ଡରିଂ ମାମଲା ରହିଛି।

## ଅଭିନନ୍ଦନଙ୍କୁ ବିସିସିଆଇ, କ୍ରୀଡ଼ାବିତ୍‌ଙ୍କ ସ୍ୱାଗତ

ନୂଆଦିଲ୍ଲୀ,୨।୩(ପି.ଟି.)

ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନ ପାକିସ୍ତାନରୁ ସ୍ୱଦେଶ ଫେରିବା ପରେ ସାରା ଦେଶରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବିସିସିଆଇ ଓ ଅନ୍ୟ କ୍ରୀଡ଼ାବିତ୍‌ମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ତାଙ୍କ ସମ୍ମାନ ଉଦ୍ଦେଶ୍ୟରେ ବିସିସିଆଇ ଅଭିନବ ଢଙ୍ଗରେ ଏକ ଜର୍ସି ଜାରି କରିଛି। ଏହି ଜର୍ସି ଉପରେ ୧ ନମ୍ବର ଓ ଅଭିନନ୍ଦନ ବର୍ଦ୍ଧମାନ ବୋଲି ଲେଖାଯାଇଛି। ଏଥି ସହିତ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଅଧିନାୟକ ବିରାଟ କୋହଲି, ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ଅଭିନନ୍ଦନଙ୍କ ପ୍ରଶଂସାରେ ଶତମୁଖ ହେବା ସହ ଟୁଇଟ୍ କରି ତାଙ୍କୁ ସମ୍ମାନ ଜଣାଇଛନ୍ତି।

# ହାମିଲଟନ୍ ଟେଷ୍ଟରେ ନ୍ୟୁଜିଲାଣ୍ଡର ରେକର୍ଡ ସ୍କୋର

ହାମିଲଟନ,୨।୩(ଏଏଫ୍‌ପି)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ରେକର୍ଡ ୭୧୫ ରନ ସଂଗ୍ରହ କରି ପାଳି ଘୋଷଣା କରିବା ସହ ସ୍ଥିତି ଦୃଢ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ପ୍ରଥମ ଇନିଂସରେ ୫୯.୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କ ୨୦୦ ରନର ଅପରାଜିତ ଦ୍ୱିଶତକ, ଟମ୍ ଲଥାମଙ୍କ ୧୬୧ ରନର ଶତକ ଓ ଓପନର ଜିତ୍ ରାଭାଲଙ୍କ ୧୩୨ ରନର ଶତକୀୟ ପାଳି ବଳରେ ୧୬୩ ଓଭରରେ ୬ ଉଇକେଟ ହରାଇ ୭୧୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୪୮୧ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୩ ଓଭରରେ ୪ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ବାଂଲାଦେଶ ୬ ଉଇକେଟ ହାତରେ ରଖି ୩୦୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ସୌମ୍ୟ ସରକାର ୩୯ ଓ ଅଧିନାୟକ ମହମଦୁଲ୍ଲା ୧୫ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ତାମିମ ଇକବାଲ ୭୪, ଶଦମାନ ଇସ୍‌ଲାମ ୩୭ ରନ୍ କରିଥିଲେ। ଟ୍ରେଣ୍ଟ ବୋଲ୍ଟ ୨, ଟିମ୍ ସାଉଦି ଓ ନିଲ ୱାଗନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୫୧/୪ ରୁ ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରି ପାଳି ଘୋଷଣା କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୱିଲିୟମସନ ୯୩ରୁ ଖେଳ ଆରମ୍ଭ କରି ୨୦୦ ରନର ଦ୍ୱିଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ୱାଗନର ୪୭ ଓ ବିଜେ ୱାଟଲିଂ ୩୧ ରନ କରି ଆଉଟ ହୋଇଥିଲେ। କଲିନ୍ ଡି ଗ୍ରାଣ୍ଡହୋମ ୭୬ ରନ କରି ଅପରାଜିତ ରହିଥିଲେ। ସପ୍ତମ ଉଇକେଟ ଯୋଡିରେ ଗ୍ରାଣ୍ଡହୋମ ଓ ୱିଲିୟମସନ ଅପରାଜିତ ୧୧୦ ରନ ସଂଗ୍ରହ କରିଥିଲେ। ପୂର୍ବରୁ ଦୁଇ ଓପନର ଜିତ୍ ରାଭାଲ ଓ ଲଥାମ ଯଥାକ୍ରମେ ୧୩୨ ଓ ୧୬୧ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୨୫୪ ରନ ସଂଗ୍ରହ କରି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସୌମ୍ୟ ସରକାର, ମେହିଦି ହାସନ ମିର୍ଜା ଦୁଇଟି ଲେଖାଏ, ଇବାଦତ ହୋସେନ ଓ ମହମୁଦୁଲ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଦ୍ୱିଶତକ ହାସଲକାରୀ କେନ୍ ୱିଲିୟମ୍‌ସନ୍।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୫୯.୨ ଓଭରରେ ୨୩୪ ଅଲଆଉଟ।
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୬୩ ଓଭରରେ ୭୧୫/୬ (ଇନିଂସ ଘୋଷଣା)।
ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୩ ଓଭରରେ ୧୭୪/୪
(ତାମିମ- ୭୪, ଇସ୍‌ଲାମ- ୩୭, ସୌମ୍ୟ- ୩୯*, ମହମୁଦୁଲ୍ଲା- ୧୫*, ବୋଲ୍ଟ- ୨/୫୩)

## ବିଶ୍ୱକପ୍‌ରେ ଷ୍ଟମ୍ପ ମାଇକ୍ରୋଫୋନ ବ୍ୟବହାର

**ନୂଆଦିଲ୍ଲୀ,୨।୩(ପି.ଟି.):** ଇଂଲଣ୍ଡରେ ମେ ୩୦ରୁ ହେବାକୁ ଥିବା ଦିନିକିଆ ବିଶ୍ୱକପ୍‌ରେ ଷ୍ଟମ୍ପ ମାଇକ୍ରୋଫୋନ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି ଟୁର୍ନାମେଣ୍ଟ ଡାଇରେକ୍ଟର ଷ୍ଟିଭ୍ ଏଲ୍‌ୱର୍ଦ୍ଦି। ନିକଟରେ ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ ଓ ୱେଷ୍ଟଇଣ୍ଡିଜ୍ ଦ୍ରୁତ ବୋଲର ଶାନନ ଗାବ୍ରିଏଲଙ୍କୁ ନେଇ ହୋଇଥିବା ବର୍ଣ୍ଣବୈଷମ୍ୟ ଘଟଣା ବିବାଦକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଷ୍ଟମ୍ପ ମାଇକ୍ରୋଫୋନ୍‌ରୁ ଏହି ଖେଳାଳିମାନଙ୍କ ବାର୍ତ୍ତାଳାପ ସମ୍ପର୍କରେ ଜଣାପଡିଥିଲା। ଏହାଦ୍ୱାରା ପ୍ରଶଂସକମାନେ ମଧ୍ୟ କ୍ରିକେଟ ନେଇ ବେଶ୍ ଉତ୍ସାହିତ ରହିବା ସଙ୍ଗେ ସଙ୍ଗେ ମନୋରଞ୍ଜନର ଖୋରାକ ପାଇବେ ବୋଲି ସେ କହିଛନ୍ତି। ବିଶ୍ୱକପ୍‌ରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### ଅଲୋଡ଼ା ତାଲିକାରେ ଫିଞ୍ଚ

**ହାଇଦ୍ରାବାଦ,୨।୩(ପିଟି):** ଅଷ୍ଟ୍ରେଲିଆନ ଓପନର ତଥା କାମଚଳା ଅଧିନାୟକ ଆରୋନ ଫିଞ୍ଚ ଏକ ଅଲୋଡ଼ା ତାଲିକାରେ ସ୍ଥାନ ପାଇଛନ୍ତି। ଏଠାରେ ଖେଳାଯାଇଥିବା ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଦିନିକିଆ ଫିଞ୍ଚଙ୍କ କ୍ୟାରିୟରର ୧୦୦ତମ ମ୍ୟାଚ୍ ହେଲେ ସେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖାତା ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ଏଥିଯୋଗୁ ଡିନ ଗୋନ୍ସ ଓ କ୍ରେଗ ମ୍ୟାକଡରମେଟଙ୍କ ଭଳି ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଦୁଇ ପୂର୍ବତନ ଅଷ୍ଟ୍ରେଲିଆନ ଖେଳାଳି ନିଜର ୧୦୦ତମ ମ୍ୟାଚ୍‌ରେ ଶୂନ୍ୟରେ ଆଉଟ୍ ହୋଇଥିଲେ। ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ଭାରତୀୟ ପେସର ଯଶପ୍ରୀତ ବୁମରାଙ୍କ ୩ୟ ବଲରେ ଫିଞ୍ଚ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ।

### ପ୍ରି କ୍ୱାର୍ଟର ଫାଇନାଲରେ ସାଇ ଚରଣ

**ନୂଆଦିଲ୍ଲୀ, ୨।୩ (ପି.ଟି.):** ଭାରତର ସାଇ ଚରଣ ଜବରଦସ୍ତ ପ୍ରଦର୍ଶନ ବଳରେ ନେଦରଲାଣ୍ଡର ହାର୍ଲେମଠାରେ ଚାଲିଥିବା ଡଚ୍ ଜୁନିୟର ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଟପ୍ ସିଡ୍ ଇଣ୍ଡୋନେସିଆ ଖେଳାଳି ସ୍ୟାବ୍‌ଡା ପର୍କାସାଙ୍କୁ ହରାଇ ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ଜୁନିୟର ଶଟଲର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌କୁ ୨୧-୧୧, ୨୧-୧୯ ଗେମ୍‌ରେ ଜିତି ନେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ମାତ୍ର ୩୮ ମିନିଟ୍ ଲାଗିଥିଲା। ୧୬ ବର୍ଷୀୟ ସାଇ ଚରଣଙ୍କ ବ୍ୟତୀତ ମାଇସନାମ ମେଇରବା ଲୁୱାଙ୍ଗ ଓ ପ୍ରିୟାଂଶୁ ରାଜୱତ ମଧ୍ୟ ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ସମିୟା ଇମାଦ ଫାରୁକି, ସମିତ ତୋଶନିୱାଲ ଓ ତ୍ରିଷା ଜଲୀ ପରାଜୟ ସହ ବିଦାୟ ନେଇଛନ୍ତି।

### ବୁମ୍‌ରାଙ୍କ ବ୍ୟୟବହୁଳ ସ୍ପେଲ

**ହାଇଦ୍ରାବାଦ,୨।୩(ପିଟି):** ଦିନିକିଆ ଫର୍ମାଟର ଏବେ ଶୀର୍ଷ ର୍‌ୟାଙ୍କଧାରୀ ବୋଲର ଯଶପ୍ରୀତ ବୁମ୍‌ରା ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବ୍ୟୟବହୁଳ ବୋଲିଂ କରିଛନ୍ତି। ସେ ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ସମ୍ପୂର୍ଣ୍ଣ ୧୦ ବୋଲିଂ କରି ୬୦ ରନ୍ ବିନିମୟରେ ୨ ଉଇକେଟ ନେଇଥିଲେ। ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚ୍ ଠାରୁ ଏହା ବୁମରାଙ୍କ ବ୍ୟୟବହୁଳ ସ୍ପେଲ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ବୁମ୍‌ରା ୯ ଓଭର ବୋଲିଂ କରି ୬୮ ରନ୍ ବିନିମୟରେ କୌଣସି ଉଇକେଟ ପାଇ ନ ଥିଲେ। ଇତିମଧ୍ୟରେ ସେ ୨୯ ଦିନିକିଆ ମ୍ୟାଚ୍ ଖେଳିଥିଲେ ଏତେ ରନ୍ ବ୍ୟୟ କରି ନ ଥିଲେ। ମୋଟ ଉପରେ ବୁମ୍‌ରାଙ୍କ କ୍ୟାରିୟରର ଏହା ୫ମ ବ୍ୟୟବହୁଳ ସ୍ପେଲ ଥିଲା।

---



“ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଭାରତ ଓ ଇଂଲଣ୍ଡକୁ ଫେଭରାଇଟ୍ ମନେ କରାଯାଉଥିଲେ ମଧ୍ୟ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଡାର୍କହର୍ଷ ।

—ଶେନ୍ ୱର୍ନ, ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ



“ମହିଳା କ୍ରିକେଟରେ ଡିଆର୍‌ଏସ ନିୟମିତ ବ୍ୟବହାର କରାଗଲେ ଅମ୍ପାୟର ଠିକ ନିଷ୍ପତ୍ତି ନେଇପାରିବେ ଓ ଖେଳାଳିମାନେ ମଧ୍ୟ ଅଭ୍ୟସ୍ତ ହୋଇପାରିବେ ।

—ମିଥାଲି ରାଜ, ଭାରତୀୟ କ୍ରିକେଟ ଅଧିନାୟିକା

# ପ୍ରଥମ ଦିନିକିଆରେ ଭାରତର ସହଜ ବିଜୟ

**ହାଇଦ୍ରାବାଦ,୨।୩(ପି.ଟି.)**

ଟି୨୦ ସିରିଜରେ ପରାଜୟ ବରଣ କରିଥିଲେ ମଧ୍ୟ ଘରୋଇ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୧୦ଟି ବଲ ବାକିଥାଇ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ଏଥି ସହିତ ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଗୋଟିଏ ଉଇକେଟ ଅକ୍ତିଆର କରିବା ସହ ୮୧ ରନର ଉପଯୋଗୀ ଇନିଂସ (୮୭ ବଲ, ୯ ଚୌକା , ୧ ଛକା) ଖେଳିଥିବା କେଦାର ଯାଦବ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଘରୋଇ ବୋଲରଙ୍କ ଉଚିତ୍ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୩୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୮.୨ ଓଭରରେ ୪ ଉଇକେଟ ହରାଇ ୨୪୦ ରନ କରି ବିଜୟୀ ହୋଇଛି। ଦ୍ୱିତୀୟ ଦିନିକିଆ ନାଗପୁରରେ ମଙ୍ଗଳବାର ଖେଳାଯିବ।

୨୩୭ ରନ ଟାର୍ଗେଟର ପିଛା କରି ଭାରତ ଆରମ୍ଭରୁ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇ ଝଟ୍‌କା ଖାଇଥିଲା। ଧାୱନ ପ୍ରଥମ ବଲ୍‌ରେ ଖାତା ଖୋଲିବା ପୂର୍ବରୁ ନାଥନ କୁଲ୍ଟର ନିଲଙ୍କ ବଲ୍‌ରେ ପଏଣ୍ଟକୁ ଏକ ସହଜ କ୍ୟାଚ୍ ଦେଇ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ହାତରେ ଧରା ପଡିଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ଓ ଓପନର ରୋହିତ ଶର୍ମା ଦ୍ୱିତୀୟ ଉଇକେଟ ଯୋଡିରେ ୭୬ ରନ କରି ସ୍ଥିତି ସମ୍ଭାଳିଥିଲେ। କିନ୍ତୁ ଭାରତ ୧୯ ମଧ୍ୟରେ କୋହଲି, ରୋହିତ ଓ ଅମ୍ବାତି ରାୟୁଡୁଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇ ବିପଦରେ ପଡିଥିଲା। କୋହଲି ୪୫ଟି ବଲ୍ ଖେଳି ୬ ଚୌକା, ୧ ଛକା ସହ ୪୪ ରନ କରି ଆଡାମ ଜାମ୍ପା ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ରୋହିତ ୩୭ ରନ କରି କୁଲ୍ଟର ନିଲଙ୍କ ବଲ୍‌ରେ ଆରୋନ୍ ଫିଞ୍ଚ୍‌କୁ ମିଡ୍ ଅଫ୍‌ରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରାୟୁଡୁ ଉଇକେଟ କିପର ଆଲେକ୍ସ କେରୀଙ୍କୁ କ୍ୟାଚ୍ ଦେଇ ଜାମ୍ପାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ଆଉ କୌଣସି କ୍ଷତି ହେବାକୁ ନ ଦେଇ ପଞ୍ଚମ ଉଇକେଟ ଯୋଡିରେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ କେଦାର ଅପରାଜିତ ୧୪୧ ରନ କରି ଦଳକୁ ଜିତାଇଥିଲେ। କେଦାର ୮୧ ରନ କରି ଅପରାଜିତ ରହିଥିବା ବେଳେ ଧୋନୀ ୭୨ଟି ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୫୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ କୁଲ୍ଟର ନିଲ ଓ ଜାମ୍ପା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମହେନ୍ଦ୍ର ସିଂ ଧୋନୀ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭ୍ରମଣକାରୀ ଦଳ ଅବଶ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଭାରତୀୟ ବୋଲରମାନେ ଶାଣିତ ବୋଲିଂ କରି ଅଷ୍ଟ୍ରେଲିଆକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇ ନ ଥିଲେ। ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ଅଷ୍ଟ୍ରେଲିଆ ଉନ୍ନତ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲା। ଆରମ୍ଭରୁ ଅଧିନାୟକ ଫିଞ୍ଚ୍‌ଙ୍କୁ ହରାଇ ଦଳ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଫିଞ୍ଚ୍ ଖାତା ଖୋଲିବା ପୂର୍ବରୁ ଯଶପ୍ରୀତ ବୁମ୍‌ରାଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ୍‌କୁ ମାରିବାକୁ ଯାଇ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ହାତରେ ଧରା ପଡିଥିଲେ। ଏହାପରେ ଅନ୍ୟତମ ଓପନର ଉସ୍‌ମାନ ଖ୍ୱାଜା ଓ ମାର୍କସ ଷ୍ଟୋଇନିସ୍ ଦ୍ୱିତୀୟ ଉଇକେଟ ଯୋଡିରେ ୮୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ୩୭ ରନ କରିଥିବାବେଳେ ଷ୍ଟୋଇନିସ୍ କେଦାର ଯାଦବଙ୍କ ବଲକୁ ମିଡ୍ ଉଇକେଟକୁ ଶଟ୍ ଖେଳି କୋହଲିଙ୍କ ହାତରେ ଧରା ପଡିଥିଲେ। ଏହାପରେ ଖ୍ୱାଜା ୫୦ ରନର ଅର୍ଦ୍ଧଶତକୀୟ ପାଳି (୭୬ ବଲ୍, ୫ ଚୌକା, ୧ ଛକା) ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌କୁ ଶଟ୍ ଖେଳିବାକୁ ଯାଇ ମିଡ୍ ଉଇକେଟରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇଥିଲେ। ପିଟର ହ୍ୟାଣ୍ଡସ୍କମ୍ବ ୧୯ ରନ କରିଥିବା ବେଳେ କୁଲଦୀପଙ୍କ ବଲ୍‌ରେ ଧୋନୀଙ୍କ ଦ୍ୱାରା ଷ୍ଟମ୍ପ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଆଷ୍ଟନ ଟର୍ନର ୨୧ ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଗତ ଟି୨୦ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଗ୍ଲେନ୍ ମ୍ୟାକ୍ସୱେଲ୍ ୫୧ ବଲରୁ ୫ ଚୌକା ସହ ୪୦ ରନ କରିଥିବା ବେଳେ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ କୁଲ୍ଟର ନିଲ ୨୭ ବଲରୁ ୩ ଚୌକା ସହ ଦ୍ରୁତ ୨୮ ରନ କରିଥିବା ବେଳେ ୱାଇଡ୍ ଲଙ୍ଗ୍ ଅନ୍‌କୁ ଶଟ୍ ଖେଳି କୋହଲିଙ୍କ ହାତରେ ଧରାପଡି ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ୩୭ ବଲରୁ ୫ ଚୌକା ସହ ୩୬ ରନ କରି ଓ ପ୍ୟାଟ୍ କମିନ୍ସ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ସାମି, ବୁମ୍‌ରା ଓ କୁଲଦୀପ ଦୁଇଟି ଲେଖାଏ, କେଦାର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ଇନିଂସ: ୫୦ ଓଭରରେ ୨୩୬/୭ (ଖ୍ୱାଜା- ୫୦, ମ୍ୟାକ୍ସୱେଲ- ୪୦, ଷ୍ଟୋଇନିସ୍- ୩୭, କେରୀ- ୩୬*, କୁଲ୍ଟର ନିଲ- ୨୮, ଟର୍ନର- ୨୧, ସାମି- ୨/୪୪, କୁଲଦୀପ- ୨/୪୬, ବୁମ୍‌ରା- ୨/୬୦, କେଦାର- ୧/୩୧)।

ଭାରତ ଇନିଂସ: ୪୮.୨ ଓଭରରେ ୨୪୦/୪ (କେଦାର- ୮୧ *, ଧୋନୀ- ୫୯*, କୋହଲି- ୪୪, ରୋହିତ- ୩୭, କୁଲ୍ଟର ନିଲ- ୨/୪୬, ଜାମ୍ପା- ୨/୪୯)।

**କେଦାର ପ୍ଲେୟାର ଅଫ୍ ଦି ମ୍ୟାଚ୍**

# ବ୍ଲାକବେଲ୍ଟ ପରୀକ୍ଷାରେ ୭ କୃତକାର୍ଯ୍ୟ



କୃତୀ କରାଟେକାଙ୍କ ସହ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତା।

**ଭୁବନେଶ୍ୱର, ୨।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଗତ ମାସ ୨୮ରେ ଅନୁଷ୍ଠିତ ହୋଇଥିବା ବ୍ଲାକ ବେଲ୍ଟ ପରୀକ୍ଷାରେ ୭ଜଣ କରାଟେକା ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ବିଭିନ୍ନ ଜିଲାରୁ ମୋଟ୍ ୧୫ଜଣ କରାଟେକା ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ସୁନ୍ଦରଗଡ଼ ଜିଲାର ପ୍ରଶିକ୍ଷକ ସେନ୍‌ସେଇ ଗଣେଶ ଚନ୍ଦ୍ର ବେହେରା ୩ୟରୁ ୪ର୍ଥ ଡାନ୍‌କୁ ଏବଂ ସେନ୍‌ସେଇ ଦୁଷ୍ମନ୍ତ କୁମାର ନାୟକ ଓ ସେନ୍‌ସେଇ ହରେକୃଷ୍ଣ ସାହୁ ୨ୟରୁ ୩ୟ ଡାନକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ଦେବାଶିଷ ପାତ୍ର, ଏସ୍. ଭନ୍ୟାଶ୍ରୀ ରାଓ, ଝପେଶ୍ୱର ବେହେରା ଓ ସଚିନ ମହନ୍ତ ବ୍ଲାକ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ସମସ୍ତ କରାଟେକାମାନଙ୍କୁ ସିହାନ ଡ. ହରିପ୍ରସାଦ ପଟ୍ଟନାୟକ ଓ ଉତ୍କଳ କରାଟେ ସ୍କୁଲର ସମସ୍ତ କର୍ମମର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ■ ସର୍ବଭାରତୀୟ ପୋଲିସ କୁସ୍ତି କ୍ଲଷ୍ଟର
# ରବି କୁମାର ଜିତିଲେ ସ୍ୱର୍ଣ୍ଣ

**ବ୍ରହ୍ମପୁର ଅଫିସ୍,୨।୩**

ରାଜସ୍ଥାନର ଜୟପୁରଠାରେ ୬୭ତମ ସର୍ବଭାରତୀୟ ପୋଲିସ କୁସ୍ତି କ୍ଲଷ୍ଟର ପ୍ରତିଯୋଗିତା ଚାଲିଛି । ଏଥିରେ ଓଡ଼ିଶା ପୋଲିସ ଦଳ ମଧ୍ୟ ଭାଗ ନେଇଛି। ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରୁଥିବା କାଟୁଲୁ ରବି କୁମାର ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ୮୯ କି.ଗ୍ରା. ଓଜନ ବର୍ଗରେ ଭାଗ ନେଇଥିଲେ । ସ୍ନାଚ୍‌ରେ ୧୪୨ କି.ଗ୍ରା. ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୫ କି.ଗ୍ରା. ସହ ମୋଟ ୩୦୭ କି.ଗ୍ରା. ଓଜନ ଉଠାଇ ରବି କୁମାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ସୂଚନାଯୋଗ୍ୟ, ବ୍ରହ୍ମପୁରର ରବି କୁମାର ଓଡ଼ିଶା ପୋଲିସ୍‌ରେ ଡିଏସ୍‌ପି ଭାବେ କାର୍ଯ୍ୟରତ। ସଂପ୍ରତି ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀରେ ପ୍ରଶିକ୍ଷଣ ନେଉଛନ୍ତି । ରବି କୁମାରଙ୍କ ଏହି ସଫଳତା ରାଜ୍ୟ ପୋଲିସ ପାଇଁ ଗର୍ବ ଆଣି ଦେଇଛି। ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସପ୍ତାହକ ଭିତରେ ରବି କୁମାରଙ୍କ ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ସଦ୍ୟ ସମାପ୍ତ ହୋଇଥିବା ଜାତୀୟ ବରିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତାରେ ମଧ୍ୟ ରବି କୁମାର ଭାଗ ନେଇଥିଲେ। ସ୍ନାଚ୍‌ରେ ୧୫୦ କି.ଗ୍ରା. ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୯୨ କି.ଗ୍ରା. ସହ ମୋଟ ୩୪୨ କି.ଗ୍ରା. ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କ୍ରମାଗତ ଭାବେ ମିଳିଥିବା ଏହି ସଫଳତାକୁ ନେଇ ବେଶ୍ ଖୁସି ପ୍ରକାଶ କରିଛନ୍ତି ରବି କୁମାର ।



ସ୍ୱର୍ଣ୍ଣ ପଦକ ସହ କେ. ରବି କୁମାର ।

### ପୁଭାମା, ହୀମାଙ୍କୁ ପଛରେ ପକାଇଲେ ବିସ୍ମୟା

**ସାଙ୍ଗପୁର (ପଞ୍ଜାବ), ୨।୩ (ପି.ଟି.):** ଭି.କେ. ବିସ୍ମୟା ଏଠାରେ ଚାଲିଥିବା ଇଣ୍ଡିଆନ୍ ଗ୍ରାଁ ପ୍ରି-୩ ମହିଳା ୪୦୦ ମିଟର ରେସ୍ ଜିତିଛନ୍ତି। ସେ ଏମ. ଆର. ପୁଭାମା ଓ ହୀମା ଦାସଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ୪x୪୦୦ ମିଟର ରିଲେ ରେସ୍ ଜିତିଥିବା ବିସ୍ମୟା ଗତବର୍ଷଠାରୁ କେବଳ ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିଆସୁଥିଲେ। ଏଠାରେ ସେ ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ପୁଭାମା ଏବଂ ବିଶ୍ୱ ଜୁନିୟର ଚାମ୍ପିୟନ ତଥା ଜାତୀୟ ରେକର୍ଡଧାରୀ ହୀମାଙ୍କଠାରୁ ଉନ୍ନତ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ୱାର ହିରୋଜ୍ ଷ୍ଟାଡିୟମର ଥଣ୍ଡା ପରିବେଶ ଆଥ୍‌ଲେଟ୍‌ଙ୍କ ପ୍ରଦର୍ଶନରେ ପ୍ରଭାବ ପକାଇଥିଲା। ୨୨ ବର୍ଷୀୟା ହୀମା ୫୩.୮୦ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ପୁଭାମା (୫୪.୦୬)ଙ୍କଠାରୁ ୦.୨୬ ସେକେଣ୍ଡ ଆଗରେ ରହିଥିଲେ। ଉତ୍ତର ପ୍ରଦେଶର ପ୍ରାଚୀ ୫୪.୪୯ ଟାଇମିଂରେ ବ୍ରୋଞ୍ଜ ଜିତିଥିଲେ। ହୀମାଙ୍କୁ ପ୍ରାଚୀ ପୋଡିୟମ ଫିନିଶରୁ ବଞ୍ଚିତ କରିଥିଲେ। ୫୦.୭୯ ଟାଇମିଂରେ ଜାତୀୟ ରେକର୍ଡ ଅଧିକାରିଣୀ ହୀମା ୫୫.୧୯ ସେକେଣ୍ଡରେ ତାଙ୍କ ରେସ୍ ଶେଷ କରିଥିଲେ। ଏହା ତାଙ୍କ କ୍ୟାରିୟରର ସବୁଠାରୁ ମନ୍ଥର। ଅନ୍ୟପକ୍ଷରେ ରାଜୀବ ଆରୋକିଆ ପୁରୁଷ ୪୦୦ମିଟର ରେସ୍‌କୁ ୪୬.୩୨ ଟାଇମିଂରେ ଜିତିନେଇଛନ୍ତି।

# ମା’ ବୁଢ଼ୀ ଜାଗୁଲାଇ କ୍ଲବ ଚାମ୍ପିୟନ

**ଡେରାବିଶ,୨।୩ (ସ୍ୱ.ପ୍ର)**

ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ ଅଧୀନସ୍ଥ ମୁକୁନ୍ଦପୁର ଗ୍ରାମ ପଡିଆରେ ଏକଦିବସୀୟ ଦିବାରାତ୍ର ହରଗୌରୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ହରଗୌରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ଏହି ଅଞ୍ଚଳର ବଛା ବଛା

**ଦିବାରାତ୍ର ହରଗୌରୀ କ୍ରିକେଟ**

୮ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଗୋବିନ୍ଦପୁରର ମା’ କାଳୀଦେବୀ ଦଳକୁ ୯ରନରେ ହରାଇ ଅନୁଆପଡାର ମା ବୁଢ଼ୀ ଜାଗୁଲାଇ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଗୋବିନ୍ଦପୁର ଦଳ ଟସ ଜିତି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅନୁଆପଡା ନିର୍ଦ୍ଧାରିତ ୫ ଓଭରରେ ୬ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରନ ସାହୁ ୧୮ ରନ ସଂଗ୍ରହ କରିଥିଲେ। ଜବାବରେ ଗୋବିନ୍ଦପୁର ୪ ଉଇକେଟ ହରାଇ ମାତ୍ର ୨୯ ରନ କରି ପରାଜୟ ବରଣ କରିଥିଲା। ଅନୁଆପଡାର ଏସ ଦାସ ବହୁ ସୁନ୍ଦର ୨ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଶନ୍ନ କୁମାର ବେହେରା ଓ ସତ୍ୟବ୍ରତ ପ୍ରଧାନ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଶେଷରେ କ୍ଲବର ସଭାପତି ରାକେଶ ବେହେରାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସମ୍ପାଦକ ରବି ସାମଲ ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ହଳଧର ଦାଶ, ବରିଷ୍ଠ କ୍ରୀଡାବିତ ସାହାଜାହାନ ଖାନ ଓ ସମାଜସେବୀ ତଥା ଯୁବ ଉଦ୍ୟୋଗୀ ସତ୍ୟପ୍ରିୟ ବେହେରା ଯୋଗଦେଇ ବିଜୟୀ ଅନୁଆପଡା ଦଳକୁ ଚାମ୍ପିୟନ ଟ୍ରଫି ସମେତ ଆର୍ଥିକ ରାଶି ଓ ଉପବିଜେତା ଗୋବିନ୍ଦପୁର ଦଳକୁ ରନର୍ସ-ଅପ୍ କପ୍ ପ୍ରଦାନ କରିଥିଲେ। ପ୍ରଦ୍ୟୁମ୍ନ ସାହୁଙ୍କୁ ମ୍ୟାନ୍ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍କୋରର ଭାବେ କରୁଣାକର ଜେନା ଏବଂ ଭାଷ୍ୟକାର ଭାବେ ଶ୍ରୀକାନ୍ତ ମହାରଣା ସେମାନଙ୍କ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଆୟୋଜକ କ୍ଲବର ସମ୍ପାଦକ ଗୌମ୍ୟରନ ବେହେରାଙ୍କ ସମେତ ସଦସ୍ୟ ଧର୍ମପଦ ଦାଶ, ପାର୍ଥପ୍ରସାଦ ବେହେରା, ଯୋଗେଶ୍ୱର ବେହେରା, ରାକେଶ ବେହେରା, ଦେବାଶିଷ ସାହୁ, ବଶିର ଖାନ୍, ପ୍ରକାଶ କୁମାର ସାହୁ, ପ୍ରମୋଦ ଗିରି ଓ ଧୀରେନ୍ଦ୍ର ନାୟକ ପ୍ରମୁଖ ସହଯାଗ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ଅତିଥି।

## ■ ଇଲେଭେନ୍ ଷ୍ଟାର କପ୍ କ୍ରିକେଟ୍
# ଶ୍ରାବଣୀ-ଫ୍ରେଣ୍ଡସ୍ କ୍ଲବ ସେମିଫାଇନାଲ

**ଭୁବନେଶ୍ୱର,୨।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଯାଜପୁର ଟାଉନ୍‌ର ଏନ୍‌ସି ଅଟୋନୋମସ କଲେଜ ପଡିଆରେ ଇଲେଭେନ ଷ୍ଟାର କ୍ରିକେଟ କପ୍ ୨୦୧୯ ଶନିବାରଠାରୁ ଆରମ୍ଭ ହୋଇଛି। ଇଲେଭେନ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା ଓ ଏଥିରେ ବିଜୟୀ ହୋଇ ସିଂହପୁର ଶ୍ରାବଣୀ ଇଲେଭେନ ଓ ଚଣ୍ଡିଖୋଲର ଫ୍ରେଣ୍ଡସ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଏହି ଦୁଇ ଦଳ ଫାଇନାଲ ଟିକେଟ ପାଇଁ ସେମି ଫାଇନାଲରେ ଅବତୀର୍ଣ୍ଣ ହେବେ। ପ୍ରଥମ କ୍ୱାର୍ଟର ଫାଇନାଲରେ ଯାଜପୁର ଟାଉନ୍‌ର ଏମ୍‌ସିସି କ୍ଲବ୍ ବିପକ୍ଷରେ ଟସ୍ ଜିତି ଫ୍ରେଣ୍ଡସ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ବିକ୍ରମ ସାମଲ ୪୬ଟି ବଲ୍ ଖେଳି ୭୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଏମ୍‌ସିସି ତରଫରୁ ମୋଜାକିର ଅଲି ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଏମ୍‌ସିସି ୧୭.୫ ଓଭରରେ ୧୩୬ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ମୋଜାକିର ୩୫ ରନ ସଂଗ୍ରହ କରିଥିଲେ। ଫ୍ରେଣ୍ଡସ୍‌ର ପ୍ରଦୀପ ରାଉତ ୨ ଉଇକେଟ ଅକ୍ତିଆର କରିଥିଲେ। ବିକ୍ରମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଶ୍ରାବଣୀ ଭଦ୍ରକର ୟୁନିକ୍ ଏକାଦଶକୁ ହରାଇ ସେମିକୁ ଉଠିଛି। ଟସ୍ ଜିତି ଶ୍ରାବଣୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ମହମ୍ମଦ ଆକ୍ରମ ୫୫ ବଲରୁ ୬୬, ତପେନ୍ଦ୍ର ସିଂ ୩୨ ବଲରୁ ୫୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ୟୁନିକ୍ ତରଫରୁ ଅମିତ ରାଉତ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୟୁନିକ୍ ୧୮.୪ ଓଭରରେ ୧୭୪ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଦଳ ତରଫରୁ ଶୁଭମ୍ ନାୟକ ୨୭ ବଲରୁ ୬୫ ରନ କରିଥିଲେ। ସେହିପରି ଟି. ସୁରେଶ ୩୧ ବଲରୁ ୪୫ ରନ ସଂଗ୍ରହ କରିଥିଲେ। ଶ୍ରାବଣୀର ତପେନ୍ଦ୍ର ୩ ଉଇକେଟ ନେଇଥିଲେ। ତପେନ୍ଦ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲଲାଟେନ୍ଦୁ ନନ୍ଦ ଓ କାଳନ୍ଦୀ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସତ୍ୟବ୍ରତ ସ୍ୱାଇଁ, ସବ୍ୟସାଚୀ ରାଉତ୍ ଓ ଅନିକେତ ବେହୁରିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅଜିତ୍ ବେହୁରିଆ ଓ ମହେଶ୍ୱର ଦାସ ଅତିଥିଭାବେ ଯୋଗ ଦେଇଥିଲେ।

# ବେଆଇନ କରତକଳ ଉପରେ ଚଢ଼ାଉ

## ■ ୮ଲକ୍ଷ ଟଙ୍କାର ମେଶିନ, କାଠ ଜବତ

ବାହାନଗା/ସୋର, ୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ଓ ସୋର ବ୍ଲକର ଦୁଇଟି ସ୍ଥାନରେ ଚାଲୁଥିବା ବେଆଇନ କରତକଳ ଉପରେ ଶନିବାର ବନବିଭାଗ ଓ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ମୋଟ ୮ଲକ୍ଷ ଟଙ୍କାର ମେଶିନ ଓ କାଠ ଜବତ କରାଯାଇଛି। ଏନେଇ ବନବିଭାଗ ପକ୍ଷରୁ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରାଯାଇଛି।

ସୋର ବ୍ଲକ ବାଳଙ୍ଗ ଗ୍ରାମରେ ଥିବା ଏକ ବେଆଇନ କରତକଳ ଉପରେ ଚାନ୍ଦିପୁର ଉପଖଣ୍ଡ ବନବିଭାଗ ଓ ଭିଜିଲାନ୍ସ ବିଭାଗର ମିଳିତ ଚଢାଉ କରାଯାଇଥିଲା। ଚଢାଉ ବେଳେ ସମ୍ପୃକ୍ତ କରତକଳର ମାଲିକ ନିର୍ମଳ ବେହେରା ଫେରାର ହୋଇ ଯାଇଥିଲେ। ମାତ୍ର ଉଭୟ ବିଭାଗ ତରଫରୁ କାଠ କଟାଯାଉଥିବା ମେଶିନ ଓ କାଠକୁ ଜବତ କରାଯାଇଛି। ଏହାସହ ଗ୍ୟାସ୍ କଟରରେ ମେଶିନ୍‌ଗୁଡିକୁ କାଟି ଅଣାଯାଇଛି।



ପଣ୍ଡାଶୁଣୀ ପଞ୍ଚାୟତର ବାରିଙ୍ଗିଆ ଗ୍ରାମରେ ଥିବା ଚୋରା କରତକଳ ଉପରେ ବନବିଭାଗ ଚଢାଉ କରି ମେଶିନ କାଟୁଛି।

ମେଶିନର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହୋଇଥିବା ବେଳେ କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ସେହିପରି ପଣ୍ଡାଶୁଣି ପଞ୍ଚାୟତର ବାରିଙ୍ଗିଆ ଗ୍ରାମରେ ଚାଲୁଥିବା ବେଆଇନ କରତକଳ ଉପରେ ଚଢାଉ କରାଯାଇଥିଲା। ସେଠାରେ ମେଶିନ ନ ଥିବା ବେଳେ କେବଳ ୫୦ରୁ ୬୦ହଜାର ଟଙ୍କାର କାଠକୁ ବିଭାଗ ତରଫରୁ ଜବତ କରାଯାଇଛି। ଚଢାଉ ବିଷୟରେ ମାଲିକ ଆଗୁଆ ଜାଣିପାରି କାଠ କଟା ମେଶିନକୁ କାଢି ଲୁଚାଇ ରଖିଦେଇଥିଲେ। ଅଧିକାରୀମାନେ କେବଳ କିଛି ଲୁହା ଲାଇନ୍, ଲୁହାର ତକ୍ତା ଓ କରତକୁ ଜବତ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କା ହେବ। ମାଲିକ ଗଣନାଥ ମଳିକ ଚଢାଉ ନେଇ ଆଗୁଆ ସୂଚନା ପାଇ ଫେରାର ହୋଇଯାଇଥିଲେ। ଚଢାଉରେ ଚାନ୍ଦିପୁର ବନଉପଖଣ୍ଡ ରେଞ୍ଜର ଦେବେନ୍ଦ୍ର ନାଥ ପାତ୍ର ଓ ଭିଜିଲାନ୍ସ ବିଭାଗର ରେଞ୍ଜର ଶ୍ୟାମସୁନ୍ଦର ସିଂଙ୍କ ସମେତ ଭିଜିଲାନ୍ସ ଫରେଷ୍ଟର ଜଗନ୍ନାଥ ପରିଡା, ଫରେଷ୍ଟର ରତିକାନ୍ତ ପାଢୀ, ସେବନ୍ତୀ ମାରାଣ୍ଡି, ଭାଗ୍ୟଶ୍ରୀ ଦ୍ୱିବେଦୀ, ଫରେଷ୍ଟ ଗାର୍ଡ ପ୍ରଦୀପ ରାଉତ, ସସ୍ମିତା ଶିଅଳ, ଶ୍ୱେତପଦ୍ମା ମହାନ୍ତି, ରଞ୍ଜିତା ଶିଅଳଙ୍କ ସମେତ ପୋଲିସ ଫୋର୍ସ ଚଢାଉରେ ସାମିଲ ଥିଲେ। ତେବେ ବିଭାଗ ତରଫରୁ ଚଢାଉ ହେବା ନେଇ କରତକଳ ମାଲିକମାନେ ପୂର୍ବରୁ କିପରି ଜାଣିପାରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଢାଉରେ କରତକଳ ମାଲିକଙ୍କର ବିଶେଷ କ୍ଷତି ହେଉ ନ ଥିବା ଦେଖାଯାଉଛି।

# ମେସ୍‌ରେ ଛାତ୍ରଙ୍କ ଆତ୍ମହତ୍ୟା

**କାରଣ ଅସ୍ପଷ୍ଟ**

ବାଲେଶ୍ୱର ଅଫିସ, ୨।୩

ବାଲେଶ୍ୱର ଆଜିମାବାଦସ୍ଥିତ ଏକ ମେସ୍‌ରେ ରହୁଥିବା ପ୍ରଦୀପ୍ତ ମଣ୍ଡଳ (୧୯) ନାମକ ଜଣେ ଯୁକ୍ତ ୩ ପ୍ରଥମବର୍ଷ ଛାତ୍ର ଶନିବାର ଶୋଇବା ରୁମ୍‌ରେ ଫ୍ୟାନ୍‌ରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ଘଟଣା ଜଣାପଡ଼ିବା ପରେ ମେସ୍ ମାଲିକ ଏବଂ ଅନ୍ୟ ଛାତ୍ରମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରଦୀପ୍ତ ନୀଳଗିରି ଥାନା ବାଉଁଶବଣିଆ ସ୍ଥିତ ସାନପାଟପୁର ଗ୍ରାମର ପିତାମ୍ବର ମଣ୍ଡଳଙ୍କର ଏକମାତ୍ର ପୁଅ। ସେ ବଳାଙ୍ଗୀ କଲେଜରେ ପାଠ ପଢିବା ସହ ଆଜିମାବାଦ ଅଞ୍ଚଳର ଏକ ମେସ୍‌ରେ ରହି ଆସୁଥିଲେ। ପ୍ରଦୀପ୍ତ ରହୁଥିବା ରୁମ୍‌ରେ ଆଉ ୨ ଜଣ ସାଙ୍ଗ ମଧ ରହୁଥିଲେ। ସେମାନେ ୩ଦିନ ପୂର୍ବରୁ ଘରକୁ ପଳାଇଥିବା ବେଳେ ପ୍ରଦୀପ୍ତ ଏକୁଟିଆ ରହିଥିଲେ। ଶୁକ୍ରବାର ରାତିରେ ସେ ସାଙ୍ଗମାନଙ୍କ ସହ ଖିଆପିଆ ସାରି ଶୋଇବାକୁ ଯାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସେ ରୁମ୍‌ରୁ ନ ବାହାରିବାରୁ ମେସ୍‌ର ଅନ୍ୟ ପିଲାମାନେ ତାଙ୍କୁ ଡାକିଥିଲେ। ରୁମ୍ ଭିତରପଟରୁ ବନ୍ଦ ହୋଇଥିବା ବେଳେ ପିଲାମାନେ ଝରକା ପଟେ ପ୍ରଦୀପ୍ତ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେମାନେ ମେସ୍ ମାଲିକଙ୍କୁ ଏ ବିଷୟରେ ଜଣାଇଥିଲେ। ମାଲିକ ପହଞ୍ଚି କବାଟ ଭାଙ୍ଗି ପିଲାମାନଙ୍କ ସହିତ ପ୍ରଦୀପ୍ତଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ଆଣିଥିଲେ। ଆତ୍ମହତ୍ୟା କାରଣ ଜଣାପଡିନାହିଁ। ଏନେଇ ପରିବାର ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଟାଉନ ଥାନା ପକ୍ଷରୁ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୦୧୯) ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଥିବା ଟାଉନ୍ ଥାନା ଆଇଆଇସି ସରୋଜିନୀ ନାୟକ ପ୍ରକାଶ କରିଛନ୍ତି।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ସଜନାଗଡ଼, ୨।୩(ଡି.ଏନ.ଏ.)

ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତର ଜାମବଣି ଗ୍ରାମର ବନମାଳୀ ସିଂଙ୍କ ସ୍ତ୍ରୀ ମିନତି ସିଂ ଶନିବାର କୌଣସି କାମରେ ନିକଟସ୍ଥ ଘର ପଛପଟ ଜଙ୍ଗଲକୁ ଯାଇଥିଲେ। ଉକ୍ତ ସମୟରେ ଦୁଇଟି ଭାଲୁ ତାଙ୍କ ସମ୍ମୁଖକୁ ଚାଲି ଆସିଥିଲେ। ଭାଲୁ ଦୁଇଟି ଅମାନୁଷିକ ଭାବେ ମହିଳା ଜଣଙ୍କୁ ଆକ୍ରମଣ କରିଥିଲେ। ସେ ଜୋରରେ ଚିତ୍କାର କରିବାରୁ ଭାଲୁ ଦୁଇଟି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହି ଆକ୍ରମଣରେ ମହିଳାଙ୍କ କପାଳରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି।

## ମଦମୁକ୍ତି ଅଭିଯାତ୍ରା

# ମଦ ଛାଡ଼, ନଚେତ୍ ଗାଦି ଛାଡ଼

ଉଦଳା, ୨।୩ (ଡି.ଏନ.ଏ.)

ଆଗାମୀ ନିର୍ବାଚନ ପୂର୍ବରୁ ଓଡ଼ିଶାକୁ ମଦ ମୁକ୍ତ ଘୋଷଣା ଦାବି ନେଇ ଶନିବାର ମଦମୁକ୍ତି ଅଭିଯାତ୍ରା ଆୟୋଜିତ ହୋଇଯାଇଛି। ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା) ଏବଂ ମଦମୁକ୍ତି ଯୁବବାହିନୀ ପକ୍ଷରୁ ଏହି ମଦମୁକ୍ତି ଅଭିଯାତ୍ରା ଫେବୃଆରୀ ୨୩ରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଉଦଳାରେ ପହଞ୍ଚିଥିଲା। ସ୍ଥାନୀୟ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଙ୍ଗଠନ ସଦସ୍ୟା ସଦସ୍ୟମାନେ ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପ ନିକଟରୁ ମଦମୁକ୍ତ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ମଦ ଛାଡ଼ ନଚେତ, ଗାଦି ଛାଡ଼, ମଦ ହଟିବ ନ ହେଲେ ସରକାର ହଟିବେ ବୋଲି ନାରା ଦିଆଯାଇଥିଲା। ଏଥିରେ ଓଡ଼ିଶା ନିଶା ନିବାରଣ ଅଭିଯାନ ସଂସ୍ଥାର ମଳୟ ତ୍ରିପାଠୀ, ଇନ୍ଦୁମତୀ ସାହୁ, ସତ୍ୟବ୍ରତ ପୃଷ୍ଟି, ରାଧାକାନ୍ତ ନାୟକଙ୍କ ସମେତ ସ୍ଥାନୀୟ ମହିଳା ସଙ୍ଗଠନର ମନମୋହନ ମିଶ୍ର, ସସ୍ମିତା ପତି ପ୍ରମୁଖ ସାମିଲ ହୋଇଥିଲେ।

## ■ ସ୍ତ୍ରୀଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଚାନ୍ଦବାଲି, ୨।୩(ଡି.ଏନ.ଏ.)

ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଚାନ୍ଦବାଲି ଅତିରିକ୍ତ ଜିଲା ଦୌରାଜଜ ଦୋଳଗୋବିନ୍ଦ ବାରିକ। ୨୨ଜଣ ସାକ୍ଷୀଙ୍କ ବୟାନ ଓ ମୃତା ମହିଳାଙ୍କ ମା' ନାସିରୋନି ବାନୋଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ମହମ୍ମଦ ମୁସ୍ତାକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୮୦୦୦ ଟଙ୍କା ଜରିମାନା କରିଛନ୍ତି। ଘଟଣା ଅନୁସାରେ ଚାନ୍ଦବାଲି ଅଲିନଗର ସ୍ଥିତ ମହମ୍ମଦ ଫରିଦଙ୍କ ବଡ଼ପୁଅ ମହମ୍ମଦ ମୁସ୍ତାକ ମହମ୍ମଦ ସାମ୍ପ୍ରଦାୟିକ ରୀତି ଅନୁସାରେ ୨୦୧୪ ଫେବୃୟାରୀ ୨୪ ତାରିଖରେ ଯୋଡା ମୁସଲିମ ବସ୍ତିର ଅଲ୍‌ବାମା ଫିରଦୋସଙ୍କୁ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବି କରି ସେ ନିଜ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ବିବାହର ଦୁଇ ବର୍ଷ ପରେ ୨୦୧୬ ଜାନୁୟାରୀ ୨୦ ତାରିଖରେ ସେ ତାଙ୍କ ସ୍ତ୍ରୀ ତଣ୍ଟି ଚିପି ହତ୍ୟା କରିଥିବା ଅଲବାମାଙ୍କ ମା' ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ଭାରତୀୟ ଦଣ୍ଡବିଧି ଆଇନ ଦଫା ୩୦୪ବି ଯୌତୁକ ନିରୋଧ ଆଇନ ଦଫା ୪ ନାରୀ ନିର୍ଯାତନା ଆଇନ ଦଫା ୪୯୮(କ) ଏବଂ ପ୍ରମାଣ ଲୁଚାଇବା ଦଫା ୨୦୧କୁ ବିଧିବଦ୍ଧ ଭାବେ ବିଚାର କରି ଏହି ଦଣ୍ଡ ବିଧାନ କରାଯାଇଛି। ସରକାରଙ୍କ ପକ୍ଷରୁ ଉକ୍ତ ମାମଲା ଆଇନଜୀବୀ ମଧୁସୂଦନ ପତି ପରିଚାଳନା କରିଥିଲେ।

# ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

## ■ ସ୍ୱାମୀ, ଦିଅରଙ୍କ ନାଁରେ ମାମଲା

ଭଣ୍ଡାରିପୋଖରୀ, ୨।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା ପଞ୍ଚାୟତ ରଘୁନାଥପୁର ଗ୍ରାମର ପୁଷ୍ପିତା ରାଉତଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ରାଉତ ଓ ଦିଅର ହେମନ୍ତଙ୍କ ନାଁରେ ମାମଲା(ନଂ.୩୧/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ପୁଷ୍ପିତା ରଣଜିତ ପଞ୍ଚାୟତ କାଇତ୍ରା ଗ୍ରାମର ଶ୍ରୀକାନ୍ତଙ୍କୁ ବିବାହ କରିଥିଲେ। ଶାଶୁଘରେ ପାରିବାରିକ ଅସନ୍ତୋଷ ଦେଖାଦେବାରୁ ସେ ତାଙ୍କର ୧୪ ମାସର ଶିଶୁକନ୍ୟାକୁ ଧରି ବାପଘରେ ରହୁଛନ୍ତି। ଏ ନେଇ ପୂର୍ବରୁ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଥିଲା। ଗତ ୨୨ ତାରିଖ ରାତିରେ ଶ୍ରୀକାନ୍ତ ଓ ହେମନ୍ତ ଆସି ପୁଷ୍ପିତାଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିବା, ଜୀବନରୁ ମାରିଦେବା ଓ ଏସିଡ୍ ପକାଇ ବିକଳାଙ୍ଗ କରିଦେବାକୁ ଧମକ ଦେଇଥିଲେ। ପଡ଼ୋଶୀ ଆସିଯିବାରୁ ସେମାନେ ସେଠାରୁ ପଳାଇଥିଲେ। ଉଭୟ ପକ୍ଷର ଭଦ୍ରଲୋକ ବସି ଘଟଣାର ସମାଧାନ କରାଯିବାକୁ ଥିବାବେଳେ ବିଳମ୍ବ ହେବାରୁ ପୁଷ୍ପିତା ଶନିବାର ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ■ ଉପଜିଲାପାଳଙ୍କୁ ଘେରିଲେ ଭୂମିହୀନ

# ଥଇଥାନ କର, ନ ହେଲେ ଭୋଟ ବର୍ଜନ

ଉଦଳା, ୨।୩ (ଡି.ଏନ.ଏ.)

ବହୁତ ହୋଇଗଲା ବାରମ୍ବାର ଗୁହାରି। ହେଲେ ଏବେ ଆଉ ନୁହେଁ। ଏଥର ଖୋଲା ଚ୍ୟାଲେଞ୍ଜ କରିବାକୁ ଭୂମିହୀନ ପରିବାର ଲୋକେ ଚେତାବନୀ ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଥଇଥାନ ନ କରିଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଉଦଳା ଏନ୍‌ଏସି ଅଧୀନ ୧୧ ଏବଂ ୧୨ନଂ ୱାର୍ଡର ଭୂମିହୀନ ପରିବାର ଲୋକେ ଜମିପଟ୍ଟା ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜମିପଟ୍ଟା ପାଇଁ ୨୫ଶହ ଭୂମିହୀନ ଆବେଦନ କରିଥିବାବେଳେ ଶୁକ୍ରବାର ସ୍ଥାନୀୟ ଏନ୍‌ଏସି ପକ୍ଷରୁ ମାତ୍ର ୧୪୨ ହିତାଧିକାରୀଙ୍କୁ ଏହା ପ୍ରଦାନ କରାଯାଇଛି। ଅନ୍ୟମାନେ ଏଥିରୁ ବାଦ୍ ପଡ଼ିଛନ୍ତି। ବିକାଶ ସିଂ, ମାର୍ଶାଲ୍ ମାଝୀ, ରାନୀ ବେହେରା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ। ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦିଆଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ କହିଛନ୍ତି।

## ■ ମୃତଦେହ ରଖି ରାସ୍ତାରୋକୋ ଘଟଣା

# ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

ଆରଡ଼ି, ୨।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ି ସନ୍ନିକଟ ମଠଡିହଠାରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ରଖି ୯ ଘଣ୍ଟା ଧରି ଆଖଣ୍ଡଳମଣି-ଭଦ୍ରକ ରାସ୍ତାରୋକୋ କରାଯାଇଥିଲା। ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ମାନସ ରଞ୍ଜନ ରାୟଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁକୁ ନେଇ ତାଙ୍କ ପରିବାର ଓ ଗ୍ରାମବାସୀ ଏହି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ଆଇନ ଅନୁଯାୟୀ କ୍ଷତିପୂରଣ ଦେବାକୁ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ସାଢ଼େ ଗୋଟାଏ ବେଳକୁ ରାସ୍ତାରୋକୋ ହଟିଥିଲା। ପରେ ରାସ୍ତାର ଉଭୟପାର୍ଶ୍ୱରେ ଅଟକି ରହିଥିବା ଗାଡ଼ିଗୁଡ଼ିକ ସ୍ୱାଭାବିକ ଭାବେ ଚଳାଚଳ କରିଥିଲେ। ମୃତକଙ୍କ ପରିବାର ଓ ଗ୍ରାମବାସୀ ବିଳମ୍ବିତ ରାତିରେ ଅନ୍ତିମ ସଂସ୍କାର କରିଥିଲେ। ପ୍ରକାଶ ଯେ, ମୃତ ମାନସଙ୍କ ପରିବାର ଜିଲା ପ୍ରଶାସନିକ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ନ ଆସିବା ଯାଏ ରାସ୍ତା ଅବରୋଧ ଜାରି ରହିବ ବୋଲି ଅଡ଼ି ବସିଥିଲେ। ଫଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭଦ୍ରକ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ଅସୁରାଳି ଓ ଧାମନଗର ବିଭାଗୀୟ ଉପଖଣ୍ଡ ଅଧିକାରୀ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ଧୂଷୁରୀ ଥାନାଧିକାରୀ, ଅନ୍ୟ ପୋଲିସ ଅଧିକାରୀ, ଆରଡ଼ି ଫାଣ୍ଡି ଅଧିକାରୀ, ମୃତକଙ୍କ ପକ୍ଷରୁ ପଞ୍ଚାୟତ ଓ ସ୍ଥାନୀୟ ଅଞ୍ଚଳର ଭଦ୍ରବ୍ୟକ୍ତିମାନେ ଏ ସମ୍ପର୍କରେ ଆଲୋଚନା ଜାରି ରଖିଥିଲେ।

## ■ ପଞ୍ଚାୟତ ସମିତି ବୈଠକ

# ଧାନ ବିକ୍ରି ନ ହେବାରୁ ଜନପ୍ରତିନିଧିଙ୍କ ଉଦ୍‌ବେଗ



ଶନିବାର-ବସ୍ତା ବ୍ଲକରେ ପଞ୍ଚାୟତ ସମିତି ବୈଠକ

ବସ୍ତା,୨।୩(ସ୍ୱ.ପ୍ର.)-ବସ୍ତା ବ୍ଲକରେ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ କୁକୁମୀନା ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଜିଲା ପରିଷଦ ସଦସ୍ୟ ତ୍ରିଲୋଚନ ବେହେରା, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ବ୍ଲକ ଉପାଧ୍ୟକ୍ଷା ରଞ୍ଜନା ଦାସ, ସହକାରୀ ଯନ୍ତ୍ରୀ ପରୀକ୍ଷିତ ମହାଲିକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ପାନୀୟ ଜଳ ଓ ପରିମଳ ବିଭାଗ ଉପରେ ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଅଧାପନ୍ତରିଆ ପଡିଥିବା ପାନୀୟଜଳ ପ୍ରକଳ୍ପକୁ ତୁରନ୍ତ ସାରିବାକୁ ଜନପ୍ରତିନିଧିମାନେ ଦାବି କରିଥିଲେ। ସେହିପରି କୃଷି ଉପରେ ଜୋରଦାର ଆଲୋଚନା ହୋଇଥିଲା। ଚାଷୀମାନେ ସମବାୟ ସମିତି ସରକାରୀ ମଣ୍ଡିରେ ଧାନ ବିକ୍ରି କରିପାରୁ ନ ଥିବାରୁ ଗାଁଗୁଡିକରେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସରକାର ଧାନ କିଣିବା ପାଇଁ ଗଣମାଧ୍ୟମରେ ଟିପ୍ପଣୀ ଦେଉଥିବା ବେଳେ ବାସ୍ତବ କ୍ଷେତ୍ରରେ ଧାନ ବିକି ନ ପାରି ଚାଷୀ ହଇରାଣ ହେଉଛନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା। ଏହା ବ୍ୟତୀତ ମହିଳା ଶିଶୁ ସମନ୍ୱିତ ବିଭାଗ, କୃଷି ବିଭାଗ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ମଧ ଅଭିଯୋଗ ଓ ଆଲୋଚନା ହୋଇଥିଲା। ଶେଷରେ ବିଡିଓ କୁକୁମୀନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଡାକ୍ତରଙ୍କୁ ମାଡ଼ ଅଭିଯୋଗ

ତିହିଡି, ୨।୩ (ଡି.ଏନ.ଏ.) : ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ନିରାକାର ମାଠଙ୍କୁ ୨ ଜଣ ବ୍ୟକ୍ତି ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ତିହିଡ଼ି ଥାନା ପୋଲିସ ଏନେଇ ଏକ ମାମଲା (ନଂ.୯୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶୁକ୍ରବାର ମଧ୍ୟାହ୍ନରେ ଡା. ମାଠ ସ୍ୱାସ୍ଥ୍ୟକେନ୍ଦ୍ରସ୍ଥିତ ତାଙ୍କ କ୍ୱାଟର୍ସରେ ଥିଲେ। ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଗୁଡୁପାଳ ଗ୍ରାମର ମୁକ୍ତିକାନ୍ତ ନାୟକ ଓ ଶମ୍ଭୁନାଥ ନାୟକ ଆସି ତାଙ୍କ କ୍ୱାଟର୍ସର କବାଟକୁ ଧକ୍କା ମାରିଥିଲେ। ଡା. ମାଠ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ଦେଶୀମଦ ଜବତ, ୩ ଗିରଫ

ପାଟଣା, ୨।୩ (ସ୍ୱ.ପ୍ର.): କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ ପକ୍ଷରୁ ଶନିବାର ପାଟଣା ଥାନା ଅଞ୍ଚଳରେ ବ୍ୟାପକ ଚଢ଼ାଉ କରି ୩ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ପାଟଣା ଥାନା ମାଧପୁର ଗ୍ରାମର ମାୟାବତୀ ମାଝୀ, ଭୁଟୁକୁ ମାଝୀ ଓ ଭାଲିଆଡିହା ଗ୍ରାମର ସୁମିତା ମାଝୀ। ଏହି ମିଳିତ ଚଢ଼ାଉରେ ମୋଟ ୨୭ ଲିଟର ମଦ ଜବତ ହେବା ସହ ୨ ଶହରୁ ଉର୍ଦ୍ଧ୍ୱ ଲିଟର ଦେଶୀମହୁଲି ମଦ ଓ ପୋଚ ନଷ୍ଟ କରାଯାଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରଯାଇଛି। ଏହି ଚଢ଼ାଉରେ କେନ୍ଦୁଝର ଅବକାରୀ ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରା, ତେଲକୋଇ ସହକାରୀ ଅବକାରୀ ନିରୀକ୍ଷକ ନରେନ୍ଦ୍ର ପ୍ରଧାନ, ମୋବାଇଲ ସ୍କ୍ୱାଡ ସହ ନିରୀକ୍ଷକ ରୋହିତ ନାଏକ, ପାଟଣାର ପ୍ରଭାକର ସେଠୀଙ୍କ ସମେତ ପାଟଣା ଥାନା ଏଏସଆଇ ସୁଧାଂଶୁ ଶେଖର ଜେନା ଓ ଯତୀନ୍ଦ୍ର ମହାନ୍ତ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

### ଅଟୋ ଓଲଟି ୭ ଆହତ

ସୋର, ୨।୩(ଡି.ଏନ.ଏ.): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରଠାରେ ଶନିବାର ସକାଳେ ଅଟୋ ଓଲଟି ୭ଜଣ ଶ୍ରମିକ ଆହତ ହୋଇଛନ୍ତି। ମଙ୍ଗଳପୁର ନୂଆସାହି ଗ୍ରାମର ୧୨ଜଣ ଶ୍ରମିକ କାମ କରିବା ପାଇଁ ଅଟୋରେ ଆସୁଥିବା ବେଳେ ବନ୍ଧସାହି ନିକଟରେ ଅଟୋ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ୧୨ଜଣଙ୍କ ମଧ୍ୟରୁ ୭ଜଣ ଗୁରୁତର ଭାବେ ଆହତ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଆହତମାନେ ହେଲେ ଭାଗବତ ରାଉତ, ପ୍ରଫୁଲ୍ଲ ଦେଉରୀ, ଭୋଟର ନାୟକ, ନବ ସିଂ, ଜଗବନ୍ଧୁ ରାଉତ ଓ ଅନ୍ୟ ଦୁଇଜଣ। ଏବେ ସେମାନେ ଚିକିତ୍ସାଧୀନ ଅଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଯୋଡା, ୨।୩(ଡି.ଏନ.ଏ.):କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ହେଁସାବେଡା ନିକଟସ୍ଥ ତଥା ଯୋଡା-ବାମେବାରୀ ରାସ୍ତା କଡରେ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗଣେଶ ଚାତାର(୨୬)। ତାଙ୍କ ଘର ଝାଡଖଣ୍ଡର ରାଜ୍ୟ ନୂଆମୁଣ୍ଡି ଥାନାର ଜାମପାଣି ଅଞ୍ଚଳରେ। ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକାରେ ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରିଛି। ଏନେଇ ବାମେବାରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୦୧୯) ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

### ୨ ପ୍ରକଳ୍ପର ଶିଳାନ୍ୟାସ

ସୋର, ୨।୩(ଡି.ଏନ.ଏ.): ସୋର ବିଧାୟକ ପର୍ଶୁରାମ ଧଡ଼ା ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ନୂତନ ଗୃହ ଏବଂ ତେଣ୍ଟେଇ ପଞ୍ଚାୟତ ବିରିପଡ଼ାଠାରେ କାଂଶବାଂଶ ନଦୀ ଉପରେ ବିଜୁସେତୁ ଏବଂ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୨କୋଟିର ଅନୁଦାନରୁ ପ୍ରଥମ ପର୍ଯ୍ୟାୟରେ ଏକ କୋଟି ଟଙ୍କା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ଜଣାଯାଇଛି। ସେହିପରି ବିରିପଡ଼ାଠାରେ କାଂଶବାଂଶ ନଦୀ ଉପରେ ବିଜୁସେତୁ ଓ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩କୋଟି ୯୧ଲକ୍ଷ ୬ହଜାର ଟଙ୍କା ଅନୁମୋଦିତ ହୋଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ